ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨/୨୦୧୯ (୨୦ ପୃଷ୍ଠା) Bhubaneswar, Tuesday, April 2/2019 ★★★★★★
୪୫ଶ ଭାଗ ୧୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ବିଜେପି

ମୋଦି ଅଛନ୍ତି ତ
ସବୁ ସମ୍ଭବ



ଯାହାଙ୍କ ହାତରେ ଦେଶର ସୀମା ଓ ଭବିଷ୍ୟତ ସୁରକ୍ଷିତ
ଓଡ଼ିଶାକୁ ମୋଦି ଆସୁଛନ୍ତି

# ବିଜୟ ସଂକଳ୍ପ ସଭା

୨ ଏପ୍ରିଲ ୨୦୧୯, ଦିବା ୯.୦୦ ଘଟିକା
କ୍ରିଷ୍ଣା ନଗର ପଡ଼ିଆ, ଭବାନୀପାଟଣା ଟାଉନ, କଳାହାଣ୍ଡି


କୃଷିର ହେବ ବିକାଶ, କୃଷକ ହେବେ ସମୃଦ୍ଧ


ଓଡ଼ିଶାରେ ବାସହୀନଙ୍କ ପାଇଁ ସ୍ଥାୟୀ ପଟ୍ଟା ସହ ପକ୍କା ଘର


ଉଦ୍ୟୋଗକୁ ପ୍ରୋତ୍ସାହନ, ବେରୋଜଗାରଙ୍କୁ ରୋଜଗାର


ଜନଜାତୀ ବର୍ଗର ସାମଗ୍ରିକ ବିକାଶକୁ ପ୍ରାଥମିକତା


ଅପରାଧ ଉପରେ ରହିବ ନିୟନ୍ତ୍ରଣ, ଉନ୍ନତ ହେବ ସୁରକ୍ଷା ବ୍ୟବସ୍ଥା


ଶିକ୍ଷକଙ୍କ ସମସ୍ୟାର ସମାଧାନ ସହ ଉନ୍ନତ ଶିକ୍ଷା ବ୍ୟବସ୍ଥା


ମହିଳାଙ୍କ ପାଇଁ ସୁନିଶ୍ଚିତ ସୁରକ୍ଷା ବ୍ୟବସ୍ଥା ଓ ସଶକ୍ତିକରଣ


ଚିକିତ୍ସାଳୟମାନଙ୍କରେ ଡାକ୍ତରଙ୍କ ଅଭାବ ଦୂର ହେବ ଏବଂ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ ହେବ

ନୂଆ ଆଶା, ପୂରା ଭରସା
ମୋଦିଙ୍କ ସାଥେ ନୂଆ ଓଡ଼ିଶା

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ
ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

Issued by BJP, 4R-3/2, Kharavel Nagar, Unit-3, Bhubaneswar



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟଙ୍କୁ ସେମାନଙ୍କ ସମ୍ପ୍ରଦାୟ ଆଧାରରେ ଦେଖିବା ଦୁର୍ଭାଗ୍ୟଜନକ ।
- ମନୀଷ୍ ତିୱାରୀ, କଂଗ୍ରେସ ମୁଖପାତ୍ର



## ସଂକ୍ଷେପରେ

### କଂଗ୍ରେସ ସହ ସମ୍ପୃକ୍ତ ୬୮୭ ପୃଷ୍ଠା ହଟାଇଲା ଫେସ୍‌ବୁକ୍

ନୂଆଦିଲ୍ଲୀ,୧।୪(ପି.ଟି.)-ନିର୍ବାଚନ ପୂର୍ବରୁ ଜାଲ୍ ଆକାଉଣ୍ଟ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଫେସବୁକ୍ କଂଗ୍ରେସର ଆଇଟି ସେଲ୍ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ୬୮୭ ପୃଷ୍ଠା ଏବଂ ଆକାଉଣ୍ଟକୁ ହଟାଇଦେଇଛି। ତେବେ କଂଗ୍ରେସ ଦଳ ଦ୍ୱାରା ପରିଚାଳିତ କୌଣସି ଅଫିସିଆଲ ପୃଷ୍ଠା ହଟାଯାଇ ନ ଥିବା ଦଳ କହିଛି। ଏଥିସହିତ ପାକିସ୍ତାନ ସୈନ୍ୟବାହିନୀର ଗଣମାଧ୍ୟମ ଶାଖା ସହ ସମ୍ପୃକ୍ତ କର୍ମଚାରୀମାନଙ୍କର ୧୦୩ ପୃଷ୍ଠା, ଗ୍ରୁପ୍ ଓ ଆକାଉଣ୍ଟକୁ ମଧ୍ୟ ଫେସ୍‌ବୁକ୍ କର୍ତ୍ତୃପକ୍ଷ ହଟାଇଦେଇଛନ୍ତି।

### ନାମାଙ୍କନପତ୍ର ଦାଖଲ କଲେ ମୁଲାୟମ

ମୈନପୁର,୧।୪(ପି.ଟି.)-ସମାଜବାଦୀ ପାର୍ଟି ନେତା ମୁଲାୟମ ସିଂ ଯାଦବ ସୋମବାର ମୈନପୁର ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମୁଲାୟମଙ୍କ ପାଇଁ ପ୍ରସ୍ତାବକ ଓ ସମର୍ଥକ ଥିଲେ ତାଙ୍କ ପୁଅ ତଥା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ରାମଗୋପାଳ ଯାଦବ, ତେଜପ୍ରତାପ, ରାଜକୁମାର ଯାଦବ, ସୋବ୍ରନ ସିଂ ଯାଦବ ଏବଂ ଶୁଭମ୍ ସିଂ।

### ପାକ୍ ସେଲ୍ ମାଡ଼ରେ ବିଏସ୍‌ଏଫ ଅଫିସର ଶହୀଦ, ନାବାଳିକା ନିହତ

ଜମ୍ମୁ,୧।୪(ପି.ଟି.)-ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୋମବାର ପାକିସ୍ତାନୀ ସୈନ୍ୟଙ୍କ ଜୋରଦାର ସେଲ୍ ମାଡ଼ରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ)ର ଜଣେ ଅଫିସର ଶହୀଦ ହୋଇଥିବାବେଳେ ଜଣେ ୫ ବର୍ଷର ନାବାଳିକା ପ୍ରାଣ ହରାଇଛନ୍ତି। ଏହି ଆକ୍ରମଣରେ ୬ ଯବାନଙ୍କ ସମେତ ୧୧ ଜଣ ଆହତ ହୋଇଥିବା ଜଣାପଡିଛି। ସେଲ୍ ମାଡ଼ରେ ୬ଟି ଘର କ୍ଷତିଗ୍ରସ୍ତ ହୋଇଛି। ଜନବସତିକୁ ଟାର୍ଗେଟ କରି ପାକିସ୍ତାନୀ ସେନା ୧୨୦ଏମ୍‌ଏମ୍ ମୋର୍ଟାର ବୋମା ଏବଂ ସେଲ୍ ମାଡ କରୁଥିବାରୁ ପୁଞ୍ଚ୍ ସୀମାନ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି।

# କଶ୍ମୀର ପାଇଁ ଅଲଗା ପ୍ରଧାନମନ୍ତ୍ରୀ ପ୍ରସ୍ତାବ

## ଓମାରଙ୍କ ବିବାଦୀୟ ବୟାନକୁ ମୋଦିଙ୍କ ସମାଲୋଚନା

ନୂଆଦିଲ୍ଲୀ,୧।୪

ଜମ୍ମୁ-କଶ୍ମୀରରେ ନ୍ୟାଶନାଲ୍ କନ୍‌ଫରେନ୍ସ (ଏନସି) ସ୍ୱତନ୍ତ୍ର ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ନିଯୁକ୍ତ କରିବ ବୋଲି ଏହାର ନେତା ଓମାର ଅବଦୁଲ୍ଲା ପ୍ରସ୍ତାବ ଦେବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ଓମାରଙ୍କ ଏଭଳି ମନ୍ତବ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି। ଏନେଇ ପ୍ରଧାନମନ୍ତ୍ରୀ କଂଗ୍ରେସଠାରୁ ଜବାବ ମାଗିଛନ୍ତି। କଂଗ୍ରେସର ସହଯୋଗୀ ଏନ୍‌ସି କଶ୍ମୀରକୁ ୧୯୫୩କୁ ଫେରାଇ ନେବାକୁ ଚାହୁଁଛି। ଏନ୍‌ସିର ଏହି ଦାବି ସହ କଂଗ୍ରେସ ଏକମତ କି ବୋଲି ମୋଦି ପ୍ରଶ୍ନ କରିଛନ୍ତି। ଏଭଳି ଏକ ପ୍ରସ୍ତାବ ଆଣିବାକୁ ଏନ୍‌ସି କିପରି ସାହସ କଲା ତାହାର ଉତ୍ତର ସହଯୋଗୀ କଂଗ୍ରେସକୁ ଦେବାକୁ ପଡିବ।

ବନ୍ଦିପୋରାଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ଏନ୍‌ସି ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର କହିଥିଲେ, ରାଜ୍ୟର ସ୍ୱତନ୍ତ୍ର ପରିଚୟ ଏବଂ ସମ୍ବିଧାନ ରହିବା ସର୍ତ୍ତରେ ଜମ୍ମୁ-କଶ୍ମୀର ଭାରତ ସହ ସାମିଲ ହୋଇଥିଲା। ଅନ୍ୟ ରାଜାରାଜୁଡା ଶାସିତ ରାଜ୍ୟଗୁଡିକ ବିନା ସର୍ତ୍ତରେ ମିଶିଥିବାବେଳେ ଜମ୍ମୁ-କଶ୍ମୀର ନିଜର ସ୍ୱତନ୍ତ୍ର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ରହିବା ସର୍ତ୍ତରେ ଭାରତରେ ମିଶିବାକୁ ରାଜି ହୋଇଥିଲା। ଆମେ ତାହାକୁ ଫେରାଇନେବୁ ବୋଲି ଓମାର କହିଥିଲେ। କଶ୍ମୀରକୁ ମିଳିଥିବା ଧାରା ୩୭୦ ଏବଂ ୩୫ଏ ଭଳି ସ୍ୱତନ୍ତ୍ର ସୁବିଧାରେ ପରିବର୍ତ୍ତନ ଉଦ୍ୟମ କଲେ ଦେଶ ସହ ସମ୍ପର୍କ ତୁଟାଇବା ସମ୍ପର୍କରେ ପୁନର୍ବିଚାର କରିବୁ


ଓମାର ଅବଦୁଲ୍ଲା

ବୋଲି ଓମାର ଚେତାବନୀ ଦେଇଛନ୍ତି। ଧାରା ୩୫ଏ ଉଚ୍ଛେଦ ନେଇ ଆଲୋଚନା ହେଉଥିବାବେଳେ ଓମାର ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଜମ୍ମୁ-କଶ୍ମୀର ଭାରତର ଅଂଶବିଶେଷ ହୋଇ ରହିଥିବା ପର୍ଯ୍ୟନ୍ତ ସମସ୍ତ ସ୍ୱତନ୍ତ୍ର ସୁବିଧା ମିଳିବା ଆବଶ୍ୟକ ବୋଲି ଓମାର କହିଛନ୍ତି।

ଏହା ପୂର୍ବରୁ ରବିବାର ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ମଧ୍ୟ ଅନୁରୂପ ଚେତାବନୀ ଦେଇଥିଲେ। ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ହେଲେ କେନ୍ଦ୍ର ରାଜ୍ୟ ସମ୍ପର୍କ ଛିନ୍ନ ହୋଇଯିବ ବୋଲି ସେ କହିଥିଲେ। ଜମ୍ମୁ-କଶ୍ମୀରକୁ ମିଳୁଥିବା ସ୍ୱତନ୍ତ୍ର ମାନ୍ୟତା ରଦ୍ଦ କରିବା ସପକ୍ଷରେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିବା ପରେ ମେହବୁବା ଉପରୋକ୍ତ ଚେତାବନୀ ଦେଇଥିଲେ।

### ■ ସୀମାରେ ପାକିସ୍ତାନୀ ଯୁଦ୍ଧବିମାନ

# ତଡ଼ିଲେ ସୁଖୋଇ, ମିରାଜ



ନୂଆଦିଲ୍ଲୀ,୧।୪

ପଞ୍ଜାବର ଖେମ୍‌କରନ ସେକ୍ଟର ଅନ୍ତର୍ଗତ ଭାରତୀୟ ସୀମାର ଖୁବ୍ ନିକଟରେ ପାକିସ୍ତାନୀ ବାୟୁସେନାର ୪ଟି ଏଫ୍-୧୬ ଲଢୁଆ ବିମାନ ଏବଂ ବଡ଼ ଡ୍ରୋନ ଉଡୁଥିବାର ଦେଖାଯାଇଛି। ଭାରତୀୟ ରାଡାର ସେଗୁଡ଼ିକୁ ଠାବ କରିବା ପରେ ଏହାର ଜବାବ ଦେବା ଲାଗି ବାୟୁସେନା ସୁଖୋଇ୩୦-ଏମକେଆଇ ଏବଂ ମିରାଜ ଜେଟ୍ ପଠାଇଥିଲା। ଭାରତୀୟ ଯୁଦ୍ଧବିମାନକୁ ଦେଖି ପାକିସ୍ତାନୀ ବିମାନ ପଛଘୁଞ୍ଚା ଦେଇ ଫେରିଯାଇଥିଲା ବୋଲି ଏକ ସୂତ୍ରରୁ ଜଣାପଡିଛି। ଭୋର ୩ଟା ସମୟରେ ଏହି ଘଟଣା ଘଟିଛି।

ଫେବୃୟାରୀ ୨୬ରେ ଭାରତୀୟ ବାୟୁସେନାର ବାଲାକୋଟ କାର୍ଯ୍ୟାନୁଷ୍ଠାନ ପରଦିନ ପ୍ରତିଶୋଧ ଲକ୍ଷ୍ୟରେ ପାକିସ୍ତାନର ଯୁଦ୍ଧବିମାନ ଏଫ୍-୧୬ ଭାରତୀୟ ସୀମା ମଧ୍ୟକୁ ପ୍ରବେଶ ଉଦ୍ୟମ କରିଥିବାବେଳେ ସେଗୁଡିକୁ ତଡିଦିଆଯାଇଥିଲା। ବାୟୁସେନା ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନ ମିଗ୍-୨୭ ବିମାନରେ ପିଛାକରି ଗୋଟିଏ ଏଫ-୧୬ ଯୁଦ୍ଧବିମାନକୁ ଖସାଇଦେଇଥିଲେ। ଏହାପରଠାରୁ ପାକ୍ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିବା ସହ ସୀମାରେ ଡ୍ରୋନ ଉଡାଉଥିବା ଦେଖିବାକୁ ମିଳିଛି। ଗତ ମାସରେ ଦୁଇଟି ପାକିସ୍ତାନୀ ଲଢୁଆ ବିମାନ ନିୟନ୍ତ୍ରଣ ରେଖାର ୧୦ କିଲୋମିଟର ଦୂରରେ ଉଡୁଥିବା ଠାବ କରାଯାଇଥିଲା।

### ■ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ପ୍ରସଙ୍ଗ

# ସକାରାତ୍ମକ ଅଗ୍ରଗତି ହୋଇଛି: ଚାଇନା

ବେଜିଂ,୧।୪(ପି.ଟି.)

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ମୁଖ୍ୟ ମାସୁଦ୍ ଆଝାରଙ୍କୁ ଜାତିସଂଘ ଦ୍ୱାରା ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଦିଗରେ ସକାରାତ୍ମକ ଅଗ୍ରଗତି ଘଟିଥିବା ଚାଇନା ଦାବି କରିଛି। ଏହି ମାମଲାକୁ ସିଧାସଳଖ ସୁରକ୍ଷା ପରିଷଦକୁ ନେଇ ଆମେରିକା ଖରାପ ଉଦାହରଣ ସୃଷ୍ଟି କରିଥିବା ବେଜିଂ ଅଭିଯୋଗ କରିଛି।

ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ଲାଗି ସୁରକ୍ଷା ପରିଷଦର ୧୨୬୭ ଅଲ୍-କାଏଦା କାର୍ଯ୍ୟାନୁଷ୍ଠାନ କମିଟିରେ ଫ୍ରାନ୍ସ ଆଣିଥିବା ପ୍ରସ୍ତାବକୁ ଚାଇନା ବିରୋଧ କରିଥିଲା। ଏହାର ଦୁଇ ସପ୍ତାହ ପରେ


ମାସୁଦ୍ ଆଝାର

ଗତ ୨୭ ତାରିଖରେ ଆମେରିକା ଉକ୍ତ ପ୍ରସଙ୍ଗରେ ଜାତିସଂଘ ସୁରକ୍ଷା ପରିଷଦରେ ଚିଠା ପ୍ରସ୍ତାବ ଆଣିଛି। ଆଝାର କଳାତାଲିକାଭୁକ୍ତ ହେଲେ ତାଙ୍କ ସମ୍ପତ୍ତି ଓ ଅସ୍ତ୍ରଶସ୍ତ୍ର ବାଜ୍ୟାପ୍ତ ହେବା ସହ ବିଦେଶ ଯାତ୍ରା ଉପରେ ନିଷିଦ୍ଧାଦେଶ ଲାଗୁ ହେବ।

ପୁଲ୍‌ୱାମା ସମେତ ଭାରତରେ ଏକାଧିକ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ଲାଗି ଭାରତ ପକ୍ଷରୁ ଦାବି ହୋଇ ଆସୁଥିବାବେଳେ ଉକ୍ତ ଦୁର୍ଦ୍ଧର୍ଷ ଆତଙ୍କବାଦୀଙ୍କୁ ଚାଇନା ସୁରକ୍ଷା ଦେଇଆସୁଛି। ତେବେ ୧୨୬୭ କମିଟିରେ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ପ୍ରସ୍ତାବ ସମ୍ପର୍କରେ ଚାଇନା ବିଭିନ୍ନ ପକ୍ଷଙ୍କ ସହ ଯୋଗାଯୋଗ କରିଥିଲା ଯାହା ସକାରାତ୍ମକ ଅଗ୍ରଗତି କରିଛି ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ ସୋମବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହା ଆମେରିକା ଭଲ ଭାବେ ଜାଣିଛି ବୋଲି କହି ସେ ଅଧିକ ସୂଚନା ଦେବାକୁ ମନା କରିଦେଇଥିଲେ।

### ଏନ୍‌କାଉଣ୍ଟରରେ ୪ ଆତଙ୍କବାଦୀ ନିହତ

ଶ୍ରୀନଗର,୧।୪(ପି.ଟି.)

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ସୋମବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଗୁଳି ବିନିମୟ ବେଳେ ୩ ସେନା ଯବାନ ଏବଂ ଜଣେ ପୋଲିସ କର୍ମଚାରୀ ଆହତ ହୋଇଥିବା ଜଣାପଡିଛି। ଉକ୍ତ ଜିଲାର ଲାସିପୋରା ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇବା ପରେ ସୁରକ୍ଷା ବଳ ପକ୍ଷରୁ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା। ସୁରକ୍ଷା ବଳ ଉପରକୁ ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର ହୋଇଥିଲା ବୋଲି ପୋଲିସ କହିଛି। ଏନ୍‌କାଉଣ୍ଟର ସ୍ଥଳରୁ ଆତଙ୍କବାଦୀଙ୍କ ମୃତଦେହ ସମେତ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ଆହତ ଯବାନମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ■ ଆଦିତ୍ୟନାଥଙ୍କ 'ମୋଦି ସେନା' ମନ୍ତବ୍ୟ

# ରିପୋର୍ଟ ମାଗିଲେ ଇସି

ନୂଆଦିଲ୍ଲୀ,୧।୪

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକ ନିର୍ବାଚନୀ ସଭାରେ ଭାରତୀୟ ସୈନ୍ୟବାହିନୀକୁ 'ମୋଦିଜୀଙ୍କ ସେନା' କହି ବିବାଦ ମଧ୍ୟକୁ ଆସିଛନ୍ତି। ତାଙ୍କ ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ହେବା ପରେ ନିର୍ବାଚନ କମିଶନ (ଇସି)ଗାଜିଆବାଦ ଜିଲା ମାଜିଷ୍ଟ୍ରେଟଙ୍କୁ ରିପୋର୍ଟ ମାଗିଛନ୍ତି। ରିପୋର୍ଟ ପାଇବା ପରେ ଇସି ଏହା ଉପରେ ନିଷ୍ପତ୍ତି ନେବେ।

ଆଦିତ୍ୟନାଥ ଏକ ନିର୍ବାଚନୀ ସଭାରେ କହିଥିଲେ, କଂଗ୍ରେସ ଲୋକମାନେ ଆତଙ୍କବାଦୀଙ୍କୁ ବିରିୟାନୀ ଖୁଆଉଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦିଜୀଙ୍କ ସେନା ସେମାନଙ୍କୁ କେବଳ ଗୁଳିଗୋଳା ଦେଉଛନ୍ତି। ଏହା ହେଉଛି ପାର୍ଥକ୍ୟ। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ଦଳ ପକ୍ଷରୁ ସମାଲୋଚନା କରାଯାଇଛି। ସେନାବାହିନୀ ଦେଶର, ଏହା ମୋଦିଙ୍କର କିମ୍ବା ଭାଜପାର ସମ୍ପତ୍ତି ନୁହେଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି।

# ନେପାଳରେ ଘୂର୍ଣ୍ଣିଝଡ଼: ୨୯ ମୃତ

କାଠମାଣ୍ଡୁ,୧।୪(ଆଇଏଏନ୍‌ଏସ୍)

ନେପାଳରେ ପ୍ରବଳ ଘୂର୍ଣ୍ଣିବାତ୍ୟା ଯୋଗୁ ୨୯ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୬୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ବାରା ଜିଲାର ୨୮ ଏବଂ ପାର୍ସା ଜିଲାର ଜଣେ। ରବିବାର ରାତିରେ ଘୂର୍ଣ୍ଣିବାତ୍ୟା ସହିତ ପ୍ରବଳ ବର୍ଷା ଓ କୁଆପଥର ମାଡ଼ ଯୋଗୁ ଦୁଇଟି ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଘର ଭୁଶୁଡି ପଡିବା ଯୋଗୁ କିମ୍ବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଲୋକମାନଙ୍କ ମୃତ୍ୟୁ ଘଟିଛି। ଜଣେ ବରିଷ୍ଠ ଅଫିସରଙ୍କ ସୂଚନା ଅନୁଯାୟୀ, ଅଧିକାଂଶ ଆହତ ବ୍ୟକ୍ତି ବାରା ଜିଲାର ଫେଟା ଓ ଭୁଲାହି ଭରୱାଲିଆ ଅଞ୍ଚଳର। ଘୂର୍ଣ୍ଣିବାତ୍ୟାରେ ହଜାର ହଜାର ଘର ଭାଙ୍ଗିଯିବା ସହିତ



ଗଛ ଓ ଇଲେକ୍ଟ୍ରିକ୍ ଖୁଣ୍ଟ ଉପୁଡି ପଡିଛି। ୧୨ଟି ଯାତ୍ରୀବାହୀ ବସ୍ କ୍ଷତିଗ୍ରସ୍ତ ହୋଇଛି। ନେପାଳ ଆର୍ମିର ଦୁଇଟି ବାଟାଲିୟନ୍, ନେପାଳ ପୋଲିସ ଏବଂ ସଶସ୍ତ୍ର ପୋଲିସ ବାହିନୀ ପ୍ରଭାବିତ ଅଞ୍ଚଳରେ ମୁତୟନ ରହି ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରଖିଛନ୍ତି। ପ୍ରତି ମୃତକଙ୍କ ପରିବାରକୁ ୩ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦେବାକୁ ବାରାଠାରେ ଏକ ଜରୁରୀ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ପ୍ରଭାବିତ ଲୋକଙ୍କୁ ରିଲିଫ୍ ପ୍ୟାକେଟ, ତମ୍ବୁ, ଖାଦ୍ୟ ସାମଗ୍ରୀ ଏବଂ ଔଷଧପତ୍ର ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି।

### ତେଜପ୍ରତାପ ଗଢ଼ିଲେ ଲାଲୁ-ରାବ୍ରୀ ମୋର୍ଚ୍ଚା

ପାଟନା,୧।୪(ପି.ଟି.)-ଲାଲୁ ଯାଦବଙ୍କ ପରିବାରରେ ସୃଷ୍ଟ ବିବାଦ ଅଧିକ ଜଟିଳ ହୋଇଛି। ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ର ଯୁବମୋର୍ଚ୍ଚା ସଭାପତି ପଦରୁ ଇସ୍ତଫା ଦେଇଥିବା ଲାଲୁଙ୍କ ବଡପୁଅ ତେଜପ୍ରତାପ ସୋମବାର ଲାଲୁ ରାବ୍ରୀ ମୋର୍ଚ୍ଚା ଗଢ଼ିଛନ୍ତି। ସେ ମାଆ



ରାବ୍ରୀ ଦେବୀଙ୍କୁ ସରନ ଲୋକ ସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ଅନୁରୋଧ କରିଛନ୍ତି। ଏହି ଆସନରୁ ତାଙ୍କ ବାପା ଲାଲୁ ପ୍ରତିନିଧିତ୍ୱ କରୁଥିଲେ। ତାଙ୍କ ଅନୁରୋଧ ଗ୍ରହଣ କରା ନ ଗଲେ ସେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ୬୨% ବୃଦ୍ଧି

ନୂଆଦିଲ୍ଲୀ,୧।୪(ପି.ଟି.)

## ପଞ୍ଚମ ସ୍ଥାନରେ ଭୁବନେଶ୍ୱର

ନିର୍ବାଚନ ବର୍ଷରେ ଇଲେକ୍ଟୋରାଲ ବଣ୍ଡ ବିକ୍ରି ପୂର୍ବ ବର୍ଷ ତୁଳନାରେ ୬୨ ପ୍ରତିଶତ ବୃଦ୍ଧି ପାଇଛି। କେବଳ ଏସ୍‌ବିଆଇ ୧୭୦୦ କୋଟିରୁ ଅଧିକ ବଣ୍ଡ ବିକ୍ରି କରିଥିବା ଆର୍‌ଟିଆଇ ଆବେଦନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ମୁମ୍ବାଇରେ ସର୍ବାଧିକ ବଣ୍ଡ ବିକ୍ରି ହୋଇଥିବାବେଳେ ଭୁବନେଶ୍ୱର ପଞ୍ଚମ ସ୍ଥାନରେ ରହିଛି। ପୁଣେର ବିହାର ଡୁର୍ବେଙ୍କ ପକ୍ଷରୁ ଆର୍‌ଟିଆଇରେ ଆବେଦନ କରାଯାଇଥିଲା। ଗତବର୍ଷ ମାର୍ଚ୍ଚ, ଏପ୍ରିଲ, ମେ, ଜୁଲାଇ, ଅକ୍ଟୋବର ଏବଂ ନଭେମ୍ବର ମାସରେ ଏସ୍‌ବିଆଇ ମୋଟ ୧୦୫୬.୭୩ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ ବିକ୍ରି କରିଥିବାବେଳେ ଚଳିତବର୍ଷ ଜାନୁୟାରୀ ଓ ମାର୍ଚ୍ଚରେ ୧୭୧୬.୦୫ କୋଟି ଟଙ୍କାର ବଣ୍ଡ ବିକ୍ରି ହୋଇଛି। ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ବଣ୍ଡ ବିକ୍ରି ଲାଗି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିବା ପରେ ଏସ୍‌ବିଆଇ ଶାଖାଗୁଡିକରେ ତାହାର ବିକ୍ରି ହୋଇଥାଏ। ଚଳିତ ବର୍ଷ ମୁମ୍ବାଇରେ ସର୍ବାଧିକ ୪୯୫.୬୦ କୋଟି ଟଙ୍କାର ବଣ୍ଡ ବିକ୍ରି ହୋଇଛି। ଏହା ପଛକୁ କୋଲକାତା (୩୭୦.୦୭ କୋଟି), ହାଇଦ୍ରାବାଦ (୨୯୦.୫୦ କୋଟି), ଦିଲ୍ଲୀ (୨୦୫.୯୨ କୋଟି ) ରହିଛି। ପଞ୍ଚମ ସ୍ଥାନରେ ଥିବା ଭୁବନେଶ୍ୱରରେ ୧୯୪ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ ବିକ୍ରି ହୋଇଥିବା ଜଣାପଡିଛି। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୨୯(କ)ରେ ପଞ୍ଜୀକୃତ ହୋଇଥିବା ଏବଂ ଗତ ସାଧାରଣ ନିର୍ବାଚନ କିମ୍ବା ବିଧାନସଭା ନିର୍ବାଚନରେ ମୋଟ ମତଦାନର ୧ ପ୍ରତିଶତରୁ କମ୍ ଭୋଟ ପାଇ ନ ଥିବା ରାଜନୈତିକ ଦଳ ଏହି ବଣ୍ଡ ଗ୍ରହଣ କରିପାରିବେ। ଭାରତୀୟ ନାଗରିକ କିମ୍ବା ଭାରତ ସହ ସମ୍ପୃକ୍ତ ଅଥବା ଏଠାରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତି ଏହି ବଣ୍ଡ କିଣିପାରିବେ।

### ■ ଷ୍ଟାର ପ୍ରଚାରକଙ୍କୁ ଇସିଙ୍କ ପରାମର୍ଶ

# ଗଣମାଧ୍ୟମଠାରୁ ଦୂରେଇ ରୁହ

ନୂଆଦିଲ୍ଲୀ,୧।୪

ଭୋଟ ଗ୍ରହଣର ପୂର୍ବବର୍ତ୍ତୀ ୪୮ ଘଣ୍ଟାକୁ ନୀରବତା ସମୟ ଭାବେ ଗ୍ରହଣ କରାଯାଇଥାଏ। ଏହି ସମୟରେ ଗଣମାଧ୍ୟମଠାରୁ ଦୂରେଇ ରହିବା ପାଇଁ ନିର୍ବାଚନ କମିଶନ (ଇସି) ଷ୍ଟାର ପ୍ରଚାରକ ଏବଂ ରାଜନୈତିକ ଦଳର ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ୭ଟି ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ସହ ୪ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ନିର୍ବାଚନ ପ୍ରସଙ୍ଗରେ ଖବରଦାତା ସମ୍ମିଳନୀ କିମ୍ବା ଗଣମାଧ୍ୟମକୁ ସାକ୍ଷାତକାର ନ ଦେବା ଲାଗି ନେତାମାନଙ୍କୁ କୁହାଯାଇଛି। ଯେଉଁ ରାଜ୍ୟଗୁଡିକରେ ଏକାଧିକ ପର୍ଯ୍ୟାୟ ନିର୍ବାଚନ ହେଉଛି, ସେଠାରେ କେତେକ ନିର୍ବାଚନ ମଣ୍ଡଳୀରେ ନୀରବତା ସମୟ ବେଳେ ଅନ୍ୟ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଚାର ଚାଲିଥିବ। ସେପରି କ୍ଷେତ୍ରରେ ଜନମତକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ ହେବା ଭଳି କୌଣସି କାର୍ଯ୍ୟ କରାଯିବା ଉଚିତ ନୁହେଁ ବୋଲି ଇସି କହିଛନ୍ତି। 'ନୀରବତା ସମୟ' କଟକଣା କେବଳ ଷ୍ଟାର ପ୍ରଚାରକ ଓ ଅନ୍ୟ ରାଜନେତାମାନଙ୍କ ପାଇଁ ଲାଗୁ ହେବ ବୋଲି ଇସି ସ୍ପଷ୍ଟ କରିଛନ୍ତି।

# ବିରୋଧୀଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧।୪(ପି.ଟି.)

ଭୋଟର ଭେରିଫିଏବ୍ଲ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ସ୍ଲିପ୍ ଗଣନା ନେଇ ନିର୍ବାଚନ କମିଶନ ଦେଇଥିବା ସତ୍ୟପାଠ ଉପରେ ସପ୍ତାହକ ମଧ୍ୟରେ ଜବାବ ଦାଖଲ କରିବା ଲାଗି ସୁପ୍ରିମକୋର୍ଟ ୨୧ଟି ବିରୋଧୀ ଦଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକ ସଭା ନିର୍ବାଚନ ବେଳେ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ଅନ୍ୟୂନ ୫୦ ପ୍ରତିଶତ ଭିଭିପିଏଟି ସ୍ଲିପ୍ ଯାଞ୍ଚ କରିବା ଲାଗି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ.

### ଭିଭିପିଏଟି ଯାଞ୍ଚ




ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱରେ ୨୧ଟି ବିରୋଧୀ ଦଳ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

### ରବର୍ଟଙ୍କୁ ମିଳିଲା ଆଗୁଆ ଜାମିନ



ନୂଆଦିଲ୍ଲୀ,୧।୪(ପି.ଟି.)

ମନିଲଣ୍ଡରିଂ ମାମଲାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରାଙ୍କୁ ଦିଲ୍ଲୀର ଏକ ଅଦାଲତ ସୋମବାର ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କାର ବ୍ୟକ୍ତିଗତ ବଣ୍ଡ ଏବଂ ସମ ପରିମାଣର ସିଓରିଟି ବଦଳରେ ଭଦ୍ରାଙ୍କୁ ଜାମିନରେ ଯିବା ଲାଗି ସ୍ୱତନ୍ତ୍ର ଜଜ୍ ଅରବିନ୍ଦ କୁମାର ନିର୍ଦ୍ଦେଶ ଦେଇଛନ୍ତି। ସେ ବିନା ଅନୁମତିରେ ଦେଶ ବାହାରକୁ ଯାଇପାରିବେ ନାହିଁ ଏବଂ ତଥ୍ୟ ପ୍ରମାଣ ନଷ୍ଟ କରିବା କିମ୍ବା ସାକ୍ଷୀଙ୍କୁ ପ୍ରଭାବିତ କରିପାରିବେ ନାହିଁ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି। ଲଣ୍ଡନର ବ୍ର୍ୟାନଷ୍ଟନ ସ୍କୋୟାରରେ ରବର୍ଟ ୧.୯ ନିୟୁତ ପାଉଣ୍ଡରେ ସମ୍ପତ୍ତି କିଣିଥିବାରୁ ତାଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ ହୋଇଥିଲା।

# ନିର୍ବାଚନ ପରେ ମେଣ୍ଟ ସମ୍ଭବ: ରାହୁଲ

ନୂଆଦିଲ୍ଲୀ,୧।୪ (ପି.ଟି.)

## ମୋଦିଙ୍କୁ ହରାଇବା ପ୍ରଥମ କାମ

ଦେଶର ସ୍ୱାର୍ଥ ପାଇଁ ଭାଜପାକୁ ହରାଇବା ନିମନ୍ତେ ବିରୋଧୀ ଦଳଗୁଡିକ ଏକାଠି ହୋଇଛନ୍ତି। ତେଣୁ ଲୋକ ସଭା ନିର୍ବାଚନ ପରେ ମେଣ୍ଟ ଗଠନର ଯଥେଷ୍ଟ ସମ୍ଭାବନା ରହିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହରାଇବା ଓ ଗଣତନ୍ତ୍ର ତଥା ସମ୍ବିଧାନର ରକ୍ଷା କରିବା ପ୍ରତ୍ୟେକ ବିରୋଧୀ ଦଳର ପ୍ରଥମ କାମ ବୋଲି ସେ କହିଛନ୍ତି।

ବିଭିନ୍ନ ରାଜ୍ୟରେ ଧର୍ମନିରପେକ୍ଷ ଦଳଗୁଡିକ ଏକାଠି ହୋଇଛନ୍ତି। ସାରା ଦେଶରେ ଭାଜପା ବିରୋଧୀ ପ୍ରାର୍ଥୀଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହେବ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ଭାରତର ଅନୁଷ୍ଠାନ ଓ ସାମାଜିକ ଏକତାକୁ ନଷ୍ଟ ହେବାକୁ ଦିଆଯିବ ନାହିଁ। ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ନିଯୁକ୍ତି ସୃଷ୍ଟି, ସଦ୍‌ଭାବନାକୁ ସୁନିଶ୍ଚିତ କରିବା, ଅନ୍ୟାୟ ଓ ଅସମାନତା ଦୂର କରିବା ଲାଗି ସମସ୍ତେ ଏକାଠି ହୋଇଥିବା ରାହୁଲ ଏକ ସାକ୍ଷାତକାରରେ କହିଛନ୍ତି।

ନିର୍ବାଚନ ପରେ ବିରୋଧୀ ଦଳଗୁଡିକ ମଧ୍ୟରେ ମେଣ୍ଟ ସମ୍ଭାବନା ଦେଖୁଛନ୍ତି କି ବୋଲି ଏକ ପ୍ରଶ୍ନର ଉତ୍ତରରେ ରାହୁଲ କହିଥିଲେ ନିଶ୍ଚୟ ମେଣ୍ଟ ହେବ। ମୋଦିଙ୍କୁ ପ୍ରତିହତ କରିବା ଲାଗି ଦେଶବାସୀ ଏକାଠି


ତେଲେଙ୍ଗାନାର ଜାହିରାବାଦ ସାଧାରଣ ସଭା ଅବସରରେ ରାହୁଲ ଗାନ୍ଧୀଙ୍କୁ ରାଜ୍ୟ କଂଗ୍ରେସ ନେତାମାନେ ସ୍ୱାଗତ କରୁଛନ୍ତି।

ହୋଇଛନ୍ତି। ବିରୋଧୀଙ୍କ ମଧ୍ୟରେ ଥିବା ମତଭେଦ ନେଇ ପ୍ରଶ୍ନ ହେବାରୁ ରାହୁଲ କହିଥିଲେ, ଧର୍ମନିରପେକ୍ଷ ଶକ୍ତି ବିଭିନ୍ନ ରାଜ୍ୟରେ ଏକାଠି ହୋଇଛନ୍ତି। ବିରୋଧୀ ଦଳଗୁଡିକ ମଧ୍ୟରେ ବୁଝାମଣା ରହିଛି। ପଶ୍ଚିମବଙ୍ଗର ଉଦାହରଣ ଦେଇ ସେ କହିଥିଲେ, ସେଠାରେ ଧର୍ମନିରପେକ୍ଷ ଶକ୍ତି ଜିତିବାକୁ ଯାଉଛି। ୟୁପିରେ କଂଗ୍ରେସ ମେଣ୍ଟରେ ରହି ନ ଥିଲେ ମଧ୍ୟ ସେଠାରେ ବିରୋଧୀ ଦଳ ଏକାଠି ଲଢୁଛନ୍ତି। ମହାରାଷ୍ଟ୍ର, ଝାଡଖଣ୍ଡ, କର୍ନାଟକ, ଜମ୍ମୁ-କଶ୍ମୀର ଓ ତାମିଲନାଡୁରେ ମେଣ୍ଟ ରହିଛି।

### ନ୍ୟାୟ ଯୋଜନା ଟଙ୍କା ମହିଳାଙ୍କ ବ୍ୟାଙ୍କ ଖାତାକୁ ଯିବ

ୱାନାପାର୍ଥୀ,୧।୪(ପି.ଟି.)

ନ୍ୟାୟ ଯୋଜନାରେ ଟଙ୍କା ଗରିବ ପରିବାରର ମହିଳା ସଦସ୍ୟଙ୍କ ବ୍ୟାଙ୍କ ଖାତାକୁ ଯିବ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସୋମବାର କହିଛନ୍ତି। ମହିଳା ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ସେ ଏଭଳି ଘୋଷଣା କରିଛନ୍ତି। ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଓ ଗରିବଙ୍କୁ ନ୍ୟାୟ ପ୍ରଦାନ ଲାଗି କଂଗ୍ରେସ କ୍ଷମତାକୁ ଆସିଲେ ନ୍ୟାୟ ଯୋଜନା କାର୍ଯ୍ୟକାରୀ କରିବ ବୋଲି ରାହୁଲ ପୂର୍ବରୁ କହିଥିଲେ। ଏହି ଯୋଜନାରେ ଅତି ଗରିବ ୫ ଲକ୍ଷ ପରିବାରଙ୍କୁ ବର୍ଷକୁ ୭୨ ହଜାର ଟଙ୍କା ପ୍ରଦାନ କରାଯିବ। ଅର୍ଥାତ ପ୍ରତି ମାସରେ ୬ ହଜାର ଟଙ୍କା ସିଧାସଳଖ ପରିବାରର ମହିଳା ସଦସ୍ୟଙ୍କ ବ୍ୟାଙ୍କ ଖାତାକୁ ପଠାଯିବ ବୋଲି ତେଲେଙ୍ଗାନାର ନାଗରକୁର୍ନୁଲ ଲୋକ ସଭା ନିର୍ବାଚନ ମଣ୍ଡଳୀର ୱାନାପାର୍ଥୀଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ରାହୁଲ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨/୨୦୧୯ | Bhubaneswar, Tuesday, April 2/2019 | ପୃଷ୍ଠା-୧



## ନୂଆ ରୂପରେ ହେମା
ବଲିଉଡ୍ ଅଭିନେତ୍ରୀ ତଥା ଲୋକ ସଭା ପ୍ରାର୍ଥୀ ହେମା ମାଳିନୀ ଉତ୍ତରପ୍ରଦେଶର ଗୋବର୍ଦ୍ଧନ ଅଞ୍ଚଳରେ ଗହମ ଫସଲ କାଟି ହାତରେ ଧରିଥିବା ଦେଖିବାକୁ ମିଳିଛି।

୦୬

୧୭

## ସାମ୍ କୁରାନଙ୍କ ହ୍ୟାଟ୍ରିକ
ସାମ୍ କୁରାନଙ୍କ ହ୍ୟାଟ୍ରିକ ବଳରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ଆଇପିଏଲର ସୋମବାର ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୧୪ ରନରେ ପରାସ୍ତ କରିଛି।



ଟେଲିକମ୍, ବ୍ୟାଙ୍କିଙ୍ଗ୍, ଜାତୀୟ ରାଜପଥ ଏ ସବୁଥିରେ ଓଡ଼ିଶାକୁ ପାତରଅନ୍ତର କରାଯାଇଛି।
ଏଥିରେ ଓଡ଼ିଶା ସବୁଠାରୁ ତଳେ।
ଏହା କେନ୍ଦ୍ର ଅବହେଳା ନୁହେଁ ତ ଆଉ କ'ଣ ?
୨୧ ରୁ ୨୧ ରେ 'ଶଙ୍ଖ'କୁ ଜିତାଇବା
ଓଡ଼ିଶାର ହକ୍ ପାଇଁ ଲଢ଼ିବା।
ବିଜୁ ଜନତା ଦଳ

# ଆଜି ଭବାନୀପାଟଣା ଆସିବେ ମୋଦି

## ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି



ଭବାନୀପାଟଣା,୧।୪(ଡି.ଏନ.ଏ.)

ନିର୍ବାଚନୀ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଭବାନୀପାଟଣା ଆସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି। ସୋମବାର ଏସ୍‌ପିଜି ଅଧିକାରୀମାନେ ସଭାସ୍ଥଳ କ୍ରିଷ୍ଣା ନଗର ପଡ଼ିଆ ପରିଦର୍ଶନ କରିବା ସହିତ ଜିଲା ଓ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କ୍ରିଷ୍ଣା ନଗରରେ ପହଞ୍ଚିବା ପରେ ସଭାସ୍ଥଳକୁ ଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି। ସମଗ୍ର ସଭାସ୍ଥଳ ସିସିଟିଭି କ୍ୟାମେରା ନଜରରେ ରହିବ। ସଭାଗୃହ ଓ ଆଖପାଖରେ ୨୦ ପ୍ଲାଟୁନରୁ ଅଧିକ ପୋଲିସ ଫୋର୍ସ ସହ ବିଏସ୍‌ଏଫ୍, ଡିଭିଏଫ୍, ଟେକ୍ନିକାଲ ୟୁନିଟ, ବୋମା ନିଷ୍କ୍ରିୟକାରୀ ଦଳ, କୁଇକ ଆକ୍ସନ ଟିମ୍ ନିୟୋଜିତ ରହିବେ। ସୁରକ୍ଷା ଦାୟିତ୍ୱରେ ୩ଜଣ ବରିଷ୍ଠ ପୋଲିସ ଅଧିକାରୀ ନିୟୋଜିତ ହୋଇଥିବା ବେଳେ ପୋଲିସ ପକ୍ଷରୁ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଆଶ୍ରିତଙ୍କୁ ଅଗ୍ରାଧିକାର

- ଅଭିମନ୍ୟୁଙ୍କୁ ମିଳିଲା ଭଦ୍ରକ ଲୋକ ସଭା ଟିକେଟ
- ପାଟକୁରାରୁ ବିଜୟ ମହାପାତ୍ର
- ଭୁବନେଶ୍ୱର (ଉତ୍ତର)ରୁ ଅପରାଜିତା

ଭୁବନେଶ୍ୱର,୧।୪(ବ୍ୟୁରୋ)

ଦଳରେ ଅଣଦେଖା ଓ ଟିକେଟ୍‌ରୁ ବଞ୍ଚିତ ହୋଇ ଭାରତୀୟ ଜନତା ପାର୍ଟି (ଭାଜପା)ରେ ଆଶ୍ରୟ ନେଇଥିବା ନେତାଙ୍କୁ ଅଗ୍ରାଧିକାର ମିଳିଛି। ସେମାନଙ୍କୁ ଭାଜପା ପ୍ରାର୍ଥୀ କରିଛି। ଦଳ ସୋମବାର ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ସକାଶେ ୩ଟି ଲୋକ ସଭା ଓ ୧୧ ବିଧାନସଭା ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏମ୍‌ପି ଅର୍ଜୁନ ସେଠୀ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ଯୋଗ ଦେଇଥିବାରୁ ଦଳ ତାଙ୍କ ପୁଅ ଅଭିମନ୍ୟୁ ସେଠୀଙ୍କୁ ଭଦ୍ରକ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ସେହିପରି ଯାଜପୁର ଲୋକ ସଭା ପାଇଁ ଅମିୟ ମଲ୍ଲିକ ଏବଂ ମୟୂରଭଞ୍ଜ ଲୋକ ସଭା ଆସନ ପାଇଁ ବିଶ୍ୱେଶ୍ୱର ଟୁଡୁଙ୍କୁ ପ୍ରାର୍ଥୀ କରାଯାଇଛି।

ଆନନ୍ଦପୁର ବିଧାନସଭା ଆସନ ପାଇଁ ପୂର୍ବରୁ ଭାଜପା ଭାଗୀରଥି ସେଠୀଙ୍କୁ ଟିକେଟ ଦେଇଥିଲା। ସେ ଟିକେଟ ପାଇବା ପରେ ବିଜେଡିରେ ଯୋଗ ଦେଇଥିଲେ। ଫଳରେ ଭାଜପା ଆଲୋକ ସେଠୀଙ୍କୁ ଆନନ୍ଦପୁରରୁ ପ୍ରାର୍ଥୀ କରିଛି। ସେହିପରି ନୀଳଗିରି ବିଧାୟକ ସୁକାନ୍ତ ନାୟକ ବିଜେଡି ଟିକେଟ ନ ପାଇବା ଆଶଙ୍କା କରି ଦଳରୁ ଇସ୍ତଫା ଦେଇ ନିକଟରେ ଭାଜପାରେ ସାମିଲ ହୋଇଥିଲେ। ଦଳ ତାଙ୍କୁ ଗୁରୁତ୍ୱ ଦେଇ ନୀଳଗିରିରୁ ପ୍ରାର୍ଥୀ କରିଛି।

ରାଇରଙ୍ଗପୁର ଆସନ ପାଇଁ ନବ ଚରଣ ମାଝି, ମୋରଡ଼ା କୃଷ୍ଣଚନ୍ଦ୍ର ମହାପାତ୍ର, ଆଠମଲ୍ଲିକରୁ ଭାଗୀରଥି ପ୍ରଧାନ, ବାଙ୍କୀରୁ ଶୁଭ୍ରାଂଶୁ ମୋହନ ପାଢ଼ୀ, ଆଠଗଡ଼ରୁ ବ୍ରଜେନ୍ଦ୍ର ରାୟ, ମହାକାଳପଡ଼ାରୁ ବିଜୟ ପ୍ରଧାନ ଏବଂ ପୁରୀରୁ ଜୟନ୍ତ ଷଡ଼ଙ୍ଗୀଙ୍କୁ ଭାଜପା ଟିକେଟ ଦେଇଛି। ହେବିୱେଟ୍ ନେତା ବିଜୟ ମହାପାତ୍ର ଏଥର ମହାକାଳପଡ଼ା ବଦଳରେ ପାଟକୁରାରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଥର ବିଜୟଙ୍କ ଲଢ଼େଇ ଅତନୁ ସବ୍ୟସାଚୀ ନାୟକଙ୍କ ସହିତ ନ ହୋଇ ପାଟକୁରାରୁ ବିଜେଡି ପ୍ରାର୍ଥୀ ବେଦ ପ୍ରକାଶ ଅଗ୍ରୱାଲାଙ୍କ ସହ ହେବ। ଚଳିତ ନିର୍ବାଚନ ବିଜୟଙ୍କ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ୨୦୦୪ରେ ଅତନୁ ପାଟକୁରାରୁ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ୨୦୦୯ ଏବଂ ୨୦୧୪ରେ ବେଦ ପ୍ରକାଶ ଅଗ୍ରୱାଲ ବିଜୟୀ ହୋଇଛନ୍ତି। ବେଦ ପ୍ରକାଶ ଗତ ଦୁଇଟି ନିର୍ବାଚନରେ ୫୦ ପ୍ରତିଶତରୁ ଅଧିକ ଭୋଟ ବ୍ୟବଧାନରେ ଜିତି ଆସୁଥିଲେ। ତେବେ ବିଜୟ ପାଟକୁରାରୁ ନିର୍ବାଚନ ଲଢ଼ିବା ଚୂଡ଼ାନ୍ତ ହୋଇଥିବାରୁ ବେଦ ପ୍ରକାଶଙ୍କ ପାଇଁ ନିର୍ବାଚନ ସେତେଟା ସହଜ ହେବ ନାହିଁ। ଦୀର୍ଘ ଦୁଇ ଦଶନ୍ଧି ଧରି ପରାଜୟ ମୁହଁ ଦେଖି ଆସୁଥିବା ବିଜୟ ଏହି ନିର୍ବାଚନରେ ଯଦି ପାଟକୁରାରୁ ବିଜୟୀ ହେବେ ତେବେ ତାଙ୍କର ରାଜନୀତିରେ ଗୁରୁତ୍ୱ ବହୁତ ବଢ଼ିଯିବ। ଯଦି ପରାଜୟ ହେବେ ତେବେ ☞ପୃଷ୍ଠା-୨

### ଭାଜପା ପ୍ରାର୍ଥୀ ତାଲିକା

**ଲୋକ ସଭା**

ମୟୂରଭଞ୍ଜ: ଇଂ ବିଶ୍ୱେଶ୍ୱର ଟୁଡୁ
ଭଦ୍ରକ: ଅଭିମନ୍ୟୁ ସେଠୀ
ଯାଜପୁର: ଅମିୟ ମଲ୍ଲିକ

**ବିଧାନସଭା**

ପାଟକୁରା: ବିଜୟ ମହାପାତ୍ର
ମହାକାଳପଡ଼ା: ବିଜୟ ପ୍ରଧାନ
ପୁରୀ: ଜୟନ୍ତ ଷଡ଼ଙ୍ଗୀ
ଭୁବନେଶ୍ୱର-ଉତ୍ତର: ଅପରାଜିତା ମହାନ୍ତି
ରାଇରଙ୍ଗପୁର: ନବ ଚରଣ ମାଝି
ମୋରଡ଼ା: ଡ. କୃଷ୍ଣଚନ୍ଦ୍ର ମହାପାତ୍ର
ନୀଳଗିରି: ସୁକାନ୍ତ ନାୟକ
ଆଠମଲ୍ଲିକ: ଭାଗୀରଥି ପ୍ରଧାନ
ବାଙ୍କୀ: ଶୁଭ୍ରାଂଶୁ ମୋହନ ପାଢ଼ୀ
ଆଠଗଡ଼: ବ୍ରଜେନ୍ଦ୍ର ରାୟ
ଆନନ୍ଦପୁର: ଆଲୋକ ସେଠୀ
(ପୂର୍ବରୁ ଭାଗୀରଥି ସେଠୀଙ୍କ ନାମ ଘୋଷଣା ହୋଇଥିଲା, ସେ ଏବେ ବିଜେଡି ପ୍ରାର୍ଥୀ)

AMITY-JEE 2019
AMITY JOINT ENTRANCE EXAM FOR
B.TECH 4.0
OF AMITY UNIVERSITIES IN KOLKATA, NOIDA, GURUGRAM, GREATER NOIDA, GWALIOR, JAIPUR, LUCKNOW, MUMBAI, PATNA, RAIPUR AND RANCHI
8th April - 5th May, 2019
AT TEST CENTRES ACROSS INDIA
EXCELLENT PLACEMENTS
• 3,400+ B.Tech students of 2018-19 batch placed... and counting
• No. of companies that visited campus for placements: 976
• Alumni drawing salary upto Rs. 1 crore p.a.
• Students selected for higher studies in Harvard, Stanford, Purdue, MIT and Oxford...
THE AMITY ADVANTAGE
• Research-focussed Faculty have filed 1040 Patents and published over 15,000 papers
• Faculty with teaching experience in top universities like Oxford, Purdue, Upenn...
• Brilliant students have filed over 100 patents and published 1100+ scopus-indexed papers
• 500+ students awarded upto 100% scholarship last year
• 5-Week Study Abroad Programme at Amity Campuses in London, New York, Dubai and Singapore (With no additional tuition fee)
• On-campus Incubator has helped launch over 100 student start-up ventures
• 150+ Labs and 20 hi-tech research centres
To apply, visit www.amity.edu/amityjee
AMITY UNIVERSITY
For more information, you can also contact Amity Information Centres at:
Bhubaneswar: 0674-2973576 | Rourkela: 0661-2470110 | Sambhalpur: 0663-2540135

# କଟକରୁ ଲଢ଼ିବେ ଭର୍ତ୍ତୃହରି

- ଶଶିଭୂଷଣ, ଦେବାଶିଷ ନାୟକଙ୍କ ଟିକେଟ କଟିଲା

ଭୁବନେଶ୍ୱର,୧।୪(ବ୍ୟୁରୋ)

ରାଜ୍ୟରେ ଦୁଇ ଦଶନ୍ଧି ଧରି କ୍ଷମତାରେ ଥିବା ବିଜେଡି ନିର୍ବାଚନ ରାଜନୀତିରେ ସବୁଠୁ ଜଟିଳ ସମୟ ଦେଇ ଗତି କରୁଛି। ସାଧାରଣ ନିର୍ବାଚନ ଘୋଷଣା ହେବା ଦିନଠାରୁ ପ୍ରତିଟି ପଦକ୍ଷେପ ଦଳକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପ୍ରଭାବିତ କରୁଛି। ନିୟମିତ ବ୍ୟବଧାନରେ ଦଳୀୟ ନେତା ବିଜେଡି ଛାଡୁଛନ୍ତି। କେତେକ ସ୍ଥାନରେ ବିଦ୍ରୋହ ଆଶଙ୍କାରେ ଭୟଭୀତ ହୋଇ ପ୍ରାର୍ଥୀ ବଦଳାଇବାକୁ ପଛଘୁଞ୍ଚା ଦେଇଛନ୍ତି। କେତେକ ସ୍ଥାନରେ ଦୁଇ ଆଶାୟୀଙ୍କୁ ବାଦ୍ ଦେଇ ତୃତୀୟ ବ୍ୟକ୍ତିଙ୍କୁ ଟିକେଟ୍ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳର ପ୍ରମୁଖ ସଦସ୍ୟ ଥିବା ଶଶିଭୂଷଣ ବେହେରାଙ୍କ ଟିକେଟ୍ କଟିଛି।

ବାକିଥିବା ୧୯ ଆସନରୁ ଆହୁରି ୧୦ଟି ଆସନରେ ପ୍ରାର୍ଥୀ ଘୋଷଣା ହେବାକୁ ବାକି ରହିଛି। ଏପରିକି ବିଜେଡି ଅପେକ୍ଷାକୃତ ସବଳ ମନେ ହେଉଥିବା ଭୁବନେଶ୍ୱର(ଉତ୍ତର), ଭୁବନେଶ୍ୱର(ମଧ୍ୟ), ଯାଜପୁର ଜିଲାର ଯାଜପୁର, କୋରେଇ, କେନ୍ଦୁଝର ଜିଲା ଚମ୍ପୁଆ ଭଳି ପ୍ରମୁଖ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଚୟନ ହୋଇପାରିନାହିଁ। କଟକ ଲୋକ ସଭା ଆସନରେ ଭର୍ତ୍ତୃହରି ମହତାବଙ୍କୁ ପୁଣି ଥରେ ସୁଯୋଗ ମିଳିଛି। ହେଲେ ବହୁପ୍ରତୀକ୍ଷିତ ଢେଙ୍କାନାଳ ଲୋକ ସଭା ଆସନ ନେଇ ଦଳ ଏବେବି ଚିନ୍ତାରେ ରହିଛି। କେନ୍ଦୁଝର ଲୋକ ସଭା ପାଇଁ ମଧ୍ୟ ଦଳ ପ୍ରାର୍ଥିତ୍ୱ ନେଇ ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚି ପାରିନାହିଁ। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ସୋମବାର ଦଳରେ ଯୋଗ ଦେଇଥିବା ଚନ୍ଦ୍ରାଣୀ ମୁର୍ମୁଙ୍କୁ କେନ୍ଦୁଝରରୁ ଲୋକ ସଭା ପ୍ରାର୍ଥୀ କରାଯାଇପାରେ। ଢେଙ୍କାନାଳ ଲୋକ ସଭା ଆସନ ନେଇ ଦଳ ଏବେବି ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରି ନାହିଁ। ତେଣୁ ଏହି ସ୍ଥାନରୁ ବିଜେଡି କାହାକୁ ପ୍ରାର୍ଥୀ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ଅର୍ଥମନ୍ତ୍ରୀ ବେହେରାଙ୍କ ଟିକେଟ୍ କଟାଯାଇ ଜୟଦେବ ☞ପୃଷ୍ଠା-୨

### ବିଜେଡି ପ୍ରାର୍ଥୀ ତାଲିକା

**ଲୋକ ସଭା**

କଟକ: ଭର୍ତ୍ତୃହରି ମହତାବ

**ବିଧାନସଭା**

ଚିଲିକା: ପ୍ରଶାନ୍ତ ଜଗଦ୍ଦେବ
ଜୟଦେବ: ଅରବିନ୍ଦ ଢାଲି
ବେଗୁନିଆ: ରାଜେନ୍ଦ୍ର କୁମାର ସାହୁ
ଖୋର୍ଦ୍ଧା: ଜ୍ୟୋତିରିନ୍ଦ୍ର ନାଥ ମିତ୍ର
ଦେବଗଡ଼: ରୋମାଞ୍ଚ ରଞ୍ଜନ ବିଶ୍ୱାଳ
ବସ୍ତା: ନିତ୍ୟାନନ୍ଦ ସାହୁ
ରାଇରଙ୍ଗପୁର: ବାସନ୍ତୀ ମାରାଣ୍ଡି
ମୋରଡ଼ା: ରାଜକିଶୋର ଦାସ
ବରୀ: ସୁନନ୍ଦା ଦାସ

### ଆଜିର ସମ୍ପାଦକୀୟ
**ମାଗଣା ଖାଅ, ଭୋଟ ଦିଅ**

### ଆଜିର ମନ୍ତବ୍ୟ
"ପ୍ରଧାନମନ୍ତ୍ରୀଙ୍କ ଗରିବ ବିରୋଧୀ ନୀତି ଯୋଗୁ ଭାଜପାକୁ ପୁଣି ଥରେ 'ଇଣ୍ଡିଆ ସାଇନିଂ' ଦଶା ଭୋଗିବାକୁ ପଡ଼ିବ।
-ସିଦ୍ଧରମୟା, କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE 01.04.2019 Venco6 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 93 | 149 | 159 |
| CTC | 94 | 150 | 160 |
| DKL | 94 | 150 | 160 |
| BDK | 96 | 153 | 163 |
| BLS | 96 | 153 | 163 |
| ANG | 95 | 152 | 162 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers

### କିଛି ତଥ୍ୟ
୨୦୧୮-୧୯ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ଓଏନ୍‌ଜିସିର ପ୍ରାକୃତିକ ବାଷ୍ପ ଉତ୍ପାଦନ ୬.୫ ବୃଦ୍ଧିଘଟି ୨୫.୯ ବିଲିୟନ କ୍ୟୁବିକ ମିଟର ରହିଛି।
- ତୈଳ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ

### ପାଠିକା/ପାଠକଙ୍କ ପାଇଁ ସୂଚନା
କିଛିସ୍ଥାନରେ ପାଠିକା/ପାଠକମାନେ ପ୍ରତିଦିନ ଧରିତ୍ରୀ ଖବରକାଗଜ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ପାଠିକା/ପାଠକମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନିଜ ଖବରକାଗଜ ବିତରକଙ୍କୁ ଧରିତ୍ରୀ ଦେବା ପାଇଁ ଦାବି କରନ୍ତୁ। ତଥାପି ଧରିତ୍ରୀ ନିୟମିତ ନ ପାଇଲେ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧରିତ୍ରୀ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ।
୯୪୩୭୦୦୯୪୪୧, ୯୯୩୭୬୧୨୮୪୧
୯୦୪୦୮୦୦୩୭୪

# ପରଲୋକରେ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ

କଟକ ଅଫିସ,୧।୪



ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନାଟ୍ୟକାର, ନିର୍ଦ୍ଦେଶକ, ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ରଥଙ୍କ ସୋମବାର ଅପରାହ୍ନ ୧ଟା ୧୫ରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ଓଡ଼ିଶାରେ ନବ ନାଟ୍ୟ ଆନ୍ଦୋଳନର ସେ ଥିଲେ ଅନ୍ୟତମ ପୁରୋଧା। ତାଙ୍କ ବିୟୋଗରେ ପୂରା ନାଟ୍ୟ ଜଗତ ସ୍ତବ୍ଧ ହୋଇଯାଇଛି। ଓଡ଼ିଶା କଳାକାର ଜଗତ ସମେତ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଶେଖବଜାର ବାନାବଗିଚାସ୍ଥିତ ତାଙ୍କ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ସନ୍ଧ୍ୟାରେ ମୃତଦେହକୁ ଶୋଭାଯାତ୍ରାରେ ସାରଳା ଭବନ, କଳା ବିକାଶ କେନ୍ଦ୍ର, ସମାଜ ଅଫିସ, ନିଖିଳ ଉତ୍କଳ କଳା ନିକେତନ, ଉତ୍କଳ ସାହିତ୍ୟ ସମାଜ ଓ ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜକୁ ନିଆଯାଇଥିଲା। ପରେ ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ଶିଳାଦିତ୍ୟ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇ ଝିଅ ଅନୁରୂପା, ଅନୁରାଧା ଓ ଭାଣିଜୀ ଅଭିପ୍ସା ଉପସ୍ଥିତ ଥିଲେ। ୧୯୪୯ରେ ବ୍ରହ୍ମପୁରରେ ସେ ଜନ୍ମଗ୍ରହଣ କରିଥିଲେ।

Baidyanath
100 years of caring
CONSTIPATION ମାନିବ ହାର
ଯେତେବେଳେ KABZ-HAR କରିବ ୱାର




ଗୋଟିଏ ରାତିରେ କୋଷ୍ଠକାଠିନ୍ୟରୁ ଆରାମ ପାଆନ୍ତୁ
ପ୍ରାକୃତିକ ଓ ସୁରକ୍ଷିତ
ବୈଦ୍ୟନାଥ
କବ୍‌ଜ-ହର
ଆୟୁର୍ବେଦିକ ଲ୍ୟାକ୍ସେଟିଭ୍
ପାଉଡର ଓ ଟାବ୍‌ଲେଟ୍‌ରେ ଉପଲବ୍ଧ
Shop online at: www.baidyanath.com
Customer Care: 1800 102 1855 (10am to 6pm)
thinkpot








# ବିଜେଡି ଛାଡ଼ିଲେ ମୋରଡ଼ା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ

## ■ ପୁରୁଖା କର୍ମୀଙ୍କୁ ଉପେକ୍ଷା, ବିଶୃଙ୍ଖଳାକୁ ଦାୟୀ କଲେ

ବାରିପଦା ଅଫିସ/ଭୁବନେଶ୍ୱର, ୧୪(ବ୍ୟୁରୋ)

ମୟୂରଭଞ୍ଜ ଜିଲା ବିଜେଡି ସଭାପତି ତଥା ମୋରଡ଼ା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ସୋମବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ଜିଲା ସଭାପତି ପଦବୀ ସମେତ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ନିଜ ଇସ୍ତଫା ସମ୍ପର୍କରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବିଜେଡି ଛାଡ଼ିଥିଲେ ମଧ୍ୟ ପ୍ରବୀଣ ନିଜର ପରବର୍ତ୍ତୀ ରାଜନୈତିକ ପଦକ୍ଷେପ ସମ୍ପର୍କରେ କିଛି ସ୍ପଷ୍ଟ କରିନାହାନ୍ତି।

ସାଧାରଣ ନିର୍ବାଚନ ଘୋଷଣା ପରେ ମୟୂରଭଞ୍ଜ ରାଜନୀତି ସରଗରମ ହୋଇଥିଲା। ପଞ୍ଚାୟତ ନିର୍ବାଚନରେ ବିଜେଡିର ବିପର୍ଯ୍ୟୟ ପରେ ସଙ୍ଗଠନକୁ ବ୍ୟାପକ ଗୁରୁତ୍ୱ ଦିଆଯାଇଥିଲା। ବିରୋଧୀ ଶିବିରର ଛାମୁଆ ନେତାଙ୍କୁ ଦଳକୁ ଅଣାଗଲା। ସେହିକ୍ରମରେ ନିକଟ ଅତୀତରେ ଭାଜପା ରାଜ୍ୟ ଉପସଭାପତି ରାଜକିଶୋର ଦାସ ବିଜେଡିରେ ସାମିଲ ହୋଇଥିଲେ। ନବୀନ ନିବାସରେ ହୋଇଥିବା ମିଶ୍ରଣ ପର୍ବର ବିଧାୟକ ଭଞ୍ଜଦେଓ ମଧ୍ୟ ଉପସ୍ଥିତ ଥିଲେ। ରାଜକିଶୋର ମୋରଡ଼ା ନିର୍ବାଚନମଣ୍ଡଳୀ ପାଇଁ ଆଶାୟୀ ଥିବାବେଳେ ଭାଜପା ତାଙ୍କୁ ଅଣଦେଖା କରିବାରୁ ସେ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ରାଜକିଶୋରଙ୍କୁ ଟିକେଟ୍ ଦେବା ଚର୍ଚ୍ଚା ଜୋର ଧରିବା ପରେ ପ୍ରବୀଣ ଦଳଛାଡ଼ିଥିବା ତାଙ୍କ ନିକଟତମ ମହଲରୁ ପ୍ରକାଶ। ଭଞ୍ଜଦେଓ ୨୦୦୯ ଓ ୨୦୧୪ରେ ମୋରଡ଼ା ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ରାଜକିଶୋରଙ୍କୁ ହରାଇ ଦୁଇଥର ବିଧାୟକ ହୋଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳରେ ମଧ୍ୟ ସ୍ଥାନ ପାଇଥିଲେ। ସୋମବାର ସନ୍ଧ୍ୟାରେ ରାଜକୁମାରଙ୍କୁ ମୋରଡ଼ା ଆସନରୁ ବିଜେଡି ପ୍ରାର୍ଥୀ କରିଥିବାରୁ ଭଞ୍ଜଦେଓଙ୍କ ଆଗାମୀ ରଣନୀତି କ'ଣ ରହିବ ତାକୁ ନେଇ ସମସ୍ତଙ୍କ ନଜର।






# ବିୱାଇଏସ୍‌ଟି ସମ୍ମିଳନୀ

# ଚାକିରି ନୁହେଁ, ଚାକିରିଦାତା ହେବା ଜରୁରୀ: ଉପରାଷ୍ଟ୍ରପତି



ଭାରତୀୟ ଯୁବା ଶକ୍ତି ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ସମ୍ବର୍ଦ୍ଧିତ ହୋଇଥିବା ଉଦ୍ୟୋଗପତିଙ୍କ ଗହଣରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

■ ଦାରିଦ୍ର୍ୟ ସୀମାରେଖା ତଳେ ଦେଶର ୨୦ ପ୍ରତିଶତ ଲୋକ

■ ୨୨ ପ୍ରତିଶତ ଅଶିକ୍ଷିତ, ୧୪ ପ୍ରତିଶତ ମହିଳା ଉଦ୍ୟୋଗୀ

ଭୁବନେଶ୍ୱର,୧୪(ବ୍ୟୁରୋ)

ବିଭିନ୍ନ କ୍ଷେତ୍ରରେ ଭାରତ ବିକାଶ ଧାରାରେ ଆଗେଇ ଚାଲିଛି। ତଥାପି ଦେଶରେ ୨୦ ପ୍ରତିଶତ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ଓ ୨୨ ପ୍ରତିଶତ ହେଉଛନ୍ତି ଅଶିକ୍ଷିତ। ବେକାରି ହେଉଛି ଭାରତର ଏକ ପ୍ରମୁଖ ସମସ୍ୟା। ଏହା କେବଳ ଆମ ଦେଶରେ ନୁହେଁ, ଉଣାଅଧିକେ ବିଶ୍ୱର ସମସ୍ତ ରାଷ୍ଟ୍ର ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଯେଉଁମାନଙ୍କ ମଧ୍ୟରେ ନୂଆକରି ବିକାଶ ଧାରାରେ ସାମିଲ ହେଉଥିବା ରାଷ୍ଟ୍ର ଏବଂ ବିକଶିତ ରାଷ୍ଟ୍ର ମଧ୍ୟ ରହିଛନ୍ତି। ଯୁବଶକ୍ତିଙ୍କ ସକାଶେ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ହେଉଛି ବେକାରି ସମସ୍ୟା ସମାଧାନର ଏକ ସମ୍ଭାବ୍ୟ ଉପାୟ, ଯଦ୍ୱାରା ସେମାନେ କର୍ମଚାରୀ ନ ହୋଇ ଉଦ୍ୟୋଗୀ ହୋଇପାରିବେ। ଆମେ ନିଜକୁ ଏ କଥା ସୁନିଶ୍ଚିତ କରିବାକୁ ପଡ଼ିବ ଯେ, ସେମାନେ ଚାକିରି ନ ଖୋଜି ଚାକିରିଦାତା ହେବାର ସାମର୍ଥ୍ୟ ଅର୍ଜନ କରିବେ। କାରଣ ଉଦ୍ୟୋଗୀମାନେ କର୍ମନିଯୁକ୍ତି ସୃଷ୍ଟିକାରୀ ହୋଇଥାଆନ୍ତି। ସେଥିପାଇଁ ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ଉପରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁ କହିଛନ୍ତି। ଭାରତୀୟ ଯୁବା ଶକ୍ତି ଟ୍ରଷ୍ଟ(ବିୱାଇଏସ୍‌ଟି) ପକ୍ଷରୁ ଆୟୋଜିତ 'କର୍ମନିଯୁକ୍ତି ସୃଷ୍ଟି କରିବା ନିମନ୍ତେ ଗ୍ରାମ୍ୟୋଦ୍ୟୋଗୀଙ୍କୁ ସଶକ୍ତୀକରଣ' ଶୀର୍ଷକ ସମ୍ମିଳନୀରେ ଉପରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ରେଲୱେ ଅଡିଟୋରିୟମ୍‌ରେ ସୋମବାର ଆୟୋଜିତ ଏହି ସମ୍ମିଳନୀରେ ସେ କହିଥିଲେ, ଭାରତ ହେଉଛି ଅତିକୁଶଳୀ କାରିଗରମାନଙ୍କ ଗନ୍ତାଘର। ଆମେ ଅଧିକରୁ ଅଧିକ ଯୁବ ଉଦ୍ୟୋଗୀମାନଙ୍କୁ ସେମାନଙ୍କ ବ୍ୟବସାୟ ଆରମ୍ଭ କରିବା ନିମନ୍ତେ ସବୁ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେବା ଆବଶ୍ୟକ। ଏହାଦ୍ୱାରା ଭାରତର ଅଭିନବ, ପାରମ୍ପରିକ କଳା ଓ କାରିଗରି ସାଧନର ସୁରକ୍ଷା ତଥା ପ୍ରଚାର, ପ୍ରସାର ହୋଇପାରିବ। ଏହାକୁ ଅର୍ଥନୀତିରେ ପରିଣତ କରିବା ପାଇଁ ଆମକୁ ଅଭିନବ ଦକ୍ଷତାର ସୁଯୋଗ ସୃଷ୍ଟି କରିବାକୁ ପଡ଼ିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉଦ୍ୟୋଗୀକରଣ ସେତିକିବେଳେ ମୂଲ୍ୟବାନ୍ ବୋଲି ଧରାଯିବ, ଯେତେବେଳେ ଏହାର ବହୁବିଧକରଣ ଭଳି ପ୍ରଭାବ ରହିବ ଏବଂ ତାହା ସ୍ଥାନୀୟ ଗୋଷ୍ଠୀଙ୍କ ସମୃଦ୍ଧି ଘଟାଇ ପାରୁଥିବ ଓ ବିଶେଷକରି ଗ୍ରାମାଞ୍ଚଳରେ ବୃଦ୍ଧି ହୋଇପାରୁଥିବ। ଭାରତର ଯୋଜନାକାରୀମାନଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଲା, ଋଣ ଆହରଣ ତଥା ବଜାର ପ୍ରବେଶ କ୍ଷେତ୍ରରେ ରହିଥିବା ସମସ୍ୟାବଳୀ। ସରକାର ଏ ଦିଗରେ ଆବଶ୍ୟକ ନୀତି ନିର୍ଦ୍ଧାରଣ ପାଇଁ ଆଗେଇ ଆସିବେ ବୋଲି ଉପରାଷ୍ଟ୍ରପତି ଆଶାବ୍ୟକ୍ତ କରିଥିଲେ। ସେ ଆହୁରି କହିଥିଲେ, ବର୍ତ୍ତମାନ ମୋଟ ଉଦ୍ୟୋଗୀଙ୍କ ମଧ୍ୟରୁ ମହିଳା ଉଦ୍ୟୋଗୀ ରହିଛନ୍ତି ମାତ୍ର ୧୪%। ଅର୍ଥାତ୍ ଦେଶରେ ଥିବା ମୋଟ ୫୮.୫ ନିୟୁତ ଉଦ୍ୟୋଗୀଙ୍କ ମଧ୍ୟରୁ ମହିଳା ଉଦ୍ୟୋଗୀଙ୍କ ସଂଖ୍ୟା ୮.୦୫ ନିୟୁତ। ତେଣୁ ଅଧିକରୁ ଅଧିକ ସଂଖ୍ୟକ ମହିଳା ଉଦ୍ୟୋଗୀଙ୍କୁ ଏହି ମାର୍ଗରେ ଯିବାକୁ ସବୁ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯିବା ଉଚିତ। ଅନ୍ୟପକ୍ଷରେ ଓଡ଼ିଶା ସରକାର ଗତ କିଛିବର୍ଷ ମଧ୍ୟରେ ଓଡ଼ିଶାରେ ଭିତ୍ତିଭୂମି ବିକାଶ ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହାକି ରାଜ୍ୟରେ ଷ୍ଟାର୍ଟ-ଅପ୍ ବାତାବରଣ ସୃଷ୍ଟି ହେବାରେ ସହାୟକ ହୋଇପାରିଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଟାଟା ଷ୍ଟିଲ୍ ସିଏସ୍ଆର୍ ମୁଖ୍ୟ ସୌରଭ ରୟ ଓ ଜେକେ ପେପର ଲିମିଟେଡ୍ ନିର୍ଦ୍ଦେଶକ ଏ.ଏସ୍. ମେହେଟ୍ଟା ଉପସ୍ଥିତ ଥିଲେ। ବିୱାଇଏସ୍‌ଟି ଫାଉଣ୍ଡିଂ ତଥା ମ୍ୟାନେଜିଂ ଟ୍ରଷ୍ଟି ଲକ୍ଷ୍ମୀ ଭି. ଭେଙ୍କଟେସନ ସ୍ୱାଗତ ଭାଷଣ ଦେବା ସହ ସଂସ୍ଥାର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ କହିଥିଲେ। ବିୱାଇଏସ୍‌ଟି ବୋର୍ଡ ଅଫ୍ ଟ୍ରଷ୍ଟିଜ୍‌ର ସଦସ୍ୟ ସୌରଭ ଶ୍ରୀବାସ୍ତବ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିୱାଇଏସ୍‌ଟିଠାରୁ ସହଯୋଗ ପାଇ ସଫଳତା ହାସଲ କରିଥିବା ବହୁ ଉଦ୍ୟୋଗପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିମାନଙ୍କ ଦ୍ୱାରା ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା।

# କନ୍ଧମାଳ ହଳଦୀକୁ ମିଳିଲା ଜିଆଇ ମାନ୍ୟତା

ଫୁଲବାଣୀ ଅଫିସ, ୧୪

ବହୁଦିନରୁ ଦାବି ହୋଇ ଆସୁଥିବା କନ୍ଧମାଳ ହଳଦୀକୁ ଶେଷରେ ସୋମବାର ଜିଆଇ (ଭୌଗୋଳିକ ସଂକେତ) ମାନ୍ୟତା ମିଳିଛି। ଜିଲାରେ ଉତ୍ପାଦିତ ହଳଦୀର ଗୁଣବତ୍ତାକୁ ଆଧାର କରି ଭାରତ ସରକାରଙ୍କ ପକ୍ଷରୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଜିଆଇ ମାନ୍ୟତା ମିଳିବାରୁ ଖାଲି ରାଜ୍ୟ ନୁହେଁ ଦେଶ ଏବଂ ବିଦେଶରେ ଏହାର ଚାହିଦା ଆହୁରି ବୃଦ୍ଧିପାଇବ। ଚାଷରୁ ଦୂରେଇ ଯାଉଥିବା ଚାଷୀ ଏବେ ଅଧିକ ଉତ୍ପାଦନ କରି ଲାଭବାନ ହେବେ। ବହୁଦିନ ଧରି ଏହି ପ୍ରତୀକ୍ଷାର ଅନ୍ତ ଘଟିଥିବାରୁ ଚାଷୀ ଏବଂ ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

କନ୍ଧମାଳ ହଳଦୀର ଚାହିଦା ବହୁ ବର୍ଷରୁ ରହିଆସିଛି। ଜିଆଇ ମାନ୍ୟତା ପାଇଁ ଜିଲା ପ୍ରଶାସନ ତଥା କସମ୍(କନ୍ଧମାଳ ଆପେକ୍ସ ସ୍ପାଇସେସ୍ ଆସୋସିଏଶନ ଫର ମାର୍କେଟିଂ) ପକ୍ଷରୁ ୨୦୧୮ ଜାନୁୟାରୀ ୧୧ରେ ଚେନ୍ନାଇସ୍ଥିତ ଭାରତ ସରକାରଙ୍କ ଜିଆଇ ଅଫିସରେ ଆବେଦନ କରାଯାଇଥିଲା। ଏହାର କିଛି ଦିନ ପରେ ଜିଲା ପ୍ରଶାସନର ବିଭାଗୀୟ ଅଧିକାରୀଙ୍କୁ ହଳଦୀ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିବା ପାଇଁ ଦିଲ୍ଲୀ ଡକା ଯାଇଥିଲା । ଜିଲା ପ୍ରଶାସନ ଏବଂ କସମ୍‌ର ଏକ ମିଳିତ ଟିମ୍ ଏହା ଉପସ୍ଥାପିତ କରିଥିଲେ। ଏହାପରେ ଏହି ଜିଆଇ ମାନ୍ୟତା ମିଳିଥିବା ଜଣାଯାଇଛି। ଏହି ମାନ୍ୟତା ୨୦୨୮ ଜାନୁୟାରୀ ୧୦ ତାରିଖ ପର୍ଯ୍ୟନ୍ତ ରହିବ।

କନ୍ଧମାଳବାସୀଙ୍କ ପାଇଁ ଏହା ଭଲ ଖବର।

## ଅଧିକ ଲାଭବାନ ହେବେ ଚାଷୀ




ହଳଦୀର ଯେଉଁ ଚାହିଦା ଓ ଦର କମି ଆସୁଥିଲା ତାହ ଏବେ ବଢ଼ିବ। କନ୍ଧମାଳ ହଳଦୀରେ ବିଭିନ୍ନ ଔଷଧୀୟ ଗୁଣ ଭରି ରହିଛି। ଏହାକୁ କଞ୍ଚା ଖାଇବା ସହ ପ୍ରସାଧନ ସାମଗ୍ରୀରେ ବ୍ୟବହାର କରିହେବ। ଜିଆଇ ମାନ୍ୟତା ମିଳିବା ପରେ ବିଶ୍ୱ ବଜାରରେ ସମସ୍ତେ ଆମ ଜିଲାର ହଳଦୀ ବିଷୟରେ ଜାଣି ପାରିବେ। ବାହାର ବ୍ୟବସାୟୀମାନେ କନ୍ଧମାଳ ହଳଦୀ କହି ଯେଉଁଭଳି ଗ୍ରାହକଙ୍କୁ ଠକି ଚାଲିଥିଲେ ତାହା ଆଉ ହେବନାହିଁ। ଏବେ ବିଶ୍ୱବଜାରରେ କନ୍ଧମାଳ ହଳଦୀର ଚାହିଦା ବଢ଼ିବ। ସେହି ଅନୁସାରେ ବ୍ୟବସାୟୀ ବି ଲାଭବାନ ହେବେ ବୋଲି କସମ ସମ୍ପାଦକ ସଞ୍ଜିତ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, କନ୍ଧମାଳ ଜିଲାରେ ୧୩ ହଜାର ହେକ୍ଟର ଜମିରେ ହଳଦୀ ଚାଷ ହେଉଛି। ପାଖାପାଖି ୪୦ ହଜାର ପରିବାର ଏହି ଚାଷରେ ଜଡିତ ଅଛନ୍ତି। ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର। ବାର୍ଷିକ ହଳଦୀ ଉତ୍ପାଦନ ୧ ଲକ୍ଷ ୩୦ ହଜାର ମେଟ୍ରିକ ଟନ୍ ହେଉଛି। ସିଝାଇ ଶୁଖାଇଲା ପରେ ତାହା ୨୬ ହଜାର ମେଟ୍ରିକ ଟନ ହେଉଛି।




ଯଦି କ୍ରୀତଦାସଟିଏ ନ ହୋଇ ମୁକ୍ତ ମଣିଷ ହେବାକୁ ଚାହ- ଯଦି ତୁମେ ଏକ ଓ ଅବିଭକ୍ତ ହୋଇରହିବାକୁ ଚାହ- ଯଦି ତୁମେ ମୃତ୍ୟୁର ଅନ୍ଧାର ଭିତରେ ନ ରହି ଅମର ହେବାକୁ ଚାହ- ଅନ୍ଧକାରାବୃତ ନ ହୋଇ ଆଲୋକିତ ଜୀବନ ବଂଚିବାକୁ ଚାହ- ଯଦି ତୁମେ ଦୁଃଖ ଯନ୍ତ୍ରଣାର ଶିକାର ନ ହୋଇ ଆନନ୍ଦମୟ ଜୀବନ ବଞ୍ଚିବାକୁ ଚାହ- ଦୁର୍ବଳ ନ ହୋଇ ଖୁବ୍ ଶକ୍ତିମାନ ହେବାକୁ ଚାହ- ତେବେ ଅନନ୍ତ ମଧ୍ୟରେ ବାସ କର ଓ ଶାନ୍ତକୁ ଅଧିକାର କର। -ଶ୍ରୀଅରବିନ୍ଦ



# ମାଗଣା ଖାଅ, ଭୋଟ ଦିଅ

ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତବର୍ଷରେ ନିର୍ବାଚନ ମହାପର୍ବ ଆରମ୍ଭ ହୋଇଯାଇଛି। ଏଥିଲାଗି ପ୍ରତ୍ୟେକ ରାଜନୈତିକ ଦଳ ଓ ନେତା ତତ୍ପର ହୋଇ ଉଠିଛନ୍ତି। ଭୋଟ ପାଇବା ପାଇଁ ପୂର୍ବରୁ ମାଗଣା ଜିନିଷ ଓ ଯୋଜନା ବଣ୍ଟାଯାଇଛି। ଗରିବ ଓ ପଛୁଆ ହେବା ପାଇଁ ଅଧିକାଂଶ ଭାରତୀୟ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ରାଜନୈତିକ ଦଳଗୁଡ଼ିକ ଏପରି ବ୍ୟବସ୍ଥା କରୁଥିବା ଯୋଜନାର ସ୍ୱରୂପକୁ ଦେଖିଲେ ବୁଝାପଡ଼ିଯାଉଛି। ଫଳରେ ଅଣଉତ୍ପାଦନକ୍ଷମ ଖର୍ଚ୍ଚ ଆଜି ଦେଶ ପାଇଁ ବୋଝ ପାଲଟିଲାଣି। ଏହି ପ୍ରଚ୍ଛଦପଟରେ କୃଷିପ୍ରଧାନ ଦେଶ ଭାରତରେ ଚାଷକୁ ନେଇ କିଛି ମାସ ହେବ ଦଳଗୁଡ଼ିକ ଚିନ୍ତିତ ଥିବା କଥା ସାଧାରଣରେ ବ୍ୟକ୍ତ କରୁଛନ୍ତି। ୨୦୧୮ ଶେଷ ଆଡ଼କୁ ୫ଟି ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନରେ କଂଗ୍ରେସ ଉତ୍ତମ ପ୍ରଦର୍ଶନ କରିବା ପରେ ପ୍ରତିଶ୍ରୁତି ମୁତାବକ କୃଷିଋଣ ଛାଡ଼ କରିଥିଲା। କଂଗ୍ରେସର ଏତାଦୃଶ ପଦକ୍ଷେପକୁ ଅନୁସରଣ କରି ଆଉ କିଛି ରାଜ୍ୟ ସମାନ ନିଷ୍ପତ୍ତି ନେଇଥିଲେ। ଓଡ଼ିଶା ପଛରେ ନ ପଡ଼ି 'କାଳିଆ' ଯୋଜନା ଘୋଷଣା କରିଦେଲା। ଏଥିରେ ଚାଷୀଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଦିଆଯିବା ଲାଗି ବ୍ୟବସ୍ଥା କରାଯାଇଛି। ଏଥିଲାଗି ଓଡ଼ିଶା ସରକାର ବଜେଟରେ ୧୦,୦୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଅନୁରୂପ ଭାବେ କେନ୍ଦ୍ର ପକ୍ଷରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ କୃଷକଙ୍କୁ ବାର୍ଷିକ ୬୦୦୦ ଟଙ୍କା ଦେବା ଲାଗି ବ୍ୟବସ୍ଥା କରାଯାଇଛି। ଇତିମଧ୍ୟରେ କାଳିଆ ଯୋଜନାରେ ଅଳ୍ପ କେତେଜଣ ଚାଷୀଙ୍କୁ ୫,୦୦୦ ଟଙ୍କା ଲେଖାଏ ମିଳିଛି। ଅନୁରୂପ ଭାବେ କେନ୍ଦ୍ରର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ କେତେଜଣ ଚାଷୀଙ୍କୁ ପ୍ରଥମ କିସ୍ତିରେ ୨୦୦୦ ଟଙ୍କା ଦିଆଯାଇଛି। ଗତ ଅନ୍ତରୀଣ ବଜେଟରେ ଏ ବାବଦରେ କେନ୍ଦ୍ର ସରକାର ୭୫,୦୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ସରକାରରେ ଥିବା ଦଳଙ୍କ ଭଳି ଅନୁରୂପ ଭାବେ କଂଗ୍ରେସ କ୍ଷମତାକୁ ଆସିଲେ ନ୍ୟାୟ ବା ନ୍ୟୂନତମ ଆୟ ଯୋଜନା କରିବ ବୋଲି ନିକଟରେ ଘୋଷଣା କରିଛି। ଏହିସବୁ ଯୋଜନା ଭୋଟ ହାତେଇବା ଲାଗି ଉଦ୍ଦିଷ୍ଟ ବୋଲି କୁହାଯାଇପାରେ। ନ୍ୟାୟ ଯୋଜନାରେ ୨୦ ପ୍ରତିଶତ ଅତି ଗରିବ ପରିବାରକୁ ବାର୍ଷିକ ସର୍ବନିମ୍ନ ଆୟ ଭାବେ ୭୨ ହଜାର ଟଙ୍କା ଦିଆଯିବ ବୋଲି କୁହାଯାଇଛି। ସେହିପରି ରାଜ୍ୟ ସରକାରଗୁଡ଼ିକ ସମାଜର ବିଭିନ୍ନ ବର୍ଗ ସକାଶେ ମାଗଣା ଜିନିଷ ଯାଚି ଚାଲିଛନ୍ତି।

ଜାତୀୟ ସମ୍ପତ୍ତି ବାଣ୍ଟିବାରେ ଆନନ୍ଦ ପାଉଥିବା ରାଜନୈତିକ ଦଳଗୁଡ଼ିକ ଧନ ସୃଷ୍ଟି ବା ୱେଲ୍ଥ କ୍ରିଏଶନ କରିବା ଦିଗରେ ପଦକ୍ଷେପ ନେଉ ନ ଥିବା ଏବେ ଦେଶର ଅର୍ଥନୀତି ପାଇଁ ଚିନ୍ତାର ବିଷୟ ହେବା କଥା। କରଦାତାଙ୍କ ପୁଳେ ଅର୍ଥକୁ ବାଣ୍ଟି ଦେଇ ଭୋଟ ପାଇବା ପାଇଁ ହେଉଥିବା କସରତ ଯୋଗୁ ରାଜ୍ୟ ଓ ଦେଶ ଉପରେ ବୋଝ ପଡୁଛି। ହେଲେ କେହି ଏ ଦିଗରେ ସ୍ୱର ଉତ୍ତୋଳନ କରୁନାହାନ୍ତି। ଯେଉଁମାନେ ସତ୍ୟ କଥା କହି ଦେଉଛନ୍ତି ବା ପ୍ରକାଶ କରିବାକୁ ଆଗଭର ହେଉଛନ୍ତି, ସେମାନଙ୍କୁ ଗରିବ ବିରୋଧୀ ଓ ଦେଶଦ୍ରୋହୀ ଆଖ୍ୟା ଦିଆଯାଉଛି।

ଏଭଳି ପ୍ରଚ୍ଛଦପଟରେ କୃଷକଙ୍କ ଉଦାହରଣ ନିଆଯାଇପାରେ। ଚାଷୀଙ୍କୁ ୫ କିମ୍ବା ୬ ହଜାର ଟଙ୍କା ଦେଇଦେଲେ ତା'ର ଅଭାବ ମେଣ୍ଟିଯାଇପାରିବ ନାହିଁ। କୃଷକ ସଶକ୍ତୀକରଣ ପାଇଁ ଜଳସେଚନ ବ୍ୟବସ୍ଥା, ଠିକ୍ ସମୟରେ ବିହନ ଯୋଗାଣ, ଉତ୍ପାଦିତ ସାମଗ୍ରୀ ବିକ୍ରି ଲାଗି ବଜାର ସୁବିଧା ଉପଲବ୍ଧ କରାଇବା ହେଉଛି ମୁଖ୍ୟ କଥା। ଏଥିଲାଗି ରାଜ୍ୟ ଓ କେନ୍ଦ୍ର ସରକାର ନୀତି ପ୍ରଣୟନ କରିବା ଦରକାର। ହେଲେ କୌଣସି ସରକାର ଚାଷୀଙ୍କ ମୌଳିକ ସମସ୍ୟାକୁ ଗୁରୁତ୍ୱ ଦେଉନାହାନ୍ତି। 'ମାଗିଆଣିଲା ତିଅଣ ସୁଡୁକେ' ଭଳି ଉପରଠାଉରିଆ ଚାଷୀଙ୍କ ମୁହଁକୁ କିଛି ଫୋପାଡ଼ି ଦିଆଯିବା ଦ୍ୱାରା ସେମାନଙ୍କ ସମସ୍ୟାର ବାସ୍ତବ ସମାଧାନ ଅଣାଯାଇପାରୁ ନାହିଁ।

ଅପରପଟେ ଭାରତର ସାଧାରଣ ନାଗରିକ ମଧ୍ୟ ଏହିଭଳି ନେତାମାନଙ୍କ ପଛରେ ଧାଇଁ ମାଗିଖିଆ ପାଲଟିଗଲେଣି। ମୁହଁରେ ଟିକେ ଦାନା ପଡ଼ିଗଲେ, ଲୋକଙ୍କର ସବୁ ଚିନ୍ତା ଦୂରେଇ ଯାଉଛି। ଆଜି ପେଟ ପୂରିଗଲେ ଆସନ୍ତାକାଲିର ଚିନ୍ତା ନାହିଁ। ଏହିଭଳି ମାଗିଖିଆ ପ୍ରକୃତି ଜନସାଧାରଣଙ୍କ ମଧ୍ୟରେ ବ୍ୟାପୁଥିବା ହେତୁ ରାଜନୈତିକ ନେତାଙ୍କ ପାଇଁ ପରିସ୍ଥିତି ଉଜ୍ଜ୍ୱଳ ହୋଇଯାଉଛି। ଆଜି ଓଡ଼ିଶାବ୍ୟାପୀ କାଳିଆ ବିରୋଧୀ ମନୋଭାବ ସୃଷ୍ଟି ହେବା ପଛରେ ଏକ ଅଦ୍ଭୁତ ଯୁକ୍ତି ରହିଛି। ସେହି ଯୁକ୍ତି ଅନୁଯାୟୀ, କାଳିଆ ଯୋଜନାର ଧନ ସମସ୍ତଙ୍କ ନିକଟରେ ପହଞ୍ଚି ନ ଥିବାରୁ ଭୋଟର ମନରେ କ୍ରୋଧ ସୃଷ୍ଟି ହୋଇଛି। ବାସ୍ତବରେ ଦେଖିଲେ, ଯଦି ସାଧାରଣ ଚାଷୀର ମନରେ କ୍ରୋଧ ସୃଷ୍ଟି ହେବା ପଛରେ ଜଳସେଚନକୁ ଦୀର୍ଘଦିନର ଅବହେଳା ଭଳି ସମସ୍ୟା ମୁଖ୍ୟ ବିଷୟ ହୋଇପାରନ୍ତା, ତେବେ ଆସନ୍ତା ସରକାରର ଆଭିମୁଖ୍ୟ ପରିବର୍ତ୍ତନ ହେବାର ପରିସ୍ଥିତି ସୃଷ୍ଟି ହୁଅନ୍ତା। ଯେପର୍ଯ୍ୟନ୍ତ ରାଜକୋଷକୁ ବରବାଦ କରୁଥିବା ସରକାରମାନଙ୍କୁ ଜନସାଧାରଣ ଚିହ୍ନିବେ ନାହିଁ, ସେପର୍ଯ୍ୟନ୍ତ ମୌଳିକ ସମସ୍ୟା ଲାଗି ରହିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ନକାରାତ୍ମକ ମନୋଭାବ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଶାସନ କରୁଥିବା ଦଳ ଓ ନେତାମାନଙ୍କ ମଧ୍ୟରେ ପରିଲକ୍ଷିତ ହେଉଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | D | | | | 7 | | | | | | | | 9 |
| | | 2 | | | C | 4 | 6 | | | | | | | |
| | | | | 9 | | 5 | | | | | | 2 | 0 | 1 |
| | | 7 | | | E | 1 | | | | | 0 | 8 | 4 | A |
| | 0 | 8 | A | B | | | | D | | | | | | |
| 0 | | | | A | | | | 6 | 2 | | 5 | | | D |
| E | C | | | | | | 3 | 5 | | 4 | | | | |
| B | | | 6 | E | 7 | | | | | 1 | | | | 3 |
| | | | 4 | 0 | | | | | | | D | A | | B |
| | D | | | | | | | | | | A | 0 | 5 | C |
| 9 | 8 | A | | 6 | | B | 2 | | | | | | E | |
| | | 6 | | | | | | | | | 7 | | 9 | 4 |
| | | | | 2 | | C | 4 | | | B | | | | 5 |
| | | | | 1 | D | | | 3 | | | | | 8 | |
| | | | 7 | | A | | | | | E | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 1 | 2 | 9 | C | 8 | 6 | 5 | 7 | D | 4 | A | B | 0 | 3 |
| 3 | D | 9 | 5 | 0 | 6 | B | A | C | E | 2 | 1 | 7 | 8 | 4 |
| B | 8 | 4 | 1 | 3 | 7 | D | 0 | 9 | 6 | C | 5 | E | 2 | A |
| C | 7 | A | 4 | E | D | 1 | 3 | 2 | 8 | 0 | B | 9 | 5 | 6 |
| 0 | 5 | 6 | B | A | 2 | 4 | E | 8 | 7 | 3 | 9 | C | 1 | D |
| 2 | B | 1 | A | 8 | 9 | 7 | 6 | 0 | 5 | D | 4 | 3 | C | E |
| 9 | 0 | 5 | C | D | 4 | 8 | B | E | 3 | 1 | 6 | 2 | A | 7 |
| 8 | C | 3 | 0 | 1 | E | 2 | 4 | D | B | A | 7 | 5 | 6 | 9 |
| A | 4 | 7 | 2 | 6 | B | 3 | C | 5 | 9 | E | 0 | 1 | D | 8 |
| D | 6 | E | 3 | 7 | 5 | A | 9 | 1 | 2 | 8 | C | 0 | 4 | B |
| 6 | 2 | 0 | D | 4 | A | 9 | 7 | 3 | C | 5 | E | 8 | B | 1 |
| 5 | E | 8 | 7 | 2 | 1 | 0 | D | A | 4 | B | 3 | 6 | 9 | C |
| 7 | 3 | B | 8 | 5 | 0 | C | 1 | 6 | A | 9 | D | 4 | E | 2 |
| 4 | A | C | E | 9 | 3 | 5 | 2 | B | 1 | 6 | 8 | D | 7 | 0 |
| 1 | 9 | D | 6 | B | C | E | 8 | 4 | 0 | 7 | 2 | A | 3 | 5 |

ଗତକାଲିର ଉତ୍ତର

# ମାନସିକ ଅବସାଦ ଓ ଆତ୍ମହତ୍ୟାପ୍ରବଣତା



ବୈକୁଣ୍ଠନାଥ ମିଶ୍ର

ପୃଥିବୀରେ ଦେଖାଯାଉଥିବା ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରେ ମାନସିକ ଅବସାଦ ଓ ତଜ୍ଜନିତ ଆତ୍ମହତ୍ୟାପ୍ରବଣତା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଚାଲିଛି। ଏହାର କାରଣ ମୁଖ୍ୟତଃ ଅର୍ଥଗତ, ସାମାଜିକ ଓ ପାରିବେଶିକ। ଅନେକ ସମୟରେ ଶିକ୍ଷାର ଅଭାବ କିମ୍ବା ଅପପ୍ରୟୋଗ ଏହି ବ୍ୟାଧିକୁ ଉତ୍କଟ କରିବାରେ ସହାୟକ ହେଉଛି। କୁହାଯାଏ ଶିକ୍ଷାର ହୃଦୟ ହେଉଛି ହୃଦୟର ଶିକ୍ଷା। ସ୍ୱାମୀ ସୁଖବୋଧାନନ୍ଦଙ୍କ ଭାଷାରେ ଆବେଗହୀନ ପ୍ରଜ୍ଞା ଓ ପ୍ରଜ୍ଞାବିହୀନ ଆବେଗ ସମ୍ପୂର୍ଣ୍ଣ ଅର୍ଥହୀନ। କିନ୍ତୁ ଏହି ଦୁଇ ବିପରୀତମୁଖୀ କ୍ରିୟାର ସଂଯୋଗରେ ଆଜିର ସମାଜ ଜର୍ଜରିତ। ମୃତ୍ୟୁର ସ୍ପର୍ଶ କଠିନ ହେଲେ ମଧ୍ୟ ସମ୍ପ୍ରତି ସ୍ୱେଚ୍ଛାକୃତ ଭାବେ ମୃତ୍ୟୁକୁ ଆଲିଙ୍ଗନ କରୁଥିବା ଯୁବତୀଯୁବକଙ୍କ ସଂଖ୍ୟା କଳ୍ପନାତୀତ ଭାବେ ବୃଦ୍ଧି ପାଇଚାଲିଛି।

୨୦୧୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ବିଶ୍ୱରେ ବର୍ତ୍ତମାନ ୩୦ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ମାନସିକ ବିକାରଗ୍ରସ୍ତ। ବିଶେଷକରି ୨୦୦୫ରୁ ୨୦୧୫ ମଧ୍ୟରେ ମାନସିକ ଚାପଗ୍ରସ୍ତ ବ୍ୟକ୍ତିଙ୍କ ସଂଖ୍ୟା ୧୮ ପ୍ରତିଶତ ବୃଦ୍ଧିପାଇଛି। ମାନସିକ ଚାପ ଅନେକ ସମୟରେ ଆତ୍ମହତ୍ୟାପ୍ରବଣତାକୁ ଆମନ୍ତ୍ରଣ କରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନସିକ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଶେଖର ସାକ୍ସେନା ମତ ଦିଅନ୍ତି ଯେ, ବ୍ୟକ୍ତି କୌଣସି କାରଣରୁ ମାନସିକ ଚାପଗ୍ରସ୍ତ ହେଲେ ସେ ତାଙ୍କ ସମସ୍ୟାକୁ ବିଶ୍ୱସ୍ତ ଲୋକ ଆଗରେ ପ୍ରକାଶ କରିବା ଆବଶ୍ୟକ। କୁହାଯାଏ ନିଜ ଦୁଃଖ ଅନ୍ୟକୁ ବାଣ୍ଟିଲେ ତାହା ଲାଘବ ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତ୍ୟେକ ଦେଶକୁ ପରାମର୍ଶ ଦେଇଛି ଯେ, ମାନସିକ ଅବସାଦକୁ ସାଧାରଣ ମନେ ନ କରି ଏହାର ପ୍ରତିକାର ପାଇଁ ଅର୍ଥ ନିବେଶ କରିବା ଜରୁରୀ। ଏକ ଅନୁସନ୍ଧାନରୁ ଜଣାଯାଏ ଯେ, ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକରେ ମାନସିକ ବ୍ୟାଧି ସଂକ୍ରାମକ ରୂପ ନେଲାଣି। ଉନ୍ନତ ରାଷ୍ଟ୍ରଗୁଡ଼ିକରେ ମଧ୍ୟ ୫୦ ପ୍ରତିଶତ ମାନସିକ ରୋଗୀଙ୍କ ନିମନ୍ତେ ଉପଯୁକ୍ତ ଚିକିତ୍ସା ଉପଲବ୍ଧ ନାହିଁ। ବର୍ତ୍ତମାନ ଚାଇନା ମାନସିକ ରୋଗରେ ପ୍ରଥମ ଓ ଭାରତ ଦ୍ୱିତୀୟ ସ୍ଥାନରେ ଅଛି। ଆଉ ମାତ୍ର ୧୦/୧୫ ବର୍ଷ ମଧ୍ୟରେ ଭାରତ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇପାରେ। କାରଣ ଚାଇନା ଏହି ରୋଗର ନିରାକରଣ ପାଇଁ ବ୍ୟାପକ ଯୋଜନା ହାତକୁ ନେଇଥିବା ବେଳେ ଭାରତର ଏ ସଂକ୍ରାନ୍ତରେ କୌଣସି ଯୋଜନା ନାହିଁ କହିଲେ ଚଳେ।

ମାନସିକ ଅବସାଦଗ୍ରସ୍ତ ବ୍ୟକ୍ତି ସହଜରେ ଆତ୍ମହତ୍ୟାପ୍ରବଣ ହୋଇଉଠେ। ବିଶେଷକରି କିଶୋରାବସ୍ଥାରେ ଏହା ଉଗ୍ର ରୂପ ଧାରଣ କରିଥାଏ। ଭାରତରେ ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ଥିବା ଯୁବଗୋଷ୍ଠୀଙ୍କ ଆତ୍ମହତ୍ୟାପ୍ରବଣତା ଅନ୍ତର୍ଜାତୀୟ ହାରର ପ୍ରାୟ ତିନିଗୁଣ। ପୁଣି ଏହି ଗୋଷ୍ଠୀ ମଧ୍ୟରେ ଯୁବତୀଙ୍କ ସଂଖ୍ୟା ଯୁବକଙ୍କ ତୁଳନାରେ ଉଦ୍‌ବେଗଜନକ। ବିଶ୍ୱସ୍ଥିତି କିନ୍ତୁ ଏହାର ବିପରୀତ। ବିଶ୍ୱରେ ପୁରୁଷଙ୍କ ଆତ୍ମହତ୍ୟାପ୍ରବଣତା ମହିଳାମାନଙ୍କ ତୁଳନାରେ ଅଧିକ। ଲାନସେଟ୍‌ର ଏକ ସମୀକ୍ଷା ଅନୁଯାୟୀ ଭାରତରେ ୧୫ରୁ ୨୯ ବର୍ଷୀୟା ଝିଅମାନେ ସମାନ ବୟସର ପୁଅମାନଙ୍କ ତୁଳନାରେ ଅଧିକ ଅବସାଦଗ୍ରସ୍ତ ହୋଇ ଆତ୍ମହତ୍ୟାର ମାର୍ଗକୁ ଆପଣେଇ ନେଉଛନ୍ତି। ତାମିଲନାଡୁରେ ଆତ୍ମହତ୍ୟା ସଂଖ୍ୟା ଭାରତରେ ସର୍ବାଧିକ। ଏଠାରେ ପ୍ରତି ୧ ଲକ୍ଷ ଝିଅଙ୍କ ମଧ୍ୟରୁ ୧୪୮ ଜଣ ଆତ୍ମହତ୍ୟା କରୁଛନ୍ତି, ଯାହାକି ପୁଅମାନଙ୍କ ସଂଖ୍ୟାର ପ୍ରାୟ ୩ ଗୁଣ। ଝିଅଙ୍କ ମଧ୍ୟରେ ବିବାହିତାଙ୍କ ସଂଖ୍ୟା କୁମାରୀମାନଙ୍କ ତୁଳନାରେ ଢେର୍ ଅଧିକ। ଆଶ୍ଚର୍ଯ୍ୟର କଥା ଯେ ଭାରତର ଉନ୍ନତ ରାଜ୍ୟ କୁହାଯାଉଥିବା ଦକ୍ଷିଣ ଭାରତୀୟ ରାଜ୍ୟସମୂହରେ ଆତ୍ମହତ୍ୟା ଅପେକ୍ଷାକୃତ ଅନୁନ୍ନତ ଉତ୍ତରାଞ୍ଚଳ ରାଜ୍ୟଗୁଡ଼ିକ ତୁଳନାରେ ପ୍ରାୟ ୧୦ ଗୁଣ ଅଧିକ। ମିଲିୟନ ଡେଥ୍ ଷ୍ଟଡି ନାମକ ଏକ ଗବେଷଣା ସଂସ୍ଥା ଭାରତର ୬୬୭୧ଟି ଅଞ୍ଚଳରେ ୧୧ ଲକ୍ଷ ଲୋକଙ୍କୁ ନେଇ କରିଥିବା ଏକ ସର୍ବେକ୍ଷଣ ଅନୁସାରେ ଭାରତରେ ବିବାହ ବିଚ୍ଛେଦ ଭୋଗୁଥିବା ମହିଳା ଓ ବିଧବାମାନଙ୍କ ତୁଳନାରେ ସ୍ୱାମୀ, ସନ୍ତାନ ସହ ସଂସାର କରୁଥିବା ମହିଳାଙ୍କର ଆତ୍ମହତ୍ୟା ହାର ଯଥେଷ୍ଟ ଅଧିକ। ଏହାର କାରଣ ସ୍ୱରୂପ ଦର୍ଶାଯାଇଛି ଯେ ଯୌତୁକ, ସୌନ୍ଦର୍ଯ୍ୟ, ପରକୀୟା ପ୍ରୀତି ଏବଂ ସେହିଭଳି ଅନ୍ୟ କିଛି ସମ୍ବେଦନଶୀଳ ପ୍ରସଙ୍ଗକୁ ଭିତ୍ତିକରି ସ୍ୱାମୀ, ଶାଶୁ, ଶ୍ୱଶୁର, ଯାଆ, ନଣନ୍ଦଙ୍କ ମାନସିକ ଓ ଶାରୀରିକ ନିର୍ଯାତନାକୁ ସହ୍ୟ କରି ନ ପାରି ବିଚରା ବଧୂଟି ଆତ୍ମହତ୍ୟାର ଦୁର୍ଗତିକୁ ଆଦରିନିଏ। ସ୍ଥଳବିଶେଷରେ ନବବଧୂଟି ସ୍ୱାମୀ ପକ୍ଷର ଯୌତୁକ ଦାବିକୁ ମା'ବାପାଙ୍କୁ ଜଣାଇ ନ ପାରି ସମସ୍ତ ନିର୍ଯାତନାକୁ ନିଜ ଭିତରେ ଚାପିରଖି ପରିଶେଷରେ ଆତ୍ମହତ୍ୟା ମାର୍ଗକୁ ଆପଣେଇନିଏ। ଭାରତର ଉତ୍ତରାଞ୍ଚଳ ଅପେକ୍ଷା ଦକ୍ଷିଣାଞ୍ଚଳରେ ପୁରୁଷ ପକ୍ଷରୁ ନିର୍ଯାତନା କମ୍ ଥିଲେ ମଧ୍ୟ ଆତ୍ମହତ୍ୟା ହାର ଅଧିକ।

ଭାରତରେ ଗତ କିଛିବର୍ଷ ହେଲା କୃଷକମାନଙ୍କର ଆତ୍ମହତ୍ୟା ହାର ବୃଦ୍ଧି ପାଇଚାଲିଛି। ଫସଲ ହାନି, ଋଣଭାର ଓ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରି ନ ପାରି ଆତ୍ମହତ୍ୟାର ମାର୍ଗ ବାଛି ନେଉଛନ୍ତି। ଏ ପ୍ରକାର ଦୁଃସ୍ଥିତି ଊଣାଅଧିକେ ଭାରତର ସବୁ ରାଜ୍ୟରେ ଘଟୁଛି। ଏ କଥା କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ଗ୍ରହଣ କରନ୍ତୁ ବା ନ କରନ୍ତୁ ଏହା କିନ୍ତୁ ଦିବାଲୋକ ପରି ସତ୍ୟ। ପୃଥିବୀରେ ଆତ୍ମହତ୍ୟା କ୍ଷେତ୍ରରେ ଜାପାନ ସର୍ବାଗ୍ରେ ଅଛି। ଏଠାରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୨୦ ଜଣ ଆତ୍ମହତ୍ୟା କରୁଥିବା ବେଳେ ସୁଇଜରଲାଣ୍ଡ ୧ ଲକ୍ଷରେ ୧୪ ଜଣ ସହ ଦ୍ୱିତୀୟ ସ୍ଥାନରେ ଓ ଭାରତ ପ୍ରତି ୧ ଲକ୍ଷରେ ୧୧ ଜଣ ସହ ତୃତୀୟ ସ୍ଥାନରେ ଅଛି। ଏହି କ୍ରମରେ ଚାଇନାର ଆତ୍ମହତ୍ୟା ହାର ପ୍ରତି ୧ ଲକ୍ଷରେ ମାତ୍ର ୭। ଏକ ସାନ୍ତ୍ୱନାର କଥା ଯେ ୧୯୯୪ ପରଠାରୁ ପୃଥିବୀରେ ବିଭିନ୍ନ କାରଣରୁ ଆତ୍ମହତ୍ୟା ମୋଟାମୋଟି ଭାବେ ହ୍ରାସ ପାଉଛି। ହେଲେ ଭାରତରେ ଆତ୍ମହତ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇ ଚାଲିଛି। ରୁଷ୍, ଦକ୍ଷିଣକୋରିଆ, ଏପରିକି ଜାପାନରେ ମଧ୍ୟ ଆତ୍ମହତ୍ୟା ହାର ଗତ କିଛିବର୍ଷ ହେଲା ହ୍ରାସ ପାଉଛି। ଭାରତରେ ସଂଘଟିତ ଆତ୍ମହତ୍ୟାର ଅର୍ଦ୍ଧାଧିକ ଭାଗ କୀଟନାଶକ ପାନ ଯୋଗୁ ହେଉଛି। ଅଧୁନା ଆମ ଦେଶରେ ଏକ ନୂତନ କାରଣ ମୁଣ୍ଡ ଟେକିଛି, ଯାହା ତରୁଣୀତରୁଣମାନଙ୍କୁ ଆତ୍ମହତ୍ୟା ପାଇଁ ଅନୁପ୍ରେରିତ କରୁଛି। ମାତାପିତାଙ୍କ କଟକଣା, ଶିକ୍ଷାକ୍ଷେତ୍ରରେ ନିଜ ପସନ୍ଦର ପାଠ ପ୍ରତି ସେମାନଙ୍କୁ ବାଧ କରିବା ଏବଂ ଜୀବନର ସକଳ କ୍ଷେତ୍ରରେ ମାତାପିତାଙ୍କ ଇଚ୍ଛାକୁ ପିଲାଙ୍କ ଉପରେ ଲଦିଦେବା ଓ ସେମାନଙ୍କ ବିଫଳତାକୁ ଭର୍ତ୍ସନା କରିବା ପିଲାମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ସୃଷ୍ଟିକରେ। ବିଫଳ ପ୍ରେମ ଝିଅପୁଅଙ୍କୁ ମୃତ୍ୟୁଦ୍ୱାର ପର୍ଯ୍ୟନ୍ତ ବାଟ କଢ଼ାଇ ନେଉଛି। ଦୁଷ୍ଟ ପ୍ରେମିକ ଦ୍ୱାରା ନିଜର ନଗ୍ନଚିତ୍ର ଦୃଷ୍ଟିଶ୍ରାବ୍ୟ ଗଣମାଧ୍ୟମରେ ପ୍ରଘଟ ହେଲେ ବିଚରା ପ୍ରେମିକାଟିର ଶେଷ ବିକଳ୍ପ କେବଳ ଅନୁତାପ ଓ ଆତ୍ମହତ୍ୟା। କିଛିଦିନ ତଳେ ନୀଳତିମି ଓ ମୋମୋର ଘାତକ କ୍ରୀଡ଼ାରେ ଭାଗନେଇ କେତେକଙ୍କୁ ଆତ୍ମହତ୍ୟା କରିବାକୁ ହୋଇଛି। ଦୁର୍ବଳ ମାନସିକତା, ଅତ୍ୟଧିକ ଚାପ ଓ ଦାମ୍ପତ୍ୟ କଳହ ଭଳି କ୍ଷଣିକ ଉତ୍ତେଜନାକୁ ସହ୍ୟକରି ନ ପାରି ଅନେକ ନାରୀଙ୍କୁ ଆତ୍ମହତ୍ୟାର ପଥ ବାଛି ନେବାକୁ ହେଉଛି।

ସାମାଜିକ ଓ ଅର୍ଥନୈତିକ କାରଣ ବ୍ୟତୀତ ପାରିବେଶିକ କାରଣ ମଧ୍ୟ ଉତ୍କଟ ମାନସିକ ଅବସାଦ ଓ ତଜ୍ଜନିତ ଆତ୍ମହତ୍ୟାପ୍ରବଣତା ସୃଷ୍ଟି କରିବାରେ କେତେକାଂଶରେ ଦାୟୀ। ସୁଇଡେନର ଉମିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ତଥ୍ୟ ପ୍ରଦାନ କରି କହିଛନ୍ତି ଯେ, ଯାନବାହନରୁ ନିର୍ଗତ କ୍ଷତିକାରକ ନାଇଟ୍ରୋଜେନ ଡାଇଅକ୍ସାଇଡ ବାଷ୍ପ ମାନସିକ ଅବସାଦ ସୃଷ୍ଟିର ଅନ୍ୟତମ ପ୍ରମୁଖ କାରଣ, ଯାହା ସଂକ୍ରମିତ ବ୍ୟକ୍ତିକୁ ଆତ୍ମହତ୍ୟା ପର୍ଯ୍ୟନ୍ତ ଟାଣିନିଏ। ପ୍ରଦୂଷଣ, ବିଶେଷକରି ଶବ୍ଦ ପ୍ରଦୂଷଣ ମାନସିକ ରୋଗୀ ପାଇଁ ଘାତକ ପ୍ରମାଣିତ ହୋଇଛି। ଆଧୁନିକ ବାଦ୍ୟର ଉଦଣ୍ଡ ଶବ୍ଦ ମାନସିକ ରୋଗୀର ଜୀବନକୁ ଦୁର୍ବିଷହ କରିଦିଏ। କିନ୍ତୁ ମୃଦୁ ସଙ୍ଗୀତ, ଭଜନ, ଜଣାଣ ପ୍ରଭୃତି ମାନସିକ ରୋଗୀକୁ ଆଶ୍ୱସ୍ତ କରେ। ସାମୟିକ ଦୁଃଖ, ଦୁର୍ଦ୍ଦିନ, ନୈରାଶ୍ୟ ଓ ଆକସ୍ମିକ ଘଟଣାକ୍ରମକୁ ଗୁରୁତ୍ୱ ନ ଦେଇ ମସ୍ତିଷ୍କକୁ ଭାରଶୂନ୍ୟ ରଖିବା ଆବଶ୍ୟକ। ସମୟ ସବୁରୋଗର ମୁଖ୍ୟ ଆରୋଗ୍ୟକାରୀ। ଆଜିର ଦୁର୍ଦ୍ଦିନକୁ ଧୈର୍ଯ୍ୟର ସହିତ ସହ୍ୟ କରିନେଲେ ହୁଏ ତ ଏକ ସୁଖ ସମୟର ଆଗମନ ହେବ। କୌଣସି ରୋଗର ଅସହ୍ୟ ପୀଡ଼ା, ବ୍ୟୟବହୁଳ ଚିକିତ୍ସା, ଦୀର୍ଘଦିନର ପୁରାତନ ବ୍ୟାଧି ସହ ଆତ୍ମୀୟସ୍ୱଜନଙ୍କ ଅନାତ୍ମିକ ଭାବ ଓ ଅବହେଳା ରୋଗୀକୁ ଅବସାଦଗ୍ରସ୍ତ କରି ଆତ୍ମହତ୍ୟା ପାଇଁ ପଥ ସୁଗମ କରିଦିଏ। ତେଣୁ ରୋଗୀ ପାଇଁ ସେ ସମୟରେ ସର୍ବାଧିକ ଆବଶ୍ୟକ ସସ୍ନେହ ମଧୁର ଆତ୍ମୀୟତା। ନିୟମିତ ଧ୍ୟାନ ଓ ଯୋଗାଭ୍ୟାସ ଦ୍ୱାରା ଇନ୍ଦ୍ରିୟଗୁଡ଼ିକ ଅଯଥା ଉତ୍ତେଜନାରୁ ମୁକ୍ତ ହୋଇ ନିୟନ୍ତ୍ରିତ ହୁଅନ୍ତି। ଏହାଦ୍ୱାରା ଶ୍ୱାସକ୍ରିୟା ଓ ହୃଦ୍‌ସ୍ପନ୍ଦନ ନିୟମିତ ହେବା ସହ ମସ୍ତିଷ୍କ ଚାପମୁକ୍ତ ରହେ। ତେଣୁ ମସ୍ତିଷ୍କକୁ ଭାରାକ୍ରାନ୍ତ ନ କରି ଯେତେ ଉଦ୍‌ବେଗହୀନ କରାଯିବ, ମାନସିକ ଚାପ ଓ ସର୍ବୋପରି ଆତ୍ମହତ୍ୟାକୁ ଏଡ଼େଇ ଦେଇହେବ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# ମାଗି ଓଳଗି ଯାଚି କଲ୍ୟାଣ



ରଞ୍ଜନ ସାହୁ

ସମୟ ଥିଲା, ଆତ୍ମପ୍ରଶଂସା କରିବାକୁ ଲୋକେ କାର୍ପଣ୍ୟ ପ୍ରକାଶ କରୁଥିଲେ। ଏବେ ସମୟ ବଦଳି ଯାଇଛି। ଆତ୍ମଶ୍ଲାଘା ଏକ ବ୍ୟାଧି ରୂପେ ପ୍ରତୀତ ହେଲାଣି। ଏହା ବାସ୍ତବରେ ମଣିଷର ଏକ ଚିରନ୍ତନଗତ ଗୁଣ। ଯୋଗ୍ୟ-ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜନ୍ତି। ସେଥିରୁ କଣିକାଏ ଊଣା ହୋଇଗଲେ ବିବ୍ରତ ହୋଇଯାଏ ମନ କିମ୍ବା ଈପ୍‌ସିତ ସମ୍ମାନଟିକକ ପ୍ରାପ୍ତ ନ ହେଲେ 'ଓଳଗି' ମାଗିବା ଭଳି ବାଚାଳତା ଜନ୍ମେ।

ବିଶେଷତଃ ସାହିତ୍ୟ କ୍ଷେତ୍ରରେ ଅନେକେ ଚାହାନ୍ତି ନିଜର କୃତି ଉପରେ ଆଲୋଚନା। ମାତ୍ର ସେସବୁ ପ୍ରଶଂସାପୂର୍ଣ୍ଣ ହୋଇଥିବା ଅନିବାର୍ଯ୍ୟ। ସାମାନ୍ୟ ଅସଙ୍ଗତ ବିଶେଷଣଟିଏ ବି ମନରେ ଜନ୍ମାଏ ଅସନ୍ତୁଷ୍ଟି ଏବଂ ଭାଷାରେ ପ୍ରକାଶ କରେ ଅସହନୀୟତା। ପ୍ରଖ୍ୟାତ ସାହିତ୍ୟିକ ସମରସେଟ୍ ମମ୍ କହିଛନ୍ତି: ''People ask you for criticism; but they only want praise.'' ପ୍ରଶଂସା ମାଗିବା ଭଳି ପ୍ରବୃତ୍ତି ଆଜିକାଲି ବହୁଳ ଭାବେ ଖାଲି ସାହିତ୍ୟ ନୁହେଁ, ବିଭିନ୍ନ କ୍ଷେତ୍ରରେ ପରିଦୃଷ୍ଟ ହୁଏ।

କେତେଜଣ ସମ୍ମାନାସ୍ପଦ ମଣିଷ ଆଜିକାଲି ଯାଚିକରି କଲ୍ୟାଣ କରନ୍ତି ସୋସିଆଲ ମିଡିଆରେ। ମୋବାଇଲ ଖୋଲିଲେ ସକାଳୁ ସକାଳୁ ଦେଖାଯାଏ ଏମିତି କେତେକ ବରିଷ୍ଠ ବ୍ୟକ୍ତି ଆଶୀର୍ବାଦ ବାଣ୍ଟିବାରେ ବ୍ୟସ୍ତ। ଲାଗେ, କଲ୍ୟାଣ କରିବା ଆଳରେ କନିଷ୍ଠମାନଙ୍କଠାରୁ 'ଓଳଗି' ଆଦାୟ କରିବାର ଅଭିପ୍ରାୟ ନିହିତ ଥାଏ ଅନ୍ତର୍ମନରେ।

'ମାଗି ଓଳଗି' ଆପ୍ତବଚନଟିକୁ ଆଲୋଚନା କଲାବେଳେ ମନେପଡ଼େ ଅତ୍ୟାଚାରୀ 'ଗେସ୍‌ଲର'ଙ୍କ କଥା। ଚତୁର୍ଦ୍ଦଶ ଶତାବ୍ଦୀ ପ୍ରାରମ୍ଭରେ ସୁଇଜରଲାଣ୍ଡରେ ଜଣେ ନୃଶଂସ, କ୍ରୂର ନିମ୍ନବର୍ଗର ସମ୍ଭ୍ରାନ୍ତ ଲୋକ ଥିଲେ। ତାଙ୍କୁ ପ୍ରତ୍ୟେକ ଅଧିବାସୀ ପ୍ରଣାମ କରନ୍ତୁ ଏବଂ ଶ୍ରେଷ୍ଠ ବୋଲି ବିବେଚନା କରନ୍ତୁ ବୋଲି ସେ ଚାହୁଁଥିଲେ। ଅବଶ୍ୟ ଭୟରେ ଅନେକେ ତାଙ୍କୁ ଘୃଣା କରୁଥିଲେ ବି ନତମସ୍ତକ ହେଉଥିଲେ। କିନ୍ତୁ ସେଥିରେ ତାଙ୍କର ତୃଷ୍ଣା ମେଣ୍ଟୁ ନ ଥିଲା। ଏଣୁ ସେ ଜନାକୀର୍ଣ୍ଣ ଯାତାୟାତ ପଥରେ ଖୁମ୍ବଟିଏ ପୋତିଦେଲେ। ତା'ର ଶୀର୍ଷରେ ନିଜର ଟୋପିଟିକୁ ଅବସ୍ଥାପିତ କରି ନିର୍ଦ୍ଦେଶ ଦେଲେ ଯେ, ପ୍ରତ୍ୟେକ ପଥଚାରୀ ଟୋପିକୁ ଦଣ୍ଡବତ ହୋଇ ଅତିକ୍ରମ କରିବେ।

ସେହି ରାଜ୍ୟରେ ଉଇଲିୟମ୍ ଟେଲ୍ ନାମକ ଜଣେ ଖ୍ୟାତିସମ୍ପନ୍ନ ଧନୁର୍ଦ୍ଧର ବାସ କରୁଥିଲେ। ସେ ନିଜର ବିଦ୍ୟା, ବୁଦ୍ଧି, ସାହସ ସକାଶେ ସର୍ବବିଦିତ ଥିଲେ। ଏକଦା ସେ ଓ ତାଙ୍କ ପୁତ୍ର ସେହି ପଥ ଦେଇ ଯାତ୍ରା କରୁଥିଲେ। ମଧ୍ୟଭାଗରେ ଖୁମ୍ବକୁ ଦେଖି ମଧ୍ୟ ସେ ଅବଜ୍ଞା କରି ଚାଲିଗଲେ। ଏ ଖବର ପାଇ ଗେସ୍‌ଲର କ୍ରୋଧାନ୍ୱିତ ହୋଇ ଅବମାନନାକାରୀ ଟେଲ୍‌ଙ୍କୁ ଗିରଫ କରି ନେଇଆସିଲେ ଏବଂ ଦଣ୍ଡବିଧାନ ସକାଶେ ନିର୍ଦ୍ଦେଶ ଦେଲେ।

ତାଙ୍କ ନିର୍ଦ୍ଦେଶ ମୁତାବକ ଅନୁଚରମାନେ ଗୋଟିଏ ସେଓ ଆଣି ଉଇଲିୟମ୍ ଟେଲ୍‌ଙ୍କ ପୁଅ ମୁଣ୍ଡ ଉପରେ ରଖିଲେ। ସର୍ତ୍ତ ରହିଲା, ଦୂରରୁ ଟେଲ୍ ଏକାଥରକେ ସେଓଟିକୁ ଶରବିଦ୍ଧ କରିବେ। ନଚେତ୍ ପ୍ରାଣଦଣ୍ଡ ପାଇବେ। ପୁଅର ଜୀବନ ବଞ୍ଚାଇବା ଟେଲ୍‌ଙ୍କ ପକ୍ଷରେ ଏକ ବିରାଟ ଆହ୍ୱାନ ହୋଇ ଉଭାହେଲା। ତଥାପି ସେ ପରୀକ୍ଷା ପାଇଁ ଅଗ୍ରସର ହେଲେ। ମାତ୍ର ତୂଣୀରରୁ ଦୁଇଟି ଶର କାଢ଼ି ଗୋଟିକୁ ଧନୁରେ ସଂଯୋଜିତ କରି ଅନ୍ୟଟିକୁ ପାଦ ପାଖରେ ରଖିଲେ। ଉପସ୍ଥିତ ଦର୍ଶକ ଓ ଅଦୂରସ୍ଥ ଗେସ୍‌ଲର ଉପରେ ଥରେ ଦୃଷ୍ଟି ଘୂରାଇଆଣି ସେ ଶର ସନ୍ଧାନ କଲେ। ସୌଭାଗ୍ୟବଶତଃ ତୀରଟି ସେଓଟିକୁ ଦୁଇ ଭାଗ କରିଦେଲା। ରକ୍ଷା ପାଇଗଲା ପିଲାଟି। ସମବେତ ଜନତା ହର୍ଷୋତ୍‌ଫୁଲ୍ଲ ହୋଇ କରତାଳି ମାଧ୍ୟମରେ ପରିବେଶକୁ ଗୁଞ୍ଜରିତ କରିଦେଲେ। କିନ୍ତୁ ଗେସ୍‌ଲର ରାଗରେ ଦାନ୍ତ ରଗଡ଼ି ପ୍ରଶ୍ନ କଲେ, ''ହେ ଟେଲ୍! ଦ୍ୱିତୀୟ ଶରଟି ଆଣ୍ଠୁ ପାଖରେ ରଖିବାର ତାତ୍ପର୍ଯ୍ୟ କ'ଣ ବୁଝାଅ।'' ନିର୍ଭୀକ ଉଇଲିୟମ୍ ଉତ୍ତର ଦେଲେ, ''ଏଇଟି ତୁମ ପାଇଁ ଉଦ୍ଦିଷ୍ଟ ଥିଲା। ଯଦି ଲକ୍ଷ୍ୟଭ୍ରଷ୍ଟ ହୋଇ ପୁଅର କିଛି କ୍ଷତି ହୋଇଥାଆନ୍ତା, ଏ ଶରଟି ତୁମର ବକ୍ଷସ୍ଥଳ ନିଶ୍ଚୟ ଭେଦ କରିଥାଆନ୍ତା।''

'ଓଳଗି' ଦାବି କରିବା ଭଳି ମାନସିକତାରେ ଗେସ୍‌ଲରଙ୍କୁ କେହି ଟପିପାରିବେ ନାହିଁ। କିନ୍ତୁ ମନେହୁଏ, ତାଙ୍କ ଭଳି ମଣିଷ ବର୍ତ୍ତମାନ ସମାଜରେ ବ୍ୟାପିଗଲେଣି। ଆଉ ମଧ୍ୟ ସେମାନଙ୍କୁ ଜୁହାର ଜରିଆରେ ତୋଷାମୋଦ କରିବା ସହିତ କାର୍ଯ୍ୟ ହାସଲ କରିପାରୁଥିବା ଲୋକ ବି କମ୍ ନାହାନ୍ତି ଏଠି। 'ମାଗି ଓଳଗି ଯାଚି କଲ୍ୟାଣ' ଢଗଟି ଆମକୁ ପ୍ରକାରାନ୍ତରେ ଦର୍ଶାଏ ଯେ ଗୁଣୀ, ମେଧାବୀ ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳେ- ତାଙ୍କୁ ସମ୍ମାନ ମାଗିବାକୁ ପଡ଼େନାହିଁ। ଆଉ ନମସ୍କାର କରୁଥିବା ବିନୟୀ ଲୋକଙ୍କୁ ପ୍ରଫୁଲ୍ଲ ଚିତ୍ତରେ କଲ୍ୟାଣ କରାଯାଏ- କଲ୍ୟାଣ ଯାଚିବାକୁ ପଡ଼େ ନାହିଁ।

ଏଲ୍.ପି-୮୬, ଲକ୍ଷ୍ମୀସାଗର, ବିଡିଏ କଲୋନୀ, ଭୁବନେଶ୍ୱର, ମୋ-୯୮୬୧୦୬୦୮୦୩

## ଏଇ ଭାରତରେ

କେତେକ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ଦେଖିଲେ ଆଶ୍ଚର୍ଯ୍ୟ ଲାଗିଥାଏ। ଏଭଳି କର୍ମଚାରୀଙ୍କ ଦାୟିତ୍ୱବୋଧକୁ ପ୍ରଶଂସା ନ କରି ରହିହୁଏ ନାହିଁ। ଏପରି କାର୍ଯ୍ୟକରି ଆସାମର ଜଣେ ଟ୍ରାଫିକ୍ ପୋଲିସ୍ ଏବେ ସୋସିଆଲ୍ ମିଡିଆରେ ହିରୋ ପାଲଟି ଯାଇଛନ୍ତି। ଗୁଆହାଟୀର ବସିଷ୍ଠା ଛକରେ ଡ୍ୟୁଟି କରୁଥିବା ଟ୍ରାଫିକ୍ ପୋଲିସ ମିଥୁନ ଦାସ ଏବେ ଅନ୍ୟ କର୍ମଚାରୀଙ୍କ ପାଇଁ ପାଲଟିଛନ୍ତି ଉଦାହରଣ। ରବିବାର ପ୍ରବଳ ବର୍ଷାରେ ସେ ବିନା ରେନ୍‌କୋଟ୍‌ରେ ଟ୍ରାଫିକ୍ ପରିଚାଳନା କରୁଥିଲେ। କେହି ଜଣେ ମିଥୁନଙ୍କ ଡ୍ୟୁଟିର ଭିଡିଓ ସୋସିଆଲ୍ ମିଡିଆରେ ଅପଲୋଡ୍ କରିଥିଲେ। ପରେ ଆସାମ ପୋଲିସ ପକ୍ଷରୁ ମିଥୁନଙ୍କ ୮ ସେକେଣ୍ଡର ଏହି ଭିଡିଓଟିକୁ ଅଫିସିଆଲ୍ ଟୁଇଟର ପେଜ୍‌ରେ ଅପଲୋଡ୍ କରାଯାଇଥିଲା। ପ୍ରବଳ ବର୍ଷାରେ ମିଥୁନ ୨୦ ମିନିଟ୍ ପର୍ଯ୍ୟନ୍ତ ଡ୍ୟୁଟି କରୁଥିବା ପୋଲିସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଇତିମଧ୍ୟରେ ଭିଡିଓକୁ ୧୨ ହଜାରରୁ ଅଧିକ ଲୋକ ଦେଖିଥିବାବେଳେ ଏହି ଟୁଇଟ୍‌କୁ ଏକ ହଜାରରୁ ଅଧିକ ଲୋକ ଶେୟାର କରିଛନ୍ତି।

## ଚିରନ୍ତନୀ

ଖୋଜୁଥିଲୁ ଦିନେ କିଶୋର-କୁସୁମ-ପଥେ
ଲଭିବାକୁ ପରା ମଳୟ ପରଶେ ମୋତେ ?
ମୁଁ ସେହି ଜୀବନ ନୁହେଁ ନୁହେଁ ଆନ କେହି
ବାସ୍ତବ ରୂପ ଦେଖ ମୋର ଆଖି ଫେଇ।
କଠୋର ସତ୍ୟ ଏ ଧରାର ମୁହିଁ ଏକା
ସମ୍ମୁଖେ ତୋର ଦେଲି ବହୁବାର ଦେଖା
ଭୟରେ ମୋ ତହୁଁ କଲୁ ସଦା ପଳାୟନ
କଳ୍ପନା ତଳେ ଲୁଚାଇ ରଖିଲୁ ମନ।

(ଜୀବନର ସ୍ପର୍ଶ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା

ମହାଶୟ,

ଓଡ଼ିଶା ବନ ଉନ୍ନୟନ ନିଗମରେ ଓଡ଼ିଶା ସରକାରଙ୍କ ଆଦେଶକୁ ଅବମାନନା କରି ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନର୍ନିଯୁକ୍ତି ଦିଆଚାଲିଛି। ଜଙ୍ଗଲ ଓ ପରିବେଶ ବିଭାଗ ଚିଠି ସଂଖ୍ୟା ୧୭୪୩୪ ତା୨୧।୮।୨୦୧୭ ଏବଂ ୨୦୩୧୦ ତା୧୯।୯।୨୦୧୮ରେ ସରକାର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଡିଭିଜନାଲ ମ୍ୟାନେଜରସ୍ତରୀୟ କର୍ମଚାରୀଙ୍କୁ ଏବଂ ଅନ୍ୟ ପଦବୀରେ କାର୍ଯ୍ୟ କରି ଅବସର ନେଇଥିବା କର୍ମଚାରୀଙ୍କୁ ପୁନର୍ନିଯୁକ୍ତି ଦିଆଯିବ ନାହିଁ। କିନ୍ତୁ ପରିତାପର ବିଷୟ ସରକାରଙ୍କ ଆଦେଶକୁ ଉଲ୍ଲଂଘନ କରି ଅସାଧୁ ତଥା ଅଯୋଗ୍ୟ ବ୍ୟକ୍ତି, ଯେଉଁମାନଙ୍କ ନାମରେ କୋଟିକୋଟି ଟଙ୍କାର ହିସାବବହିର୍ଭୂତ ତାଲିକା ଗଢୁଛି, ସେହି ଅବସରପ୍ରାପ୍ତ ଡିଭିଜନାଲ ମ୍ୟାନେଜରଙ୍କୁ ସେହି ପଦବୀରେ ପୁନର୍ନିଯୁକ୍ତି ଦେବା ଲାଗି ତା୨୬।୨।୨୦୧୯ ବୋର୍ଡ ବୈଠକରେ ନିଷ୍ପତ୍ତି ହୋଇ ତାହାକୁ କାର୍ଯ୍ୟକାରୀ କରିବା ଲାଗି ଚିଠି ପଠାସରିଲାଣି। ଡିଭିଜନାଲ ମ୍ୟାନେଜର ଏଭଳି ଏକ ପଦବୀ ଯାହାଙ୍କ ମାଧ୍ୟମରେ କୋଟି କୋଟି ଟଙ୍କାର କାରବାର ହୋଇଥାଏ। ସେହି ପଦବୀରେ ସରକାର ମନା କରିଥିଲେ ମଧ୍ୟ କିଭଳି ପୁନର୍ନିଯୁକ୍ତି ଦିଆଚାଲିଛି ? ତାହା କର୍ମଚାରୀ ମହଲରେ ଅସନ୍ତୋଷ ଖେଳେଇ ଦେଇଛି। ଏହି ପଦବୀରେ ଡିଏଫ୍‌ଓମାନଙ୍କୁ ନିଯୁକ୍ତି ଦିଆଯାଇପାରିବ କିମ୍ବା ଡେପୁଟି ଡିଭିଜନାଲ ମ୍ୟାନେଜରମାନଙ୍କୁ ପଦୋନ୍ନତି ଦିଆଯାଇପାରିବ। ପୁନର୍ନିଯୁକ୍ତି ଯୋଗୁ ସେମାନଙ୍କ ନିଯୁକ୍ତି ବା ପଦୋନ୍ନତି ଆଶା ମଉଳିଯାଉଛି ଓ ଅସନ୍ତୋଷ ଦାନା ବାନ୍ଧୁଛି। ଏଣୁ କର୍ମଚାରୀ ସଂଘ ସରକାରଙ୍କୁ ଅନୁରୋଧ କରୁଛି ତୁରନ୍ତ ଏ ନିଷ୍ପତ୍ତିକୁ ରଦ୍ଦ କରନ୍ତୁ।

ଜଗନ୍ନାଥ ମିଶ୍ର, ଜେନେରାଲ ସେକ୍ରେଟାରୀ, ଅଲ୍ ଓଡ଼ିଶା ଫରେଷ୍ଟ କର୍ପୋରେଶନ କର୍ମଚାରୀ ସଂଘ, ଭୁବନେଶ୍ୱର

### ଅନ୍ନଦାନ ମହତ୍ ଦାନ

ଧରିତ୍ରୀ (୧୮।୩।୧୯)ରେ ପ୍ରକାଶିତ ଅଲେଖଚନ୍ଦ୍ର ମିଶ୍ରଙ୍କ 'ଖୋଇଲେ ମନ ପୂରେ'ଶୀର୍ଷକ ପ୍ରବନ୍ଧଟି ପାଠକଲି। ଖାଇବାରେ ସିନା ପେଟ ପୂରେ କିନ୍ତୁ ଖୋଇଲେ ମନ ପୂରେ। ଦୁଃଖର କଥା ଏସବୁ ଜାଣି ମଧ୍ୟ କିଛି ଲୋକ ତାକୁ ହେୟଜ୍ଞାନ କରନ୍ତି। ରାସ୍ତାକଡ ଦୋକାନରେ ଖାଉଥିବା ବେଳେ ବିକଳରେ ଜିଭ ଚାଟୁଥିବା ମାଗନ୍ତାକୁ ଚାହାନ୍ତିନି। ଅନ୍ନଦାନ ଏକ ମହତ୍ ଦାନ।

ମନୋରଞ୍ଜନ ସାହୁ, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

■ ଓଡ଼ିଶା ପୋଲିସର ୮୪ତମ ପ୍ରତିଷ୍ଠା ଦିବସ

# ୧୦୦ ପୋଲିସ ଅଫିସର, କର୍ମଚାରୀଙ୍କୁ ଡିଜିପି ପଦକ

**କଟକ ଅଫିସ, ୧।୪**

ଓଡ଼ିଶା ପୋଲିସର ୮୪ତମ ପ୍ରତିଷ୍ଠା ଦିବସ ରବିବାର ପୂର୍ବାହ୍ନରେ କଟକ ରିଜର୍ଭ ପୋଲିସ ପଡ଼ିଆଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ (ଏସ୍‌ଏପି)ର ନିର୍ଦ୍ଦେଶକ ତଥା ଅତିରିକ୍ତ ଡିଜି ମନୋଜ ଛାବ୍ରା ଯୋଗଦେଇ ପୋଲିସ ସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସଫଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ସହାୟକ ଚାଳକ ପ୍ରଶାନ୍ତ କୁମାର ବିଶ୍ୱାଳ, କନଷ୍ଟେବଳ ସୁଶାନ୍ତ ଚନ୍ଦ୍ର ପରିଡା, ଟ୍ରାଫିକ କନଷ୍ଟେବଳ ଏ. ଶଙ୍କର ରାଓ, ହାବିଲଦାର ପ୍ରମୋଦ କୁମାର ସେଠୀ, ଏଏସ୍‌ଆଇ ମହମ୍ମଦ ଜାହାଙ୍ଗୀର, ଏସ୍‌ଆଇ ନିରୋଧ କୁମାର ଦାସ, ଇନ୍ସପେକ୍ଟର ସବିତା ବଳ, ସୁଜାତା ଖଣ୍ଡୁଆଳ, ପ୍ରଦୀପ କୁମାର ବାଲା ଓ ଶ୍ରେଷ୍ଠ ଟିମ୍ ଲିଡର ଭାବେ ଏସ୍‌ଓଜିର ସୁବେଦାର କାଳନ୍ଦୀ ସେଠୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ର ଭାବେ ଦ୍ୱିତୀୟ ଓଏସ୍‌ଏପି ଓ ଷଷ୍ଠ ଓଏସ୍‌ଏପି ବାଟାଲିୟନ ଏବଂ ପରିବାର କଲ୍ୟାଣ କେନ୍ଦ୍ର ତୁଳସୀପୁରକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ପରେଡରେ ଏସ୍‌ଓଜି, ଓଏସ୍‌ଏପି, ଆଇଆର୍‌ବି, ଏପିଆର୍, ଏପିଆର୍(ମହିଳା), ଟ୍ରାଫିକ୍, ଓଡିଆର୍‌ଏଏଫ୍, ଓଆଇଏସ୍‌ଏଫ୍, ଓଏସ୍‌ଏଏଫ ଓ ଫାୟାର ସର୍ଭିସ ଦଳ ଅଂଶଗ୍ରହଣ କରିଥିଲେ। ପରେଡରେ ଓଏସ୍‌ଏପି ପ୍ରଥମ ଓ ଏପିଆର୍(ମହିଳା) ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା।

ଚଳିତବର୍ଷ ପ୍ରଥମଥର ପାଇଁ ପୋଲିସକୁ ବୃତ୍ତିଗତ କ୍ଷେତ୍ରରେ ସହାୟତା ପ୍ରଦାନ କରିଥିବା ୮ ଜଣ ବେସାମରିକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଅବସରପ୍ରାପ୍ତ ଡିଜିପି ଗୋପାଳ ଚନ୍ଦ୍ର ନନ୍ଦ, ଅବସରପ୍ରାପ୍ତ ଦୁର୍ଗପତି ବିଭୂତି ଭୂଷଣ ଦାସ, ଅବସରପ୍ରାପ୍ତ ଜମାଦାର ଧନବୀର ଥାପ୍ପା ଏବଂ ଅବସରପ୍ରାପ୍ତ ମୁଖ୍ୟ କିରାଣି ଗଙ୍ଗାଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ପୂର୍ବାହ୍ନ ସାଢେ ୧୧ଟାରେ ଓଏମ୍‌ପିସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନ କନ୍‌ଫରେନ୍ସ ହଲରେ ଏକ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜିପି ପଦକ ପୁରସ୍କାର ଏବଂ ସ୍ୱର୍ଗତ ଭ୍ରମରବର ସାହୁ ଓ ସ୍ୱର୍ଗତ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ଏସ୍‌ସିଆର୍‌ବିର ନିର୍ଦ୍ଦେଶକ, ୨ଜଣ ଏଡିଜି, ୨ ଆଇଜି, ୨ ଏସ୍‌ପି, ଜଣେ କମାଣ୍ଡାଣ୍ଟ, ୨ ଅତିରିକ୍ତ ଏସ୍‌ପି, ଜଣେ ଅତିରିକ୍ତ ଡିସିପି, ୨ ଜଣ ଡେପୁଟି କମାଣ୍ଡାଣ୍ଟ, ଜଣେ ଡେପୁଟି ଡିସିପି, ୫ ଡେପୁଟି ଏସ୍‌ପି, ଜଣେ ଏସିପି, ୨ ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ଆର୍ମଡ ଫୋର୍ସର ଜଣେ ଏସିପି, ୭ ଇନ୍ସପେକ୍ଟର, ଜଣେ ସୁବେଦାର, ୩ ଏସ୍‌ଆଇ, ୩ ଡେପୁଟି ସୁବେଦାର, ୧୪ ହାବିଲଦାର, ୨୧ କନଷ୍ଟେବଳ, ୯ କମାଣ୍ଡୋ, ୨ ସିପାହି, ୯ ଓଏପିଏଫଙ୍କ ସମେତ ୧୦୦ ଜଣ ପୋଲିସ ଅଫିସର ଏବଂ କର୍ମଚାରୀଙ୍କୁ ଡିଜିପି ପଦକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସୁବେଦାର କାଳନ୍ଦୀ ସେଠୀ, ସର୍ଜେଣ୍ଟ ପ୍ରଭଞ୍ଜନ ଲାହାର, ଯବାନ ରମାକାନ୍ତ କହଁର, ବେଲାଲସେନ ପ୍ରଧାନଙ୍କୁ ଭ୍ରମରବର ସ୍ମୃତି ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ହାବିଲଦାର ମେଜର ସୁଜିତ କୁମାର ମିଞ୍ଜ ଓ ସ୍ୱର୍ଗତ କନଷ୍ଟେବଳ ମୁରଲୀ ନାୟକଙ୍କୁ ମରଣୋତ୍ତର ଭାବେ ସ୍ୱର୍ଗତ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ଡିଜିପିଙ୍କ ଅନୁପସ୍ଥିତିରେ ଏଡିଜି ମନୋଜ ଛାବ୍ରା ସମସ୍ତଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପୋଲିସର ବହୁ ବରିଷ୍ଠ ପୋଲିସ ଅଧିକାରୀ, ସେବା ନିବୃତ୍ତ ଅଧିକାରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।


ଡିଜିପିଙ୍କ ପଦକ ପ୍ରଦାନ ଉତ୍ସବରେ ପଦକ ପାଇଥିବା ପୋଲିସ ଅଧିକାରୀମାନେ।

■ ପରେଡ୍‌ରେ ପ୍ରଥମ ସ୍ଥାନ ଅଧିକାର କଲା ଓଏସ୍‌ଏପି
■ ସମ୍ବର୍ଦ୍ଧିତ ହେଲେ ପୂର୍ବତନ ଡିଜିପି ଗୋପାଳ ଚନ୍ଦ୍ର ନନ୍ଦ

# ବିଜେଡି ବରଗଡ଼ରେ ଜନପ୍ରତିନିଧିଙ୍କୁ ପ୍ରଲୋଭିତ କରୁଥିବା ଅଭିଯୋଗ

■ ଡିଜିପିଙ୍କୁ ଭେଟି ଦୁଇ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ଭାଜପା

**ଭୁବନେଶ୍ୱର, ୧।୪(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବରଗଡ଼ ଜିଲା ବିଜେପୁର ନିର୍ବାଚନମଣ୍ଡଳୀରେ ଲଢୁଛନ୍ତି। ନାମାଙ୍କନ ପତ୍ର ଦାଖଲ ପରଠାରୁ ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ବିଜୟ ରଞ୍ଜନ ସିଂ ବରିହା ବରଗଡର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଭାଜପାର ଜିଲା ପରିଷଦ ସଦସ୍ୟମାନଙ୍କୁ ଜୋର ଜବରଦସ୍ତ ପ୍ରଲୋଭିତ କରାଉଛନ୍ତି। ଘରକୁ ଡାକି ୬ଲକ୍ଷ ଟଙ୍କା ନେଇ ବିଜୁ ଜନତା ଦଳରେ ସାମିଲ ହେବା ପାଇଁ ଧମକ ଦେଉଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ସୋମବାର ଭାଜପାର ଏକ ପ୍ରତିନିଧି ଦଳ ପୋଲିସ ଡିଜି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ଭେଟି ଏ ସଂକ୍ରାନ୍ତରେ ସ୍ମାରଣପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଯେଉଁମାନଙ୍କୁ ସେମାନେ ପଣବନ୍ଦୀ ରଖିଥିଲେ ସେମାନଙ୍କ ମଧ୍ୟରୁ ଭାଜପାର ୨ଜଣ ଜିଲା ପରିଷଦ ସଦସ୍ୟା ସୁଷମା ଭୋଇ ଓ ସସ୍ମିତା ଦସନ ଖସି ଆସି ଏ ସମ୍ପର୍କରେ ଜଣାଇଛନ୍ତି। ସେମାନଙ୍କ ସହ ଅନ୍ୟମାନଙ୍କୁ ଧମକଚମକ ଦେଇ ସମସ୍ତଙ୍କ ପରିବାର ବର୍ଗକୁ ବିଜେଡିରେ ସାମିଲ୍ କରିବାକୁ ଦୁଇ ବିଜେଡି ନେତା ବାଧ୍ୟ କରିଥିଲେ। ବିଜେଡି ପକ୍ଷରୁ ଏହା ଆଦର୍ଶ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ବୋଲି ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛି ପ୍ରତିନିଧି ଦଳ। ଏହି ପ୍ରତିନିଧି ଦଳରେ ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ଭାଜପା କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ ଏବଂ ନିର୍ବାଚନ ପ୍ରକୋଷ୍ଠର ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଅଭିଯୋଗ ସଂକ୍ରାନ୍ତରେ ବିଜେଡି ପକ୍ଷରୁ ମତାମତ ମିଳିପାରିନି।

■ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ

# ଯୁବକଙ୍କ ପାପୁଲି କାଟିଦେଲେ

**ବଲାଙ୍ଗୀର ଅଫିସ, ୧।୪**

ବଲାଙ୍ଗୀର ସହର ରାଜୀବ ନଗରପଡା ନିକଟ ନାଳ ପାଖରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରି ୩ ଅଭିଯୁକ୍ତ ତାଙ୍କ ବାମହାତ ପାପୁଲି କାଟି ଦେଇଛନ୍ତି। ଏହି ଆକ୍ରମଣରେ ଆଲୋକ ରଞ୍ଜନ ଦାସ ଓ ଟୁନା ପଟ୍ଟନାୟକ ନାମକ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ସୋମବାର ଅପରାହ୍ନ ୩ଟାରେ ରାଜୀବ ନଗରର ଆଲୋକ ରଞ୍ଜନ ଦାସ, ଟୁନା ପଟ୍ଟନାୟକ ଓ ଅନ୍ୟ ୩ ସାଙ୍ଗ ଲକ୍ଷ୍ମୀଜୋର ନାଳକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଘାସି ବନ୍‌ଛୋର, ଟୁନା ପାଢ଼ୀ ଓ ଜଣେ ଯୁବତୀ ଆର୍ଯ୍ୟା ଆସୁ ବସିଥିଲେ । ଆଲୋକ ରଞ୍ଜନ ଓ ଟୁନା ପଟ୍ଟନାୟକଙ୍କୁ ଦେଖିବା ପରେ ଘାସି ଓ ଟୁନା ପାଢ଼ୀ ଟାଙ୍ଗିଆରେ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଆଲୋକ ରଞ୍ଜନଙ୍କ ବାମ ହାତ ପାପୁଲି କଟି ଯାଇଥିଲା । ଟୁନା ପଟ୍ଟନାୟକ ମଧ୍ୟ ଆକ୍ରମଣରେ ଆହତ ହୋଇଥିଲେ। ଏହି ଘଟଣା ପରେ ଘାସି, ଟୁନା ପାଢ଼ୀ ଓ ଆର୍ଯ୍ୟା ସେଠାରୁ ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ନେଇ ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୫୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଘଟଣା ପଛର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ପ୍ରାରମ୍ଭିକ ତଦନ୍ତରୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହା ଘଟିଥିବା ଟାଉନ ଥାନା ଆଇଆଇସି ତୋଫାନ ବାଗ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ କଫ୍ ସିରପ୍ ଓ ମଦ ବୋତଲ ପଡିଥିବାରୁ ନିଶା କାରବାରକୁ ନେଇ ଏହି ଆକ୍ରମଣ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ତିନି ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଆରମ୍ଭ କରିଛି।

■ ୩ ଅଭିଯୁକ୍ତ ଫେରାର
■ ୨ ଆହତ ବୁର୍ଲା ସ୍ଥାନାନ୍ତର



# ସ୍ୱଚ୍ଛ-ନିରପେକ୍ଷ ନିର୍ବାଚନ ପାଇଁ ପଦକ୍ଷେପ, ଜବତ ହେଲା ୯୦ ଲକ୍ଷ ଟଙ୍କା

**ଭୁବନେଶ୍ୱର, ୧।୪(ବ୍ୟୁରୋ)**

ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ସହ ସ୍ୱଚ୍ଛ ଓ ନିରପେକ୍ଷତା ଅବଲମ୍ବନ କରିବା ସକାଶେ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରହିଛି। ରାଜ୍ୟରେ ଫ୍ଲାଇଂ ସ୍କ୍ୱାଡ୍ ଏବଂ ପୋଲିସ ଦ୍ୱାରା ଏ ପର୍ଯ୍ୟନ୍ତ ୮୯ ଲକ୍ଷ ୪୧ ହଜାର ୭୦ ଟଙ୍କା ଜବତ କରାଯାଇଛି। ପାଇଁ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୭୧୪୬ ଟି ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି। ସିଆର୍‌ପିସି ଧାରା ୧୦୭ ଓ ୧୧୦ ଅନୁଯାୟୀ ୩୫୯୬୫ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସ ପ୍ରାପ୍ତ ୪୪୮୭ ଗୋଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନ ଠାରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୧୭୪ ଟି ଅସ୍ତ୍ରଶସ୍ତ୍ର ଏବଂ ୨୫୮. ୩୨ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢ଼ାଉ ଫଳରେ ୮୨୬୨୮.୨୬୦ ଲିଟର ମଦ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ କୋଟି ୪୧ ଲକ୍ଷ ୧୮ ହଜାର ୩୬୨ ଟଙ୍କା ହେବ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୧୬ ଲକ୍ଷ ୨୧ ହଜାର ୧୪ ହୋର୍ଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବ୍ୟକ୍ତିଗତ ମାଲିକାନରେ ଥିବା ସ୍ଥାନ ଗୁଡିକରେ ବେଆଇନ ଭାବେ ଲାଗିଥିବା ୧ ଲକ୍ଷ ୫୩ ହଜାର ୧୧୧ଟି ହୋର୍ଡିଂ ଓ ପୋଷ୍ଟରକୁ ମଧ୍ୟ ବାହାର କରାଯାଇଛି।

ରାଜ୍ୟସ୍ତରରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷକୁ ଏବେ ସୁଦ୍ଧା ୪୯୨ଟି ଅଭିଯୋଗ ଆସିଛି। ରାଜ୍ୟସ୍ତରୀୟ ଭୋଟର ହେଲପ ଲାଇନକୁ ୧୨୪୭୭ଟି ଅଭିଯୋଗ ଗ୍ରହଣ କରାଯାଇ ତାହାର ତାହାର ତ୍ୱରିତ ସମାଧାନ କରାଯାଇଛି।

ବୁରୁଝରିରେ ଚାଞ୍ଚଲ୍ୟ

# ଘରେ ପଶି ମହିଳାଙ୍କୁ ହତ୍ୟା

**ବେଗୁନିଆପଡା, ୧।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ବେଗୁନିଆପଡ଼ା ଫାଣ୍ଡି ବୁରୁଝରି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସୋମବାର ସକାଳେ ଗ୍ରାମର ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ତାଙ୍କ ଘରୁ ପୋଲିସ ଉଦ୍ଧାର କରିଛି। ମୃତା ମହିଳା ହେଲେ ବିଜୟଲକ୍ଷ୍ମୀ ନାୟକ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ଦେଢଶୁରଙ୍କ ଏତଲାକ୍ରମେ ନଂ.୭୮/୧୯ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ମହିଳାଙ୍କ ସ୍ୱାମୀ ବିଶ୍ୱନାଥ (ବାବୁଲା) ରାଜ୍ୟ ବାହାରେ ରହି କାମ କରନ୍ତି। ଘରେ ବିଜୟଲକ୍ଷ୍ମୀ ପୁଅ ଓ ଝିଅଙ୍କ ସହ ରୁହନ୍ତି। ଝିଅ ଦଶମ ଶ୍ରେଣୀରେ ପଢୁଥିବାବେଳେ ପୁଅ ଅଷ୍ଟମ ଶ୍ରେଣୀର ଛାତ୍ର। ରବିବାର ଛୁଟି ଥିବାରୁ ଉଭୟ ଝିଅପୁଅ ବେଲପଡ଼ା ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ଯାତ୍ରା ଦେଖିବାକୁ ଯାଇ ରାତିରେ ସେଠାରେ ରହିଯାଇଥିଲେ। ଘରେ ଏକୁଟିଆ ଥିଲେ ବିଜୟଲକ୍ଷ୍ମୀ। ସୋମବାର ସକାଳୁ କବାଟ ନ ଖୋଲିବାରୁ ପଡ଼ିଶା ଲୋକେ ଯାଇ ଡାକିଥିଲେ। ମାତ୍ର କୌଣସି ଜବାବ ନ ମିଳିବାରୁ ବେଲପଡ଼ାର ସମ୍ପର୍କୀୟ ଭଣଜା ଅଶୋକ କୁମାର ଭୋଇଙ୍କୁ ଖବର ଦେଇଥିଲେ। ଅଶୋକ ପହଞ୍ଚି ସ୍ଥାନୀୟ କେତେଜଣ ଲୋକଙ୍କ ସହ ଛାତ ଉପରକୁ ଚଢ଼ିଥିଲେ। ସେଠାରେ ଶିଡ଼ିଘରର ଏକ ଆଜବେଷ୍ଟସ୍ ସିଟ୍ ଖୋଲା ଥିବା ଦେଖିଥିଲେ। ସେହିପଟେ ଘର ଭିତରକୁ ପଶି ବିଜୟଲକ୍ଷ୍ମୀଙ୍କ ରକ୍ତ ଜୁଡୁବୁଡୁ ଉଲଗ୍ନ ମୃତଦେହ ଶୋଇବା ଘର ଚଟାଣରେ ପଡ଼ିଥିବା ଦେଖିଥିଲେ। ତାଙ୍କ ପାଟିକୁ ଏକ କପଡ଼ାରେ ବନ୍ଧା ଯାଇଥିଲା। ଏନେଇ ଅଶୋକ ପୋଲିସକୁ ଖବର ଦେଇଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠୀ, କୋଦଳା ଥାନା ଅଧିକାରୀ ଦିଲିପ କୁମାର ସାହୁ, ବେଗୁନିଆପଡ଼ା ଫାଣ୍ଡି ଅଧିକାରୀ ଦୀପ୍ତିରଞ୍ଜନ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତରୁ କୌଣସି ଏକ ଧାରୁଆ ଅସ୍ତ୍ରରେ ମହିଳାଙ୍କ ପେଟକୁ ଭୁସି ହତ୍ୟା କରାଯାଇଥିବା ପୋଲିସ କହିଛି। ବିଜୟଲକ୍ଷ୍ମୀଙ୍କ ଦେଢ଼ଶୁର ନିରଞ୍ଜନ ନାୟକ ତାଙ୍କ ଭାଇବୋହୂଙ୍କୁ କେହି ରବିବାର ରାତିରେ ହତ୍ୟା କରିଥିବା କୋଦଳା ଥାନାରେ ଏତଲା ଦେଇଥିଲେ। ଏନେଇ ବେଗୁନିଆପଡ଼ା ଫାଣ୍ଡି ଅଧିକାରୀ ବେହେରାଙ୍କ ସହ ଯୋଗାଯୋଗ କରିବାରୁ, ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି କହିଛନ୍ତି।

ନୟାବଜାର ଶାଖା
କଟକ, ନେତାଜୀ ଫିଲ୍ଡ ସମ୍ମୁଖ, ପୋତା ପୋଖରୀ, କଟକ-୭୫୩୦୦୪, ଓଡ଼ିଶା

बैंक ऑफ़ बड़ौदा
Bank of Baroda

ଡ଼ିମାଣ୍ଡ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନଲିଖିତ ଶାଖାର ଋଣଗ୍ରହୀତାମାନଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରାଗଲା ।

| କ୍ର. ନଂ. | ଆକାଉଣ୍ଟର ନାମ | ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଏନ୍‌ପିଏ ତାରିଖ / ନୋଟିସ୍ ଫେରସ୍ତ ହେବାର କାରଣ | ଋଣ ପରିମାଣ (ଟଙ୍କାରେ) | ସୁଧର ହାର | ୨୪.୦୨.୨୦୧୯ ସୁଦ୍ଧା ବକେୟା ପରିମାଣ (୩୧.୦୧.୨୦୧୯ ପର୍ଯ୍ୟନ୍ତ ସୁଧ ଅର୍ନ୍ତଭୁକ୍ତ) |
|---|---|---|---|---|---|---|
| ୧) | ଶ୍ରୀ ମନୋଜ କୁମାର ଦାଶ ଏବଂ ଶ୍ରୀମତୀ ରଶ୍ମୀ ମିଶ୍ର/ଦାଶ | ଋଣଗ୍ରହୀତାମାନେ: ୧) ଶ୍ରୀ ମନୋଜ କୁମାର ଦାଶ, ୨) ଶ୍ରୀମତୀ ରଶ୍ମୀ ମିଶ୍ର/ଦାଶ, ସ୍ୱାମୀ: ଶ୍ରୀ ମନୋଜ କୁମାର ଦାଶ, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୧୮, ବ୍ରହ୍ମପୁର, ୪୨ ମୌଜା, କଟକ-୭୫୪୧୧୨ | ୩୧.୧୨.୨୦୧୮ / ଜଣା ନାହିଁ | ଟ.୫,୦୦,୦୦୦/- | ୧ ବର୍ଷ ଏମ୍‌ସିଏଲ୍‌ଆର୍ + ଏସ୍.ପି + ୦.୨୫% ଅର୍ଥାତ ୯.୭୫% | ଟ.୪,୮୫,୦୫୨.୫୦ + ଲାଗୁହୋଇନଥିବା ସୁଧ |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ :** **ଶ୍ରୀମତୀ ରଶ୍ମୀ ମିଶ୍ର,** ସ୍ୱାମୀ: ଶ୍ରୀ ମନୋଜ କୁମାର ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୮/୫୧୭୮, ଖାତା ନଂ.: ୪୮୩, ମୌଜା: କଟକ ସହର, କ୍ଷେତ୍ର: ଏକର୦.୦୨୦ଡିସିମିଲି, ୮୭୧ ବର୍ଗଫୁଟ, ଜିଲ୍ଲା: କଟକ

ଉପର ସାରଣୀରେ ଦର୍ଶିତ ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସଂପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଉପଧାରା ୧୩ ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁଥିବା ଆଇନ୍‌ଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

ସ୍ଥାନ : କଟକ, ତାରିଖ : ୦୨.୦୪.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

See Career Appointment on every Wednesday & Saturday

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୪

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା **୧୩ର** ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ବଡ଼ମ୍ବା ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: **ଜଗବନ୍ଧୁ ରାଉତ,** ପିତା: ଆନନ୍ଦ ରାଉତ, ସା/ପୋ: ବାଙ୍ଗରିସିଂହା, ବଡ଼ମ୍ବା, ଜିଲ୍ଲା: କଟକ | ସମ୍ପତ୍ତିର ମାଲିକ: ଜଗବନ୍ଧୁ ରାଉତ | ଜଗବନ୍ଧୁ ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଙ୍ଗରିସିଂହା, ଖାତା ନଂ.: ୮୮୨/୧୫୮, ପ୍ଲଟ୍ ନଂ.: ୨୮୬୬/୭୬୨୨, କ୍ଷେତ୍ର: ଏକର୦.୦୨୦ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୨୮.୦୩.୨୦୧୯ | ୧୮.୦୯.୨୦୧୮ ସୁଦ୍ଧା ଟ.୨,୩୫,୫୨୬/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ତାରିଖ: ୦୧.୦୪.୨୦୧୯, ସ୍ଥାନ: କଟକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଉପକ୍ରମ)
पी.एस.बी.

ଅଶୋକ ନଗର ଶାଖା, ଭୁବନେଶ୍ୱର,
ଫୋନ୍ ନଂ.: ୦୬୭୪-୨୫୯୮୬୩୩, ୨୫୩୩୫୩୩,
ଇ-ମେଲ୍: b0358@psb.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି
ଅମାନତ ରାଶି ଏବଂ କାଗଜ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ: ୦୩.୦୫.୨୦୧୯ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ।

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ରୁଲ୍ସ ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ। ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ନିମ୍ନଲିଖିତ ସୁରକ୍ଷିତ ଋଣ ଆଦାୟ କରିବା ନିମନ୍ତେ ନିମ୍ନଦର୍ଶିତ ସୁରକ୍ଷିତ ସମ୍ପତ୍ତି "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ଇଲେକଟ୍ରୋନିକ ପଦ୍ଧତି **https://www.bankeauctions.com** ମାଧ୍ୟମରେ ବିକ୍ରି କରାଯିବା ପାଇଁ ପ୍ରସ୍ତାବମାନ ତା.୨୪.୦୪.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ଆହ୍ୱାନ କରାଯାଉଛି ।

| | |
|---|---|
| ବନ୍ଧକପ୍ରାପ୍ତ ସମ୍ପତ୍ତିର ତନଖି ତାରିଖ ଏବଂ ସମୟ | ୦୩.୦୪.୨୦୧୯, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ |
| EMD (ଅମାନତ ରାଶି) ଏବଂ କାଗଜ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ | ୦୩.୦୫.୨୦୧୯ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା । |
| ଇ-ନିଲାମ/ବିକ୍ରୟ ତାରିଖ ଏବଂ ସମୟ | ୦୬.୦୫.୨୦୧୯, ପୂର୍ବାହ୍ନ ୧୧.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା ମଧ୍ୟରେ |
| ବିଡ୍ ବୃଦ୍ଧି ପରିମାଣ | ଟ.୦.୨୫ ଲକ୍ଷ |

ସ୍ଥାବର ସମ୍ପତ୍ତିର ବିବରଣୀ

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ (ଉପଲବ୍ଧ ବିବରଣୀ ଅନୁଯାୟୀ) | ସମୁଦାୟ ବକେୟା/ ଦଖଲ ନୋଟିସ୍‌ର ତାରିଖ | ସଂରକ୍ଷିତ ମୂଲ୍ୟ /ଅମାନତ ରାଶି |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ଗୌରୀ ଶଙ୍କର ରଥ, ସ୍ୱତ୍ୱାଧିକାରୀ: ମେସର୍ସ କୋଣାର୍କ ଏଜେନ୍ସି, ପ୍ଲଟ୍ ନଂ.: ୬୯୫/୭୩୪, ବିଜେବି ନଗର, ଭୁବନେଶ୍ୱର-୭୫୧୦୦୬, ମୌଜା: ବିରହରେକୃଷ୍ଣପୁର, ଜିଲ୍ଲା: ପୁରୀ, ପିନ୍-୭୫୨୦୮୭ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସତ୍ୟଭାମା ରଥ, ସ୍ୱାମୀ: ୰ ପୂର୍ଣ୍ଣ ଚନ୍ଦ୍ର ରଥ, ସା.: ନ୍ୟୁ ଲିଙ୍ଗରାଜ କଲୋନୀ, ପୋ.: ଓଲ୍ଡ ଟାଉନ୍, ଥାନା: ଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୨ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୯୪, ପ୍ଲଟ୍ ନଂ.: ୧୪୨୧, କ୍ଷେତ୍ର: ଏକର୦.୧୩ଡିସିମିଲି, ମୌଜା: ହରେକୃଷ୍ଣପୁର, (ବୀରହରେକୃଷ୍ଣପୁର), ଥାନା/ତହସିଲ: ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସୁଦେବ ରଥଙ୍କ ସମ୍ପତ୍ତି, ପଶ୍ଚିମ: ଜଗନ୍ନାଥ ମିଶ୍ରଙ୍କ ସମ୍ପତ୍ତି, ଉତ୍ତର: ସରକାରୀ ଜମି, ଦକ୍ଷିଣ: ରାସ୍ତା | ୩୧.୦୧.୨୦୧୯ ସୁଦ୍ଧା ଟ.୧୫,୩୦,୦୯୦/- / ୧୩.୦୧.୨୦୧୭ | ଟ.୧,୫୩,୫୦୦/- / ଟ.୧୫,୩୫୦/- |

NEFT/RTGS ମାଧ୍ୟମରେ ଅମାନତ ରାଶି ଦାଖଲ ବିବରଣୀ: ଆକାଉଣ୍ଟ ନଂ.: ୦୩୫୮୧୧୦୦୦୦୧୬୭୪, ଆକାଉଣ୍ଟର ନାମ: **PUNJAB AND SIND BANK EMD,** ହିତାଧିକାରୀଙ୍କ ନାମ: ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ ଏବଂ **IFSC Code: PSIB0000358**
*ଦ୍ରଷ୍ଟବ୍ୟ: ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ୱେବ୍‌ସାଇଟ: **www.psbindia.com** ଦେଖନ୍ତୁ ।

ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍

ଏତଦ୍‌ଦ୍ୱାରା ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ନିଲାମ ତାରିଖ ପୂର୍ବରୁ ଉପର ଦର୍ଶିତ ବକେୟା ଦେୟ ସହିତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ / ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଇଥାଏ ତେବେ ତାହା ସୁଧ ଏବଂ ଖର୍ଚ୍ଚ ସହ ଆଦାୟ କରାଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୪.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ, ମୋ.: ୯୦୯୦୧୬୨୪୭୭

CLASSIFIED DISPLAY

GENERAL ELECTION 2019
ବିଜୁ ଜନତା ଦଳ
BJP
FLEX PRINTING | POSTER PRINTING | LEAFLET | PUSHING CARDS | T-SHIRTS & CAPS | FLAGS
In Very Very Competitive Rates
FOR SPECIAL RATE CONTACT (Same Day Delivery)
7008994500, 7894410000

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?

9810599425 9971793786

ORANE INTERNATIONAL SCHOOL OF BEAUTY & WELLNESS
ଆଡଭାନ୍ସ ଡିପ୍ଲୋମା
ହେୟାର • ବିୟୁଟି ମେକ୍‌ଅପ୍
and work anywhere in the world
80+ Schools | 13 States | 45,000+ Students

Call: 73288-24255, 73288-24260 73288-24257
Plot No 5, 3rd Floor, Santosh Plaza, Janapath Satya Nagar, Bhubaneshwar

LISAS'IAS
2, Budha Nagar, Bhubaneswar - 751 006, Ph.No. : 9338222113, 9337594620
Website : www.lisasias.org, E-mail : lisascivils@lisasias.org
THE FIRST AND BEST INSTITUTE OF ODISHA FOR CIVIL SERVICES EXAMS.
IAS/OAS (PRELIM, MAIN & VIVA)
FOUNDATION COURSE FOR CIVIL SERVICES (FOR UNDER-GRADUATES)
ACHIEVEMENTS OF LISAS'IAS IN CIVIL SERVICES EXAMS.
- IAS-4 , IPS - 6, IRS - 5, IRAS -1, INDIAN POSTAL SERVICE - 1, I.Fo.S - 1, I.E.S. - 1
- 750 IN OAS EXAMS. WITH 4 TOPPERS & 3 LADY TOPPERS
SPECIAL FEATURES
- Guidance by Experienced Faculties
- Exam. Oriented Study Materials
- Regular Unit Tests and VSTs with Doubt Clarification Sessions
- Library with A/C Reading Room Facility
- Weekly Current Affairs & Monthly Magazine (LISAS CAREER IN FOCUS)
26 Years of Excellence

# 'ପିଏମ୍ ନରେନ୍ଦ୍ର ମୋଦି' ସ୍ଥଗିତ ଆବେଦନ ଖାରଜ



**ନୂଆଦିଲ୍ଲୀ:**

'ପିଏମ୍ ନରେନ୍ଦ୍ର ମୋଦି' ଫିଲ୍ମ ରିଲିଜ୍ ଉପରେ ସ୍ଥଗିତାଦେଶ ଜାରି ପାଇଁ କରାଯାଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ମୁଖ୍ୟ ବିଚାରପତି ରାଜେନ୍ଦ୍ର ମେନନ୍ ଏବଂ ବିଚାରପତି ଅନୁପ ଜୟରାମ ଭମ୍ଭାନିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଡ୍‌ଭୋକେଟ ସୁଜିତ କୁମାର ସିଂଙ୍କ ଦ୍ୱାରା କରାଯାଇଥିବା ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ଏପ୍ରିଲ ୧୨ରେ ଏହି ଫିଲ୍ମ ରିଲିଜ ହେବାର ଅଛି।

ବର୍ତ୍ତମାନ ନିର୍ବାଚନ ଋତୁ ଚାଲିଥିବା ବେଳେ ଉକ୍ତ ଫିଲ୍ମ ରିଲିଜ ହେବାଦ୍ୱାରା ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହେବ ଦର୍ଶାଇ ଏଥିରେ ରୋକ ଲଗାଇବାକୁ ନିର୍ବାଚନ କମିଶନ୍ ନିର୍ଦ୍ଦେଶ ଦେବା ଆବଶ୍ୟକ ବୋଲି ଉକ୍ତ ଆବେଦନରେ ପ୍ରାର୍ଥନା କରାଯାଇଥିଲା। ଏଥି ସହିତ ଲୋକ ସଭା ନିର୍ବାଚନ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଏହାର ରିଲିଜ୍ ବନ୍ଦ ରଖିବାକୁ ଅନୁରୋଧ କରାଯାଇଥିଲା। ଆବେଦନକାରୀ ଦର୍ଶାଇଛନ୍ତି, ରାଜନୀତିକୁ ନେଇ ଏହି ଫିଲ୍ମ ନିର୍ମାଣ ହୋଇଛି ଏବଂ ଆସନ୍ତା ସାଧାରଣ ନିର୍ବାଚନରେ ନରେନ୍ଦ୍ର ମୋଦି ନିଜେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉକ୍ତ ଫିଲ୍ମ ରିଲିଜ ହେବାଦ୍ୱାରା ମୋଦିଙ୍କୁ ନିଶ୍ଚିତ ଭାବରେ ନିର୍ବାଚନୀ ଫାଇଦା ମିଳିବ। ଏହାଦ୍ୱାରା ବିରୋଧୀ ଦଳର ପ୍ରାର୍ଥୀଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡିବ ବୋଲି ସେ ଦର୍ଶାଇଥିଲେ।

# ମଙ୍ଗଳ ରହସ୍ୟ ଉନ୍ମୋଚନ ହେବ

**ୱାଶିଂଟନ:**



ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ଏକ ମେଗା ପ୍ରୋଜେକ୍ଟ ଆରମ୍ଭ କରିବାକୁ ଯାଉଛି। ତଦନୁଯାୟୀ, ୨୦୨୦ ଜୁଲାଇରେ ମଙ୍ଗଳ ଗ୍ରହ ଅଭିମୁଖେ ଏକ ହେଲିକପ୍ଟର ଯାତ୍ରା ଆରମ୍ଭ କରିବ। ଏହା ସେଠାରେ ୨୦୨୧ ଫେବୃୟାରୀରେ ପହଞ୍ଚିବ। ନାସା ପକ୍ଷରୁ ମଙ୍ଗଳ ଗ୍ରହର ଗୁପ୍ତ ରହସ୍ୟ ଲୋକଲୋଚନକୁ ଆଣିବା ପାଇଁ ଏହି ପ୍ରୋଜେକ୍ଟ ପ୍ରସ୍ତୁତ କରାଯାଇଛି। ଇତିମଧ୍ୟରେ ଏହି ହେଲିକପ୍ଟର ଉଡାଣର ପରୀକ୍ଷା ସଫଳତାର ସହିତ ଶେଷ ହୋଇଥିବା ନାସା ପକ୍ଷରୁ ସୂଚନା ଦିଆଯାଇଛି। ପୃଥିବୀ ତଥା ମଙ୍ଗଳ ଗ୍ରହର ମାଧ୍ୟାକର୍ଷଣ ଓ ତାପମାତ୍ରାକୁ ଦୃଷ୍ଟିରେ ରଖି ଏହି ହେଲିକପ୍ଟର ନିର୍ମାଣ କରାଯାଇଛି। ଏହା ଯେଭଳି ମଙ୍ଗଳରେ ସେଠାକାର ପରିବେଶ ସହିତ ଖାପ ଖୁଆଇ କାର୍ଯ୍ୟ କରିବାକୁ ସକ୍ଷମ ହେବ, ତାହା ଉପରେ ପରୀକ୍ଷା ନିରୀକ୍ଷା କରାଯାଉଥିବା ନାସାର ଗବେଷକମାନେ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧର୍ମ ଧାରଣେ ଏ ଜଗତ**
**ଧର୍ମେ ପୃଥିବୀ ଆତଯାତ ।**

ଧର୍ମ ଏକମାତ୍ର ସ୍ଥାୟୀ। ଏହା ସତ୍ୟ ଉପରେ ଆଧାରିତ। ସଂସାରରେ ଧର୍ମର ପ୍ରଭାବ ଯୋଗୁ ଅଧର୍ମର ବିଲୋପ ଘଟିଥାଏ। ଧର୍ମରେ ପୃଥିବୀ ଚିର ଚଞ୍ଚଳମନା। ଧର୍ମ ବ୍ୟତୀତ ଜଗତରେ କିଛି ହିଁ ଚଳମାନ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଧୂଳିଆ ଘରର ରୁଅ**
**ଆପଣା ପଦାର୍ଥ ପରକୁ ଦେଇ**
**ଡାକୁଚି ଧରମ ପୁଅ ।**

ନିଜର ଧନସମ୍ପତ୍ତି ପ୍ରତିପତ୍ତି ଏକାନ୍ତ ବ୍ୟକ୍ତିଗତ। ଏସବୁ ଅନ୍ୟହାତରେ ଟେକିଦେଲେ ନିଜର ନିଜତ୍ୱ ହରାଇବାକୁ ପଡ଼ିଥାଏ। ଆପଣାର ସମ୍ପତ୍ତି ପର ହାତକୁ ଦେଇଦେଲେ ସମ୍ପତ୍ତି ଉପରେ ଅଧିକାରର ସବୁ ରାସ୍ତା ବନ୍ଦ ହୋଇଯାଏ। ନିଜର ସମ୍ପତ୍ତି ଅନ୍ୟକୁ ଦେଇ ଗୋଡ଼ାଣିଆ ହେବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# 'ଦବଙ୍ଗ ୩'ର ଶୁଟିଂ ଆରମ୍ଭ




**ମୁମ୍ବାଇ:** ବଲିଉଡ୍‌ର ଆଗାମୀ ଫିଲ୍ମ 'ଦବଙ୍ଗ ୩'ର ଶୁଟିଂ ଆରମ୍ଭ ହୋଇଛି। ଫିଲ୍ମ କ୍ରିଟିକ୍ ତରଣ ଆଦର୍ଶ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସଲମାନ ଖାଁ ଏଥିରେ ପୁଣି ଥରେ ଚୁଲବୁଲ ପାଣ୍ଡେ ଭୂମିକାରେ ଆସୁଥିବାବେଳେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ପ୍ରଭୁ ଦେବା। ସଲମାନ ମଧ୍ୟ ଏକ ୨୨ ସେକେଣ୍ଡର ଭିଡିଓ ଶେୟାର କରି ଏହି ସୂଚନା ଦେଇଛନ୍ତି। ଦବଙ୍ଗ ସିରିଜ୍‌ର ଏହି ଫିଲ୍ମ ମୂଳ ଦବଙ୍ଗ ରିଲିଜ୍ ହେବାର ପ୍ରାୟ ୮ ବର୍ଷ ପରେ ଆସୁଛି। ଆଉ ଏହାର ପ୍ରଯୋଜନା କରିଛନ୍ତି ସଲମାନଙ୍କ ସାନ ଭାଇ ଅରବାଜ।

# ମୋଦିଙ୍କୁ ଆଇନା ଉପହାର ଦେଲେ ବାଘେଲ

**ନୂଆଦିଲ୍ଲୀ:**

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ଏକ ଉପହାର ପଠାଇଛନ୍ତି। ବାଘେଲ ଏକ ପତ୍ର ଲେଖିବା ସହ ଆଇନାଟିଏ ଉପହାର ଦେଇଛନ୍ତି ମୋଦିଙ୍କୁ। ଉକ୍ତ ପତ୍ରରେ ବାଘେଲ ଲେଖିଛନ୍ତି, ଏହି ଆଇନାଟିକୁ ଏମିତି ସ୍ଥାନରେ ଲଗାଇବେ ଯେଉଁଠି ଆପଣ ପ୍ରତିଦିନ ନିଜ ମୁହଁକୁ ଦେଖିପାରୁଥିବେ। କାରଣ ଆସନ୍ତା ଲୋକ ସଭା ନିର୍ବାଚନରେ ଦେଶର ୧୨୫ କୋଟି ଜନତା ଆପଣଙ୍କୁ ଆଇନା ଦେଖାଇବାକୁ ଯାଉଛନ୍ତି। ଏହାଦ୍ୱାରା ଆପଣ ନିଜ ମୁହଁର ଅସଲ ଚେହେରା ଦେଖିପାରିବେ।

# ନୂଆ ରୂପରେ ହେମାମାଳିନୀ



**ମଥୁରା:** ବଲିଉଡ୍ ଅଭିନେତ୍ରୀ ତଥା ଲୋକ ସଭା ପ୍ରାର୍ଥୀ ହେମା ମାଳିନୀଙ୍କୁ ନୂଆ ରୂପରେ ଦେଖିବାକୁ ମିଳୁଛି। ସେ ଉତ୍ତରପ୍ରଦେଶର ଗୋବର୍ଦ୍ଧନ ଅଞ୍ଚଳରେ କୃଷକଙ୍କ ଗହମ ଫସଲ କାଟି ହାତରେ ଧରିଛନ୍ତି। ତାଙ୍କର ଏଭଳି ଦୃଶ୍ୟ ବିରୋଧୀ ଦଳଙ୍କ ପାଇଁ ଈର୍ଷଣୀୟ ହୋଇପଡିଛି। ସେ ଗହମ ଗଛ ବିଡାଧରି କିଛି ବାଟ ନେବାବେଳେ ଉକ୍ତ ଅଞ୍ଚଳର ଗ୍ରାମବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ହେମାମାଳିନୀ ଗଣମାଧ୍ୟମକୁ କହିଛନ୍ତି, ସେ କୃଷକଙ୍କ ସହ ସାମିଲ ହୋଇ ସେମାନଙ୍କ ସମସ୍ୟା ବୁଝିବାକୁ ଚାହାନ୍ତି। ସ୍ଥାନୀୟ ଅଞ୍ଚଳର ଗାଁଗୁଡିକୁ ଗସ୍ତ କରିଥିବାବେଳେ କ୍ଷେତରେ ସୁନେଲି ରଙ୍ଗର ଗହମ କାଟିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହା ଦେଖି କ୍ଷେତରେ କାମ କରୁଥିବା ମହିଳାମାନେ ଅତ୍ୟନ୍ତ ଆନନ୍ଦର ସହିତ ତାଙ୍କୁ ସ୍ୱାଗତ କରିଥିଲେ। ସେ ଇତିମଧ୍ୟରେ ୧୦ଟି ଗାଁ ବୁଲି ସାରିଲେଣି। ବ୍ରଜ ଅଞ୍ଚଳରେ ସେ ଅନେକ କାମ କରିଛନ୍ତି। ଗାଁ ଲୋକେ ତାଙ୍କୁ ଭୋଟ ଦେବେ ବୋଲି ସେ ଆଶାବାଦୀ ଥିବା ଜଣାଇଛନ୍ତି।

ହେମାମାଳିନୀଙ୍କ ବିପକ୍ଷରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ନବାଗତ ମହେଶ ପାଠକ। ଉକ୍ତ ଆସନରେ ଏସ୍‌ପି-ବିଏସ୍‌ପି ମେଣ୍ଟରୁ ପ୍ରାର୍ଥୀ ହୋଇଛନ୍ତି କନ୍ୱାର ନରେନ୍ଦ୍ର ସିଂ।

## ଇତିହାସର ଆଇନାରେ

### ଏପ୍ରିଲ ୨ର ପ୍ରମୁଖ ଘଟଣା

### ବିଜେଲ୍‌ଜିନାରେ ହତ୍ୟାକାଣ୍ଡ

୧୯୯୨ ଏପ୍ରିଲ ୨ରେ ବିଜେଲ୍‌ଜିନା ସହରରେ ୪୨ ଲୋକଙ୍କୁ ହତ୍ୟା କରାଯାଇଥିଲା। ବିଜେଲ୍‌ଜିନା ହେଉଛି ୟୁରୋପର ଦକ୍ଷିଣ-ପୂର୍ବ ଦେଶ ବସ୍‌ନିଆର ଏକ ନଗରୀ। ଏହା ବାଲକାନ୍ ଉପଦ୍ୱୀପରେ ଅବସ୍ଥିତ। ଏଠାରେ ମଧ୍ୟଯୁଗୀୟ ଗାଁ, ନଦୀ ଓ ହ୍ରଦ ଦେଖିବାକୁ ମିଳେ।

### ପ୍ରଳୟଙ୍କରୀ ବାତ୍ୟା

୨୦୦୬ ଏପ୍ରିଲ ୨ରେ ଘୂର୍ଣ୍ଣିଝଡ଼ ଯୋଗୁ ଆମେରିକାର ଟେନେସି ଅଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହେବା ସହିତ ୨୯ ଲୋକଙ୍କ ମୃତ୍ୟୁ ଘଟିଥିଲା। ଆମେରିକାର ଦକ୍ଷିଣ-ପୂର୍ବ ଅଞ୍ଚଳରେ ଟେନେସି ରାଜ୍ୟ ଅବସ୍ଥିତ। ଏହା ଆମେରିକାର ୩୬ତମ ସର୍ବବୃହତ୍ ରାଜ୍ୟ ଏବଂ ୧୬ଶ ଜନବହୁଳ ଅଞ୍ଚଳ। ଏହାର ଉତ୍ତରରେ କେଣ୍ଟୁକି, ଉତ୍ତର-ପୂର୍ବରେ ଭର୍ଜିନିଆ, ପୂର୍ବରେ ଉତ୍ତର କାରୋଲିନା ଏବଂ ଦକ୍ଷିଣରେ ଜର୍ଜିଆ, ଆଲାବାମା ଏବଂ ମିସିସିପି ରହିଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୭ | ୧୯.୪ |
| ଚାନ୍ଦବାଲି | ୩୬.୭ | ୨୪.୦ |
| କଟକ | ୩୪.୮ | ୨୨.୫ |
| ପାରାଦ୍ୱୀପ | ୩୨.୦ | ୨୪.୪ |
| ଭୁବନେଶ୍ୱର | ୩୬.୨ | ୨୩.୨ |
| ଗୋପାଳପୁର | ୩୧.୧ | ୨୨.୭ |
| ପୁରୀ | ୩୩.୬ | ୨୭.୦ |
| ଅନୁଗୋଳ | ୩୯.୭ | ୧୯.୦ |
| ବାରିପଦା | ୩୩.୫ | ୨୦.୫ |
| ଝାରସୁଗୁଡ଼ା | ୩୭.୮ | ୨୧.୮ |
| କେନ୍ଦୁଝର | ୩୪.୪ | ୧୮.୬ |
| ସମ୍ବଲପୁର | ୩୮.୨ | ୨୧.୮ |
| ସୁନ୍ଦରଗଡ଼ | ୩୯.୦ | ୨୧.୦ |
| ହୀରାକୁଦ | ୩୮.୨ | ୨୩.୩ |
| ତାଳଚେର | ୩୮.୭ | ୨୩.୬ |
| ଭବାନୀପାଟଣା | ୪୦.୫ | ୨୫.୫ |
| ବଲାଙ୍ଗୀର | ୩୫.୮ | ୨୦.୬ |
| କୋରାପୁଟ | ୩୬.୨ | ୨୦.୮ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୨.୦ | ୨୨.୦ |
| ମାଲକାନଗିରି | ୪୦.୫ | ୨୧.୬ |
| ସୋନପୁର | ୪୦.୦ | ୨୧.୦ |
| ଦାରିଙ୍ଗିବାଡ଼ି | ୩୪.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# ଜି-ମେଲ୍‌କୁ ପୂରିଲା ୧୫ ବର୍ଷ

**ୱାଶିଂଟନ:**

ଜି-ମେଲ୍‌କୁ ସୋମବାର ୧୫ ବର୍ଷ ପୂରିଛି। ୨୦୦୪ ଏପ୍ରିଲ୍ ୧ରେ ଏହାର ଶୁଭାରମ୍ଭ ହୋଇଥିଲା। ଏହା ଆମେରିକାର କମ୍ପ୍ୟୁଟର ଇଞ୍ଜିନିୟର ପଲ୍ ବୁଚେଟ୍‌ଙ୍କ ଦ୍ୱାରା ତିଆରି ହୋଇଥିଲା। ପ୍ରଥମେ ଜି-ମେଲ୍ ପ୍ରତି ବ୍ୟବହାରକାରୀଙ୍କୁ ଏକ ଗିଗାବାଇଟ୍ ସ୍ପେସ୍ ଉପଲବ୍ଧ କରାଉଥିବାବେଳେ ଏବେ ଏହି ଫ୍ରି ସ୍ପେସ୍ ୧୫ ଜିବିକୁ ବୃଦ୍ଧି ପାଇଛି। ପୃଥିବୀରେ ପ୍ରତିମାସରେ ୧୫୦ କୋଟି ଆକ୍ଟିଭ୍ ୟୁଜର୍ସ ଜି-ମେଲ୍ ବ୍ୟବହାର କରିଥାନ୍ତି। ବ୍ୟବହାରକାରୀ ଏହା ଦ୍ୱାରା ୫୦ ଏମ୍‌ବି ପର୍ଯ୍ୟନ୍ତ ଇ-ମେଲ୍ ସେବା ପାଇପାରିବେ। ଏହାଠାରୁ ଅଧିକ ଇ-ମେଲ୍ ସେବା ପାଇଁ ଗୁଗଲ୍ ଡ୍ରାଇଭ୍‌ର ସହାୟତା ନିଆଯାଇ ପାରୁଛି। ୨୦୦୯ରେ ଜି-ମେଲର ଅପଡେଟ୍ ଭର୍ସନ ଉପଲବ୍ଧ ହୋଇଥିଲା। ଏଥିରେ କେତେକ ନୂତନ ଫିଚରକୁ ଅନ୍ତର୍ଭୁକ୍ତ କରାଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF - MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି। ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Mob.: 8676907143, 9348274623

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରିମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

FINANCE
ଜଗନ୍ନାଥ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No - 428/457, Netaji Road, Bangalore
7609025435

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free 9115871031
Add. : T-51, Gali No. 8, Gautampuri, Delhi

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ। 0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

FINANCE
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବିଜେଡିରେ ଭରତ ପାଇକ, ସୁନନ୍ଦା

ଭୁବନେଶ୍ୱର,୧।୪(ବ୍ୟୁରୋ): ବରିଷ୍ଠ ଭାଜପାନେତା ଭରତ ପାଇକ, ଯାଜପୁର ଜିଲା ବରୀ ବ୍ଲକ ଅଧକ୍ଷା ଭାଜପାର ସୁନନ୍ଦା ଦାସ, ପାଲଲହଡ଼ା ବ୍ଲକ ଅଧକ୍ଷ ମୁକେଶ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ଭାଜପା ନେତ୍ରୀ ସୁନନ୍ଦା ଦାସ ବିଜେଡିରେ ମିଶିବାର କିଛି ସମୟପରେ ବରୀ ବିଧାନସଭା ଟିକେଟ୍ ମଧ ହାତେଇପାରିଛନ୍ତି। ଯାହାକୁ ନେଇ ଯାଜପୁର ରାଜନୀତି ସରଗରମ ହୋଇଛି। ବରିଷ୍ଠ ବିଧାୟକ ଦେବାଶିଷ ନାୟକଙ୍କ ଟିକେଟ୍ କଟାଯାଇ ସୁନନ୍ଦାଙ୍କୁ ସୁଯୋଗ ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

### ଆଜି ଆସୁଛନ୍ତି ମାୟାବତୀ



ଭୁବନେଶ୍ୱର,୧।୪(ବ୍ୟୁରୋ)– ବିଏସ୍‌ପି ମୁଖ୍ୟ ତଥା ଉତ୍ତରପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡିଆରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେବେ। ଏହି ଅବସରରେ ଭୁବନେଶ୍ୱର ଲୋକ ସଭା ପାଇଁ ବିଏସ୍‌ପି ପ୍ରାର୍ଥୀ ଘୋଷଣା କରିବେ। ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆଙ୍କ ନାଁ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଭାବେ ଘୋଷଣା ହେବାର ସମ୍ଭାବନା ରହିଛି। ମାୟାବତୀ ଉଭୟ କଂଗ୍ରେସ ଓ ଭାଜପା ଠାରୁ ରାଜନୈତିକ ଦୂରତ୍ୱ ରଖିଛନ୍ତି। ଆଗାମୀ ଦିନରେ ଅଣକଂଗ୍ରେସ, ଅଣଭାଜପା ରାଜନୈତିକ ସମୀକରଣକୁ ଦୃଷ୍ଟିରେ ରଖିଲେ, ତାଙ୍କ ଗସ୍ତ ଭିନ୍ନ ସୂଚନା ଦେଉଛି। ତେଣୁ ମାୟାବତୀଙ୍କ ବକ୍ତବ୍ୟ ଉପରେ ସମସ୍ତଙ୍କ ନଜର ରହିବ।

### ବିଜେଡିକୁ ସୁହାଇଲା ଭଳି କାମ କରୁଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର, ୧।୪(ବ୍ୟୁରୋ)

ମୁଖ୍ୟ ନିର୍ବାଚନ ଅଧିକାରୀ ଶାସକ ବିଜୁ ଜନତା ଦଳକୁ ସୁହାଇଲା ଭଳି ଦାୟିତ୍ୱ ସମ୍ପାଦନ କରୁଛନ୍ତି। ବିଜେଡି ପ୍ରାର୍ଥୀମାନେ କିପରି ନିର୍ବାଚନରେ ଜିତିବେ ସେଥିପାଇଁ ସେ ସମସ୍ତ ବେଆଇନ କାର୍ଯ୍ୟକଳାପ ଉପରେ ରୋକ ଲଗାଉ ନାହାନ୍ତି। କାଳିଆ ଯୋଜନାରେ ହିତାଧିକାରୀ ତାଲିକା ନ ଥିବା ଏବଂ ବଜେଟ ବ୍ୟବସ୍ଥା ନ ଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ଯୋଜନାକୁ ବନ୍ଦ କରିଛନ୍ତି। ହେଲେ ଏବେ ବି ଗାଁଗଣ୍ଡାରେ କାଳିଆ ଯୋଜନାର ପ୍ରଚାର ଗାଡି ବୁଲୁଛି। ସେ ସବୁ ଗାଡି ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଅନୁମତି ଦେଲେ କେମିତି ? ଯଦି ଦେଇ ନାହାନ୍ତି ତା'ହେଲେ କାଳିଆ ଯୋଜନାର ପ୍ରଚାର ଗାଡି ଜବତ କାହିଁକି ହେଉନାହିଁ ବୋଲି ପ୍ରଶ୍ନ କରିଛନ୍ତି ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର। ସୋମବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି ଯେ ଆଦର୍ଶ ନିର୍ବାଚନ ଆଚରଣବିଧି ଲାଗୁ ହେଲା ସତ୍ତ୍ୱେ ବି କାଳିଆର ପ୍ରଚାର ଗାଡି ବିଭିନ୍ନ ଅଞ୍ଚଳରେ ବୁଲୁଛି। କାଳିଆ ଯୋଜନାର ପ୍ରଚାର ଗାଡି ବୁଲାଇବା ଅନୁମତି ଦେଲା କିଏ? ଏ ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଭୂମିକା ସମ୍ପୂର୍ଣ୍ଣ ସନ୍ଦେହଜନକ। ଏହାଛଡା ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ରରେ ବ୍ୟାପକ ତ୍ରୁଟିଥିବା ସତ୍ତ୍ୱେ ସେମାନଙ୍କର ନାମାଙ୍କନ ପତ୍ର ଖାରଜ କରୁନାହାନ୍ତି ନିର୍ବାଚନ ଅଧିକାରୀମାନେ। ହିଞ୍ଜିଳି ଓ ବିଜେପୁର ବିଜେଡି ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଉରକେଲା ବିଜେଡି ବିଧାୟକ ପ୍ରାର୍ଥୀ ଶାରଦା ନାୟକ ଏବଂ ବଲାଙ୍ଗୀର ବିଜେଡି ଏମପି ପ୍ରାର୍ଥୀ କଳିକେଶ ସିଂଦେଓଙ୍କ ନାମାଙ୍କନରେ ବ୍ୟାପକ ତ୍ରୁଟି ଥିବା ଭାଜପା ଅଭିଯୋଗ କରିଥିଲା। ହେଲେ ସେମାନଙ୍କର ନାମାଙ୍କନପତ୍ର ଖାରଜ କରାଯାଉନାହିଁ। ବିଜେଡିର ହାତବାରିସି ସାଜିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ବୋଲି ମହାପାତ୍ର ଅଭିଯୋଗ କରିଛନ୍ତି।

# ବିଜେଡିକୁ କାଳିଆ ଅଡୁଆ


ସଙ୍ଗୀତା କୁମାରୀ ସିଂଦେଓ


କଳିକେଶ ନାରାୟଣ ସିଂଦେଓ


ସମରେନ୍ଦ୍ର ମିଶ୍ର

ବଲାଙ୍ଗୀରରୁ ସୁନିତ୍ ମିଶ୍ର, ୧।୪

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ୧୬ ଦିନ ବାକି ଅଛି। ଧୀରେଧୀରେ ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ପ୍ରଚାର ଜମିବାରେ ଲାଗିଲାଣି। ରାଜ୍ୟର ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଏବେ ତୃଣମୂଳସ୍ତରକୁ ଯାଇ ଭୋଟ ଭିକ୍ଷାରେ ବ୍ୟସ୍ତ। ସବୁଥର ଭଳି ପ୍ରାର୍ଥୀମାନେ ସାଧାରଣ ଭୋଟରଙ୍କ ନିକଟରେ ପ୍ରତିଶ୍ରୁତିର ଲମ୍ବା ତାଲିକା ଉପସ୍ଥାପନ କରୁଥିବା ଦେଖିବାକୁ ମିଳୁଛି। ଇତିମଧ୍ୟରେ ଏହି ଲୋକ ସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ହୋଇଥିବା କଳିକେଶ ନାରାୟଣ ସିଂଦେଓ ଏବଂ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କର ପୋଷ୍ଟର, ବ୍ୟାନର ସବୁଆଡ଼େ ଛାଇଯାଇଛି। ହେଲେ ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓଙ୍କ ପୋଷ୍ଟର, ବ୍ୟାନର କେଉଁ ସ୍ଥାନରେ ବି ଦେଖିବାକୁ ମିଳୁନାହିଁ। ସୋମବାର ଧରିତ୍ରୀ ପକ୍ଷରୁ ଏହି ଲୋକ ସଭା ଆସନ ଅନ୍ତର୍ଗତ କେତେଗୁଡିଏ ଗାଁର ଲୋକମାନଙ୍କୁ ଭେଟିବା ପରେ ମୁଖ୍ୟତଃ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ପ୍ରତିଯୋଗିତା ହେବାର ଯଥେଷ୍ଟ ସମ୍ଭାବନା ଥିବା ଜଣାପଡିଛି। ଏଥର ନିର୍ବାଚନରେ ଭାଜପାକୁ ପ୍ରତିଯୋଗିତାର ମୁଖ୍ୟସ୍ରୋତକୁ ଆଣିବା ପଛରେ ବିଜେଡିର ତ୍ରୁଟି ମୁଖ୍ୟ କାରଣ ବୋଲି ଲୋକଙ୍କ ମୁହଁରୁ ଶୁଣିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା କାଳିଆ ଯୋଜନାର ବିଫଳତା ନେଇ ନିର୍ବାଚନମଣ୍ଡଳୀର ସବୁଠାରେ ବିଜେଡି ବିରୋଧରେ ଅସନ୍ତୋଷ ଚରମସୀମାରେ ପହଞ୍ଚିଥିବା ଲକ୍ଷ୍ୟ କରାଯାଉଛି।

ବିଜେଡି ପ୍ରାର୍ଥୀ କଳିକେଶ ସୋମବାର ଲୋଇସିଂହା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାଲିଭନା, ଅଙ୍କରିଆପଦର, ବହଲପଦର ଗାଁକୁ ପ୍ରଚାରରେ ଯାଇଥିଲେ। ଏହିସବୁ ସ୍ଥାନରେ ଭୋଟରଙ୍କ ମାନସିକତାକୁ ପରଖିବା ପାଇଁ ଧରିତ୍ରୀ ପକ୍ଷରୁ ଗ୍ରାମବାସୀଙ୍କ ସହ ଆଲୋଚନା ମଧ୍ୟ କରିଥିଲୁ। କାଲିଭନା ଗ୍ରାମର ଭୁବନ ଭୋଇ ଯିଏକି ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି, ତାଙ୍କ ସହ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ନିର୍ବାଚନରେ ତାଙ୍କ ଭୋଟ କେଉଁଆଡ଼େ ଯିବ ବୋଲି ପଚରାଯିବାରୁ ସେ କହିଥିଲେ ଯେ, ଗ୍ରାମର ତିନିଭାଗ ଲୋକଙ୍କ ମଧ୍ୟରୁ ଗୋଟିଏ ଭାଗ ଲୋକେ କାଳିଆ ଟଙ୍କା ପାଇଛନ୍ତି। ଆଉ ଦୁଇଭାଗ ଲୋକ ଏଥିରୁ ବଞ୍ଚିତ ଅଛନ୍ତି। କାଳିଆ ଟଙ୍କା ପାଇଥିବା ସେହି କିଛି ଲୋକ କେନ୍ଦ୍ର ସରକାରଙ୍କ ପ୍ରଣୀତ ପିଏମ୍ କିଷାନ ଯୋଜନାରେ ୨ ହଜାର ଟଙ୍କା ପାଇଛନ୍ତି। ତେବେ କାଳିଆ ଟଙ୍କା ପାଇ ନ ଥିବାରୁ ସେମାନେ କାହିଁକି ବିଜେଡିକୁ ଭୋଟ ଦେବେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଭୁବନଙ୍କ ସହ ଆଲୋଚନା ଭିତରେ ଉକ୍ତ ଗ୍ରାମରେ ଆୟୋଜିତ ଏକ ସଭାରେ ଯୋଗଦେବା ପାଇଁ କଳିକେଶ ପହଞ୍ଚିଥିଲେ। ସେଠାରେ ଉଦ୍‌ବୋଧନ ଦେବାବେଳେ କଳିକେଶ କାଳିଆ ଟଙ୍କା ପାଇ ନ ଥିବା ଲୋକମାନଙ୍କୁ ବୁଝାଉଥିବା ଦେଖିବାକୁ ମିଳିଥିଲା। କାଳିଆ ଟଙ୍କା ସବୁ ଲୋକଙ୍କ ପାଖରେ ନ ପହଞ୍ଚିବା ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟୀ ବୋଲି କଳିକେଶ ଲୋକଙ୍କ ଆଗରେ ମତ ରଖିଛନ୍ତି।

ଏହି ସଭା ଶେଷକରି ଉକ୍ତ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଙ୍କରିଆପଦର ଗ୍ରାମରେ କଳିକେଶ ପହଞ୍ଚିଥିଲେ। ସେଠାରେ ମଧ୍ୟ ସେ ପୂର୍ବ ଗାଁ ଭଳି କାଳିଆ ଟଙ୍କା ପାଇ ନ ଥିବା ଲୋକମାନଙ୍କୁ ବୁଝାଉଥିବାର ଲକ୍ଷ୍ୟ କରାଯାଇଥିଲା। ଆସନ୍ତା ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ସରକାର ଆସିଲେ କାଳିଆ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ଟଙ୍କା ମିଳିବ ବୋଲି ସେ କହିଥିଲେ। ଏହି ଗ୍ରାମର କେତେଜଣ ବୟସ୍କ ଏବଂ ଯୁବ ଭୋଟରଙ୍କ ସହ ଆଲୋଚନା କରିବାବେଳେ ସେଠାରେ ମଧ୍ୟ କାଳିଆକୁ ନେଇ ବିଜେଡି ଉପରେ ଲୋକେ ଅସନ୍ତୁଷ୍ଟ ଥିବା ଦେଖିବାକୁ ମିଳିଥିଲା। ଏହି ଗ୍ରାମର ମହିଳା ଭୋଟର ପଦ୍ମିନୀ ବାଗ କହିଛନ୍ତି, କାଳିଆ ଯୋଜନା ଟଙ୍କା ଗାଁର ଅଧାରୁ କମ୍ ଲୋକଙ୍କୁ ମିଳିଛି। ବିଦ୍ୟୁତ୍ ସେବା ଏଠାରେ ସମ୍ପୂର୍ଣ୍ଣ ହୋଇପାରିନାହିଁ। ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ସହାୟତା ମିଳିପାରୁନାହିଁ ବୋଲି କହିଥିଲେ। ସେହିପରି ବହଲପଦର ଗ୍ରାମବାସୀଙ୍କ ମଧ୍ୟରେ କାଳିଆ ଟଙ୍କାକୁ ନେଇ ବ୍ୟାପକ ଅସନ୍ତୋଷ ଦେଖିବାକୁ ମିଳିଛି। ଉକ୍ତ ସ୍ଥାନରେ ମଧ୍ୟ କଳିକେଶ ଅସନ୍ତୁଷ୍ଟଙ୍କୁ ବୁଝାଇ ଫେରିଛନ୍ତି। ଏହି ଗ୍ରାମର ବହୁ ଯୁବ ଭୋଟର ଭାଜପା ପ୍ରତି ଆକୃଷ୍ଟ ଥିବା ଦେଖିବାକୁ ମିଳିଛି। ଏଥର ଏହି ଗ୍ରାମର ଅଧା ଭୋଟର ଭାଜପାକୁ ଭୋଟ ଦେବାକୁ ଚିନ୍ତା କରିଥିବା କେତେଜଣ ନାମ ଗୋପନ ରଖି ମତ ଦେଇଛନ୍ତି। ପ୍ରାୟ ୨ ଶହ ପରିବାର ବାସ କରୁଥିବା ଏହି ଗ୍ରାମରେ କଳିକେଶ ଦୁଇଟି ସଭା କରିଥିବା ଲକ୍ଷ୍ୟ କରାଯାଇଛି। ଦୁଇଟି ଯାକ ସଭା ମଧ୍ୟରେ ଦୂରତା ମଧ୍ୟ ୫୦ ମିଟରରୁ କମ୍ ଥିବା ଲକ୍ଷ୍ୟ କରାଯାଇଛି। ଏଥିରୁ ବିଜେଡି କର୍ମୀଙ୍କ ମଧ୍ୟରେ ଫାଟ ଥିବା ମୁଖ୍ୟ କାରଣ ବୋଲି ସ୍ଥାନୀୟ ଅଞ୍ଚଳର କିଛି ଲୋକ ମତ ରଖିଛନ୍ତି। ଏତେ ସବୁ ସତ୍ତ୍ୱେ ଉକ୍ତ ୩ ଗ୍ରାମରେ କାଳିଆ ଟଙ୍କାରୁ ବଞ୍ଚିତ ହୋଇଥିବା ପରିବାର ଆସନ୍ତା ନିର୍ବାଚନରେ କାହାକୁ ଭୋଟ ଦେବେ ବୋଲି ପ୍ରଶ୍ନ କରାଯାଇଥିଲା। ହେଲେ ଲୋକମାନେ ନୀରବ ରହିଯାଇଥିଲେ। ଏହିସବୁ ଘଟଣାକୁ ପରଖିବା ପରେ ଆମେ ବୁବେଲ ଗାଁରେ ପହଞ୍ଚିଥିଲୁ। ସେଠାରେ ମଧ୍ୟ ବିଭିନ୍ନ ଲୋକଙ୍କ ସହ ଆଲୋଚନା କରିବା ପରେ ସମାନ ଭାବେ କାଳିଆ ଟଙ୍କା ନ ମିଳିବା ନେଇ ଲୋକେ ଅସନ୍ତୁଷ୍ଟ ଥିବା ଜଣାଇଥିଲେ। ତେବେ ଯେଉଁମାନେ କାଳିଆ ଟଙ୍କାରୁ ବଞ୍ଚିତ ହୋଇଛନ୍ତି, କେଉଁ ଦଳକୁ ସମର୍ଥନ କରିବେ ସେନେଇ କାହିଁକି ମୁହଁ ଖୋଲୁ ନାହାନ୍ତି ବୋଲି ବୁବେଲ ଗାଁର ଜଣେ ପୂର୍ବତନ ସରପଞ୍ଚଙ୍କ ସହ ଆଲୋଚନା କରିଥିଲୁ। ଏ ନେଇ ସେ କହିଛନ୍ତି, ସାରା ରାଜ୍ୟରେ ବିଜେଡି ପ୍ରାର୍ଥୀଙ୍କ ବିରୋଧରେ ଅସନ୍ତୋଷ ରହିଛି। କାଳିଆରୁ ବଞ୍ଚିତ ମାତ୍ରାଧିକ ଭୋଟର ଏଥର ବିକଳ୍ପ ଖୋଜିବା ଲକ୍ଷ୍ୟରେ ରହିଛନ୍ତି। କିନ୍ତୁ ନିର୍ବାଚନକୁ ୧୬ ଦିନରୁ କମ୍ ସମୟ ଥିବାବେଳେ ଅସନ୍ତୁଷ୍ଟଙ୍କୁ ବୁଝାଇବା ପାଇଁ ଅଦ୍ୟାବଧି ଭାଜପା ଓ କଂଗ୍ରେସ ନେତା କେଉଁଠାରେ ପହଞ୍ଚି ପାରୁନାହାନ୍ତି, ଯେଉଁଥିପାଇଁ ଶାସକ ଦଳ ବିରୋଧରେ ଅସନ୍ତୋଷ ଥିଲେ ସୁଦ୍ଧା ଲୋକେ ବିକଳ୍ପ ନ ପାଇ ମୁହଁ ଫେରାଇ ପାରୁନାହାନ୍ତି।

ଅପରପକ୍ଷରେ ବଲାଙ୍ଗୀର ସହରର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିରୋଧୀଦଳ ନେତା ନରସିଂହ ମିଶ୍ର ଆସନ୍ତା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବଲାଙ୍ଗୀର ସହରରେ ନରସିଂହଙ୍କର ପ୍ରଭାବ ରହିଥିବା ଦେଖିବାକୁ ମିଳିଛି। ନରସିଂହଙ୍କ ପୁଅ ସମରେନ୍ଦ୍ର ଏଥର କଂଗ୍ରେସରୁ ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ତଥାପି ଏହି ନିର୍ବାଚନରେ ସମରେନ୍ଦ୍ରଙ୍କୁ ସେତେଟା ସଫଳତା ମିଳି ନ ପାରେ ବୋଲି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ପରେ ଜଣାପଡିଛି। ଅନ୍ୟପକ୍ଷରେ ସହରର ଅଧିକାଂଶ ଯୁବ ଭୋଟର ଭାଜପା ସପକ୍ଷରେ ମତ ରଖିଥିବା କଥାବାର୍ତ୍ତା ବେଳେ ଜଣାପଡ଼ିଛି। ପଶ୍ଚିମ ଓଡ଼ିଶାରେ ଭାଜପା ଭଲ ସ୍ଥିତିରେ ରହିବ ବୋଲି କେତେକ ବୟସ୍କ ବ୍ୟକ୍ତିଙ୍କ ମୁହଁରୁ ଶୁଣିବାକୁ ମିଳିଛି। ସ୍ଥିତି ଭାଜପା ଆଡ଼କୁ ଢଳିଲେ ସଙ୍ଗୀତାଙ୍କ ପଲା ଭାରି ପଡ଼ିପାରେ ବୋଲି କୁହାଯାଉଛି। ଅପରପକ୍ଷରେ କାଳିଆ ଟଙ୍କାରୁ ବଞ୍ଚିତ ହିତାଧିକାରୀଙ୍କୁ ଯିଏ ମନାଇବାରେ ସକ୍ଷମ ହେବେ, ତାଙ୍କୁ ସଫଳତା ମିଳିପାରେ ବୋଲି ଚର୍ଚ୍ଚା ହେଉଛି।

## ପ୍ରତିରକ୍ଷା ସାଟେଲାଇଟ୍ ଏମିସାଟ୍‌ର ସଫଳ ଉତ୍କ୍ଷେପଣ

### ଇସ୍ରୋ ଇତିହାସରେ ପ୍ରଥମ

ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ),୧।୪(ପି.ଟି.)

ଭାରତ ପୁଣି ରଚିଛି ଇତିହାସ। ସୋମବାର ପୂର୍ବାହ୍ନ ୯ଟା ୨୭ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ରକେଟ୍ ଲଞ୍ଚିଂ ପ୍ୟାଡ୍‌ରୁ ପ୍ରତିରକ୍ଷା ସାଟେଲାଇଟ୍ ଏମିସାଟ୍‌ର ସଫଳ ଉତ୍କ୍ଷେପଣ କରାଯାଇଛି। ଏଥିପାଇଁ ରବିବାର ସକାଳୁ ୨୭ ଘଣ୍ଟା ଅବଗଣନା ଆରମ୍ଭ ହୋଇଥିଲା। ପ୍ରତିରକ୍ଷା ଉନ୍ନୟନ ଗବେଷଣା ସଂସ୍ଥା (ଡିଆରଡିଓ) ଦ୍ୱାରା ପ୍ରସ୍ତୁତ ଏହି ସାଟେଲାଇଟ୍ ସହିତ ୨୮ ବିଦେଶୀ ଉପଗ୍ରହକୁ ମଧ୍ୟ ଉତ୍କ୍ଷେପଣ କରାଯାଇଛି। ସେଥିମଧ୍ୟରୁ ଆମେରିକାର ୨୪, ଲିଥୁଆନିଆର ୨, ସ୍ପେନ୍ ଓ ସ୍ୱିଜରଲାଣ୍ଡରୁ ଗୋଟିଏ ଲେଖା ଉପଗ୍ରହ ରହିଛି। ପ୍ରଥମେ ୪୩୬ କିଲୋଗ୍ରାମ ବିଶିଷ୍ଟ ଏମିସାଟ୍‌କୁ ୭୪୯ କିଲୋମିଟର ଉଚ୍ଚ କକ୍ଷପଥରେ ସ୍ଥାପନ କରାଯାଇଥିଲା। ପରେ ୨୮ଟି ସାଟେଲାଇଟ୍‌କୁ ୫୦୪ କିଲୋମିଟର କକ୍ଷପଥ ମଧ୍ୟରେ ଅବସ୍ଥାପନ କରାଯାଇଥିଲା। ଉକ୍ତ ଏମିସାଟ୍ ସାଟେଲାଇଟ୍ ଦ୍ୱାରା ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନଜର ରଖାଯାଇ ପାରିବ। ଇସ୍ରୋ ଇତିହାସରେ ପ୍ରତିରକ୍ଷା ସାଟେଲାଇଟ୍ ଉତ୍କ୍ଷେପଣ ପ୍ରଥମ ଘଟଣା।



ଏମିସାଟ୍‌କୁ କକ୍ଷପଥରେ ଅବସ୍ଥାନ କରାଯିବା ପରେ ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍‌ଙ୍କ ସମେତ ଅନ୍ୟ ବୈଜ୍ଞାନିକମାନେ ଖୁସିରେ ବିଭୋର ହୋଇଯାଇଥିଲେ। ଏମିସାଟ୍‌ର ସଫଳ ଉତ୍କ୍ଷେପଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଇସ୍ରୋ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରତିବାଦ ଜାରି ରଖିଛନ୍ତି ସୁମିତ୍ରା

- ସମାଧାନ କରିପାରିଲେନି ପ୍ରଭାରୀ
- ଖୁବ୍‌ଶୀଘ୍ର କଂଗ୍ରେସ ଇସ୍ତାହାର
- କଂଗ୍ରେସ ଛାଡିଲେ ସାମନ୍ତ ଖମାରୀ

ଭୁବନେଶ୍ୱର,୧।୪(ବ୍ୟୁରୋ)

ଜାତୀୟ କଂଗ୍ରେସ ପ୍ରିୟଙ୍କା ଗାନ୍ଧୀଙ୍କୁ କେନ୍ଦ୍ରରେ ଦାୟିତ୍ୱ ଦେଇଛି। ଅନୁରୂପ ଭାବେ ଅଭିନେତ୍ରୀମାନଙ୍କୁ ଦଳରେ ସାମିଲ କରି ଟିକେଟ ମଧ୍ୟ ଦେଉଛି। ହେଲେ ରାଜ୍ୟ କଂଗ୍ରେସରେ ତାହାର କୌଣସି ପ୍ରତିଫଳନ ଦେଖିବାକୁ ମିଳିନାହିଁ। ପରିସ୍ଥିତି ଏପରି ହୋଇଛି ଯେ, ପିସିସି ମହିଳା ସଭାନେତ୍ରୀ ସୁମିତ୍ରା ଜେନାଙ୍କୁ ଏଯାବତ୍ ଟିକେଟ ଖଣ୍ଡେ ମିଳିନାହିଁ। ସେ ଭଦ୍ରକ ବିଧାନସଭାରୁ ଆଶାୟୀ ଅଛନ୍ତି। ତାଙ୍କୁ ଟିକେଟ ମିଳିବ ନାହିଁ ବୋଲି ଜାଣିବା ପରେ ସେ ପ୍ରତିବାଦ କରିଥିଲେ। ହେଲେ ତାଙ୍କ ସହ କଂଗ୍ରେସ ଭବନରେ ଅଭାବନୀୟ କାଣ୍ଡ ଘଟିବାରେ ଲାଗିଛି। ପରିସ୍ଥିତି ଏପରି ହେଲା କଂଗ୍ରେସ ମୁଖ୍ୟାଳୟରେ ତାଙ୍କୁ ତାଲା ପକାଯାଇ ମହିଳା କର୍ମୀଙ୍କ ଦ୍ୱାରା ଆକ୍ରମଣ କରାଗଲା। ଏପରିକି କଂଗ୍ରେସ ଉପସଭାପତି ଅନନ୍ତ ସେଠୀଙ୍କ ନିକଟରେ ସୁମିତ୍ରା ଅସହାୟ ଭାବେ କାନ୍ଦୁଥିବା ଦେଖାଯାଇଥିଲା। ତାଙ୍କୁ ମାଡ ହୋଇଥିବା ପ୍ରତିବାଦରେ କଂଗ୍ରେସ କର୍ମୀମାନେ ଧାରଣା ଅବ୍ୟାହତ ରଖିଛନ୍ତି। ହେଲେ ପିସିସି ନେତୃତ୍ୱ କୌଣସି ସମାଧାନ ରାସ୍ତା ବାହାର କରିପାରିନାହାନ୍ତି। ପିସିସି ପ୍ରଭାରୀ ଥିବା ଟି.ଏସ୍ ସିଂଦେଓଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତାଙ୍କ ସହ ହୋଇଥିବା ଅସଦାଚରଣ ତଦନ୍ତ ପାଇଁ କମିଟି ଗଠନ କରାଯାଇଛି। ସୁମିତ୍ରାଙ୍କ ପରି କଳାହାଣ୍ଡି ଜିଲା ଭବାନୀପାଟଣାର ସାମନ୍ତ ଖମାରୀ ମଧ୍ୟ ପିସିସି ନେତୃତ୍ୱ ଉପରେ ବର୍ଷିଛନ୍ତି। କଂଗ୍ରେସ ପରିବାରବାଦରେ ବୁଡି ରହିଥିବା ଅଭିଯୋଗ କରିବା ସହ ଦଳ ଛାଡିଛନ୍ତି। ଏଥସହିତ ସୋମବାର ସନ୍ଧ୍ୟାରେ ନବୀନ ନିବାସ ଯାଇ ବିଜେଡିରେ ସାମିଲ ହୋଇଛନ୍ତି।

ଅପରପକ୍ଷରେ କଂଗ୍ରେସ ପକ୍ଷରୁ ଚଳିତ ସପ୍ତାହରେ ନିର୍ବାଚନ ଇସ୍ତାହାର ପ୍ରକାଶ ପାଇବ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୋମବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ନିରଞ୍ଜନ କହିଛନ୍ତି ଯେ, ଅଳ୍ପଦିନ ପରେ ପ୍ରଥମ ପର୍ଯ୍ୟାୟ ଭୋଟ ଆରମ୍ଭ ହେବାକୁ ଯାଉଛି। ଦଳ ପକ୍ଷରୁ ଇସ୍ତାହାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସାରା ରାଜ୍ୟରୁ ବିଭିନ୍ନ ଲୋକଙ୍କ ମତାମତ ସଂଗ୍ରହ କରାଯାଇ ଇସ୍ତାହାରରେ ସ୍ଥାନ ଦିଆଯାଇଥିବା ନିରଞ୍ଜନ କହିଛନ୍ତି। ସେହିପରି ନିରଞ୍ଜନ ମଙ୍ଗଳବାର ଘସିପୁରା ଏବଂ ୮ତାରିଖରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ପାଇଁ ନାମାଙ୍କନ ଦାଖଲ କରିପାରନ୍ତି ବୋଲି ଜଣାପଡିଛି।

## ଶ୍ରମିକଙ୍କ ଦୈନିକ ମଜୁରି ବୃଦ୍ଧି

ଭୁବନେଶ୍ୱର,୧।୪(ବ୍ୟୁରୋ)

ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କର ମଜୁରି ଓ ଦୈନିକ ଭତ୍ତା ବୃଦ୍ଧି କରାଯାଇଛି। ଏ ନେଇ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଖଣି, ଖାଦାନ କ୍ଷେତ୍ରରେ ଭୂମି ଉପରେ ରହି କାର୍ଯ୍ୟରତ ଥିବା ଅଣକୁଶଳୀ ଶ୍ରମିକଙ୍କ ମଜୁରି ୩୯୦ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଅର୍ଦ୍ଧ କୁଶଳୀ ୪୮୭, କୁଶଳୀ ୫୮୪ ଏବଂ ଉଚ୍ଚ କୁଶଳୀ ଶ୍ରମିକଙ୍କ ମଜୁରି ୬୮୧ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଖଣି ଭିତରେ ରହି କାର୍ଯ୍ୟରତ ଅଣକୁଶଳୀ ଶ୍ରମିକଙ୍କ ମଜୁରି ୪୮୭ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଅର୍ଦ୍ଧ କୁଶଳୀ ୫୮୪, କୁଶଳୀ ୬୯୧ ଏବଂ ଉଚ୍ଚ କୁଶଳୀ ଶ୍ରମିକଙ୍କ ମଜୁରି ୭୬୧ ଟଙ୍କାକୁ ବୃଦ୍ଧି କରାଯାଇଛି। ଭୁବନେଶ୍ୱର, କଟକ, ରାଉରକେଲା ସହରାଞ୍ଚଳର ବିଭିନ୍ନ ନିର୍ମାଣ କ୍ଷେତ୍ର, ଟେଲିଫୋନ, ବିଦ୍ୟୁତ୍, ଭୂତଳ କେବୁଲ ବିଛାଇବା, ପାଣି ପାଇପ ବିଛାଇବା, ସ୍ୱେରେଜ ଆଦି କ୍ଷେତ୍ରରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକଙ୍କ ମଜୁରି ୪୮୭ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଅର୍ଦ୍ଧ କୁଶଳୀ ୫୫୧, କୁଶଳୀ ୬୪୫ ଏବଂ ଉଚ୍ଚ କୁଶଳୀ ଶ୍ରମିକଙ୍କ ମଜୁରି ୭୧୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅନ୍ୟାନ୍ୟ ଅଞ୍ଚଳରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରି ୩୯୦ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଅର୍ଦ୍ଧ କୁଶଳୀ ୪୫୭, କୁଶଳୀ ୫୫୧ ଏବଂ ଉଚ୍ଚ କୁଶଳୀ ଶ୍ରମିକଙ୍କ ମଜୁରି ୪୦୭ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କଟକ, ଭୁବନେଶ୍ୱର ଏବଂ ରାଉରକେଲା ସହରାଞ୍ଚଳ କୃଷି କ୍ଷେତ୍ରରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରି ୩୩୯ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଅର୍ଦ୍ଧ କୁଶଳୀ ୩୭୩, କୁଶଳୀ ୪୦୭ ଏବଂ ଉଚ୍ଚ କୁଶଳୀ ଶ୍ରମିକଙ୍କ ମଜୁରି ୪୫୪ ଟଙ୍କାକୁ ବୃଦ୍ଧି କରାଯାଇଛି। ଉପରୋକ୍ତ ସହରାଞ୍ଚଳ ବ୍ୟତୀତ ଅନ୍ୟାନ୍ୟ ସହରାଞ୍ଚଳରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରି ୩୩୬ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଅର୍ଦ୍ଧ କୁଶଳୀ ୩୪୩, କୁଶଳୀ ୩୭୨ ଏବଂ ଉଚ୍ଚ କୁଶଳୀ ଶ୍ରମିକଙ୍କ ମଜୁରି ୪୦୭ ଟଙ୍କାକୁ ବୃଦ୍ଧି କରାଯାଇଛି। କଟକ, ଭୁବନେଶ୍ୱର ଏବଂ ରାଉରକେଲା ଶିଳ୍ପାଞ୍ଚଳରେ ଲୋଡିଂ, ଅନଲୋଡିଂ କ୍ଷେତ୍ରରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକଙ୍କ ଦୈନିକ ଭତ୍ତା ୪୮୭ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଅନ୍ୟାନ୍ୟ ଅଞ୍ଚଳରେ କାର୍ଯ୍ୟରତ ଶ୍ରମିକମାନଙ୍କର ଦୈନିକ ପାରିଶ୍ରମିକ ୩୯୦ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କଟକ, ଭୁବନେଶ୍ୱର ଏବଂ ରାଉରକେଲା ସହରାଞ୍ଚଳରେ ସଫେଇ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କର ଦୈନିକ ମଜୁରି ୪୮୭ ଟଙ୍କା ଏବଂ ଅନ୍ୟାନ୍ୟ ଅଞ୍ଚଳ ପାଇଁ ୩୯୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଉକ୍ତ ସହରାଞ୍ଚଳରେ ଅସ୍ତ୍ରସହିତ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କର ଦୈନିକ ସର୍ବନିମ୍ନ ମଜୁରି ୬୪୫ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅନ୍ୟ ଅଞ୍ଚଳ ପାଇଁ ୫୫୧ ଟଙ୍କା ଧାର୍ଯ୍ୟ କରାଯାଇଛି।

## ମାଇକ୍ରୋ ଫାଇନାନ୍ସ ଚିଟ୍‌ଫଣ୍ଡ ମାମଲା

## ୮୮.୯୯ କୋଟି ଟଙ୍କା ଜବତ କଲା ଇଡି

ଭୁବନେଶ୍ୱର,୧।୪ (ବ୍ୟୁରୋ)

ଚିଟ୍‌ଫଣ୍ଡ ସଂସ୍ଥା ମାଇକ୍ରୋ ଫାଇନାନ୍ସ ପାଇଁ ଏବେ ଅଡୁଆ ବଢ଼ିଛି। ସଂସ୍ଥାର ୧୫୦ରୁ ଅଧିକ ଜମାଖାତାକୁ ଯାଞ୍ଚ କରିବା ପରେ ସେଥିରେ ଥିବା ୮୮.୯୯ କୋଟି ଟଙ୍କା ଜବତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଏଥିସହ ସଂସ୍ଥାର ଆଉ କେଉଁଠି ସମ୍ପତ୍ତି ରହିଛି ସେନେଇ ମଧ୍ୟ ଇଡି ଖୋଳତାଡ କରୁଛି। ସୁରାକ ମିଳିଲେ ତାହା ମଧ୍ୟ ଜବତ କରାଯିବ ବୋଲି ଇଡିର ଜଣେ ଅଧିକାରୀ କହିଛନ୍ତି।

ମାଇକ୍ରୋ ଫାଇନାନ୍ସ ସଂସ୍ଥା ଦେଶର ବିଭିନ୍ନ ରାଜ୍ୟରେ କାର୍ଯ୍ୟାଳୟ ଖୋଲି ଲୋଭନୀୟ ସ୍କିମ୍ ମାଧ୍ୟମରେ ଜମାକାରୀଙ୍କଠାରୁ ବିପୁଳ ଟଙ୍କା ସଂଗ୍ରହ କରିଥିଲା। ଧୀରେ ଧୀରେ ଏହା ଅଧୀନରେ ୬ଟି ପ୍ରମୁଖ ସଂସ୍ଥା କାର୍ଯ୍ୟ କରୁଥିବାବେଳେ ଓଡ଼ିଶାରେ ୪୨୦ ଶାଖା ରହିଥିଲା। ଜମାକାରୀଙ୍କଠାରୁ ୫ଶହ କୋଟି ଟଙ୍କା ଠକେଇ କରି ଉଭାନ ହୋଇଯାଇଥିଲା ସଂସ୍ଥା। ଠକେଇର ଶିକାର ହୋଇଥିବା ଜମାକାରୀମାନେ ବିଭିନ୍ନ ଥାନାରେ ଅଭିଯୋଗ କରିଥିଲେ। ସଂସ୍ଥା ନାମରେ ୧୩ଟି ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଠକେଇ ଘଟଣାକୁ ନେଇ ଇଓଡବ୍ଲ୍ୟୁରେ ମାମଲା ହୋଇଥିଲା। ପ୍ରଥମେ କ୍ରାଇମ୍‌ବ୍ରାଞ୍ଚ ଏହି ମାମଲାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ଧିମା ଚାଲୁଥିବା ନେଇ ଅଭିଯୋଗ ଆସିବା ପରେ ସିବିଆଇ ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲା। ସଂସ୍ଥାର ମୁଖ୍ୟ ଦୁର୍ଗା ପ୍ରସାଦ ମିଶ୍ରଙ୍କୁ ଡିସେମ୍ବର ୨୦୧୪ରେ ଗିରଫ କରାଯାଇଥିଲା। ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯିବା ପରେ କୋର୍ଟରେ ବିଚାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଭୁବନେଶ୍ୱର ସ୍ପେଶାଲ ସିବିଆଇ କୋର୍ଟ ଏହି ମାମଲାର ବିଚାର କରି ତାଙ୍କୁ ୩ବର୍ଷ ଜେଲ ଦଣ୍ଡ ଦେଇଥିଲେ। ଏପରିକି ସଂସ୍ଥାର ନାମରେ ଥିବା ୨୧୫ କୋଟି ଟଙ୍କାର ସମ୍ପତ୍ତି ଆଟାଚ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସଂସ୍ଥାର ସମ୍ପତ୍ତି ବଢିଯିବାରୁ ସିବିଆଇ ପକ୍ଷରୁ ତଦନ୍ତ କରିବା କଷ୍ଟକର ହୋଇପଡିଥିଲା। ତେଣୁ ୧ ବର୍ଷ ହେବ ସିବିଆଇଠାରୁ ତଦନ୍ତ ଭାରତ ଇଡି ନେଇଛି।

### ସର୍ବଶିକ୍ଷା ଅଭିଯାନ ହେରଫେର ମାମଲାରେ ପଦକ୍ଷେପ

ଅନ୍ୟପକ୍ଷରେ ବଲାଙ୍ଗୀରର ସର୍ବଶିକ୍ଷା ଅଭିଯାନ ହେରଫେର ମାମଲାରେ ଇଡି ପଦକ୍ଷେପ ଗ୍ରହଣ କରିଛି। ଅଭିଯାନର ତତ୍କାଳୀନ କ୍ୟାଶିୟର ଡ. ସାହୁ ଓ ଆକାଉଣ୍ଟାଣ୍ଟ୍ ଜେଠୁ ସାହୁଙ୍କ ୨.୨୧ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିବା ସୂଚନା ମିଳିଛି।

## ବଳାତ୍କାରୀଙ୍କୁ ସୁରକ୍ଷା ଦେଉଥିବା ନେତାଙ୍କୁ ଟିକେଟ ଦେଉଛି ବିଜେଡି: ଲେଖାଶ୍ରୀ

ଭୁବନେଶ୍ୱର, ୧।୪(ବ୍ୟୁରୋ)

ବଳାତ୍କାରୀଙ୍କୁ ସୁରକ୍ଷା ଦେଉଥିବା ମନ୍ତ୍ରୀ ଓ ବିଧାୟକମାନଙ୍କୁ ବିଜେଡି ଟେକେଟ ଦେଉଛି। ବେବିନା ବଳାତ୍କାର ମାମଲାରେ ସମ୍ପୃକ୍ତ ଥିବା ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ବିଜୁ ଜନତା ଦଳ ପିପିଲିରୁ ଟିକେଟ ଦେଇଛି। ଏହି ମାମଲାରେ ଦୋଷୀମାନଙ୍କୁ କ୍ରାଇମବ୍ରାଞ୍ଚ ଜାଣିଶୁଣି ତଥ୍ୟ ପ୍ରମାଣ ଉପସ୍ଥାପନା ନ କରି ଅଦାଲତରୁ ଖସାଇ ଦେଲା। ସେତେବେଳେ ମନ୍ତ୍ରୀ ମହାରଥୀ ସତ୍ୟର ଜୟ ହୋଇଛି ବୋଲି କହିଥିଲେ। ବିଧାନସଭା ଭିତରେ ମହାରଥୀ ଭାଜପା ବିଧାୟିକା ରାଧାରାଣୀ ପଣ୍ଡାଙ୍କୁ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏକ ସାଧାରଣ ସଭାରେ ପ୍ରଦୀପ ମହାରଥୀ ବୁଲେଟ୍ ଟ୍ରେନ ଉପରେ ଭାଷଣ ଦେଉଥିଲା ବେଳେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଯେଉଁ ମୁଖ୍ୟମନ୍ତ୍ରୀ ମହିଳାଙ୍କ ପାଇଁ ଲୋକ ସଭା ଓ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କଥା ଉଠାଇଥିଲେ ସେ କିପରି ଭାବେ ଏଭଳି ବ୍ୟକ୍ତି ବିଶେଷଙ୍କୁ ଟିକେଟ ଦେଲେ ବୋଲି ଭାଜପା ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର ପ୍ରଶ୍ନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ନେତୃମଣ୍ଡଳୀ।

ସୋମବାର ଦଳୀୟ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ପୁରୀ ବିଧାନସଭା ଆସନରେ ମହେଶ୍ୱର ମହାନ୍ତିଙ୍କୁ ଟିକେଟ ଦିଆଯାଇଛି। ତାଙ୍କ ନାମରେ ବିଧାନସଭାର ଜଣେ ମହିଳା ମାର୍ଶଲଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ରହିଛି। ସେହିପରି ତାଳଚେର ଆସନ ପାଇଁ ବ୍ରଜ ପ୍ରଧାନଙ୍କୁ ବିଜେଡି ଟିକେଟ ଦେଇଛି, ଯାହାଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ଆସିଛି। ଏହି ମାମଲା ବିଚାରାଧୀନ ରହିଛି। ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ସ୍ୱାର୍ଥର କଥା କହିବା ଶହେମୂଷା ଖାଇଥିବା ବିଲେଇର ତୀର୍ଥ ଯାତ୍ରା ସହ ସମାନ। ବିଜେଡି ୨୦୦୦ରୁ ୨୦୧୪ ମଧ୍ୟରେ ୪ଟି ବିଧାନସଭା ଓ ଲୋକ ସଭା ନିର୍ବାଚନରେ ୧୦ ପ୍ରତିଶତ ମହିଳା ପ୍ରାର୍ଥୀ ଦେଇ ନ ଥିଲା। ସେହିପରି ଲୋକ ସଭା ନିର୍ବାଚନରେ ୨୦୦୯ରେ ଜଣେ ବି ମହିଳା ପ୍ରାର୍ଥୀ ଦେଇ ନ ଥିଲା ବିଜେଡି। ନବୀନଙ୍କ ୨୦ ଜଣିଆ ମନ୍ତ୍ରିମଣ୍ଡଳରେ ମାତ୍ର ଜଣେ ମହିଳା ମନ୍ତ୍ରୀ ଥିଲେ। ମହିଳା ବିରୋଧୀ ହିଂସା ମାମଲାରେ ଓଡ଼ିଶା ଦେଶରେ ତୃତୀୟ ସ୍ଥାନରେ ଥିଲା ବେଳେ ମାତ୍ର ୬.୨ ପ୍ରତିଶତ ଦୋଷୀସାବ୍ୟସ୍ତ ହୋଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି, ସୋସିଆଲ ମିଡିଆ ସଂଯୋଜିକା କସ୍ତୁରୀ ମିଶ୍ର, ସୁଜାତା ପାତ୍ରୀ, ଚିତ୍ରଲେଖା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଣା-ନୂଆ ମୁହଁ ମଧ୍ୟରେ ଟକ୍କର

**ସଦାଶିବ ପ୍ରହରାଜ**
**ନବରଙ୍ଗପୁର,୧।୪**

## ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ଲଢେଇ

**ବିଜେଡିର ଭୋଟ ବିଭାଜନ କରିପାରନ୍ତି ବେଦବ୍ୟାସ**

ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ୨୦୦୪ ପର୍ଯ୍ୟନ୍ତ କଂଗ୍ରେସର ଗଡ଼ ରହିଥିଲା। ୨୦୦୯ ମସିହାରେ ଏହା ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣ ହେବା ପରେ କଂଗ୍ରେସର ଗଡ ଭାଙ୍ଗି ବିଜେଡି ଦୁଇ ଥର ଏଠାରୁ ବିଜୟୀ ହୋଇଛି। ଚଳିତ ନିର୍ବାଚନରେ ଏଠାରୁ କଂଗ୍ରେସର ସଦନ ନାୟକ, ଭାଜପାର ଗୌରୀ ଶଙ୍କର ମାଝି ଓ ବିଜେଡିର ସଦାଶିବ ପ୍ରଧାନୀ, ସ୍ୱାଧୀନ ପ୍ରାର୍ଥୀ ବେଦବ୍ୟାସ ଭତ୍ରା ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଭାଜପା ଓ ବିଜେଡି ଏଠାରେ ନୂଆ ମୁହଁ ଦେଇଥିବା ବେଳେ କଂଗ୍ରେସ ପୁରୁଣା ପ୍ରାର୍ଥୀଙ୍କ ଉପରେ ଭରସା ରଖିଛି। ବିଜେଡି ଏଠାରେ ପୂର୍ବତନ ଏମପି ଖଗପତି ପ୍ରଧାନୀଙ୍କ ପୁତୁରା ତଥା ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଗୋପୀନାଥ ପ୍ରଧାନୀଙ୍କ ପୁଅ ସଦାଶିବ ପ୍ରଧାନୀଙ୍କୁ ପ୍ରାର୍ଥୀ କରିଛି। ଦୀର୍ଘ ବର୍ଷ ହେବ ଦଳର ପଦପଦବୀରେ ରହିଥିବା ବେଦବ୍ୟାସ ଭତ୍ରା ଓ ସ୍ୱତନ୍ତ୍ର ବିକାଶ ପରିଷଦର ଉପାଧ୍ୟକ୍ଷା ମଂଜୁଳା ମାଝୀ ଆଶାୟୀ ପ୍ରାର୍ଥୀ ଭାବେ ରହିଥିଲେ। ସଦାଶିବଙ୍କୁ ଦଳ ପ୍ରାର୍ଥୀ କରିବା ପରେ ଆଶାୟୀଙ୍କ ଆଶା ପୂରଣ ହୋଇ ନ ଥିଲା। ମଂଜୁଳାଙ୍କୁ ଦଳ ଅଣଦେଖା କରି ରଖିଥିବାରୁ ସେଥିପାଇଁ ସେ ସକ୍ରିୟ ନଥିବା ଜଣାପଡିଛି। ବେଦବ୍ୟାସଙ୍କୁ ବିଜେଡି ପ୍ରାର୍ଥୀ ନକରିବାରୁ ସେ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଛନ୍ତି। ଏହା ବିଜେଡି ପାଇଁ ଅଡୁଆ ହୋଇପାରେ। ବେଦବ୍ୟାସ ସ୍ୱାଧୀନ ପ୍ରାର୍ଥୀ ହେବା ପରେ ବିଜେଡି ଭୋଟ ବିଭାଜନ ହୋଇପାରେ। ଏହି ଭୋଟ ଭାଜପା ଓ କଂଗ୍ରେସ ଆଡକୁ ଯାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ଏଠାରେ ମୁଖ୍ୟତଃ କଂଗ୍ରେସ, ଭାଜପା ଓ ବିଜେଡି ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ସେଥିପାଇଁ ୩ ଦଳର ପ୍ରାର୍ଥୀ ବିଭିନ୍ନ ପ୍ରତିଶ୍ରୁତି ଦେଇ ନିର୍ବାଚନ ମଣ୍ଡଳୀରେ ଭୋଟରଙ୍କୁ ନିଜ ଆଡ଼କୁ ଟାଣିବା ପାଇଁ ଲାଗିଛନ୍ତି। ଗାଁମାନଙ୍କରେ ବୈଠକ ଓ ସଭାସମିତି ଆଦି କରି ନିର୍ବାଚନୀ ପ୍ରଚାର ଜୋରଦାର କରିଛନ୍ତି। ଶିକ୍ଷା, ଜଳସେଚନ, ମହିଳା ସଶକ୍ତୀକରଣ ପ୍ରମୁଖ ବିକାଶମୂଳକ କାର୍ଯ୍ୟ ସହ ବିଜେଡି ସରକାର ସମୟରେ ହୋଇଥିବା ଜନହିତକର ଯୋଜନାକୁ ନେଇ ବିଜେଡି ନିର୍ବାଚନ ମଇଦାନରେ ପ୍ରଚାର କରୁଛି। ଇନ୍ଦ୍ରାବତୀ ନଦୀ ଜଳ ତଳମୁଣ୍ଡକୁ କେନାଲ ମାଧ୍ୟମରେ ଯୋଗାଇ ଦିଆଯିବ ବୋଲି ବିଜେଡି ସରକାର ଦେଇଥିବା ପ୍ରତିଶ୍ରୁତିକୁ ୧୦ ବର୍ଷ ବିତିଗଲା। ଏ ପର୍ଯ୍ୟନ୍ତ ମାଟି ଖୋଲା ହୋଇ ପାରିଲା ନାହିଁ। କଂଗ୍ରେସ ସରକାର ଆସିଲେ ଧାନର ସର୍ବନିମ୍ନ ବିକ୍ରି ମୂଲ୍ୟ ବୃଦ୍ଧି, ନିଯୁକ୍ତି ସୁଯୋଗ, କୃଷିଋଣ ଛାଡ କରାଯିବ ବୋଲି ପ୍ରସଙ୍ଗ କରି କଂଗ୍ରେସ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ନ ମିଳିବା, ଦାଦନ ଶ୍ରମିକ ସମସ୍ୟା, ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥା, ଜଳାଶୟ, ନଦୀ, ନାଳ ରହି ମଧ୍ୟ ଜଳସେଚନ ବ୍ୟବସ୍ଥା ନ ଥିବା, ମକା ଓ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ନ ମିଳିବା ଓ ମଣ୍ଡି ଖୋଲା ନ ଯିବା ପ୍ରମୁଖ ଘଟଣା ଉପରେ ଫୋକସ କରି ଭାଜପା ନିର୍ବାଚନ ମଇଦାନରେ ପ୍ରଚାର ଜୋର କରିଛି। ଅନ୍ୟପକ୍ଷରେ ସ୍ୱାଧୀନ ପ୍ରାର୍ଥୀ ବେଦବ୍ୟାସ ଭାଜପା, କଂଗ୍ରେସ ଓ ବିଜେଡି ବିପକ୍ଷରେ ପ୍ରଚାର କରି ଭୋଟରଙ୍କୁ ନିଜ ଆଡକୁ ମୁହାଁଇବା ପାଇଁ ଭିତିରିଆ ଉଦ୍ୟମ ଚଳାଇଛନ୍ତି।


ସଦନ ନାୟକ


ସଦାଶିବ ପ୍ରଧାନୀ


ଗୌରୀ ଶଙ୍କର ମାଝି


ବେଦବ୍ୟାସ ଭତ୍ରା

### ୨୦୧୪ ନିର୍ବାଚନ ଫଳାଫଳ

| ପ୍ରାର୍ଥୀଙ୍କ ନାମ | ଦଳ | ପାଇଥିବା ଭୋଟ | ଭୋଟ ପ୍ରତିଶତ |
|---|---|---|---|
| ମନୋହର ରନ୍ଧାରୀ | ବିଜେଡି | ୭୬୬୫୯ | ୩୬.୨୯% |
| ସଦନ ନାୟକ | କଂଗ୍ରେସ | ୬୫୨୭୦ | ୩୦.୯୦% |
| ବୀରେନ୍ଦ୍ର ପୂଜାରୀ | ଭାଜପା | ୧୩୪୯୬ | ୬.୩୯% |
| ନୋଟା | | ୩୬୨୪ | ୦.୮୮% |

### ୨୦୦୯ ନିର୍ବାଚନ ଫଳାଫଳ

| ପ୍ରାର୍ଥୀଙ୍କ ନାମ | ଦଳ | ପାଇଥିବା ଭୋଟ | ଭୋଟ ପ୍ରତିଶତ |
|---|---|---|---|
| ମନୋହର ରନ୍ଧାରୀ | ବିଜେଡି | ୫୧୪୪୮ | ୨୫.୪୧% |
| ସଦନ ନାୟକ | କଂଗ୍ରେସ | ୪୮୧୧୪ | ୨୩.୭୬% |
| ମଞ୍ଜୁଳା ମାଝି | ଭାଜପା | ୧୮୧୩୫ | ୧୩.୮୯% |

### ନିର୍ବାଚନ ମଣ୍ଡଳୀର ସ୍ଥିତି

ନବରଙ୍ଗପୁର ବ୍ଲକର ୧୩ ଟି ପଞ୍ଚାୟତ, ନନ୍ଦାହାଣ୍ଡି ବ୍ଲକର ୧୧, କୋଷାଗୁମୁଡା ବ୍ଲକର ୧୧, ତେନ୍ତୁଳିଖୁଣ୍ଟି ବ୍ଲକର ୧୫ ପଞ୍ଚାୟତକୁ ନେଇ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ ହୋଇଛି। ଚଳିତ ବର୍ଷ ୨୭୦ ବୁଥରେ ଭୋଟର ମତଦାନ କରିବେ।

ମୋଟ ଭୋଟର ସଂଖ୍ୟା
**୨,୨୬,୧୩୦**
ମହିଳା ଭୋଟର
**୧,୧୫,୬୬୦**
ପୁରୁଷ ଭୋଟର
**୧,୧୦,୪୩୪**
ଅନ୍ୟାନ୍ୟ
**୩୬**

## ଢେଙ୍କାନାଳ ବିଧାନସଭା କ୍ଷେତ୍ର

# ୩ ପୂର୍ବତନ ବିଧାୟକଙ୍କ ପାଇଁ ଅଗ୍ନିପରୀକ୍ଷା

**ରତନ ନାୟାର**
**ଢେଙ୍କାନାଳ ଅଫିସ, ୧।୪**

କଂଗ୍ରେସ, ଭାଜପା ଏବଂ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ପରେ ଢେଙ୍କାନାଳ ବିଧାନସଭା ଆସନର ଚିତ୍ର ସ୍ପଷ୍ଟ ହୋଇଛି। ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩ ପ୍ରାର୍ଥୀ ସୁଧୀର କୁମାର ସାମଲ (ବିଜେଡି), କୃଷ୍ଣଚନ୍ଦ୍ର ପାତ୍ର (ଭାଜପା) ଏବଂ ନବୀନ ନନ୍ଦ (କଂଗ୍ରେସ) ପୂର୍ବରୁ ବିଧାୟକ ରହିଆସିଛନ୍ତି। ୨୦୧୯ ନିର୍ବାଚନ ସେମାନଙ୍କ ପାଇଁ ଅଗ୍ନି ପରୀକ୍ଷା ସଦୃଶ ହୋଇଥିବାବେଳେ ଢେଙ୍କାନାଳ ନିର୍ବାଚନମଣ୍ଡଳୀ ହେଭିୱେଟ୍‌ଙ୍କ ଲଢ଼େଇ ଦେଖିବ ବୋଲି ଚର୍ଚ୍ଚା ହେଉଛି। ଭାଜପାର ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ରାଜନୀତିରେ ପୁରୁଣା ଚେହେରା। ସେ ବିଭିନ୍ନ ସମୟରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ୨୦୦୦ରେ ସେ ଢେଙ୍କାନାଳ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସୁଧୀର ମଧ୍ୟ ଏ କ୍ଷେତ୍ରରେ ପଛରେ ନାହାନ୍ତି। ନିର୍ବାଚନମଣ୍ଡଳୀରେ ତାଙ୍କର ପୁରୁଣା ସଙ୍ଗଠନ ରହିଛି। ୨୦୦୪ରେ ସେ କଂଗ୍ରେସ ଟିକେଟରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ। ୨୦୧୪ରେ ଏମ୍‌ପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ତାଙ୍କୁ ସଫଳତା ମିଳି ନ ଥିଲା। ପରେ ସେ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଚଳିତ ସାଧାରଣ ନିର୍ବାଚନରେ ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ବିଧାୟକ ପ୍ରାର୍ଥୀ କରିଛନ୍ତି। ସେହିପରି ନବୀନ ୨୦୦୯ରେ ଗଁଦିଆ ବିଧାନସଭା ଆସନରୁ ଏନ୍‌ସିପିରୁ ବିଜୟୀ ହୋଇ ବିଧାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ମିଶିଥିଲେ। ଦୀର୍ଘଦିନରୁ ଦଳରେ କୋଣଠେସା ହୋଇ ରହିବା ପରେ ଚଳିତ ବର୍ଷ ସେ କଂଗ୍ରେସ ଶିବିରରେ ଯୋଗଦେଇ ଟିକେଟ ପାଇଛନ୍ତି। ସମ୍ପୃକ୍ତ ୩ ଜଣ ନେତା ରାଜନୀତିକ ଗୋଟିଚାଳନାରେ ସିଦ୍ଧହସ୍ତ। ତଥାପି ସମ୍ମାନ ଦୃଷ୍ଟିରୁ ଚଳିତ ନିର୍ବାଚନ ସମସ୍ତଙ୍କ ପାଇଁ କଠୋର ପରୀକ୍ଷା ସଦୃଶ ହୋଇଛି। ଅନ୍ୟପଟେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଢେଙ୍କାନାଳ ସଦର ବ୍ଲକ, ପୌରାଞ୍ଚଳ, ଗଁଦିଆ ବ୍ଲକର ଲାଗି ରହିଥିବା ସମସ୍ୟା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷକୁ ପୁଞ୍ଜୀଭୂତ କରିଛି। ଗ୍ରୀଷ୍ମପ୍ରବାହରେ ପାନୀୟ ଜଳ କଷ୍ଟରେ ସନ୍ତୁଳି ହେଉଛନ୍ତି ଲୋକେ। ପୌରାଞ୍ଚଳର ୨୩ ୱାର୍ଡ ମଧ୍ୟରୁ ୧୨ ୱାର୍ଡକୁ ପାଣି ମିଳୁନାହିଁ। ସ୍ୱାସ୍ଥ୍ୟ, ଶିକ୍ଷା, କଳକାରଖାନା ପୁନରୁଦ୍ଧାର, ନିଯୁକ୍ତି, ଜଳସେଚନ ସମସ୍ୟାର ସମାଧାନ ହୋଇପାରିନାହିଁ। ନିର୍ବାଚନ ମଇଦାନରେ ପ୍ରାର୍ଥୀମାନେ ଏସବୁ ସମସ୍ୟା ପାଇଁ ସିଧାସଳଖ ଲୋକଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହେବା ସମ୍ଭାବନା ରହିଛି। କେଉଁ ଦଳ ଏହାକୁ କିପରି ସାମ୍ନା କରିବ ତାହା ଏବେ ଆଲୋଚନାର ବିଷୟ ପାଲଟିଛି।

### ଚିନ୍ତା ବଢ଼ାଇପାରନ୍ତି ଗୃହଶତ୍ରୁ

ବିଜେଡି, ଭାଜପା ଏବଂ କଂଗ୍ରେସ ପକ୍ଷରୁ ଢେଙ୍କାନାଳ ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା ପରେ ସବୁ ଦଳ ମଧ୍ୟରେ ଆରମ୍ଭ ହୋଇଛି ଅନ୍ତର୍ଦ୍ୱନ୍ଦ୍ୱ। ଟିକେଟ୍‌ରୁ ବଞ୍ଚିତ ଆଶାୟୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ କଣ୍ଟା ହେବା ଆଶଙ୍କା ରହିଛି। ସେମାନେ ଗୃହଶତ୍ରୁ ହୋଇ ଅନ୍ୟ ଦଳ ସହିତ ହାତ ମିଶାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏପରି କି କେତେଜଣ ଆଶାୟୀ ସ୍ୱାଧୀନରୁ ଲଢ଼ିବେ ବୋଲି ଖୋଲାଖୋଲି କହିଲେଣି, ଯାହା ଦଳ ଲାଗି ଚିନ୍ତାର କାରଣ ପାଲଟିଛି। ଅପରପକ୍ଷେ ନିର୍ବାଚନ ପୂର୍ବରୁ ଅସନ୍ତୁଷ୍ଟଙ୍କୁ ମନେଇବାରେ ଲାଗିପଡ଼ିଛନ୍ତି ବିଧାୟକ ପ୍ରାର୍ଥୀ। ଏପ୍ରିଲ ୪ ନାମାଙ୍କନ ଦାଖଲର ଶେଷଦିନ। ଏହା ପୂର୍ବରୁ ସମସ୍ତଙ୍କୁ ଏକାଠି କରି ଶକ୍ତି ପ୍ରଦର୍ଶନ କରିବାକୁ ପ୍ରମୁଖ ଦଳ ଯୋଜନା କରୁଛନ୍ତି।

### ଲୋକ ପରଖିବେ କିଏ ଭେଜାଲ, କିଏ ଭଲ

"ଜନସାଧାରଣଙ୍କ ସେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩ ପ୍ରମୁଖ ଦଳର ପ୍ରାର୍ଥୀ ତିନି ନଦୀର ପାଣି ସଦୃଶ। ଲୋକେ ପରଖିବେ କିଏ ଭେଜାଲ, କିଏ ଭଲ। ମୁଁ ବିଜେଡିରେ ନିଃସର୍ତ୍ତ ଭାବେ ମିଶିଛି। ଜିଲାର ସବୁ ଆସନରେ ବିଜୟ ହେବୁ ବୋଲି ଲକ୍ଷ୍ୟ ରଖିଛୁ।

– ସୁଧୀର କୁମାର ସାମଲ



### ନିର୍ବାଚନରେ ଭଲ କରିବୁ

"ଚଳିତ ନିର୍ବାଚନରେ ଭାଜପା ନିଶ୍ଚିତ ଭାବେ ଭଲ ପ୍ରଦର୍ଶନ କରିବ। ଓଡ଼ିଶାରେ ୧୨୦ ଆସନ ଜିତିବା ଲକ୍ଷ୍ୟ ନେଇ ରଣାଙ୍ଗନକୁ ଓହ୍ଲାଇବୁ। ଢେଙ୍କାନାଳରେ ପିଇବା ପାଣିଠାରୁ ଆରମ୍ଭ କରି ଡ୍ରେନେଜ ବ୍ୟବସ୍ଥା, ଡାକ୍ତର ଅଭାବ, ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚାଷକୁ ପାଣି ନାହିଁ। ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳୁନାହିଁ। ଏସବୁ ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ ହେବ।

– କୃଷ୍ଣଚନ୍ଦ୍ର ପାତ୍ର



### ଦଳୀୟ କର୍ମୀ ଉତ୍ସାହିତ

"୨୦୦୯ ନିର୍ବାଚନରେ ପରସ୍ପର ଭିନ୍ନ ଭିନ୍ନ ଚିହ୍ନରେ ଲଢ଼ିଥିଲୁ। ଢେଙ୍କାନାଳ ଓ ଗଁଦିଆର ଲୋକେ ଭଲ ଭାବେ ଜାଣିଛନ୍ତି, କିଏ ବିପଦ ଆପଦରେ ସେମାନଙ୍କ ପାଖରେ ପହଞ୍ଚିପାରିବ। ଜିଲାରେ ପାନୀୟ ଜଳ, ସୂତାକଳ ପୁନରୁଦ୍ଧାର, ଜଳସେଚନ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି। କେ.ପି. ସିଂଦେଓଙ୍କ ଏମ୍‌ପି ଟିକେଟ୍ ଦଳୀୟ କର୍ମୀମହଲରେ ଉତ୍ସାହ ଭରିଛି। ଏହା ନିର୍ବାଚନରେ ପ୍ରତିଫଳିତ ହେବ।

– ନବୀନ ନନ୍ଦ



# ବିଜେଡି ପ୍ରଚାର ରାଲିରେ ଯୁବ କଂଗ୍ରେସ ସଭାପତି

**ବ୍ରହ୍ମପୁର ଅଫିସ୍,୧।୪**

ଟିକେଟ ବଣ୍ଟନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଦେଶ କଂଗ୍ରେସ କମିଟିକୁ ଟାର୍ଗେଟ୍ କରି ଆସୁଥିବା ବ୍ରହ୍ମପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପାତ୍ର ପୁଣି ଥରେ ଚର୍ଚ୍ଚାରେ ରହିଛନ୍ତି। ସୋମବାର ବିଜେଡି ପ୍ରଚାର ରାଲିରେ ବିଶ୍ୱଜିତଙ୍କୁ ଦେଖିବାକୁ ମିଳିଥିଲା, ଯାହାକୁ ନେଇ ବିଭିନ୍ନ କଥା ଚର୍ଚ୍ଚା ହେଉଛି। ବିଜିପୁରରେ ସୋମବାର ବିଜେଡି ବିଧାନସଭା ପ୍ରାର୍ଥୀ ବିକ୍ରମ ପଣ୍ଡା ଏବଂ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ପ୍ରଚାର କରିଥିଲେ। ଏହି ପ୍ରଚାର ବେଳେ ଗାଡ଼ି ଉପରେ ବିକ୍ରମ ଏବଂ ରମେଶଙ୍କ ସହ ବିଶ୍ୱଜିତଙ୍କୁ ଦେଖିବାକୁ ମିଳିଥିଲା। ସେ ବେକରେ ବିଜେଡ଼ି ଗାମୁଛା ପକାଇଥିଲେ। ଦେଖୁ ଦେଖୁ ବିଶ୍ୱଜିତଙ୍କ ଏହି ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଯାଇଥିଲା। ତେବେ ଏନେଇ ବିଶ୍ୱଜିତଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ। କିନ୍ତୁ ତାଙ୍କର ଜଣେ ସମର୍ଥକଙ୍କ କହିବା କଥା ହେଲା, ବିଜେଡିର ପ୍ରଚାର ରାଲି ବିଜିପୁରରେ ବିଶ୍ୱଜିତଙ୍କ ଘର ସମ୍ମୁଖ ଦେଇ ଯାଉଥିଲା। ଯୁବ କଂଗ୍ରେସ ଛାଡ଼ି ବିଜେଡ଼ିରେ ଯୋଗଦେଇଥିବା ଅନେକ ନେତା ଏହି ରାଲିରେ ଥିଲେ। ବିଶ୍ୱଜିତଙ୍କ ସହ ସେମାନଙ୍କ ସମ୍ପର୍କ ଭଲ। ଏଣୁ ସେମାନେ ବିଶ୍ୱଜିତଙ୍କୁ ଟାଣି ଗାଡ଼ି ଉପରକୁ ନେଇଯାଇଥିଲେ। ଅଳ୍ପ ସମୟ ପରେ ବିଶ୍ୱଜିତ ଗାଡ଼ିରୁ ଓହ୍ଲାଇଥିଲେ। ସେ କଂଗ୍ରେସ ଛାଡୁନାହାନ୍ତି କିମ୍ବା ବିଜେଡ଼ିରେ ଯୋଗଦେବେ ନାହିଁ ବୋଲି ବିଶ୍ୱଜିତଙ୍କ ସମର୍ଥକ ଜଣକ କହିଛନ୍ତି।

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ପୂର୍ବତନ ସଭାପତି ବିଶ୍ୱଜିତ ଗତ ୧୫ବର୍ଷ ହେଲା କଂଗ୍ରେସ ରାଜନୀତିରେ ସକ୍ରିୟ ଅଛନ୍ତି। ଚଳିତ ଥର ସେ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆଶାୟୀ ଥିଲେ। ବାରମ୍ବାର ଦିଲ୍ଲୀ ଦୌଡ଼ିବା ସହ ଏଆଇସିସି ଏବଂ ପିସିସି ନେତାଙ୍କ ସହ ଲଗାତର ଯୋଗାଯୋଗରେ ଥିଲେ। କିନ୍ତୁ ତାଙ୍କୁ ଦଳ ଟିକେଟ ଦେଇ ନ ଥିଲା। ଏହାକୁ ନେଇ ବିଶ୍ୱଜିତ ଅସନ୍ତୁଷ୍ଟ ଥିଲେ। ଗତ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ପିସିସି ପଦାଧିକାରୀଙ୍କ ବିରୋଧରେ ସ୍ୱର ଉଠାଇବା ସହ ଟିକେଟ ବଣ୍ଟନରେ ପକ୍ଷପାତିତା ହୋଇଛି ବୋଲି ଅଭିଯୋଗ କରିଥିଲେ। ବ୍ରହ୍ମପୁର ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦଳ ଘୋଷଣା କରିଥିବା ପ୍ରାର୍ଥୀଙ୍କୁ ମଧ୍ୟ ସେ ସମାଲୋଚନା କରିଥିଲେ। ଫଳରେ ପିସିସିର ଆକ୍ରୋଶର ସମ୍ମୁଖ ହୋଇଥିଲେ ବିଶ୍ୱଜିତ। ଏଭଳି ପରିସ୍ଥିତିରେ ସୋମବାର ବିଜେଡିର ପ୍ରଚାର ରାଲିରେ ବିଶ୍ୱଜିତଙ୍କ ଯୋଗଦାନକୁ ନେଇ ରାଜନୈତିକ ମହଲରେ ବିଭିନ୍ନ କଥା ଆଲୋଚନା ହେଉଛି।


ବିଜେଡି ପ୍ରଚାର ରାଲିରେ ବିଶ୍ୱଜିତ ପାତ୍ର

## ବରୀ ବିଜେଡି ରାଜନୀତି

# ସୁନନ୍ଦାଙ୍କ ଉପରେ ଭରସା

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୧।୪**

**ବିଶ୍ୱରଞ୍ଜନଙ୍କ ପାଇଁ ବଢିଲା ସୁଯୋଗ**

**ଝୁଲି ରହିଲା କୋରେଇ, ଯାଜପୁର ଆସନ**

**ଧରିତ୍ରୀ ଆଶଙ୍କା ସତ ହେଲା**

ଯାଜପୁର ଜିଲା ବରୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସମିତି ଅଧ୍ୟକ୍ଷା ସୁନନ୍ଦା ଦାସଙ୍କୁ ବିଜେଡି ପ୍ରାର୍ଥୀ କରିଛି। ସେ ନିକଟରେ ଭାଜପାରୁ ବିଜେଡିରେ ଯୋଗଦେଇ ଏହି ସଫଳତା ହାସଲ କରିଛନ୍ତି। ତେବେ ବିଧାୟକ ଦେବାଶିଷ ନାୟକ ୨୦୦୦ରୁ ଲଗାତାର ୪ଥର ବିଜେଡିରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇ ଆସିଥିବାବେଳେ ଶେଷରେ ତାଙ୍କୁ ନିରାଶ ହେବାକୁ ପଡିଛି। ଏହାସହ ବିଜେଡି ମୁଖପାତ୍ର ସୁଲୋଚନା ଦାସ ଓ ସୁଲତା ଦେଓଙ୍କ ସମେତ ଯୁବନେତା ମନୋଜ ନାଏକ, ବିଜୟ ନାଏକ ପ୍ରମୁଖଙ୍କ ଆଶା ମଧ୍ୟ ଧୂଳିସାତ ହୋଇଯାଇଛି। ଭାଜପା ଭୋଟକୁ ଭାଗଭାଗ କରିବା ପାଇଁ ବିଜେଡିର ଏଭଳି ରଣନୀତି ପରୋକ୍ଷରେ ଭାଜପାକୁ ସହଯୋଗ କରିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି। ପୂର୍ବରୁ ଧରିତ୍ରୀରେ ପ୍ରକାଶ ପାଇଥିବା ମହିଳା କାର୍ଡ ଆଣିପାରେ ପରିବର୍ତ୍ତନ ଶୀର୍ଷକ ଖବର ଏଠାରେ ସତ ହୋଇଛି। ଅନ୍ୟପକ୍ଷେ ଯାଜପୁର ଓ କୋରେଇ ଆସନ ଝୁଲି ରହିଥିବାରୁ ବିଜେଡି କର୍ମୀଙ୍କ ମଧ୍ୟରେ ଆଶା ଆଶଙ୍କା ବଢିବାରେ ଲାଗିଛି।

ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ ପରେ ପରିବର୍ତ୍ତିତ ରୂପରେଖରେ ୪ର୍ଥ ଥର ନିର୍ବାଚନ ହେବାକୁ ଯାଉଛି। ୨୦୦୪ରେ ବରୀ ବ୍ଲକର ସମସ୍ତ ୨୯ ପଞ୍ଚାୟତ, ରସୁଲପୁର ବ୍ଲକର ୧୦ ଓ ଯାଜପୁର ବ୍ଲକର ୮ ଗ୍ରାମ ପଞ୍ଚାୟତକୁ ନେଇ ବରୀ ନିର୍ବାଚନମଣ୍ଡଳୀ ପୁନର୍ଗଠିତ ହୋଇଛି। ୨୦୧୪ ସାଧାରଣ ନିର୍ବାଚନରେ ଶାସକ ଦଳ ବିଜେଡିର ଦେବାଶିଷ ନାୟକ ୫୯,୮୦୦ ଓ ସ୍ୱାଧୀନ ପ୍ରାର୍ଥୀ ତଥା ଏବେ ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ ୫୨,୬୨୭ ଭୋଟ ପାଇଥିଲେ। ନାୟକ ମାତ୍ର ୭,୬୮୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ତେବେ ଜଣେ ସ୍ୱାଧୀନ ଏମ୍‌ପି ପ୍ରାର୍ଥୀ ନବୀନ କୁମାର ଦଳେଇ ଓ ସ୍ୱାଧୀନ ବିଶ୍ୱରଞ୍ଜନଙ୍କ ନିର୍ବାଚନୀ ଚିହ୍ନ ଏକା ହୋଇଯାଇଥିବାରୁ ସେତେବେଳେ ବିଶ୍ୱରଞ୍ଜନଙ୍କୁ ମହଙ୍ଗା ପଡିଲା ଏବଂ ଦେବାଶିଷ ବାଜି ମାରିନେଲେ ବୋଲି ଚର୍ଚ୍ଚା ହୋଇଥିଲା। ତେବେ ସମ୍ପ୍ରତି ବିଶ୍ୱରଞ୍ଜନଙ୍କ ଏବେ ବରୀ ନିର୍ବାଚନମଣ୍ଡଳୀରେ ବହୁ ଖ୍ୟାତି ଥିବା ଜଣାପଡିଛି। ଗତ ପଞ୍ଚାୟତ ନିର୍ବାଚନରେ ବିଶ୍ୱରଞ୍ଜନଙ୍କ ନେତୃତ୍ୱ ଓ ଦେବେନ୍ଦ୍ର ଦାସଙ୍କ ସଂଗଠନ ବଳରେ ବରୀ ବ୍ଲକର ୨୯ରୁ ୨୧ ପଞ୍ଚାୟତରେ ସ୍ୱାଧୀନ ସମିତି ସଭ୍ୟ ବିଜୟୀ ହୋଇଥିଲେ। ବିଶ୍ୱରଞ୍ଜନଙ୍କ ସମେତ ସମସ୍ତ ବିଜୟୀ ସମିତି ସଭ୍ୟ ଭାଜପାରେ ଯୋଗଦେଇଥିଲେ। ଭାଜପା ସମର୍ଥିତ ସମିତି ଅଧ୍ୟକ୍ଷା ଭାବେ ସୁନନ୍ଦା ଦାସ ରହିଥିଲେ। ସୁନନ୍ଦା ତାଙ୍କ ପଞ୍ଚାୟତ ଅଞ୍ଚଳରୁ ସମିତି ସଭ୍ୟ ଭାବେ ପ୍ରାୟ ୩୮୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସୁନନ୍ଦା ପୂର୍ବରୁ ଭାଜପାରୁ ୨୦୦୭ ରୁ ୨୦୧୨ ପର୍ଯ୍ୟନ୍ତ ଜିଲା ପରିଷଦ ସଦସ୍ୟା ଭାବେ ନିର୍ବାଚିତ ହୋଇଥିଲେ। ଏହାସହ ସେ ସରପଞ୍ଚ ଭାବେ ମଧ୍ୟ ପୂର୍ବରୁ ନିର୍ବାଚିତ ହୋଇଛନ୍ତି। ବିଶ୍ୱରଞ୍ଜନଙ୍କ ନେତୃତ୍ୱରେ ବିଜୟୀ ସମିତି ସଭ୍ୟା ଏବେ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ଭାଜପାର ବିଭିନ୍ନ କାର୍ଯ୍ୟକ୍ରମକୁ ଅବଲୋକନ କଲେ ଏଠାରେ ଭାଜପା ଶକ୍ତିଶାଳୀ ଥିବା ମନେ ହେଉଛି। ଅନ୍ୟପକ୍ଷେ କଂଗ୍ରେସରୁ ଉମେଶ ଜେନା ଏଠାରେ ପ୍ରାର୍ଥୀ ହୋଇଛନ୍ତି। ପ୍ରମୁଖ ୩ ଦଳ ମଧ୍ୟରେ କଡା ଟକ୍କର ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ତେଣୁ ବିଜେଡିର ରଣନୀତି ଏଠାରେ ସଫଳ ହେବ କି ନାହିଁ ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେବ ବୋଲି ମତପ୍ରକାଶ ପାଇଛି।

ଜିଲାର ଅନ୍ୟତମ କୋରେଇ ଓ ଯାଜପୁର ନିର୍ବାଚନମଣ୍ଡଳୀରେ ବିଜେଡିର ଅଙ୍କ ଛିଡି ପାରୁନାହିଁ। ବିଶେଷକରି କୋରେଇ ନିର୍ବାଚନମଣ୍ଡଳୀ ଉପରେ ସମସ୍ତଙ୍କ ନଜର ରହିଛି। ଏଠାରେ ବିଧାୟକ ଆକାଶଦାସ ନାୟକଙ୍କ ସମେତ ଅଶୋକ ବଳ, ପ୍ରତାପ ମହାନ୍ତି, ପୀୟୂଷ ପାଣି ପ୍ରମୁଖ ଆଶାୟୀ ରହିଛନ୍ତି। ବରୀରେ ବିଶ୍ୱରଞ୍ଜନଙ୍କ ବିରୋଧରେ ଜଣେ ସମିତି ଅଧ୍ୟକ୍ଷାଙ୍କୁ ବିଜେଡି ଭରସା କରିବା ଉପରେ ସାଧାରଣରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଏହା ଭାଜପାକୁ ସୁହାଇବ ବୋଲି ଚର୍ଚ୍ଚା ହେଉଥିବାବେଳେ କୋରେଇ ଆସନ ପାଇଁ ମଧ୍ୟ ବିଜେଡି ଅନୁରୂପ ରଣନୀତି ପ୍ରସ୍ତୁତ କରୁଛି ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।


ଉମେଶ ଜେନା


ସୁନନ୍ଦା ଦାସ


ବିଶ୍ୱରଞ୍ଜନ ମଲ୍ଲିକ

# ଝୁଲି ରହିଲା ବାରିପଦା

## ବିଜେଡି ପକ୍ଷରୁ ୨ ଆସନରେ ପ୍ରାର୍ଥୀ ଘୋଷଣା

■ ମୟୂରଭଞ୍ଜ ଲୋକ ସଭା ଓ ଶେଷ ୨ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଦେଲା ଭାଜପା

**ବାରିପଦା ଅଫିସ,୧।୪**

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ସୂଚୀରେ ସାମିଲ ହୋଇଥିବା ମୟୂରଭଞ୍ଜ ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ଆସନରେ ଆସନ୍ତା ୨୯ ତାରିଖରେ ମତଦାନ ହେବ। ଏଥିପାଇଁ ମଙ୍ଗଳବାରଠାରୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ହେବ। ଏପରିପ୍ରେକ୍ଷୀରେ ବିଜେଡି ସୋମବାର ମୋରଡା ଏବଂ ରାଇରଙ୍ଗପୁର ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛି। କେବଳ ବାରିପଦା ଆସନକୁ ଦଳ ଝୁଲାଇ ରଖିଛି । ଏଥିପୂର୍ବରୁ ଦଳ ଲୋକ ସଭା ଆସନ ସମେତ ୪ ବିଧାନସଭା ଆସନ ଲାଗି ପ୍ରାର୍ଥୀ ଦେଇଥିଲା। କିଛି ଦିନ ତଳେ ଭାଜପା ରାଜ୍ୟ ଉପସଭାପତି ପଦ ଛାଡି ବିଜେଡିରେ ଯୋଗ ଦେଇଥିବା ରାଜକିଶୋର ଦାସଙ୍କୁ ମୋରଡା ଆସନ ଲାଗି ମିଳିଛି ଦଳର ଟିକେଟ । ସେହିପରି ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ଦଳ ମହିଳା କାର୍ଡ ଖେଳି ବାସନ୍ତୀ ମାରାଣ୍ଡିଙ୍କୁ ପ୍ରାର୍ଥୀ କରିଛି। ଏହି ଦୁଇ ବିଧାନସଭା ଆସନରେ ୨ ବିଧାୟକଙ୍କ ଟିକେଟ କଟିଛି।

ପୂର୍ବରୁ ଭାଜପା ୫ ବିଧାନସଭା ଆସନ ଯଥା ବାଙ୍ଗିରିପୋଷି, ବାରିପଦା, ସାରସକଣା, ଯଶିପୁର ଓ ଉଦଳା ପାଇଁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ସୋମବାର ମୟୂରଭଞ୍ଜ ଲୋକ ସଭା ଆସନ ଲାଗି ବିଶ୍ୱେଶ୍ୱର ଟୁଡୁଙ୍କୁ ଦଳ ପ୍ରାର୍ଥୀ କରଥିବା ବେଳେ ମୋରଡ଼ା ବିଧାନସଭା ପାଇଁ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ରାଇରଙ୍ଗପୁର ବିଧାନସଭା ଆସନ ପାଇଁ ନବ ଚରଣ ମାଝୀଙ୍କୁ ପ୍ରାର୍ଥୀ କରିଛି। ଅନ୍ୟ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଏବଂ ଜେଏମଏମ କେତେକ ଆସନରେ ପ୍ରାର୍ଥୀ ଘୋଷଣା କରିଥିଲେ ବି ଅଳ୍ପ କେତୋଟି ଆସନକୁ ଝୁଲାଇ ରଖିଛନ୍ତି। କଂଗ୍ରେସ ଓ ଜେଏମଏମ ଏଥର ନିର୍ବାଚନରେ ମେଣ୍ଟ କରିବା ନେଇ ଆଲୋଚନା ଜାରି ରଖିଥିଲେ ମଧ୍ୟ ଏଯାଏ ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ । ଜେଏମଏମ କେବଳ ଲୋକ ସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରି ଚୁପ ବସିଛି। ସେହିପରି କଂଗ୍ରେସ କେବଳ ବାରିପଦା, ଯଶିପୁର ଓ ଉଦଳା ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛି। ଏପରିପ୍ରେକ୍ଷୀରେ ସମ୍ପୃକ୍ତ ଦଳର ଆଶାୟୀମାନେ ଜୋରଦାର ଲବି ଜାରି ରଖିଛନ୍ତି।

ଶାସକ ବିଜେଡି ପାଇଁ ବାରିପଦା ଆସନ ଝୁଲି ରହିବାନେଇ ଦଳରେ ନାନା ଚର୍ଚ୍ଚା ଲାଗି ରହିଛି। ବର୍ତ୍ତମାନ ବାରିପଦା ବିଧାୟକ ସାନନ୍ଦ ମାରାଣ୍ଡିଙ୍କୁ ଦଳ ପୁଣି ଥରେ ପ୍ରାର୍ଥୀ କରିପାରେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଅନ୍ୟପକ୍ଷେ ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ମଧ୍ୟ ଟିକେଟ ଲାଗି ଆଶାୟୀ ଥିବା ଚର୍ଚ୍ଚା ହେଉଛି।


କୃଷ୍ଣଚନ୍ଦ୍ର ମହାପାତ୍ର


ନବ ଚରଣ ମାଝି


ବିଶ୍ୱେଶ୍ୱର ଟୁଡୁ


ବାସନ୍ତୀ ମାରାଣ୍ଡି


ରାଜକିଶୋର ଦାସ

### ଟିକେଟ ପାଇବା ପରେ ଭର୍ତ୍ତୃହରିଙ୍କ ପ୍ରତିକ୍ରିୟା

# ଦ୍ୱିତୀୟ ସ୍ଥାନ ପାଇଁ କଂଗ୍ରେସ, ଭାଜପା ଲଢ଼ିବେ

**କଟକ ଅଫିସ,୧।୪**



୨୦୧୪ରେ ଦେଶରେ ନରେନ୍ଦ୍ର ମୋଦିଙ୍କ ପ୍ରବଳ ହାୱା ଥିଲା। ଓଡ଼ିଶାରେ ତାହାର ସାମାନ୍ୟ ପ୍ରଭାବ ପଡ଼ି ନ ଥିଲା। ୨୦୧୯ରେ ମଧ୍ୟ ସମାନ ଘଟଣା ଘଟିବ। ଏଠାରେ ଦ୍ୱିତୀୟ ସ୍ଥାନ ପାଇଁ କଂଗ୍ରେସ ଓ ଭାଜପା ମଧ୍ୟରେ ଲଢେଇ ହେବ। ବିଜେଡି ୨୦୧୪ ତୁଳନାରେ ଅଧିକ ପ୍ରତିଶତ ଭୋଟ ପାଇ ବିପୁଳ ବ୍ୟବଧାନରେ ବିଜୟୀ ହେବ। ଏହି କଥା କହିଛନ୍ତି କଟକ ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ଭର୍ତ୍ତୃହରି ମହତାବ।

ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟି କଟକ ଲୋକ ସଭା ଆସନ ପାଇଁ ବିଜେଡି ଏଠାକାର ୫ ଥରର ଏମ୍ପି ମହତାବଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଇଛି। ସୋମବାର ଭର୍ତ୍ତୃହରିଙ୍କ ନାମ ଘୋଷଣା ପରେ ତାଙ୍କ ବିହାରିବାଗସ୍ଥିତ ବାସଭବନକୁ ଦଳୀୟ କର୍ମୀଙ୍କ ସୁଅ ଛୁଟିଥିଲା। କର୍ମୀମାନେ ମହତାବଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବିଜୟ ମନାସିଥିଲେ।

ସୂଚନାଥାଉ କି, ମହତାବ ଏହି ଆସନରୁ ୧୯୯୮ରୁ ବିଜୟୀ ହୋଇ ଆସୁଛନ୍ତି। କଟକ ଲୋକ ସଭା ଆସନ ଅଧୀନରେ ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ଓ ଖଣ୍ଡପଡ଼ା ବିଧାନସଭା ଆସନ ରହିଛି। କେବଳ ଖଣ୍ଡପଡ଼ା ଆସନକୁ ଛାଡ଼ିଦେଇ ବାକି ୬ଟି ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ଘୋଷଣା କରିସାରିଛି। ବଡ଼ମ୍ବା ଆସନରୁ ଦଳର ପୁରୁଣା ମୁହଁ ଦେବୀପ୍ରସାଦ ମିଶ୍ର ପ୍ରାର୍ଥୀ ହୋଇଥିବା ବେଳେ ବାଙ୍କୀରେ ପ୍ରଭାତ ତ୍ରିପାଠୀଙ୍କ ବଦଳରେ ତାଙ୍କ ପୁଅ ଦେବୀରଞ୍ଜନ ତ୍ରିପାଠୀ, ବାରବାଟୀ-କଟକରେ ଏଠାକାର ଦୁଇଥରର ବିଧାୟକ ଦେବାଶିଷ ସାମନ୍ତରାୟ, ଚୌଦ୍ୱାର-କଟକରେ ପ୍ରଭାତ ବିଶ୍ୱାଳଙ୍କ ବଦଳରେ ତାଙ୍କ ପୁଅ ସୌଭିକ ବିଶ୍ୱାଳ ଓ କଟକ ସଦରରେ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପ୍ରାର୍ଥୀ ହୋଇଛନ୍ତି। ୨୦୧୪ ନିର୍ବାଚନ ଫଳାଫଳ ଅନୁଯାୟୀ ଏମ୍ପି ମହତାବ ୩ ଲକ୍ଷ ୬ହଜାର ୭୬୨ ଖଣ୍ଡ ଭୋଟରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସ ପ୍ରାର୍ଥୀ ଅପରାଜିତା ମହାନ୍ତିଙ୍କୁ ପରାସ୍ତ କରିଥିଲେ। ମହତାବ ୫ ଲକ୍ଷ ୨୬ହଜାର ୮୫ ଖଣ୍ଡ ଭୋଟ ପାଇଥିବା ବେଳେ ଅପରାଜିତା ୨ ଲକ୍ଷ ୧୯ହଜାର ୩୨୩ ଖଣ୍ଡ ଭୋଟ ପାଇଥିଲେ। ଭାଜପା ପ୍ରାର୍ଥୀ ସମୀର ଦେ ୧ ଲକ୍ଷ ୪୬ହଜାର ୯୩ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ମାତ୍ର ଚଳିତ ଥର ଭାଜପା ଏଠାରେ ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ରଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଅଦ୍ୟାବଧି ନିଜର ପ୍ରାର୍ଥୀ ଘୋଷଣା କରିନାହିଁ। ମାତ୍ର ଦଳ ଏଠାରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋଙ୍କୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି।

# ପୁରୀ ଭାଜପାରେ ବିଦ୍ରୋହ

■ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ରାଜ୍ୟ ସଭାପତିଙ୍କୁ ସ୍ମାରକପତ୍ର

■ ଷଡ଼ଯନ୍ତ୍ରକାରୀଙ୍କ ଶିକାର ହୋଇଛି: କୃଷ୍ଣଚନ୍ଦ୍ର

**ପୁରୀ ଅଫିସ,୧।୪:**

ପୁରୀ ପୌରସଂସ୍ଥାର ପୂର୍ବତନ ନଗରପାଳ ଜୟନ୍ତ ଷଡ଼ଙ୍ଗୀଙ୍କୁ ସୋମବାର ଭାଜପା ପୁରୀ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି। ହେଲେ ଏହାକୁ ନେଇ ଦଳରେ ଆରମ୍ଭ ହୋଇଯାଇଛି ବିଦ୍ରୋହ । ସନ୍ଧ୍ୟାରେ ତ୍ରିଦେବ ଭିଲ୍ଲାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ନଗର ମଣ୍ଡଳ ସଭାପତି ନାରାୟଣ ପାତ୍ର ସଭାପତିତ୍ୱ କରିଥିଲେ । ବୈଠକରେ ପୁରୀ, ବାଲିଗୁଆଳି ଏବଂ ଚନ୍ଦନପୁର ମଣ୍ଡଳର ୫୪ଟି ଶକ୍ତି କେନ୍ଦ୍ର ପ୍ରମୁଖ, ନଗର ମଣ୍ଡଳ ପଦାଧିକାରୀ, ଯୁବମୋର୍ଚ୍ଚା, ମହିଳା ମୋର୍ଚ୍ଚା, ଅନୁସୂଚିତ ଜାତି ମୋର୍ଚ୍ଚାର ସଦସ୍ୟ ଯୋଗଦେଇଥିଲେ । ଜୟନ୍ତଙ୍କୁ ପରିବର୍ତ୍ତନ କରି କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ପ୍ରାର୍ଥୀ କରିବା ଲାଗି ବୈଠକରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାପରେ ଶତାଧିକ କର୍ମୀଙ୍କ ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ପାଖକୁ ପଠାଯାଇଛି ।

ଏଥିରେ ଦର୍ଶାଯାଇଛି ଯେ, ଜୟନ୍ତ ବିଜେଡିରେ ଥିବାବେଳେ କୌଣସି ନିଷ୍ପତ୍ତି ସ୍ୱାଧୀନ ଭାବେ ନେଇ ପାରୁ ନ ଥିଲେ । ତାଙ୍କୁ ଦଳୀୟ ପ୍ରାର୍ଥୀ କରିବାକୁ ପ୍ରସ୍ତାବ ରଖିଥିବା ନେତାମାନେ ନିଜ ୱାର୍ଡ ଓ ବୁଥରେ ସଙ୍ଗଠନ କରିବାକୁ ସକ୍ଷମ ନୁହଁନ୍ତି । ତେଣୁ ତାଙ୍କ ପରିବର୍ତ୍ତେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ପ୍ରାର୍ଥୀ ରୂପେ ପୁନଃ ଘୋଷଣା କରାଯିବାକୁ ଦାବି ହୋଇଛି।

ଏ ସମ୍ପର୍କରେ କୃଷ୍ଣଚନ୍ଦ୍ର କହିଛନ୍ତି, ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି। କିଛି ଷଡ଼ଯନ୍ତ୍ରକାରୀଙ୍କର ସେ ଶିକାର ହୋଇଛନ୍ତି। ପ୍ରାର୍ଥୀ ଘୋଷଣା ପଛରେ ସତ୍ୟବାଦୀର ଜଣେ କଳା ବେପାରୀଙ୍କ ପ୍ରଚ୍ଛନ୍ନ ହାତ ରହିଛି । ସେ ତାଙ୍କ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ କଳା ଟଙ୍କା ଖଟାଇ ଏପରି କରିଛନ୍ତି । କିନ୍ତୁ ପ୍ରାର୍ଥୀ ଘୋଷଣାରେ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏ ନେଇ ସବୁ ବୁଥ୍ ସଭାପତି, ୫୪ଟି ଶକ୍ତି କେନ୍ଦ୍ରର ପ୍ରମୁଖ ପୁନଃ ବିଚାର କରିବା ଲାଗି ରାଜ୍ୟ ସଭାପତିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଦଳୀୟ ନେତୃତ୍ୱମାନେ ଏହାର ବିଚାର କରିବେ ବୋଲି କାର୍ଯ୍ୟକର୍ତ୍ତାମାନେ ଆଶା ରଖିଛନ୍ତି । ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ଜୟନ୍ତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ । ଫଳରେ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷେ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ଦଳ ଯାହା ନିଷ୍ପତ୍ତି ନେଇଛି ଏବଂ ଭବିଷ୍ୟତରେ ଯାହା ନେବ ତାହାକୁ ଜଣେ ଶୃଙ୍ଖଳିତ କର୍ମୀ ଭାବେ ପ୍ରତ୍ୟେକ ମାନିନେବା ଦରକାର ବୋଲି କହିଛନ୍ତି।

ଜୟନ୍ତ ଷଡ଼ଙ୍ଗୀ ଦୀର୍ଘବର୍ଷ ହେବ ଜନତା ଦଳ ଏବଂ ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳରେ ରହିଥିଲେ । ମାତ୍ର ଦଳରେ ତାଙ୍କୁ ଅଣଦେଖା କରାଯାଉଥିବା, ନିଜ ଦଳର ଲୋକ ତାଙ୍କ ବିରୋଧରେ ଯାଉଥିବା ଆଦି ଏକାଧିକ ଅଭିଯୋଗ ଆଣି ଗତ ଗୁରୁବାର ସେ ବିଜେଡିରୁ ଇସ୍ତଫା ଦେଇଥିଲେ । ଏହାପରଠାରୁ ପୁରୀ ଭାଜପାରେ ଆରମ୍ଭ ହୋଇଥିଲା ଚର୍ଚ୍ଚା । ଜୟନ୍ତ ଭାଜପାରେ ମିଶି ପୁରୀରୁ ବିଧାନସଭା ପ୍ରାର୍ଥୀ ହେଉଥିବା ନେଇ ସହରରେ ଆଲୋଚନା ଜୋର୍ ଧରିଥିଲା । ଶେଷରେ ତାହା ହିଁ ହେଲା । ରବିବାର ଜୟନ୍ତ ବିଧିବଦ୍ଧ ଭାବେ ଭାଜପାରେ ମିଶିବା ପରେ ସୋମବାର ଦଳ ତାଙ୍କୁ ପ୍ରାର୍ଥୀ ଘୋଷଣା କଲା। ହେଲେ ନିର୍ବାଚନ ଲଢିବା ପାଇଁ ଆଶା ବାନ୍ଧିଥିବା କୃଷ୍ଣଚନ୍ଦ୍ର ଓ ତାଙ୍କ ସମର୍ଥକମାନେ ଏହାକୁ ଗ୍ରହଣ କରିପାରୁନାହାନ୍ତି, ଯାହାକୁ ନେଇ ଏବେ ପୁରୀ ଭାଜପାରେ ଅସନ୍ତୋଷ ଦେଖାଦେଇଛି ।

### ମାହାଙ୍ଗା କଂଗ୍ରେସରେ ଦେବେନ୍ଦ୍ରଙ୍କ ପ୍ରାର୍ଥିତ୍ୱକୁ ବିରୋଧ

# ଜିଲା ସମ୍ପାଦକଙ୍କ ସହ ୨ ସାଧାରଣ ସମ୍ପାଦକଙ୍କ ଇସ୍ତଫା

**ନିଶ୍ଚିନ୍ତକୋଇଲି,୧।୪(ସ୍ୱ.ପ୍ର.)**

ମାହାଙ୍ଗା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଭାବେ ଦେବେନ୍ଦ୍ର ସାହୁଙ୍କ ନାମ ଘୋଷଣା ପରେ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟତମ ଆଶାୟୀ ତଥା ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ ଦଳୀୟ ଟିକେଟ୍‌ରୁ ବଞ୍ଚିତ ହୋଇଥିବାରୁ ତାଙ୍କ ସମର୍ଥକଙ୍କ ସମେତ ବହୁ ପୁରୁଖା ଓ ଯୁବ କର୍ମୀ ଦଳରୁ ମୁହଁ ଫେରାଉଛନ୍ତି। ଗତ ୨୯ ତାରିଖରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଟିକଟା ପଞ୍ଚାୟତ ରାମରାଙ୍ଗ ଗ୍ରାମର କଂଗ୍ରେସ ନେତା ତଥା କଟକ ଜିଲା କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ କ୍ଷୀରୋଦ ସାମନ୍ତରାୟ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ସୋମବାର ପୂର୍ବତନ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ ସଭାପତି ତଥା ବର୍ତ୍ତମାନର କଟକ ଜିଲା ସାଧାରଣ ସମ୍ପାଦକ ଦିଲୀପ ରାଉତ, ସାଧାରଣ ସମ୍ପାଦକ ଅମିୟ ବିଶ୍ୱାଳ ଓ ଜିଲା ସମ୍ପାଦକ ଅଜିତ ରାୟ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସାଧାରଣ ସମ୍ପାଦକ ରାଉତ କହିଛନ୍ତି, ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଯେଉଁ ବ୍ୟକ୍ତି କଂଗ୍ରେସ ସହ ନ ଥିଲେ ତାଙ୍କୁ ଟକେଟ ମିଳିଛି। ଦୀର୍ଘ ବର୍ଷ ହେବ କଂଗ୍ରେସର ଜଣେ ଶୃଙ୍ଖଳିତ କର୍ମକର୍ତ୍ତା ଭାବେ ନିର୍ବାଚନମଣ୍ଡଳୀରେ ଲୋକଙ୍କ ପାଖରେ ଥିବା ପ୍ରଦୀପ୍ତ ଦାସଙ୍କୁ ଟିକେଟ ନ ଦିଆଯିବା ପଛରେ ପିସିସି ସଭାପତିଙ୍କ ହାତ ଥିବା ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ନିର୍ବାଚନମଣ୍ଡଳୀର ବହୁ ଟାଣୁଆ ନେତା ଦଳ ଛାଡ଼ିବେ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଦୀପ୍ତ କହିଛନ୍ତି, ସେ ଦଳର ଦୁର୍ଦ୍ଦିନ ସମୟରେ ମାହାଙ୍ଗାବାସୀଙ୍କ ପାଖରେ ଥିଲେ। ଆଜିବି ଅଛନ୍ତି। ଆଗକୁ ମଧ୍ୟ ରହିବେ। ଏ ସମ୍ପର୍କରେ ଜିଲା ସଭାପତି ଗୁରୁପଦ ନନ୍ଦଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ବ୍ୟସ୍ତଥିବା ପ୍ରକାଶ କରିଥିଲେ। ଇସ୍ତଫା ଦେଇଥିବା କର୍ମକର୍ତ୍ତା ସେମାନଙ୍କ ଇସ୍ତଫାପତ୍ରକୁ ଜିଲା ସଭାପତି ଓ ପିସିସି ସଭାପତିଙ୍କ ନିକଟକୁ ପଠାଇଥିବା କହିଛନ୍ତି। ଏ ସମ୍ପର୍କରେ ଦେବେନ୍ଦ୍ର କହିଛନ୍ତି, ସେମାନେ ଦଳ ଛାଡ଼ିଲେ କଂଗ୍ରେସ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ।

## ସପକ୍ଷ-ବିପକ୍ଷରେ ଦାବି



ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀରେ ଅସିତ୍ ପଟ୍ଟନାୟକଙ୍କୁ ବିଜେଡି ପକ୍ଷରୁ ପ୍ରାର୍ଥୀ କରାଯିବା ଦାବିକରି ସ୍ଥାନୀୟ ଅଞ୍ଚଳର ନେତା ଓ କର୍ମୀମାନେ ସୋମବାର ନବୀନ ନିବାସ ସମ୍ମୁଖରେ ଭିଡ଼ ଜମାଇଛନ୍ତି ।


ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ବିଜେଡି ପକ୍ଷରୁ ଟିକେଟ ଦିଆଯିବାକୁ ଦାବି କରି ସୋମବାର ନବୀନ ନିବାସ ଆସିଥିବା ଦଳୀୟ କର୍ମୀମାନେ ।


କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ କିଶୋରଚନ୍ଦ୍ର ତରାଇଙ୍କ ବଦଳରେ ସିପ୍ରା ମଲ୍ଲିକଙ୍କୁ ବିଜେଡି ଟିକେଟ ଦିଆଯିବା ଦାବିରେ ସୋମବାର ନବୀନ ନିବାସ ଆସିଥିବା ସ୍ଥାନୀୟ ଅଞ୍ଚଳର କର୍ମୀମାନେ ।


ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଶାନ୍ତ ମୁଦୁଲିଙ୍କୁ ବାଦ ଦେଇ ଅମରେନ୍ଦ୍ର ଦାସଙ୍କୁ ବିଜେଡି ଟିକେଟ ଦେବା ଦାବି ଜଣାଇବା ପାଇଁ ନବୀନ ନିବାସ ଆସିଥିବା ସ୍ଥାନୀୟ ଅଞ୍ଚଳର କର୍ମୀ ।

■ ପୁରୀ ଜିଲାରେ ପ୍ରାର୍ଥୀ ଘୋଷଣା

# ପଛରେ ପଡ଼ିଛି କଂଗ୍ରେସ

**ପୁରୀ ଅଫିସ,୧।୪:**

ପାଖେଇ ଆସୁଛି ନିର୍ବାଚନ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଦଳର ପ୍ରାର୍ଥୀ ଘୋଷଣା ସରିଆସୁଛି। ପୁରୀ ଜିଲାର ୬ଟି ନିର୍ବାଚନମଣ୍ଡଳୀ ପୁରୀ, ପିପିଲି, ସତ୍ୟବାଦୀ, ବ୍ରହ୍ମଗିରି, ନିମାପଡ଼ା ଓ କାକଟପୁରକୁ ଦେଖିଲେ ପ୍ରାର୍ଥୀ ଘୋଷଣାରେ ପଛରେ ପଡ଼ିଛି କଂଗ୍ରେସ । ପୁରୀ ଲୋକ ସଭା ଏବଂ ଜିଲାର ୬ଟି ଯାକ ବିଧାନସଭା ଆସନ ପାଇଁ ବିଜେଡି ଓ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପିପିଲି ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ତାହା ସ୍ଥିର କରିପାରିନାହିଁ । ପିପିଲିରେ ଦଳ ପୁଣି ଯୁଧିଷ୍ଠିର ସାମନ୍ତରାୟଙ୍କୁ ଭରସା କରିବ ନା ନୂଆ ମୁହଁଙ୍କୁ ସୁଯୋଗ ଦେବ ସେନେଇ ଅଙ୍କ କଷିବାରେ ଲାଗିଛି। ନିମାପଡ଼ାରେ ମଧ୍ୟ ସମାନ ସ୍ଥିତି। ଜିଲା କଂଗ୍ରେସ ସଭାପତି ସତ୍ୟବ୍ରତ ପାତ୍ରଙ୍କ ପ୍ରାର୍ଥିତ୍ୱ ପାଖରେ ଅଟକି ଯାଇଛି ଦଳ।

ପ୍ରାର୍ଥୀଙ୍କ ନାଁ ଘୋଷଣା କ୍ଷେତ୍ରରେ ଆଗୁଆ ରହିଥିଲା ଭାଜପା। ଲୋକ ସଭା ଏବଂ ୫ଟି ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଥିଲା ଦଳ। କେବଳ ପୁରୀ ନିର୍ବାଚନ ମଣ୍ଡଳୀ ଲାଗି ପ୍ରାର୍ଥୀ ଚୂଡ଼ାନ୍ତ ହୋଇ ନ ଥିଲା । ଖୁବ୍‌ଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ଦଳୀୟ ନେତୃତ୍ୱ କହିଥିଲେ । ମାତ୍ର ବିଜେଡି ଲୋକ ସଭା ପ୍ରାର୍ଥୀ ଏବଂ ୬ଟି ଯାକ ବିଧାନସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରିବା ପରେ ଭାଜପାର ପୁରୀ ଆସନକୁ ନେଇ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ରହିଥିଲା । ଶେଷରେ ସୋମବାର ଭାଜପା ପୁରୀ ଆସନ ଲାଗି ଜୟନ୍ତ ଷଡ଼ଙ୍ଗୀଙ୍କ ନାଁରେ ମୋହର ଲଗାଇଛି । ଫଳରେ ଜିଲାର ସବୁ ବିଧାନସଭା ଓ ପୁରୀ ଲୋକ ସଭା ପାଇଁ ବିଜେଡି ଏବଂ ଭାଜପା ପ୍ରାର୍ଥୀ ଘୋଷଣା ଶେଷ ହୋଇଛି । ଅନ୍ୟପକ୍ଷେ କଂଗ୍ରେସ ପୁରୀ ଲୋକ ସଭା ଏବଂ ସତ୍ୟବାଦୀ, କାକଟପୁର, ବ୍ରହ୍ମଗିରି ଓ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଘୋଷଣା କରିସାରିଛି। ମାତ୍ର ଅନ୍ୟ ୨ଟି ବିଧାନସଭା ଆସନରେ ପ୍ରାର୍ଥୀ କିଏ ହେବେ ତାହା ଚୂଡ଼ାନ୍ତ କରିପାରିନାହିଁ ।

# ଜେଏମ୍‌ଏମ୍ ସହ ଆସନ ବୁଝାମଣାକୁ କଂଗ୍ରେସ କର୍ମୀଙ୍କ ବିରୋଧ

**ରାଇରଙ୍ଗପୁର,୧।୪(ଡି.ଏନ.ଏ.):**

ଜେଏମଏମ ସହ ଆସନ ବୁଝାମଣା ନେଇ ଏକ ଜରୁରୀ ବୈଠକ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରଠାରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଜିଲାର ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ। ମୟୂରଭଞ୍ଜ ଲୋକ ସଭା ଓ ରାଇରଙ୍ଗପୁର ବିଧାନସଭା ଆସନକୁ ଜେଏମଏମ ପାଇଁ ଛଡାଗଲେ ଦଳ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ ବୈଠକରେ ଆଲୋଚନା ହୋଇଥିଲା। ଏପରିକି ରାଇରଙ୍ଗପୁରରୁ ବହୁ କଂଗ୍ରେସ କର୍ମୀ ଦଳ ଛାଡ଼ିବେ ବୋଲି ଚେତାବନୀ ଦେଇଥିଲେ।

# ପୁରୁଖା କଂଗ୍ରେସ ନେତାଙ୍କ ଇସ୍ତଫା

**ପୁରୀ ଅଫିସ,୧।୪:**

ନିର୍ବାଚନ ଯେତେ ପାଖଉଛି ପୁରୀ ଜିଲା କଂଗ୍ରେସରେ ଅସନ୍ତୋଷ ସେତେ ତୀବ୍ର ହେବାରେ ଲାଗିଛି। ପ୍ରାର୍ଥୀ ଘୋଷଣାକୁ ନେଇ ଦଳରେ ଏକପ୍ରକାର ଅସ୍ଥିରତା ସୃଷ୍ଟି ହୋଇଛି । କିଏ ଦଳୀୟ ପ୍ରାର୍ଥୀ ହେବାକୁ ଆଶା ରଖି ନିରାଶ ହେବା ପରେ ଦଳ ଛାଡୁଛନ୍ତି ତ ପୁଣି କେହି ଦଳ ଅଣଦେଖା କରୁଥିବା ଅଭିଯୋଗ ଆଣି ଇସ୍ତଫା ଦେଉଛନ୍ତି। ଗତ ୨୬ତାରିଖରେ ପିସିସି ସମ୍ପାଦକ ଚଣ୍ଡୀପ୍ରସାଦ ସିଂହ ଏବଂ ୩୦ରେ ପୂର୍ବତନ ସମ୍ପାଦକ ପ୍ରେମାନନ୍ଦ ବେହେରା ଦଳ ଛାଡ଼ିଥିଲେ। ସୋମବାର ପୁରୀର ପୁରୁଖା କଂଗ୍ରେସ ନେତା ନୃସିଂହ ପ୍ରସାଦ ସାହୁ ନିଜ ପରିବାର ଓ ସମର୍ଥକଙ୍କ ସହ ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳର ସଭାପତିଙ୍କ ନିକଟକୁ ପଠାଇ ଦେଇଥିବା ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି ।

ନୃସିଂହ କହିଛନ୍ତି ଯେ, ଦୀର୍ଘ ୪୦ବର୍ଷରୁ ଉର୍ଦ୍ଧ୍ୱ ହେବ ସେ ଜଣେ ଶୃଙ୍ଖଳିତ କଂଗ୍ରେସ କର୍ମୀ ଭାବେ କାମ କରିଆସିଛନ୍ତି। ୫ଥର କାଉନ୍‌ସିଲର ହେବା ସହ ଜିଲା ଯୋଜନା କମିଟି ସଦସ୍ୟ ମଧ୍ୟ ରହିଥିଲେ । ତାଙ୍କ ଭାଇ ନାରାୟଣ ସାହୁ ଜିଲା ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ଥିଲେ । ଭାଇବୋହୂ ମଧୁସ୍ମିତା ସାହୁ ମଧ୍ୟ ପୂର୍ବତନ କାଉନ୍‌ସିଲର ରହିଥିଲେ। କଂଗ୍ରେସ ପାଇଁ ତାଙ୍କ ପରିବାର ସମର୍ପିତ ଥିଲା। ମାତ୍ର ବର୍ତ୍ତମାନ ପ୍ରାର୍ଥୀ ଚୟନ ଠିକ୍ ହେଉ ନାହିଁ କି କର୍ମୀଙ୍କ କଥା ଶୁଣାଯାଉନାହିଁ । ଦଳ ତାଙ୍କୁ ଅଣଦେଖା କରିଆସୁଛି। ତେଣୁ ସେ, ତାଙ୍କ ଭାଇ ନାରାୟଣ ଏବଂ ଭାଇବୋହୂ ମଧୁସ୍ମିତା କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଏହି ଅବସରରେ ନୃସିଂହଙ୍କ ସହିତ ନାରାୟଣ ମଧ୍ୟ ଉପସ୍ଥିତ ଥିଲେ। ନୃସିଂହ କହିଛନ୍ତି, ସେମାନେ କେଉଁ ଦଳକୁ ଯିବେ କିଛି ନିଷ୍ପତ୍ତି ନେଇନାହାନ୍ତି । କିନ୍ତୁ ଯିଏ ତାଙ୍କ ୱାର୍ଡବାସୀଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବେ ଏବଂ କାମ କରିବେ ସେମାନଙ୍କ ସହ ରହିବେ। ସେମାନେ କେଉଁ ଦଳରେ ଯୋଗଦେଉଛନ୍ତି ତାହା ମଙ୍ଗଳବାର ସ୍ପଷ୍ଟ ହୋଇଯିବ। ତେବେ କଂଗ୍ରେସର ଏହି ପୁରୁଣା ପରିବାର ନିଜ ସମର୍ଥକଙ୍କ ସହ ବିଜେଡିରେ ମିଶିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।



# ଭାଜପାରେ ସାମିଲ ହୋଇପାରନ୍ତି ରଘୁନାଥ

**ବାଲେଶ୍ୱର ଅଫିସ, ୧।୪:**

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀର ଦ୍ୱିତୀୟ ଥର ଲାଗି ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ଉପରେ ଭରସା ରଖି ବିଜେଡି ଦଳୀୟ ପ୍ରାର୍ଥୀ ଘୋଷଣା କରିଛି। ସୋମବାର ଟିକେଟ ଘୋଷଣା ପରେ ବିଜେଡିରୁ ଇସ୍ତଫା ଦେଇଥିବା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କୁ ନେଇ ନାନା ଚର୍ଚ୍ଚା ଲାଗିରହିଛି। ରଘୁନାଥ ନିଜ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ପଷ୍ଟ କରି ନ ଥିଲେ ମଧ୍ୟ ମଙ୍ଗଳବାର ସମର୍ଥକଙ୍କ ସହ ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବରେ ଯୋଗଦେଇ ପଦ୍ମ ଧରିବେ ବୋଲି ତାଙ୍କ ନିକଟତମ ସହଯୋଗୀ ଯଯାତି ଦାସ ପ୍ରକାଶ କରିଛନ୍ତି। ୩୭ନଂ. ବିଧାନସଭା କ୍ଷେତ୍ର ବସ୍ତା ନିର୍ବାଚନମଣ୍ଡଳୀରେ ଏକଦା ରଘୁନାଥ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ରାଜନେତା। ୧୯୯୦ରୁ ୨୦୧୪ ପର୍ଯ୍ୟନ୍ତ ଲଗାତର ବିଧାୟକ ଭାବେ ଜିତି ଆସିଥିଲେ। ପୁତ୍ରବଧୂଙ୍କ ଯୌତୁକ ନିର୍ଯ୍ୟାତନା ମାମଲାରେ ଛନ୍ଦି ହୋଇ ସେ ମନ୍ତ୍ରୀପଦ ହରାଇଥିଲେ। ୨୦୧୪ ନିର୍ବାଚନରେ ମଧ୍ୟ ଟିକେଟ ପାଇବାରୁ ବଞ୍ଚିତ ହୋଇଥିଲେ। ତତ୍କାଳୀନ ବ୍ଲକ ଅଧ୍ୟକ୍ଷ ତଥା ବ୍ଲକ ସଭାପତି ନିତ୍ୟାନନ୍ଦ ସାହୁଙ୍କୁ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରାଯାଇଥିଲା। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଜୟନାରାୟଣ ମହାନ୍ତିଙ୍କୁ ପରାସ୍ତ କରିଥିଲେ। ଏହି ନିର୍ବାଚନରେ ରଘୁନାଥ ତାଙ୍କୁ ସହାୟତା କରିଥିଲେ। ଏଥର ବସ୍ତା ଆସନ ଲାଗି ଭାଜପା ଏଯାଏ ପ୍ରାର୍ଥୀ ଘୋଷଣା ନ କରି ଝୁଲାଇ ରଖିଥିବାରୁ ରଘୁନାଥ ଭାଜପାରେ ଯୋଗ ଦେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

# ପିପିଲି ପୀଡ଼ିତାଙ୍କ ଘରେ ଖାଇଲେ ସମ୍ବିତ୍

**'ନ୍ୟାୟ ପ୍ରଦାନ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ'**

**ପିପିଲି, ୧।୪(ଡି.ଏନ୍.ଏ.)**

ପିପିଲି ଗଣବଳାତ୍କାର ଘଟଣାର ପୀଡ଼ିତାଙ୍କ ପ୍ରତି ଅନ୍ୟାୟ ସମଗ୍ର ଓଡ଼ିଆ ଜାତି ପ୍ରତି ଅନ୍ୟାୟ। ତାଙ୍କୁ ନ୍ୟାୟ ପ୍ରଦାନ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ପୁରୀ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ର କହିଛନ୍ତି। ଦଳ ଜିତିଲେ ନିଶ୍ଚିତ ଭାବେ ଘଟଣାର ସିବିଆଇ ତଦନ୍ତ ହେବ ଏବଂ ଦୋଷୀ ଦଣ୍ଡ ପାଇବ ବୋଲି ସେ ଗଣମାଧ୍ୟମକୁ କହିଥିଲେ। ସୋମବାର ସମ୍ବିତ୍‌ଙ୍କ ସହ ଭାଜପାର ପିପିଲି ବିଧାନସଭା ପ୍ରାର୍ଥୀ ଆଶ୍ରୀତ ପଟ୍ଟନାୟକ ପିପିଲି ପୀଡ଼ିତାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ଏହି ଆଶ୍ୱାସନା ଦେଇଛନ୍ତି। ପୀଡ଼ିତାଙ୍କ ପରିବାର ସହ ପ୍ରଧାନମନ୍ତ୍ରୀ ଅଛନ୍ତି ବୋଲି କହିଥିଲେ। ଦୁହେଁ ତାଙ୍କ ଘରେ ପଖାଳ ଖାଇଥିଲେ। ଏହି ଘଟଣାର ଦୋଷୀମାନଙ୍କୁ ସୁରକ୍ଷା ଦେବା ପଛରେ ଯେଉଁ ବିଧାୟକ ଥିଲେ ତାଙ୍କୁ ପଞ୍ଚାମୃତ ଓ ଗଙ୍ଗାଜଳରେ ଶୁଦ୍ଧ କରାଯାଇ ଟିକେଟ ଦିଆଯାଇଥିବା କଟାକ୍ଷ କରି କହିଥିଲେ। ପରେ ଦୁଇ ପ୍ରାର୍ଥୀ ପିପିଲି ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ନିର୍ବାଚନ ପ୍ରଚାର କରିଥିଲେ।



ଯିଏ ଗୋଟିଏ ଛୋଟ କାମକୁ ଦକ୍ଷତାର ସହ କରିଦେଇ ପାରିବ, ସେ ହିଁ ଗୋଟିଏ ବଡ଼ କାମକୁ ନେଇଆଣି ଥୋଇ ପାରିବ।

- ପାସ୍କଲ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କମିଶନରେଟ ପୋଲିସ ପକ୍ଷରୁ ୮୪ତମ ପୋଲିସ ଗଠନ ଦିବସ, ରିଜର୍ଭ ପୋଲିସ ଲେନ୍, ସକାଳ ୮ଟା ୩୦।
- ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସିବିଏସ୍ଇ କାର୍ଯ୍ୟାଳୟ ଘେରାଉ, ପଟିଆ, ସକାଳ ୯ଟା।
- ସେଣ୍ଟର ଫର ଅଟିଜିମ ଥେରାପି କାଉନସେଲିଂ ଆଣ୍ଡ ହେଲ୍ପ ପକ୍ଷରୁ ଅଟିଜିମ ସଚେତନତା ଦିବସ, ଇଡ୍‌କୋଲ ଅଡିଟୋରିୟମ, ୟୁନିଟ-୨, ଅପରାହ୍ନ ୫ଟା।
- ସେଲଟର ଫାଉଣ୍ଡେଶନ ପକ୍ଷରୁ ଫ୍ୟାଶନ ଶୋ ଓ ଗ୍ରୁପ ମଡର୍ନ ଡ୍ୟାନ୍ସ ପ୍ରତିଯୋଗିତା, ସୂଚନା ଭବନ, ସନ୍ଧ୍ୟା ୭ଟା।

**କଟକ**

- ଭାରତୀୟ ରେଡକ୍ରସ ସୋସାଇଟି ପକ୍ଷରୁ ବିଶ୍ୱ ଅଟିଜିମ ସଚେତନତା ଦିବସ, ସହାୟ ପରିସର, ସେକ୍ଟର-୯, ସିଡିଏ, ସକାଳ ୯ଟା ।
- ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବିକ୍ଷୋଭ, ଶ୍ରମ ଅଧିକାରୀଙ୍କ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।

**ପୁରୀ**

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

## ରୁକୁଣା ରଥଯାତ୍ରା ପାଇଁ ଉଠିଲା ଦୁଇଚକ

**ପୁରୁଣା ଭୁବନେଶ୍ୱର,୧।୪(ଡି.ଏନ୍.ଏ.):** ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଆଉ ୧୧ଦିନ ରହିଲା। ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋର ଚାଲିଛି। ତେଣୁ ରଥଯାତ୍ରାର ଠିକ୍ ପୂର୍ବଦିନ ନେତ୍ର ଉତ୍ସବରେ ଠାକୁରଙ୍କ ନିର୍ମାଣ ରଥକୁ ମନ୍ଦିର ପ୍ରଶାସନକୁ ମହାରଣା ସେବାୟତ ହସ୍ତାନ୍ତର କରିବେ। ଏଥିପାଇଁ ପ୍ରାୟ ୭୦ଜଣ ମହାରଣାଙ୍କ ଦ୍ୱାରା ଏହି ରଥ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ରବିବାର ୪ଟି ଚକା ଫ୍ଲଟ୍ ହୋଇଥିବାବେଳେ ସୋମବାର ଦୁଇଟି ଚକା ଉଠିଛି। ଅନ୍ୟ ଦୁଇଟି ଚକାର ନିର୍ମାଣ କାର୍ଯ୍ୟ ଶେଷ ହେବାପରେ ଖୁବ୍‌ଶୀଘ୍ର ରଥରେ ଅକ୍ଷ, ନାହାକା ସଂଲଗ୍ନ କରାଯିବ ବୋଲି ସର୍ଦ୍ଦାର ମହାରଣା, ବଟକୃଷ୍ଣ ମହାରଣା କହିଛନ୍ତି। ଅନ୍ୟପକ୍ଷେ ଗତବର୍ଷର ୪ଟିଯାକ ପୁରୁଣା ରଥ ଚକ ଗଙ୍ଗାଯମୁନାଠାରେ ଡ୍ରେଜର ଯୋଗେ ଚିରଟ କରାଯାଇଛି। ସେଥିରୁ କଣ୍ଟାଗୁଡ଼ିକ ଆସିବା ପରେ ନୂତନ ରଥ କାର୍ଯ୍ୟରେ ବ୍ୟବହୃତ ହେବ।

## ଆସନ୍ତା ୬ରେ ସମନ୍ୱୟ ବୈଠକ

**ପୁରୁଣା ଭୁବନେଶ୍ୱର,୧।୪(ଡି.ଏନ୍.ଏ.):** ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ସମନ୍ୱୟ ବୈଠକ ଆସନ୍ତା ୬ ତାରିଖରେ ଅନୁଷ୍ଠିତ ହେବ। ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଅଧକ୍ଷତା କରିବେ ବୋଲି ସ୍ଥିର କରାଯାଇଛି। ଏଥିରେ ରଥଯାତ୍ରାକୁ ଶୃଙ୍ଖଳିତ କରିବାକୁ ବିଭିନ୍ନ ବିଭାଗ ଅଧିକାରୀମାନେ ମଧ ଉପସ୍ଥିତ ରହି ନିଜର ମତ ରଖିବା ସହ ଦାୟିତ୍ୱ ସମ୍ପାଦନ କରିବେ। ବିଭିନ୍ନ ନିଯୋଗ ପ୍ରମୁଖ ଟ୍ରଷ୍ଟିବୋର୍ଡ କର୍ମଚାରୀ, ପୋଲିସ ଉପସ୍ଥିତ ରହିବାକୁ ଚିଠି କରାଯାଇଥିବା ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି।

## 'ଆମେ ଓଡ଼ିଆ' ଗ୍ରନ୍ଥର ୮ମ ଭାଗ ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ

**ଭୁବନେଶ୍ୱର,୧।୪(ବ୍ୟୁରୋ):** ନୃସିଂହଚରଣ ସାହୁଙ୍କ ସମ୍ପାଦିତ ଓ ପ୍ରକାଶିତ 'ଆମେ ଓଡ଼ିଆ' ଗ୍ରନ୍ଥର ଅଷ୍ଟମ ଭାଗକୁ ସୋମବାର ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଲୋକାର୍ପଣ କରିଛନ୍ତି। ୧ ହଜାରରୁ ଊର୍ଦ୍ଧ୍ୱ କବି, ଶିଶୁ ସାହିତ୍ୟିକ ଓ ଗୀତିକବିଙ୍କର ଜୀବନୀ ଓ କୃତିକୁ ନେଇ ଏହି ପୁସ୍ତକରେ ଫଟୋ ସହ ଅତି ସୁନ୍ଦରଭାବେ ବର୍ଣ୍ଣନା କରାଯାଇଛି। ପୂର୍ବରୁ ପ୍ରକାଶିତ ଏହି ପୁସ୍ତକର ୭ ଖଣ୍ଡ 'ଆମେ ଓଡ଼ିଆ'(ଜୀବନୀ ଏନ୍‌ସାଇକ୍ଲୋପିଡିଆ)ରେ ଓଡ଼ିଶାର ୩୧୦୦ରୁ ଅଧିକ ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ଓ ସାରସ୍ୱତ ସାଧକଙ୍କ ଜୀବନ କାହାଣୀ ପ୍ରକାଶିତ ହୋଇଛି। ରାଜ୍ୟପାଳ ପ୍ରଫେସର ଲାଲ ନୃସିଂହଚରଣ ସାହୁଙ୍କ ଏଭଳି ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହିତ ଏହା ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ପ୍ରକାଶ କରିଛନ୍ତି। ଲୋକାର୍ପଣ ଉତ୍ସବରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ଉପସ୍ଥିତ ଥିଲେ। ସମ୍ପାଦକ ତଥା ସଙ୍କଳକ ନୃସିଂହଚରଣ ସାହୁ ଗ୍ରନ୍ଥ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଗ୍ରନ୍ଥର ପୃଷ୍ଠପୋଷକ ତଥା ଜଣାଶୁଣା ବୈଜ୍ଞାନିକ ଡ. ରୂପଶ୍ରୀ ରାଗିଣୀ ଦାସଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ।

# ସେ ଥିଲେ ନାଟ୍ୟ ଆକାଶର ବୃହସ୍ପତି

**ନାଟକ, ରଙ୍ଗମଞ୍ଚ, ଚଳଚ୍ଚିତ୍ର କ୍ଷେତ୍ରରେ ସେ ଥିଲେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ। ସେ ଥିଲେ ଶହେରୁ ଊର୍ଦ୍ଧ୍ୱ ନାଟକର ସ୍ରଷ୍ଟା। ଜଣେ କୀର୍ତ୍ତିମାନ ନାଟ୍ୟକାର, ନିର୍ଦ୍ଦେଶକ, ନାଟ୍ୟ ସଙ୍ଗଠକ, ନାଟ୍ୟ ଆଲୋଚକ ତଥା ବିଚାରକ ଭାବେ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ତାଙ୍କର ରହିଥିଲା ଖ୍ୟାତି। ନାଟ୍ୟ ଆକାଶର ବୃହସ୍ପତି କୁହାଯାଉଥିବା କାର୍ତ୍ତିକ ଚନ୍ଦ୍ର ରଥ ସୋମବାର କଟକସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁରେ ପୂରା ନାଟ୍ୟ ଜଗତ ସ୍ତବ୍ଧ ହୋଇଯାଇଛି।**



କଟକ ଶହୀଦ ଭବନରେ ଅନୁଷ୍ଠିତ ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍‌ର ଉଦ୍‌ଘାଟନ ଅବସରରେ ତତ୍କାଳୀନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କ ସହ କାର୍ତ୍ତିକ ଚନ୍ଦ୍ର ରଥ(ମଝି)।

୧୯୪୯ରେ ବ୍ରହ୍ମପୁରର ଗଞ୍ଜାମରେ ଜନ୍ମଗ୍ରହଣ କରିଥିବା କାର୍ତ୍ତିକ କଟକର ରେଭେନ୍‌ଶା କଲେଜିଏଟ୍ ହାୟର ସେକେଣ୍ଡାରୀ ସ୍କୁଲରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ପରେ ରେଭେନଶା କଲେଜରୁ ଅର୍ଥନୀତିରେ ଏମ୍.ଏ. ଶେଷ କରିବା ପରେ ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ତେବେ ଛାତ୍ର ଜୀବନରୁ କାର୍ତ୍ତିକଙ୍କର ମଧ୍ୟରେ ନାଟକ କ୍ଷେତ୍ରରେ ଅହେତୁକ ଦୁର୍ବଳତା ଥିଲା, ଯାହା ଦିନେ ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପରିଚୟ କରାଇଥିଲା। ଏପରିକି ନାଟକ ଉପରେ ଗବେଷଣା କରି ପିଏଚ୍‌ଡି ଲାଭ କରିଛନ୍ତି। ତାଙ୍କର ନାଟ୍ୟ ସୃଷ୍ଟି କେତେକ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା।

### ନାଟକ, ଏକାଙ୍କିକା କୃତି

୧୯୬୩ରୁ ସେ ନାଟକ ସହ ସିଧାସଳଖ ଯୋଡ଼ି ହୋଇଥିଲେ। ତାଙ୍କ ରଚିତ ପ୍ରଥମ ନାଟକ ଥିଲା 'ଏଇ ଦେଶ ଏଇ ମାଟି'। ତା'ପରଠାରୁ ନାଟକ ସୃଷ୍ଟି କ୍ଷେତ୍ରରେ ତାଙ୍କର କଲମ କେବେବି ଅଟକି ନ ଥିଲା। ଦୁଇ ଟୋପା ଲୁହ, ଜଉ ଘର, ସମୁଦ୍ରର ରକ୍ତ ଯନ୍ତ୍ରଣା, ଅନ୍ୟ ଆକାଶ, ଚାରିକାନ୍ଥର କାହାଣୀ, ମାଂସର ଫୁଲ, ଈଶ୍ୱର ଜଣେ ଯୁବକ, ଅଥଚ ରାମାୟଣ, ରକ୍ତର ପାହାଡ଼, ଦ୍ୱିତୀୟ ଦ୍ରୌପଦୀ, ଜଙ୍ଗଲୀ ସହର (ନାଟ୍ୟ ରୂପାନ୍ତର), ଅକ୍ଲାନ୍ତ ଅଭିମନ୍ୟୁ, ରାଜନନ୍ଦିନୀ, ତାଳ ଗଛର ଛାଇ, ସର୍ବସଂହା ହେଉଛି ତାଙ୍କ କାଳଜୟୀ ନାଟକ ସୃଷ୍ଟିରୁ କିଛି। ସେହିଭଳି ସେ ଏକାଧିକ ଏକାଙ୍କିକା ରଚନା ମଧ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ(ଏନ୍.ବି.ଟି) ପକ୍ଷରୁ ପ୍ରକାଶିତ ହିନ୍ଦୀ ଏକାଙ୍କୀକାକୁ ସେ ଓଡ଼ିଆରେ ଅନୁବାଦ କରିଥିଲେ।





### ଚଳଚ୍ଚିତ୍ର, ଧାରାବାହିକରେ ଅବଦାନ

ସେହିଭଳି ଚଳଚ୍ଚିତ୍ର ଜଗତରେ ମଧ ସେ ପଦଚିହ୍ନ ଛାଡ଼ି ଯାଇଛନ୍ତି। ବଲିଉଡ ଚଳଚ୍ଚିତ୍ର 'ଭିଗୀ ପଲ୍‌କେର' ଚିତ୍ରନାଟ୍ୟ ରଚନା କରିଥିଲେ କାର୍ତ୍ତିକ। ସେହିଭଳି ସେ ଓଡ଼ିଆ ଚଳଚ୍ଚିତ୍ର ଅକ୍ଷି ତୃତୀୟାର ଚିତ୍ରନାଟ୍ୟ, ସଂଳାପ ଓ ଅସ୍ତରାଗ ଚଳଚ୍ଚିତ୍ରର ସଂଳାପ ଲେଖିଥିଲେ। କଟକ ଦୂରଦର୍ଶନ କେନ୍ଦ୍ରରୁ ପ୍ରସାରିତ ପ୍ରଥମ ଧାରାବାହିକ ଆହୁତି ଓ ନୂଆଦିଲ୍ଲୀ ଦୂରଦର୍ଶନରୁ ପ୍ରସାରିତ ହିନ୍ଦୀ ଧାରାବାହିକ ତରଙ୍ଗ ତାଙ୍କର ଅନ୍ୟ ଏକ ଅବଦାନ।

### ରେକର୍ଡ ସୃଷ୍ଟି କରିଥିଲା 'ଆଜିର ରାଜା'

ସୁପ୍ରସିଦ୍ଧ ବ୍ୟବସାୟିକ ରଙ୍ଗମଞ୍ଚ ଅନ୍ନପୂର୍ଣ୍ଣା-ବି ଗ୍ରୁପ ଦ୍ୱାରା ତାଙ୍କ ରଚିତ ନାଟକ 'ଆଜିର ରାଜା' ରାଜ୍ୟରେ ରେକର୍ଡ ସୃଷ୍ଟି କରିଛି। ଏହି ନାଟକ ସେତେବେଳେ କ୍ରମାଗତ ଭାବେ ୧୦୦ରୁ ଅଧିକ ଦିନ ମଞ୍ଚସ୍ଥ ହୋଇଥିଲା। ଏହାଛଡ଼ା ତାଙ୍କର ଅନ୍ୟଏକ ନାଟକ 'ଚନ୍ଦ୍ରବିନ୍ଦୁ' ମଧ ଏକମାସରୁ ଅଧିକ ଦିନ ମଞ୍ଚସ୍ଥ ହୋଇଥିଲା।

### ସମ୍ମାନ, ସମ୍ବର୍ଦ୍ଧନା

ବହୁ ପ୍ରତିଭାର ଅଧିକାରୀ କାର୍ତ୍ତିକଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ମିଳିଥିଲା ସମ୍ମାନ ଓ ପୁରସ୍କାର। ଆଲ୍ଲାହାବାଦ ନାଟ୍ୟ ସଂଘ ପକ୍ଷରୁ ନାଟ୍ୟଶ୍ରୀ ସମ୍ମାନ, ପାଟନାର ବିହାର ଆର୍ଟ ଥିଏଟର ପକ୍ଷରୁ ଶିଖର ନାଟ୍ୟ ସମ୍ମାନ, ବରେଲୀ ଅଲ୍ ଇଣ୍ଡିଆ କଲଚରାଲ ଆସୋସିଏଶନ ପକ୍ଷରୁ ଜାତୀୟ ସଂସ୍କୃତି ସମ୍ମାନ, ଡେରାଡୁନ ଭାରତ ସଂସ୍କୃତି ଦର୍ପଣ ନାଟ୍ୟ ମହୋତ୍ସବରେ ନାଟ୍ୟ ରତ୍ନ ସମ୍ମାନ ସମେତ ଦେଶର କୋଣ ଅନୁକୋଣରୁ ବହୁ ସମ୍ମାନ ଓ ସମ୍ବର୍ଦ୍ଧନାର ଅଧିକାରୀ ହୋଇଥିଲେ। ନୂଆଦିଲ୍ଲୀ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀରୁ ମଧ ନାଟ୍ୟକାର ଭାବେ ତାଙ୍କୁ ଫେଲୋଶିପ ମିଳିଥିଲା।

### ମହାନାଟକରେ ଅତିଥି ଥିଲେ ଭେଙ୍କଟରମଣ

୧୯୮୯ ଡିସେମ୍ବର ୧୦ ତାରିଖ। କଟକ ବାରବାଟୀ ଷ୍ଟାଡିୟମରେ ମଞ୍ଚସ୍ଥ ହେଉଥାଏ ନାଟକ 'କଟକ ନଗର ବରଷ ହଜାର'। ଏହାକୁ ମହାନାଟକର ପରିଚୟ ମିଳିଥିଲା। କାରଣ ଏଥିରେ ୩୦୦ଜଣ କଳାକାର ଅଭିନୟ କରିଥିଲେ। ୩୫ହଜାର ଦର୍ଶକଙ୍କ ଗହଣରେ ହେଉଥିବା ଉକ୍ତ ମହାନାଟକର ପରିକଳ୍ପନା, ରଚନା ଓ ନିର୍ଦ୍ଦେଶନା ଦେଇଥିଲେ କାର୍ତ୍ତିକ। ଏହି ନାଟକଟିକୁ ଉଦ୍‌ଘାଟନ କରିଥିଲେ ତତ୍କାଳୀନ ରାଷ୍ଟ୍ରପତି ଆର୍. ଭେଙ୍କଟ ରମଣ।

### ଅଧୁରା ରହିଲା ବାୟୋଗ୍ରାଫି

କେବଳ ମଞ୍ଚ ନାଟକ ନୁହେଁ, ତାଙ୍କ କଲମ ମୁନରେ ବି ଅନେକ ପୁସ୍ତକ ସେ ଲେଖିଛନ୍ତି। ବିଶେଷକରି ବହୁ ଜୀବନୀ ପୁସ୍ତକର ସ୍ୱତନ୍ତ୍ର ପାଠକ ରହିଛନ୍ତି। ସେ ଜୀବନର କଥାକୁ ସୁନ୍ଦର ଭାବେ ଉପସ୍ଥାପନା କରୁଥିଲେ। ହେଲେ ନିଜ ଜୀବନକୁ ନେଇ ଲେଖୁଥିବା ବାୟୋଗ୍ରାଫି ଅଧାରେ ରହି ଯାଇଛି। ଆତ୍ମଜୀବନକୁ ସମ୍ପୂର୍ଣ୍ଣ ଭାବେ ଲେଖି ସାରିଥିବା ବେଳେ କେବଳ ସଂଶୋଧନ କରାଯାଇ ପ୍ରକାଶ ହେବା ପର୍ଯ୍ୟାୟରେ ରହିଥିଲା। ଆଉ ୨୦ରୁ ୩୦ ପୃଷ୍ଠା ସଂଶୋଧନ ବାକି ଥିଲା। ତାହା ଏବେ ଅଧୁରା ରହିଗଲା ବୋଲି ଭାଣେଜୀ ଅଭିପ୍ସା କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍

www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ତାମିମ୍



ରଞ୍ଜନ



ସିଙ୍କନ



ଅଭିଜିତ୍



ନିନାଦ



ଚିଣ୍ଟୁ



ସଖୀ



ରଞ୍ଜନ ବିଶ୍ୱାଳ



ମାମାଲି



ଜଗଜ୍ଜୀବନ

## ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ପ୍ରତିଷ୍ଠା ଦିବସ

# ପରିବର୍ତ୍ତିତ ଶିକ୍ଷାର ପ୍ରକ୍ରିୟା ଦେଇ ଗତିକରୁଛି ସଭ୍ୟତା

**ଭୁବନେଶ୍ୱର,୧।୪(ବ୍ୟୁରୋ)/ବାରଙ୍ଗ(ଡି.ଏନ୍.ଏ)**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ) ପକ୍ଷରୁ ସୋମବାର ଏହାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ କବି ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ, ଗବେଷକ ଓ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଡ. ଅଶୋକ କୁମାର ଦାସ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସେମିନାର ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ରେଜିଷ୍ଟ୍ରାର ଡ. ବି.କେ ଦାସ ଅତିଥିମାନଙ୍କୁ ବିଜ୍ଞାନ, ସାହିତ୍ୟ ଓ ଶୈକ୍ଷିକ କ୍ଷେତ୍ରରେ ତାଙ୍କର ଯୋଗଦାନ ପାଇଁ ପ୍ରଶଂସା କରିଥିଲେ। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଗୁଣବତ୍ତାପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଡ. ଦାସ କହିଥିଲେ। ମନୁଷ୍ୟ ଭୌତିକବାଦୀ ନହୋଇ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ପାଇଁ ମୁଖ୍ୟଅତିଥି ଡ. ମହାପାତ୍ର କହିଥିଲେ। ଗ୍ରେଟର ନୋଏଡାସ୍ଥିତ ବିମ୍‌ଟେକ୍‌ର ନିର୍ଦ୍ଦେଶକ ଏବଂ ବିଜିୟୁ ବୋର୍ଡ଼ ଅଫ୍ ଗଭର୍ନର୍ସର ସଦସ୍ୟ ଡ. ହରିବଂଶ ଚତୁର୍ବେଦୀ ଭିଡିଓ ମାଧ୍ୟମରେ ବିଶ୍ୱବିଦ୍ୟାଳୟକୁ ଏହାର ପ୍ରତିଷ୍ଠା ଦିବସରେ ଅଭିନନ୍ଦନ ଜଣାଇଥିଲେ। ଗୁରୁକୁଳ ଶିକ୍ଷାଠାରୁ ଆରମ୍ଭ କରି ସୂଚନା ଓ ପ୍ରଯୁକ୍ତିବିଦ୍ୟା ସହାୟତାରେ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ମାନବ ସଭ୍ୟତା ପରିବର୍ତ୍ତିତ ଶିକ୍ଷାର ଏକ ପ୍ରକ୍ରିୟା ମାଧ୍ୟମରେ ଗତିକରୁଛି ବୋଲି ପ୍ରତିଷ୍ଠା ଦିବସ ଅବସରରେ ଡ. ଅଶୋକ କୁମାର ଦାସ କହିଥିଲେ। ବିଜିୟୁ ନୂତନ ପାଠ୍ୟକ୍ରମ ମାଧ୍ୟମରେ ୟୁନିଭରସିଟିର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିପାରିଛି ବୋଲି ବିଜିୟୁ କୁଳପତି ଡ. ସୁଧାକର ପଣ୍ଡା ପ୍ରକାଶ କରିଥିଲେ। ଏହି ଅବସରରେ ବିଜିନେସ୍ ଷ୍ଟାଣ୍ଡାର୍ଡ ପକ୍ଷରୁ ଆୟୋଜତି କୁଇଜ୍ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପି. ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚନ୍ଦକା ଗ୍ରାମର ଅଙ୍ଗନବାଡ଼ି ପିଲାମାନଙ୍କୁ ଶିକ୍ଷା ଉପକରଣ ବଣ୍ଟନ କରାଯିବା ସହ ବିଜିୟୁର ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା।




ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥିମାନେ।

## ରତ୍ନାକର, ଜାହିରଙ୍କୁ ଉତ୍କଳ ପ୍ରତିଭା ସମ୍ମାନ

**ଭୁବନେଶ୍ୱର,୧।୪(ବ୍ୟୁରୋ)**

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ) ତରଫରୁ ଉତ୍କଳ ଦିବସ ପରିପ୍ରେକ୍ଷୀରେ ସୋମବାର ୟୁନିଟ-୩ ସ୍ଥିତ ବୁଦ୍ଧମନ୍ଦିର ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାପୋକର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀଚରଣ ପଟ୍ଟନାୟକ, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, କାପୋକର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ରାଜ୍ୟର ପ୍ରତିଭାବାନ୍ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା।

ରକ୍ତଦାନ ଶିବିରର ଆୟୋଜନ କରିବା ସହ ରକ୍ତଦାନ ପାଇଁ ସଚେତନତା ସୃଷ୍ଟି କରୁଥିବା ଯୁବ ସାମାଜିକ କର୍ମୀ ହରପ୍ରସାଦ ମହାପାତ୍ର, ନିଶାମୁକ୍ତି ପରାମର୍ଶ କେନ୍ଦ୍ର ମାଧ୍ୟମରେ ନିଶା ସେବନରୁ ଦୁରେଇ ରହିବା ପାଇଁ ସଚେତନ କାର୍ଯ୍ୟକ୍ରମ କରୁଥିବା ସୁପ୍ରିୟା ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ରାସ୍ତାକଡ଼ର ଶିଶୁମାନଙ୍କୁ ପାଠ ପଢ଼ାଇବା ସହିତ ସେମାନଙ୍କୁ ନିଶା ସେବନରୁ ଦୂରେଇ ରଖିବା ପାଇଁ ସଂକଳ୍ପ ନେଇଥିବା 'ଆଶାଏଁ' ଅନୁଷ୍ଠାନର ଅଧ୍ୟକ୍ଷ ରତ୍ନାକର ସାହୁ ଏବଂ ଓଡ଼ିଶାର ବହୁ ଅନାଥ ଶିଶୁଙ୍କୁ ନେଇ ଶିକ୍ଷା, ନୃତ୍ୟ, ସଂଗୀତ ଶିକ୍ଷା ଦେବାସହ ସ୍ୱାସ୍ଥ୍ୟର ଯତ୍ନ ନେଉଥିବା 'ପ୍ରତିଭା' ଅନାଥ ଆଶ୍ରମର ପ୍ରତିଷ୍ଠାତା ଏମ.ଡି. ଜାହିରଙ୍କୁ କାପୋକ ତରଫରୁ 'ଉତ୍କଳ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭିକ ସଭାପରେ ବରିଷ୍ଠ କଣ୍ଠଶିଳ୍ପୀ ସୁଶାନ୍ତ ପଣ୍ଡା, ହରପ୍ରିୟା ସ୍ୱାଇଁ ଓ ସାଥୀଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଜ୍ଞାନାନନ୍ଦ ସାଗର କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ।





ଯିଏ ନିଶ୍ଚିତ ବସ୍ତୁକୁ ପରିତ୍ୟାଗ କରି ଅନିଶ୍ଚିତ ବସ୍ତୁପ୍ରତି ଲୋଭାସକ୍ତ ହୋଇଥାଏ, ତାକୁ ଅନିଶ୍ଚିତ ବସ୍ତୁ ମିଳେ ନାହିଁ, ନିଶ୍ଚିତ ବସ୍ତୁ ମଧ୍ୟ ନଷ୍ଟ ହୋଇଯାଇଥାଏ।

- ଚାଣକ୍ୟ



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବତୀ ମୃତ

**ବାଲିଅନ୍ତା,୧।୪(ଡି.ଏନ୍.ଏ.):** ୧୬ନଂ ଜାତୀୟ ରାଜପଥ ଭୁବନେଶ୍ୱର-କଟକ ରାସ୍ତାର ପାହାଲସ୍ଥିତ ଫ୍ଲାଏ ଓଭର ବ୍ରିଜ ଉପରେ ରବିବାର ରାତିରେ ଏକ ଅଜଣାଗାଡ଼ି ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ବାଣିଗୋଚ୍ଛା ଥାନାର ନୂଆଗାଁ ଗ୍ରାମର କାଜଲ ପ୍ରଧାନ(୨୨)। କିନ୍ତୁ ସେ ବାଲିଅନ୍ତା ଥାନା ଅଧୀନ ପାହାଲରେ ଭଡ଼ାଘର ନେଇ ରହୁଥିଲେ। ନୟାପଲ୍ଲୀର ଏକ ଘରୋଇ ସିକ୍ୟୁରିଟି ସଂସ୍ଥାରେ ସେ କାର୍ଯ୍ୟ କରୁଥିଲେ। ପ୍ରକାଶ ଯେ, ରାତିରେ କାର୍ଯ୍ୟ ସାରି ରୁମକୁ ଫେରୁଥିବାବେଳେ ପାହାଲ ଛକରେ ଓହ୍ଲାଇ ରାସ୍ତାପାର ହେଉଥିବାବେଳେ ଏକ କାର୍ ଆସି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ସୋମବାର ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

### ଆହତ ହରିଣ ଉଦ୍ଧାର



**ଗୋପ, ୧।୪(ଡି.ଏନ୍.ଏ.):** ଗୋପ ବଜାର ନିକଟ ତଳସାହିରୁ ଏକ ଆହତ ହରିଣକୁ ବନବିଭାଗ ଉଦ୍ଧାର କରିଥିବା ଜଣାପଡ଼ିଛି। ଏହି ହରିଣଟି ବାଲୁଖଣ୍ଡ ଅଭୟାରଣ୍ୟ ଠାରୁ ୧୫ କି.ମି. ଦୂରରୁ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ସୋମବାର ସକାଳୁ ଗୋପ ବଜାର ନିକଟରେ ଏକ ହରିଣ ବୁଲୁଥିବା ବେଳେ ସ୍ଥାନୀୟ ଲୋକ ହରିଣଟିକୁ କାବୁ କରି ବନବିଭାଗକୁ ଖବର ଦେଇଥିଲେ। ଗୋପ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହରିଣଟିକୁ ଗୋପ ତଳସାହି ଗ୍ରାମରୁ ଉଦ୍ଧାର କରିଥିଲେ। ଏହି ହରିଣର ଆନୁମାନିକ ବୟସ ୨ ବର୍ଷ ହେବ ବୋଲି ବନବିଭାଗ ପକ୍ଷରୁ ଜଣାପଡ଼ିଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଓ ଖାଦ୍ୟ ଅଭାବରୁ ହରିଣମାନେ ଅଭୟାରଣ୍ୟ ଛାଡ଼ି ଗାଁ ମୁହାଁ ହୋଇଥିବା ଦେଖିବାକୁ ମିଳିଛି। ଉଦ୍ଧାର ସମୟରେ ହରିଣଟି ସାମାନ୍ୟ ଆହତ ଥିବା ଜଣାପଡ଼ିଛି। ହରିଣଟିର ଚିକିତ୍ସା ଚାଲୁ ରହିଥିବାବେଳେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟରେ ଛଡ଼ାଯିବ ବୋଲି ଗୋପ ବନଖଣ୍ଡ ବନାଞ୍ଚଳ ଅଧିକାରୀ କାହ୍ନୁଚରଣ ସେଠୀ ସୂଚନା ଦେଇଛନ୍ତି।

### ଚେକିଂବେଳେ ପୋଲିସ କର୍ମଚାରୀ ଆହତ

**ନିରାକାରପୁର,୧।୪(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ପୋଲିସ କର୍ମଚାରୀମାନେ ଲେଣ୍ଡୋ ପଞ୍ଚାୟତ ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ଦେବଙ୍କ ମନ୍ଦିର ନିକଟରେ ଥିବା ନୂଆ ଜଗନ୍ନାଥ ସଡକ ଉପରେ ସୋମବାର ପୂର୍ବାହ୍ନ ସାଢ଼େ ୧୦ରେ ହେଲମେଟ ଚେକିଂ କରୁଥିଲେ। ଏହି ସମୟରେ ଜଣେ ବାଇକ ଆରୋହୀ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ଉପସ୍ଥିତ ଥିବା ଏପିଆର କର୍ମଚାରୀ ଦେବୀ ପ୍ରସାଦ ରଥ ନିଜ ମୋଟରସାଇକେଲ ଯୋଗେ ପିଛା କରିଥିଲେ। ତେବେ ଆଗରେ ଥିବା ହମ୍ପସ୍‌ରେ ପଡିଯାଇ ଆହତ ହୋଇଥିଲେ। ତାଙ୍କୁ କର୍ମଚାରୀମାନେ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଛନ୍ତି।

### ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି କର୍ମଚାରୀ ମୃତ

**ନିରାକାରପୁର,୧।୪(ଡି.ଏନ.ଏ.):** ସୋମବାର ଅପରାହ୍ନରେ ନିରାକାରପୁର ବିଦ୍ୟୁତ୍ ସବ୍ ଡିଭିଜନ ଅଧୀନରେ ଥିବା ଲେଣ୍ଡୋ ପଞ୍ଚାୟତ ଆରେଡି ଠାରେ ୧୧କେଭି ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବାବେଳେ ଖସିପଡି ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଶିଷ ବେହେରା। ଗୁରୁତର ଅବସ୍ଥାରେ ତାଙ୍କୁ କର୍ମଚାରୀମାନେ ଉଦ୍ଧାର କରି ନିରାକାରପୁର ଠାରେ ଥିବା ଏକ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ଖୋର୍ଦ୍ଧା ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଆଶିଷଙ୍କ ଘର ସାନଗୋବିନ୍ଦପୁର ଗ୍ରାମରେ। ସେ ଚଢିବା ସମୟରେ ତାରରେ ବିଦ୍ୟୁତ୍ ସଂଯୋଗ ହୋଇଥିଲା ନା ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଚାରିଆଡ଼େ ନିଆଁ





କଟକ ଜେଲ୍ ରୋଡ୍‌ସ୍ଥିତ ରେନ୍ କ୍ଲବରେ ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି। ପୋଡ଼ିଯାଇଥିବା ଘର ଓ ବିଭିନ୍ନ ସାମଗ୍ରୀ।

## କଟକରେ ୩ ସ୍ଥାନରେ ଅଗ୍ନିକାଣ୍ଡ

### ରେନ୍ କ୍ଲବରେ ମଦ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା

**କଟକ ଅଫିସ, ୧।୪**

ରବିବାର ବିଳମ୍ବିତ ରାତିରୁ ସୋମବାର ଅପରାହ୍ନ ମଧ୍ୟରେ କଟକର ୩ଟି ସ୍ଥାନରେ ନିଆଁ ଲାଗିଛି। କଟକ ଜେଲ୍‌ରୋଡ୍ ଛକସ୍ଥିତ ବିଗ୍‌ବଜାରର ଚତୁର୍ଥ ମହଲାର ଥିବା ରେନ୍ କ୍ଲବରେ ରବିବାର ଭୋର ପ୍ରାୟ ୪ଟାରେ ନିଆଁ ଲାଗି ଯାଇଥିଲା। ସେଠାରେ ପାଟ୍ରୋଲିଂ କରୁଥିବା ପୋଲିସ ଏ ନେଇ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗର ୩ଟି ଟିମ୍ ପହଞ୍ଚିଥିଲା। ଭିତରେ ନିଆଁ ଲାଗି ଯାଇଥିବାବେଳେ ବାହାରପଟୁ କବାଟ ବନ୍ଦ ଥିବାରୁ ଅଗ୍ନିଶମ କର୍ମଚାରୀମାନଙ୍କୁ ଭିତରକୁ ପଶିବାକୁ ସମୟ ଲାଗିଥିଲା। ସେତେବେଳକୁ ବାର୍‌ରେ ଥିବା ମଦ, ଟେବୁଲ, ଚେୟାର, ଗଦି, ଗଡରେଜ, ଫ୍ରିଜ ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ଯାଇଥିଲା। ପ୍ରାୟ ୨ ଘଣ୍ଟା ପରିଶ୍ରମ କରିବା ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ପୋଡ଼ିଯାଇଥିବା ସମ୍ପତ୍ତିର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କଟକ ଡିଏଫ୍‌ଓ ଅବନୀ ସ୍ୱାଇଁ କହିଛନ୍ତି। ସ୍ୱାଇଁଙ୍କ କହିବା ଅନୁଯାୟୀ, ଶର୍ଟ୍ ସର୍କିଟରୁ ନିଆଁ ଲାଗିଥିବା ଆମେ ଅନୁମାନ କରୁଛୁ। ଏହା ଉପରେ ତଦନ୍ତ ଜାରି ରହିଛି। କେତେ ଟଙ୍କାର ଜିନିଷ କ୍ଷତି ହୋଇଛି ତାହା ତଦନ୍ତ ପରେ ସ୍ପଷ୍ଟ ଜଣାପଡ଼ିବ।

ସେହିପରି ରବିବାର ରାତି ୨ଟାରେ ରାଣୀହାଟସ୍ଥିତ ଏକ ଚାଳଘରେ ନିଆଁ ଲାଗି ଯାଇଥିଲା। ପାଖରେ ଥିବା ଏକ ଟ୍ରାନ୍ସଫର୍ମରରୁ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ଘଟଇଥିବା ଜଣାପଡିଛି। ଅଗ୍ନିକାଣ୍ଡରେ ଘରେ ଥିବା କିଛି ଆସବାବପତ୍ର ପୋଡ଼ି ଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୋମବାର ମଧ୍ୟାହ୍ନ ୨ଟାରେ ବକ୍ସିବଜାର ସ୍ଥିତ ଏକ ମୋବାଇଲ ଦୋକାନରେ ନିଆଁ ଲାଗି ଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟ୍ ସର୍କିଟ୍‌ଯୋଗୁ ନିଆଁ ଲାଗିଥିବା ଡିଏଫ୍‌ଓ ଅବନୀ ସ୍ୱାଇଁ କହିଛନ୍ତି। ଦୋକାନର ବିଶେଷକିଛି କ୍ଷତି ହୋଇ ନ ଥିଲେ ମଧ୍ୟ ଦୋକାନରେ ଥିବା ଟେବୁଲ ପୋଡ଼ିଯାଇଛି।

### ଅଗ୍ନିକାଣ୍ଡରେ ଜଳିଗଲା ୪୦ ଏକର ଜଙ୍ଗଲ

**ବ୍ରହ୍ମଗିରି, ୧।୪(ଡି.ଏନ୍.ଏ.):** ବ୍ରହ୍ମଗିରି ବନବିଭାଗ ଅଧୀନ ପୁଷ୍ପାଳକ ଜଙ୍ଗଲରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ୪୦ ଏକର ଜଙ୍ଗଲ ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ରେଞ୍ଜ ଅଧୀନ ସିପସରୁବାଲି ନିକଟ ପୁଷ୍ପାଳକ ଜଙ୍ଗଲରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ କାଜୁ ଓ ଝାଉଁ ଭଳି ମୂଲ୍ୟବାନ ଗଛ ଥିବା ୪୦ ଏକର ଜଙ୍ଗଲ ନଷ୍ଟ ହୋଇଯାଇଛି। ଖବର ପାଇ ବ୍ରହ୍ମଗିରି ଅଗ୍ନିଶମ କେନ୍ଦ୍ର ଓ ବନବିଭାଗ ସୋମବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।



ବନ କର୍ମଚାରୀମାନେ ନିଆଁକୁ ନିୟନ୍ତ୍ରଣ କରୁଛନ୍ତି।

### ୨ ବଖରା ପୋଡ଼ିଗଲା

**କଟକ ସଦର,୧।୪ (ଡି.ଏନ୍.ଏ.)**

ସୋମବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି କଟକ ସଦର ବ୍ଲକ ଅଧୀନ ପାଇକଣ ଗ୍ରାମର ବିଶ୍ୱନାଥ ବସ୍ତିଆଙ୍କ ୨ ବଖରା ଜଳିଯାଇଛି। ଏଥିରେ ପ୍ରାୟ ୫୦,୦୦୦ ଟଙ୍କାର ସମ୍ପତ୍ତି ପୋଡି ଯାଇଥିବା ବସ୍ତିଆ କହିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ରଘୁନାଥପୁରରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



ଜଳିଯାଇଥିବା ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷା ସୁମିତ୍ରା ରାଉତରାୟଙ୍କ ଘର।

### ଜିଲା ପରିଷଦ ଉପାଧ୍ୟକ୍ଷାଙ୍କ ଘର ଜାଳିଦେଲେ

**ବାଲିପାଟଣା,୧।୪(ଡି.ଏନ୍.ଏ.)**

ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବାଲିପାଟଣା ବ୍ଲକ ୨୧ନଂ. ଜୋନ ସଭ୍ୟା ତଥା ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷା ସୁମିତ୍ରା ରାଉତରାୟଙ୍କ ଘର ଜାଳିଦେବା ସହ ବିଭିନ୍ନ ସ୍ଥାନରେ ନଡ଼ା ଗଦାରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କିଆଯୋରି ଗ୍ରାମର ଜିଲା ପରିଷଦ ଉପାଧ୍ୟକ୍ଷାଙ୍କ ଘରକୁ କେହି ଦୁର୍ବୃତ୍ତ ନିଆଁ ଲଗାଇଦେବାରୁ ୨ବଖରା ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ପ୍ରାୟ ୪ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ରାଜନୈତିକ ଉଦ୍ଦେଶ୍ୟ ରଖି ଉପାଧ୍ୟକ୍ଷାଙ୍କ ଘରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଉପାଧ୍ୟକ୍ଷା ରାଉତରାୟ କୁହନ୍ତି, ଆମର କେହି ରାଜନୈତିକ ଶତ୍ରୁ ନାହାନ୍ତି। ସେହିପରି ବିଶ୍ୱନାଥପୁର ଗ୍ରାମର ଅଶୋକ ସାହୁଙ୍କ ନଡ଼ା ଗଦାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ପ୍ରାୟ ୫ହଜାର ଟଙ୍କାର ସମ୍ପତ୍ତି ପୋଡି ଯାଇଛି। କିଆଯୋରି ଗ୍ରାମର ସତିନ ମିସ୍ତ୍ରିଙ୍କ ୪ହଜାର ଟଙ୍କାର ନଡ଼ାରେ କେହି ନିଆଁ ଲଗାଇ ଦେଇଛନ୍ତି। ବାଲିପାଟଣା ଗ୍ରାମର ଟିମ ଭୋଇଙ୍କ ନଡ଼ା ଓ ଧାନଗଦା ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୧୦ହଜାର ଟଙ୍କାର ସମ୍ପତ୍ତି ପୋଡି ଯାଇଛି। ବାଲିପାଟଣାସ୍ଥିତ କେଦାର ନାୟକଙ୍କ ନଡ଼ା ଗଦା ଜଳିଯାଇଛି। ସୋବିନ ଗ୍ରାମର ନାରାୟଣ ବେହେରା, ତୋଫାନ ମୁଦୁଲି ଓ ଲିଙ୍ଗା ବେହେରାଙ୍କ ନଡ଼ାଗଦା ସମ୍ପୂର୍ଣ୍ଣ ଜଳିଯାଇଛି। ସେହିପରି ଭାକରସାହିରେ ଅନୁରୂପଭାବେ ନଡ଼ା ଗଦାରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷା ରାଉତରାୟଙ୍କ ଅଭିଯୋଗକ୍ରମେ ବାଲିପାଟଣା ପୋଲିସ ଏକ ମାମଲା(ନଂ. ୮୨/୧୯)ରୁଜୁ କରି ତଦନ୍ତ ଚଳାଇଛି।

### ରାସ୍ତାରେ ଜଳିଗଲା ବିଜେଡି ପ୍ରଚାର ଗାଡ଼ି

**ଖୁଣ୍ଟୁଣୀ,୧।୪ (ଡି.ଏନ୍.ଏ.)**



ଜଳୁଥିବା ପ୍ରଚାର ଗାଡ଼ି।

୫୫ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ଥାନା ଅଧୀନ ରାଧାକିଶୋରପୁର ଓଭରବ୍ରିଜ୍ ଉପରେ ସୋମବାର ଅପରାହ୍ନ ପ୍ରାୟ ୧ଟାରେ ଅଗ୍ନିକାଣ୍ଡ ଘଟି ବିଜେଡିର ଏକ ପ୍ରଚାର ଗାଡି ଜଳିଯାଇଛି। ନିଆଁ ଲାଗିବା ଦେଖି ଚାଳକ ଉତ୍ତରପ୍ରଦେଶର ଦୀପକ ଦୁବେ ଗାଡିରୁ ଓହ୍ଲାଇ ଯାଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଆଠଗଡ ବ୍ଲକରୁ ନଅବେଢାକୁ ପ୍ରଚାର କରିବାକୁ ଯାଉଥିବା ଏହି ଟାଟା ଏସିଇ ଗାଡି(ନଂ.ୟୁପି-୭୭-ଏଏନ୍-୨୨୯୭)ରେ ୧୨ଟି ଏଲଇଡି ଟିଭି ଓ ଏକ ବଡ ଜେନେରେଟର ଥିଲା। ତେବେ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ର ବୀର୍ଯ୍ୟ ଦାସ କହିଛନ୍ତି। ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକେ ଆଠଗଡ ଅଗ୍ନିଶମ କେନ୍ଦ୍ରକୁ ଫୋନ୍ କରିଥିଲେ। ହେଲେ ଅଗ୍ନିଶମ କର୍ମଚାରୀମାନେ ୧ ଘଣ୍ଟା ବିଳମ୍ବରେ ପହଞ୍ଚିବାବେଳକୁ ଗାଡିଟି ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଡି ଯାଇଥିବା ଗାଡିର ଚେସିସ୍‌କୁ ଥାନାକୁ ଆଣି ତଦନ୍ତ ଚଳାଇଛି।

### ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ପୁଣି ନିଆଁ

**ବାରଙ୍ଗ, ୧।୪ (ଡି.ଏନ.ଏ)**



ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ଲାଗିଥିବା ନିଆଁ।

ପୁଣି ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ନିଆଁ ଲାଗିଥିବା ସୋମବାର ସକାଳେ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବର ପ୍ରଚାରିତ ହେବା ପରେ ସେଠାରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ପବନ ଯୋଗୁ ନିଆଁର ପ୍ରକୋପ ଅଧିକ ରହିଥିଲା। ପ୍ରବଳ ଧୂଆଁରେ ଆଖପାଖ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ସନ୍ଧ୍ୟା ସୁଦ୍ଧା ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଏକର ଅଞ୍ଚଳକୁ ବ୍ୟାପି ଯାଇଥିଲା। ୩ଟି ଦମକଳ ଗାଡ଼ି ଘଟଣାସ୍ଥଳକୁ ଆସି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଚଳାଇଥିଲା। ତିନିମାସ ମଧ୍ୟରେ ଏହା ତୃତୀୟ ଘଟଣା। ଅନ୍ୟପକ୍ଷରେ ନିଆଁ ଲାଗିଥିବା ଯୋଗୁ ଡମ୍ପିଂୟାର୍ଡକୁ ଆସିଥିବା ସମସ୍ତ ଗାଡ଼ି ଅଳିଆ ପକାଇ ନ ପାରି ନନ୍ଦନକାନନ ନୂଆରାସ୍ତାରେ ଅଟକି ରହିଥିଲା।

### ୩ ଦୋକାନ, ୩ ବଖରା ଜଳିଗଲା

**ନିମାପଡ଼ା/କଣାସ,୧।୪(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ସଲଙ୍ଗ ଛକଠାରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ବିଚିତ୍ରାନନ୍ଦ ଦାସଙ୍କ ଦୁଇ ଗ୍ରୋସରୀ ଦୋକାନ ଓ ନାରାୟଣ ଦାସଙ୍କ ଏକ ସାଇକେଲ ଦୋକାନ ପୋଡି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୫୦ହଜାର ଟଙ୍କାର ସମ୍ପତ୍ତି ପୋଡିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାର ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ଦୋକାନ ପଛପଟେ ଥିବା ଅଳିଆଗଦାରୁ ଏହି ନିଆଁ ଲାଗିଥିବା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। ବିପନ୍ନ ବ୍ୟବସାୟୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ବ୍ୟବସାୟୀମାନେ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ସେହିପରି ଡେଲାଙ୍ଗ ବ୍ଲକର ବେରବୋଇ ଗ୍ରାମର ମଝିସାହିରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ରମେଶ ବିଶ୍ୱାଳ ଓ ରାଜେଶ ବିଶ୍ୱାଳଙ୍କର ୩ବଖରା ଭସ୍ମୀଭୂତ ହୋଇଛି। ଦମକଳ କେନ୍ଦ୍ରଠାରୁ ୧କି.ମି. ଦୂରରେ ଅବସ୍ଥିତ ଏହି ଗ୍ରାମରେ ଦମକଳ ବାହିନୀ ତୁରନ୍ତ ପହଞ୍ଚି ନିଆଁ ଲିଭାଇ କିଛି ଆସବାବ ଉଦ୍ଧାର କରିବାରେ ସହାୟତା କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ।

**ପୌରପରିଷଦ, ରାୟଗଡ଼**

ସଂଖ୍ୟା.୫୦୦୧ ତାରିଖ.୩୦।୦୩।୨୦୧୯

**ଜନସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ରାୟଗଡ଼ ପୌରାଞ୍ଚଳର ସମସ୍ତ ଗୃହ ଟିକସଦାତାମାନଙ୍କୁ ଜଣାଇ ଦିଆଯାଉଅଛି ଯେ,- ଯେଉଁମାନେ ଗୃହ ଟିକସଦେୟ ୨୦୧୮-୧୯ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପୈଠ କରିଛନ୍ତି ଆଗାମୀ ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ଅଗ୍ରିମ ଟିକସ ପୈଠକରି ଓଡ଼ିଶା ପୌର ଅଧିନିୟମ,୧୯୫୦ର ଧାରା ୧୫୯ ଅନୁଯାୟୀ ଅପ୍ରେଲ୍ ମାସ ୨୦୧୯ (୦୨.୦୪.୨୦୧୯ଠାରୁ ୩୦.୦୪.୨୦୧୯) ମଧ୍ୟରେ ଶତକଡା ୧୫ (ପନ୍ଦର) ଏବଂ ମଇ ୨୦୧୯ (୦୧.୦୫.୨୦୧୯ଠାରୁ ୩୧.୦୫.୨୦୧୯ ପର୍ଯ୍ୟନ୍ତ) ଶତକଡା ୭ (ସାତ) ହାରରେ ରିହାତିର ସୁଯୋଗ ନେଇପାରିବେ। ରାୟଗଡ଼ ପୌରପରିଷଦ ଅଞ୍ଚଳ ମଧ୍ୟରେ ଥିବା ସମସ୍ତ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ, କାରଖାନା, ବ୍ୟାଙ୍କ, ରେଷ୍ଟୁରାଣ୍ଟ ଓ ଅନ୍ୟ ସମସ୍ତ ବର୍ଗର ବ୍ୟବସାୟିକ ପ୍ରତିଷ୍ଠାନ ଓଡ଼ିଶା ପୌର ଅଧିନିୟମର ଧାରା ୨୯୦ ମୁତାବକ ଟ୍ରେଡ୍ ଲାଇସେନ୍‌ସ ପାଇଁ ଆବେଦନ କରିବାକୁ ଅନୁରୋଧ। ଉପରୋକ୍ତ ଲାଇସେନ୍ସ ବିନା ପୌରାଞ୍ଚଳରେ ବ୍ୟବସାୟିକ କାର୍ଯ୍ୟ କରିବା ଆଇନସିଦ୍ଧ ନୁହେଁ। ଯେଉଁ ବ୍ୟବସାୟିକ ଅନୁଷ୍ଠାନ ପୂର୍ବ ବର୍ଷ ଟ୍ରେଡ ଲାଇସେନ୍ସ ପଞ୍ଜୀକରଣ କରିଛନ୍ତି, ସେମାନେ ୨୦୧୯-୨୦ ବର୍ଷ ପାଇଁ ଧାର୍ଯ୍ୟ ଫି ଦାଖଲ କରି ତାଙ୍କ ଲାଇସେନ୍ସ ପଞ୍ଜିକରଣର ନବୀକରଣ କରାଇନେବା ନିମନ୍ତେ ସୂଚିତ କରାଯାଉଅଛି।

**ଜିଲ୍ଲାପାଳ, ରାୟଗଡ଼ ତଥା ପ୍ରଶାସକ, ପୌରପରିଷଦ, ରାୟଗଡ଼ଙ୍କ ନିର୍ଦ୍ଦେଶକ୍ରମେ**
**ସ୍ୱା./- ନିର୍ବାହୀ ଅଧିକାରୀ, ପୌରପରିଷଦ, ରାୟଗଡ଼**

**ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମ୍ବଲପୁର**

ନଂ. ୩୨୭୭ ତାରିଖ: ୩୧।୦୩।୨୦୧୯

**ସର୍ବସାଧାରଣ ବିଜ୍ଞପ୍ତି**

Please inform **Income Tax Department, Odisha** about and **Money Transactions** during General Election-2019
Whatsapp No.: 9438917915
Email ID: **generalelectionodisha2019@incometax.gov.in**

୨୦୧୯ ନିର୍ବାଚନ ସମୟରେ
ଯେ କୌଣସି **ଅର୍ଥ ଦେଣନେଣ ସମ୍ପର୍କରେ ଆୟକର ବିଭାଗ, ଓଡ଼ିଶାଙ୍କୁ**
ଦୟାକରି ସୂଚନା ଦିଅନ୍ତୁ
ହ୍ୱାଟସ୍ ଆପ୍ ନମ୍ବର: ୯୪୩୮୯୧୭୯୧୫
ଇମେଲ୍: **generalelectionodisha2019@incometax.gov.in**

**ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସମ୍ବଲପୁର**

# ୭ଘଣ୍ଟା ଧରି ଘୂର୍ଣ୍ଣିଝଡ଼

## କଣାସରେ ବ୍ୟାପକ ଧାନଫସଲ କ୍ଷତି, ଚିନ୍ତାରେ ଚାଷୀ

**କଣାସ, ୧।୪(ସ୍ୱ.ପ୍ର.)**

କାଳବୈଶାଖୀ ପ୍ରଭାବରେ କଣାସ ଅଞ୍ଚଳରେ ୭ଘଣ୍ଟାଧରି ଘୂର୍ଣ୍ଣିଝଡ ହେବାରୁ ବ୍ୟାପକ ଖରାଟିଆଧାନ ଫସଲ କ୍ଷତି ଘଟିଛି। ଅନେକ ଚାଳଛପରଘର ଉଡିଯାଇଥିବା ବେଳେ ବହୁପୁରାତନ ବୃକ୍ଷ ଧରାସାୟୀ ହୋଇଛି। ଧାନଫସଲ କ୍ଷତିହେବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଘୂର୍ଣ୍ଣିଝଡ ଯୋଗୁ ୧୮ଘଣ୍ଟାଧରି ବିଦ୍ୟୁତ୍ ସରବରାହ ବନ୍ଦରହିଥିଲା। ଖବରନେବାରେ ଜଣାପଡ଼ିଛି ଯେ, ରବିବାର ଅପରାହ୍ନ ୩ଟା ସମୟରେ ଆକାଶ ମେଘାଚ୍ଛନ୍ନ ହୋଇ ଘନଘନ ବଜ୍ରପାତ ହେବା ସାଙ୍ଗକୁ ପ୍ରବଳବେଗରେ ପବନ ବୋହିଥିଲା। ବାଲିଝଡ ଯୋଗୁ କିଛି ଦୃଶ୍ୟମାନ ନ ହେବାରୁ ବ୍ୟବସାୟୀମାନେ ଦୋକାନବଜାର ବନ୍ଦକରିବା ସହିତ ଗାଁଗହଳିର ଲୋକମାନେ ନିଜବାସଗୃହରେ ରହିଥିଲେ। ଦୀର୍ଘ ୭ଘଣ୍ଟାଧରି ରାତି ୧୦ଟା ପର୍ଯ୍ୟନ୍ତ ଘୂର୍ଣ୍ଣିଝଡ଼ ଲାଗି ରହିଥିଲା। ବର୍ତ୍ତମାନ ଖରାଟିଆ ଧାନର ଥୋଡ଼ୁଅ ବାହାରୁଥିବାବେଳେ ପବନମାଡରେ ସମସ୍ତ ଧାନ ଅଗାଡି ପାଲଟିଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଅନେକ ବିଲରେ ଧାନପାଚିଯାଇଥିବାରୁ ପବନମାଡରେ ଜମିରେ ଝଡିପଡିଛି। ଡିମିରି ଗ୍ରାମର ପବିତ୍ର ଭୋଇ କୁହନ୍ତି, ଦୁଇ ଏକରରୁ ଊର୍ଦ୍ଧ୍ୱ ଜମି ଭାଗକୁ ଆଣି ଖରାଟିଆ ଧାନଚାଷ ଗାଁ ମହାଜନଠାରୁ ଋଣଆଣିଥିଲେ। ତେବେ ଘୂର୍ଣ୍ଣିଝଡ଼ ଯୋଗୁ ସବୁ ଫସଲ ନଷ୍ଟ ହୋଇଯାଇଛି। ସେହିପରି ପାଣ୍ଡବ ସାହୁ କୁହନ୍ତି, ୭ଏକର ଜମି ସମବାୟ ସମିତିରୁ ଋଣ ଆଣି ଧାନଚାଷ କରିଥିଲି। ପବନ ଯୋଗୁ ୭ଏକର ଥୋଡ଼ୁଅ ବାହାରୁଥିବା ଧାନ ଅଗାଡି ହୋଇଯାଇଥିବା କହିଛନ୍ତି।

**ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମ୍ବଲପୁର**

ନଂ. ୩୨୭୬ ତାରିଖ: ୩୧।୦୩।୨୦୧୯

**ସର୍ବସାଧାରଣ ବିଜ୍ଞପ୍ତି**

ନିର୍ବାଚନ ପରିପ୍ରେକ୍ଷୀରେ ଏତଦ୍ୱାରା ସମ୍ବଲପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ସୂଚାଇ ଦିଆଯାଉଛି ଯେ, ଆସନ୍ତା ଲୋକସଭା/ ବିଧାନସଭା ନିର୍ବାଚନ ସମୟରେ ଯଦି ମତଦାତାମାନଙ୍କୁ ମଦ ଓ ଟଙ୍କାର ପ୍ରଲୋଭନ ଦେଖାଇବା କିମ୍ବା ମତଦାତାମାନଙ୍କୁ ଅସ୍ତ୍ରଶସ୍ତ୍ରର ବ୍ୟବହାର କରି ଭୟ ଦେଖାଇବାର ଦୃଷ୍ଟାନ୍ତ ଆପଣଙ୍କ ନଜରକୁ ଆସେ, ତା'ହେଲେ ଆପଣ ଜିଲ୍ଲା ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ/ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ତଥା ଜିଲ୍ଲା ଅଭିଯୋଗ ତଦାରଖ ପ୍ରକୋଷ୍ଠକୁ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବର ମାଧ୍ୟମରେ ଜଣାଇ ପାରିବେ। ସୂଚନା ଦେଇଥିବା ବ୍ୟକ୍ତି ବିଶେଷଙ୍କ ନାମ ଗୋପନ ରଖାଯିବ।

**ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସମ୍ବଲପୁର**

| | | |
|---|---|---|
| ଜିଲ୍ଲା ଅଭିଯୋଗ ତଦାରଖ ପ୍ରକୋଷ୍ଠ | ୦୬୬୩-୨୪୧୧୧୨୪ | |
| ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ (୩-ସମ୍ବଲପୁର ଲୋକସଭା) | ୬୩୭୨୭-୫୭୫୪୮ | |
| ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ (୧୫-କୁଚିଣ୍ଡା, ୧୬-ରେଙ୍ଗାଲି, ୧୭-ସମ୍ବଲପୁର ଓ ୧୮-ରେଢ଼ାଖୋଲ) ବିଧାନସଭା | ୬୩୭୨୭୫୫୧୦୦ | |
| ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୧୫-କୁଚିଣ୍ଡା ବିଧାନସଭା | ୯୪୩୭୪୭୮୨୨୧ |
| ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୧୬-ରେଙ୍ଗାଲି ବିଧାନସଭା | ୯୪୩୭୦୪୦୦୩୭ |
| ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୧୭-ସମ୍ବଲପୁର ବିଧାନସଭା | ୯୪୩୭୨୪୯୦୫୧ |
| ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୧୮-ରେଢ଼ାଖୋଲ ବିଧାନସଭା | ୮୨୮୦୨୨୪୯୯୩ |



ଈଶ୍ୱର ପ୍ରାପ୍ତିର ସବୁଠାରୁ ଫଳପ୍ରଦ ପନ୍ଥା ହେଉଛି ନିଷ୍କାମ ସେବା।
- ସ୍ୱାମୀ ରାମଦାସ



## ସଂକ୍ଷେପରେ

### ଡାଲି ବୋଝେଇ ଟ୍ରକ୍ ଓଲଟିଲା : ୩ ଆହତ



**ଚୌଦ୍ୱାର, ୧୪(ଡି.ଏନ୍.ଏ.):** ୫୫ନଂ. ଜାତୀୟ ରାଜପଥର ନୁନଟିକିରି ପାଖ ଚାଉଳିଆ କେନାଲ ପୋଲ ଉପରୁ ଏକ ଡାଲି ବୋଝେଇ ତଳକୁ ଖସିପଡିଛି। ଏଥିରେ ଟ୍ରକ୍ ଡ୍ରାଇଭର, ହେଲପର ଓ ଟ୍ରକ୍‌ରେ ବସିଥିବା ଅନ୍ୟଜଣେ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ସୂଚନା ଅନୁଯାୟୀ, ପାହାନ୍ତାରେ ପାରାଦୀପରୁ ଡାଲି ବୋଝେଇ କରି ଅନୁଗୋଳ ଅଭିମୁଖେ ଯାଉଥିବା ଟ୍ରକ୍ (ନଂ. ଓଡି୦୫ଜେଡ୍-୨୫୨୪) ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡିଥିଲା। ଏହା ଜଣାପଡିବା ପରେ ସ୍ଥାନୀୟ ଲୋକେ ଓ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି କଟକ ବଡଡାକ୍ତରଖାନା ପଠାଇଥିଲେ। ସନ୍ଧ୍ୟାରେ ପୋଲିସ କ୍ରେନ୍ ସହାୟତାରେ କେନାଲ ଭିତରୁ ଟ୍ରକ ଓ ଡାଲିକୁ ଉଦ୍ଧାର କରିଥିଲା।

### କଟକରେ ଉର୍ଦ୍ଦୁ ଭାଷାର ସେମିନାର

**କଟକ ଅଫିସ, ୧୪:** ବାବା ବୁଖାରୀଙ୍କ ପ୍ରାଙ୍ଗଣରେ ଉର୍ଦ୍ଦୁ ଭାଷାରେ ଶାୟରୀର ଦୁଇ ଦିନିଆ ସେମିନାର ରବିବାର ଉଦ୍‌ଯାପିତ ହୋଇଛି। ମିଲ୍ଲତ୍ ଏଜୁକେଶନାଲ ଏଣ୍ଡ୍ ୱେଲଫେୟାର ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ମୌଲାନା ଆଶିକ୍ୟୁଲ କାଦ୍ରୀ ମିସ୍‌ବାହୀ ଓ ଚିନ୍ତାମଣି ଟ୍ରଷ୍ଟର ଚେୟାରମ୍ୟାନ ମୌଲାନା ନିଜାମୁଦ୍ଦିନ୍ ବରକାତିଙ୍କ ନେତୃତ୍ୱରେ ଏହି ସେମିନାର ଆୟୋଜିତ ହୋଇଥିଲା। ଏଥିରେ ଦିଲ୍ଲୀର ନ୍ୟାଶନାଲ କାଉନ୍‌ସିଲ ଫର ଦି ପ୍ରମୋଶନ ଆଣ୍ଡ ଡେଭ୍‌ଲପ୍‌ମେଣ୍ଟ ଅଫ୍ ଉର୍ଦ୍ଦୁ ଲିଟରେଚର୍ ଅଧକ୍ଷ ଡ. ଫୟାଜ୍ ଆଲମ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ଅବ୍‌ଦୁର ରହିମ୍, ରମ୍‌ଜାନ୍ ଖାଁ, ନଗର କଂଗ୍ରେସ କମିଟି ସଭାପତି ଇଂ. ମହମ୍ମଦ ମୋକିମ୍, ଆପ୍ କଟକ ନଗର ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସ ଯୋଗଦେଇ ସମସ୍ତ ସରକାରୀ ସ୍କୁଲ ଓ କଲେଜରେ ଉର୍ଦ୍ଦୁ ପାଠ ପଢ଼ାଇବା ପାଇଁ ଶିକ୍ଷକଙ୍କ ନିଯୁକ୍ତି ଲାଗି ଦାବି କରିଥିଲେ। ଏହି ସେମିନାରରେ ବିହାରରୁ ଆସି ଭାଗ ନେଇଥିବା ମୌଲାନା ନୌସାଦ ଆଲମ୍ ମିସ୍‌ବାହୀ, ପଶ୍ଚିମବଙ୍ଗରୁ ମୌଲାନା ଆତାଇ ହବିବ୍, ହାଇଦ୍ରାବାଦରୁ ମୌଲାନା ସାହିଦିନ୍ ମିସ୍‌ବାହୀ, କଟକରୁ ମୌଲାନା ତାହେର ରାଜା ମିସ୍‌ବାହୀ ଯୋଗ ଦେଇଥିଲେ।

### ଡିଏଭି ସ୍କୁଲର ବାର୍ଷିକ ଉତ୍ସବ

**ଚୌଦ୍ୱାର,୧୪(ଡି.ଏନ୍.ଏ):** ଚୌଦ୍ୱାରସ୍ଥିତ ଡିଏଭି ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରାମଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସାଲେପୁରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜିର ଆସିଷ୍ଟାଣ୍ଟ ପ୍ରଫେସର ଡ. ଚନ୍ଦ୍ରଶେଖର ବାରିକ, ଡ. ଭବାନୀ ଶଙ୍କର ନାୟକ, ଭୁବନେଶ୍ୱର ଏମସ୍‌ର ସର୍ଜରୀ ବିଶେଷଜ୍ଞ ଡା. ବିକ୍ରମ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଧକ୍ଷ ମଧୁସ୍ମିତା ସ୍ୱାଇଁ ବିବରଣୀ ପାଠ ଓ ସମ୍ପାଦକ କେଶବ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

## କ୍ରାଇମବ୍ରାଞ୍ଚର ନୂତନ ଅପରାଧ ବିଶ୍ଳେଷଣ ଶାଖା ଉଦ୍‌ଘାଟିତ

# ସିଡି, ତଦନ୍ତ କ୍ଷେତ୍ରରେ ସହାୟକ ହେବ

**କଟକ ଅଫିସ୍, ୧୪**

ଏଣିକି ଆପରାଧିକ ମାମଲାର ତଦନ୍ତ ଏବଂ କେସ୍ ଡାଏରୀ(ସିଡି) ଲେଖିବା କ୍ଷେତ୍ରରେ ତଦନ୍ତକାରୀ ଅଫିସର(ଆଇଓ)ଙ୍କୁ ଆଉ ଅଧିକ ପରିଶ୍ରମ କରିବାକୁ ପଡିବନି। ଆଇଓମାନଙ୍କୁ ଏସବୁ କ୍ଷେତ୍ରରେ ସହଯୋଗ କରିବ କ୍ରାଇମବ୍ରାଞ୍ଚର ନୂତନ ଅପରାଧ ବିଶ୍ଳେଷଣ ଶାଖା। ସୋମବାର କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟରେ ଏହି ନୂତନ ଶାଖାକୁ ଉଦ୍‌ଘାଟନ କରିଛନ୍ତି ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ (ଏସ୍‌ଏପି)ର ନିର୍ଦ୍ଦେଶକ ତଥା ଅତିରିକ୍ତ ଡିଜି ମନୋଜ ଛାବ୍ରା। ସେ କହିଛନ୍ତି, ଏହାଦ୍ୱାରା ଆଇଓମାନଙ୍କର ତଦନ୍ତ କ୍ଷେତ୍ରରେ ଅଧିକ ଉନ୍ନତି ଘଟିବ। ତଦନ୍ତ ଏବଂ ସିଡି ଠିକ୍ ଭାବେ ହୋଇପାରିଲେ ଅଭିଯୁକ୍ତଙ୍କୁ ଅଧିକ ମାତ୍ରାରେ ଦୋଷୀସାବ୍ୟସ୍ତ କରିବାରେ ସହାୟକ ହେବ। ସେହିପରି କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି, ପ୍ରତିବର୍ଷ ରେଡ୍ ଏବଂ ଅରେଞ୍ଜ ଫ୍ଲାଗ୍ ଅନ୍ତର୍ଭୁକ୍ତ ୧୫୦୦ରୁ ୨୦୦୦ ମାମଲାର ତଦନ୍ତ କ୍ଷେତ୍ରରେ କ୍ରାଇମବ୍ରାଞ୍ଚ ଆଇଓମାନଙ୍କୁ ସହଯୋଗ କରୁଥିବାବେଳେ ଆଇନ କ୍ଷେତ୍ରରେ ଜିଲାରେ ନିଯୁକ୍ତ ହୋଇଥିବା ଲିଗାଲ ଆଡଭାଇଜରମାନେ ସହଯୋଗ କରୁଛନ୍ତି। କ୍ରାଇମବ୍ରାଞ୍ଚରେ ସ୍ୱତନ୍ତ୍ର ଭିଡିଓ କନ୍‌ଫରେନ୍ସିଂ ହଲ୍ ହେବା ପରେ ଅଧିକ ମାମଲାରେ ଆଇଓମାନଙ୍କୁ ସହଯୋଗ କରାଯାଇ ପାରିବ ବୋଲି ସେ କହିଛନ୍ତି।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀମାନେ।

ହତ୍ୟା, ବଳାତ୍କାର, ଗଣ୍ଡଗୋଳ ଭଳି ଆପରାଧିକ ମାମଲାର ତଦନ୍ତ ଏବଂ ମାମଲାର ସିଡି ଲେଖିବା କ୍ଷେତ୍ରରେ ଆଇଓମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡୁଛି। କେତେକ କ୍ଷେତ୍ରରେ ସେମାନେ ତଦନ୍ତର କିଛି ଦିଗରୁ ଲକ୍ଷ୍ୟଚ୍ୟୁତ ହେଉଛନ୍ତି। ଫଳରେ ପ୍ରକୃତ ଦୋଷୀ ପାଖରେ ପୋଲିସକୁ ପହଞ୍ଚିବାକୁ ଅଧିକ ସମୟ ଲାଗୁଛି। ଆଉ କେତେକ କ୍ଷେତ୍ରରେ ଦୋଷୀଙ୍କୁ ଧରିବାରେ ପୋଲିସ ଅସମର୍ଥ ହେଉଛି। ସେହିପରି ସିଡି ଲେଖିବା ସମୟରେ ଆଇଓମାନେ ମୁଖ୍ୟ ବିଷୟକୁ ଛାଡି ଅନେକ ଅନାବଶ୍ୟକ କଥା ଉଲ୍ଲେଖ କରୁଛନ୍ତି। ଆଇଓମାନଙ୍କୁ ବିଶେଷକରି ତଦନ୍ତକ୍ଷେତ୍ରରେ ସାଇଣ୍ଟିଫିକ୍ ପ୍ରମାଣ ସଂଗ୍ରହ, ସାଇବର ଏବଂ କମ୍ପ୍ୟୁଟର ଫୋରେନସିକ୍, ଆଇନଗତ ସହାୟତା, ତଦନ୍ତର ପ୍ରାଥମିକ ଦିଗ ଆଦି ବିଷୟ ଉପରେ ସେମାନଙ୍କୁ ସହାୟତା କରାଯିବ। ଏହି କାର୍ଯ୍ୟକ୍ରମରେ

### କ୍ରାଇମବ୍ରାଞ୍ଚରେ ହେବ ସ୍ୱତନ୍ତ୍ର ଭିଡିଓ କନଫରେନ୍ସିଂ ହଲ୍

ଯୋଗଦେଇ ଏଡିଜି ଅରୁଣ ବୋଥ୍ରା କହିଥିଲେ, ଏହି ଦୁଇଟି କ୍ଷେତ୍ରରେ ଆଇଓମାନଙ୍କୁ ସହଯୋଗ କରିବା ପାଇଁ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଅଫିସରମାନଙ୍କୁ କ୍ରାଇମବ୍ରାଞ୍ଚରେ ନିଯୁକ୍ତ କରାଯିବ। ସେମାନେ ଭିଡିଓ କନ୍‌ଫରେନ୍ସିଂ ଯୋଗେ ଆଇଓମାନଙ୍କୁ ଏସବୁ ଦିଗରେ ସହଯୋଗ କରିବେ। ଏଥିପାଇଁ କ୍ରାଇମବ୍ରାଞ୍ଚରେ ଏକ ସ୍ୱତନ୍ତ୍ର ଭିଡିଓ କନଫରେନ୍ସିଂ ବୋର୍ଡ ରହିବ। ଆଇଓମାନେ ହ୍ୱାଟ୍ସଆପ ଜରିଆରେ ଭିଡିଓ କଲ୍ ମାଧ୍ୟମରେ ସହାୟତା ନେଇ ପାରିବେ।

ସୋମବାର କଳାହାଣ୍ଡି ଜିଲାର ଜଣେ ଆଇଓ ଏକ ହତ୍ୟା ମାମଲାର ତଦନ୍ତ ପାଇଁ ନିଜ ମୋବାଇଲରେ ଭିଡିଓ କଲ୍ କରିଥିଲେ। ଅରୁଣ ବୋଥ୍ରା ଏବଂ ମନୋଜ ଛାବ୍ରା ତାଙ୍କ ସହ ଆଲୋଚନା କରିବା ପରେ ତାଙ୍କୁ ତଦନ୍ତ କ୍ଷେତ୍ରରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପୋଲିସର ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।



ଓଡ଼ିଶା ଦିବସ ପାଳନ ଅବସରରେ ସୋମବାର କଟକ କ୍ୟାଣ୍ଟନମେଣ୍ଟ ରୋଡ଼ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବ୍ୟକ୍ତିବୃନ୍ଦ ଓ ଅନ୍ୟମାନେ।

# ସ୍ୱତନ୍ତ୍ର ଉତ୍କଳ ଗଠନ ଦିଗରେ ମଧୁବାବୁଙ୍କର ଅବଦାନ ସ୍ମରଣୀୟ

**କଟକ ଅଫିସ, ୧୪**

କଟକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୋମବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ଆମ କଳିଙ୍ଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଷାବିତ୍ ସୁରେନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବକ୍ସିବଜାର ବଢ଼େଇସାହିସ୍ଥିତ ବାସ୍ତରୀ ମଠ ପ୍ରାଙ୍ଗଣରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ଜିଲା ଉତ୍କଳ ସମ୍ମିଳନୀର ସଭାପତି ଡା. ରବିରଞ୍ଜନ ସାହୁ ଯୋଗଦେଇଥିଲେ। ସେହିପରି ବନ୍ଦେ ଉତ୍କଳ ପକ୍ଷରୁ ଓଡ଼ିଶା ଦିବସ ପାଳନ ଅବସରରେ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧୀ ପୀଠରେ ଏକ ସଭା ଆୟୋଜନ କରାଯାଇଥିଲା। ଆଡଭୋକେଟ୍ ଦେବସ୍ନାନ ଦାସ, ଇଂ. ଆକାଶ ଭୂୟାଁ, କ୍ଷୀତିଶ ଜଗତି, ଦେବାଶିଷ ବିଶ୍ୱାଳ, ଶ୍ରୀଧର ସାହୁ ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ଗଠନ ଦିଗରେ ମଧୁବାବୁଙ୍କର ଅବଦାନ ସ୍ମରଣୀୟ ବୋଲି କହିଥିଲେ। ସେହିପରି କଟକ ଜିଲା ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ଦିବସ ପାଳନ ଅବସରରେ ଗୋରାକବରସ୍ଥିତ ମଧୁସୂଦନଙ୍କ ସମାଧିପୀଠଠାରେ ମାଲ୍ୟାର୍ପଣ କରାଯିବା ପରେ କଟକରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ଭାଜପା ପକ୍ଷରୁ ଜଗତ୍‌ପୁରସ୍ଥିତ ଗୋଲେଇଛକଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଓଡ଼ିଶା ଦିବସ ପାଳିତ ହୋଇଥିଲା। ମହାନଦୀ ମଣ୍ଡଳ ସଭାପତି ଅମ୍ବିକା ପ୍ରସାଦ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପସଭାପତି ତଥା ଚୌଦ୍ୱାର-କଟକ ଭାଜପା ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।





ଓଡ଼ିଶା ଦିବସ ଅବସରରେ ସୋମବାର କଟକ ବାରବାଟୀ ଦୁର୍ଗ ନିକଟରୁ ବାହାରିଥିବା ଗଣଦୌଡ଼।

### ବ୍ୟବସାୟୀଙ୍କୁ ମାଡ଼: ଅଭିଯୁକ୍ତ ଗିରଫ

**କଟକ ଅଫିସ୍, ୧୪**

ମାଡ ମାରିବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ସୋମବାର ସ୍ଥାନୀୟ ମହାନଦୀ ବିହାର ଅଞ୍ଚଳରେ ରହୁଥିବା ସତ୍ୟ ରଞ୍ଜନ ସାମଲ(୪୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୯୯/୧୯) ରୁଜୁ ହୋଇଛି। ସତ୍ୟଙ୍କ ବିରୋଧରେ ଭୁବନେଶ୍ୱର ମହିଳା ଥାନା, ବଡଗଡ, ବାରିପଦା, ଚାଉଳିଆଗଞ୍ଜ ଥାନାରେ ୬ଟି ଆପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି। ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାର ଅଞ୍ଚଳରେ ରହୁଥିବା ପ୍ରଦୀପ ସାହୁଙ୍କର ମଙ୍ଗଳାବାଗ ଥାନା ରାଣୀହାଟ ଅଞ୍ଚଳରେ ଏକ ଲୁଗା ଦୋକାନ ଅଛି। ରବିବାର ରାତି ପ୍ରାୟ ସାଢେ ୧୧ଟାରେ ସେ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ସେହି ସମୟରେ ମହାନଦୀ ବିହାର ସେଲିବ୍ରେଶନ ମଣ୍ଡପ ନିକଟରେ ସତ୍ୟ ଏକ ଅଡି କାରରେ ଦ୍ରୁତ ଗତିରେ ଆସି ପ୍ରଦୀପଙ୍କ ପାଖରେ ବ୍ରେକ୍ ମାରିବା ସହ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ପାଖକୁ କାରଟିକୁ ନେଇ ଯାଇଥିଲେ। ଫଳରେ ପ୍ରଦୀପ ଭାରସାମ୍ୟ ହରାଇ କାରର ପଛ ପଟରେ ହାତ ରଖିଦେବାରୁ ତଳେ ପଡିବାରୁ ବର୍ତ୍ତି ଯାଇଥିଲେ। ପରେ ସତ୍ୟ କାର ସେଠାରେ ରଖି ପ୍ରଦୀପଙ୍କ ପାଖକୁ ଆସିବା ସହ କାରରେ କାହିଁକି ହାତ ଲଗାଇଲେ ବୋଲି ପ୍ରଶ୍ନ କରିଥିଲେ। ପ୍ରଦୀପ କିଛି କହିବା ପୂର୍ବରୁ ସତ୍ୟ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଫଳରେ ପ୍ରଦୀପଙ୍କ ବେକ ଓ ଆଖିରେ ଆଘାତ ଲାଗିଥିଲା। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟଙ୍କୁ ଥାନାକୁ ଆଣିଥିଲା। ପଚରାଉଚରା ପରେ ଘଟଣା ସତ୍ୟାସତ୍ୟ ଜଣାପଡିଥିଲା। ଫଳରେ ପୋଲିସ ସତ୍ୟଙ୍କୁ ଗିରଫ କରିଥିଲା।



ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନରେ ସୋମବାର ଅନୁଷ୍ଠିତ ଲୁପ୍ତପ୍ରାୟ ଲୋକକଳା ସନ୍ଧ୍ୟାରେ ପରିବେଷିତ ମୋଗଲ ତାମ୍‌ସା।

# ଭକ୍ତଙ୍କୁ ପୋଲିସ୍‌ର ଦୁର୍ବ୍ୟବହାର ଅଭିଯୋଗ

**ପୁରୀ ଅଫିସ,୧୪**

ଶ୍ରୀମନ୍ଦିରରେ ଜଣେ ଭକ୍ତଙ୍କୁ ପୋଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏନେଇ ସୋମବାର ସିଂହଦ୍ୱାର ଥାନାରେ ସମ୍ପୃକ୍ତ ଭକ୍ତ ଏତଲା ଦେଇଛନ୍ତି। ଶ୍ରୀମନ୍ଦିରରେ ଭକ୍ତ ତଥା ପର୍ଯ୍ୟଟକଙ୍କ ପ୍ରତି ପୋଲିସର ଦୁର୍ବ୍ୟବହାରକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, କୁମ୍ଭାରପଡା ଥାନା ଅନ୍ତର୍ଗତ ଅମଳା କ୍ଲବ ଲେନ୍‌ର ଚେତନ ମିଶ୍ର ସୋମବାର ପୂର୍ବାହ୍ନ ସାଢେ

### ଥାନାରେ ଏତାଲା

୮ଟାରେ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରୁଥିଲେ। ଏହି ସମୟରେ ସେଠାରେ ଡ୍ୟୁଟିରେ ଥିବା ଜନୈକ ପୋଲିସ କର୍ମଚାରୀ ତାଙ୍କୁ ଅଟକାଇଥିଲେ। ନିଜକୁ ପୁରୀ ବାସିନ୍ଦା ବୋଲି ମିଶ୍ର ପରିଚୟ ଦେଇଥିଲେ ମଧ ତାଙ୍କୁ ସେ ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ। ମିଶ୍ର ଏହାର ବିରୋଧ କରିବାରୁ ପୋଲିସ କର୍ମଚାରୀ ଜଣକ ହତ୍ୟା ଧମକ ଦେଇଥିଲେ। କୌଣସି କାରଣ ନ ଥାଇ ସମ୍ପୃକ୍ତ ପୋଲିସ କର୍ମଚାରୀ ତାଙ୍କୁ ସର୍ବସାଧାରଣରେ ଅପମାନିତ କରିଥିଲେ। ଏସବୁ ସିସିଟିଭିରେ ରେକର୍ଡ଼ ହୋଇଛି। ସିସିଟିଭି ଯାଞ୍ଚ କରାଗଲେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ମିଶ୍ର ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି। ଏ ନେଇ ଥାନା ଅଧିକାରୀ ଶ୍ରବଣ ମହାରଣା କହିଛନ୍ତି ଯେ, ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ସିସିଟିଭି ଫୁଟେଜ ଆଧାରରେ ଏହାର ତଦନ୍ତ କରାଯିବ।

# ବିଜେଡି ବୁଥ୍ କମିଟି ବୈଠକ

**ଫୁଲନଖରା,୧୪ (ଡି.ଏନ୍.ଏ.)**

କଟକ ମହାନଗର ନିଗମ ଅଧୀନ ସୁଭଦ୍ରାପୁରସ୍ଥିତ ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ସୋମବାର ବିଜେଡିର ବୁଥସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ସଭାପତି ଅଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ କର୍ପୋରେଟର ସଞ୍ଜୟ କୁମାର ବରାଳ ଯୋଗଦେଇ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳାକୁ ସମାଲୋଚନା କରିବା ସହ ଆଗାମୀ ଦିନରେ ଏହାର ଉଚିତ ଜବାବ ଦେବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ କଟକ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ପ୍ରଭାତ ସ୍ୱାଇଁ, ଚିନ୍ତାମଣି ଦାସ, ଚନ୍ଦନ ବିଶ୍ୱାଳ, ସବିତା ଦାସ ଓ ବୈକୁଣ୍ଠ ବିଶ୍ୱାଳଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। କାର୍ତ୍ତିକ ଚନ୍ଦ୍ର ବିଶୋଇ ଧନ୍ୟବାଦ ଦେଇଥିଲେ।

# ନିର୍ବାଚନ ପ୍ରଚାର ପାଇଁ ମନଛୁଆଁ ଗୀତ

**କଟକ ଅଫିସ, ୧୪**

ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ସରିଛି। ଫଳରେ ଆରମ୍ଭ ହୋଇଯାଇଛି ନିର୍ବାଚନୀ ପ୍ରଚାର। ଯାହାକୁ ନେଇ ଗାଁଠାରୁ ସହର ପର୍ଯ୍ୟନ୍ତ ଆଶାୟୀ ପ୍ରାର୍ଥୀ ଘରକୁ ଘର ବୁଲି ଭୋଟ ଦେବା ନିମନ୍ତେ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। ଆଉ ସେଥିରୁ ବାଦ୍ ପଡିନି ନିର୍ବାଚନୀ ଗୀତ। ଗୋଟିଏ ପରେ ଗୋଟିଏ ଟ୍ରାକ୍ ଉପରେ ଗାଇବାରେ ବ୍ୟସ୍ତ ଅଛନ୍ତି କଣ୍ଠଶିଳ୍ପୀମାନେ। ଏଥିସହ ସହରରେ ଥିବା ସମସ୍ତ ଷ୍ଟୁଡିଓ ପୂରା ଜାମ। ‘ଓଡିଶାର ସାନ୍ ତୁମେ ଓଡିଶାର ଜାନ୍, କୋଟିକୋଟି ଓଡିଆର ତୁମେ ସ୍ୱାଭିମାନ, ସଲିଡ ତୁମ ଭିଜନ, ଆଉ ପରଫେକ୍ଟ ତୁମ ପ୍ଲାନ, ଅଲ ଇଣ୍ଡିଆରେ ତୁମେ ସିଏମ୍ ନଂ. ୧ (ୱାନ), ସ୍ୱର୍ଣ୍ଣାକ୍ଷରରେ ଲେଖା ହେବ ତୁମ ଅବଦାନ, ନବୀନବାବୁ ଆମେ ତମ ଫ୍ୟାନ’। ଏ କୌଣସି ଫିଲ୍ମର ଗୀତ ନୁହେଁ। ବରଂ ଏ ହେଉଛି ନିର୍ବାଚନୀ ପ୍ରଚାର ନିମନ୍ତେ ପ୍ରସ୍ତୁତ ଏକ ଗୀତର ସଂଳାପ। ଏହି ଗୀତ ସମେତ ଆହୁରି ଅନେକ ଗୀତ ଗାଇବା ନିମନ୍ତେ ସହରର ଷ୍ଟୁଡିଓରେ ଭିଡ ଦେଖିବାକୁ ମିଳୁଛି। ନିର୍ବାଚନ ମାହୋଲରେ ସରଗରମ ହୋଇଛି ପରିବେଶ। ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଘୋଷଣା ପରେ ଆରମ୍ଭ ହୋଇଛି ପ୍ରଚାର। ପ୍ରଚାର ବେଳେ ଭୋଟରଙ୍କୁ କିପରି ଆକୃଷ୍ଟ କରିହେବ ସେଥିପାଇଁ କଟକର ବିଭିନ୍ନ ଷ୍ଟୁଡିଓରେ ଚାଲିଛି ଗୀତ ରେକର୍ଡିଂ। ଗୀତର ସଂଳାପ, ଗୀତିକାର, ଗୀତ କମ୍ପୋଜର, ସାଉଣ୍ଡ ରେକର୍ଡର କାହାକୁଭି ଟିକେହେଲେ ଫୁରସତ ନାହିଁ। ଲୋକପ୍ରିୟ ହିଟ୍ ଗୀତ ଜିଗର ବାଲା, ଦେଶିପିଲା, ରିମ୍‌ଝିମ୍ ପାଣି ବର୍ଷିଗଲା, ପ୍ୟାରୱାଲା ହିଚ୍‌କି, ସୁକୁଟି ସାହୁ, ଜହ୍ନଲୋ ତୋ ବୋଉ ଟାଣିଛି ଚଖଡି ଚିହ୍ନ ଲୋ ଏହିପରି ଗୀତକୁ ନେଇ କଣ୍ଠଶିଳ୍ପୀମାନେ ଆସି ସେହି ଟ୍ରାକରେ କଣ୍ଠଦାନ କରୁଛନ୍ତି ନିର୍ବାଚନ ଲିରିକ୍ସକୁ ନେଇ।

ଗୀତ ଲେଖିଲା ବେଳେ ରାଜନୈତିକ ଦଳର ଇସ୍ତାହାରକୁ ଧ୍ୟାନ ଦେବାକୁ ପଡିଥାଏ। ସରକାର କ’ଣ କରିଛନ୍ତି, ଯୁବବର୍ଗ ଓ ଗରିବଙ୍କ ନିମନ୍ତେ କ’ଣ କରାଯାଇଛି, ରାସ୍ତାଘାଟ ସମସ୍ୟା ଆଦି ବିଭିନ୍ନ ପ୍ରକାର କାର୍ଯ୍ୟକୁ ନେଇ ଗୀତ କରାଯାଉଛି। ସେହିପରି ବିରୋଧୀ ସରକାରକୁ ଟାର୍ଗେଟ କରି ସରକାର ଅମଳରେ ବିଭିନ୍ନ ସମସ୍ୟାକୁ ନେଇ ଗୀତ କରିବା ସହ ଲୋକଙ୍କ ନିମନ୍ତେ ନିର୍ବାଚନ ଜିତିଲେ କ’ଣ କରାହେବ ଏହି ପ୍ରକାର ପ୍ରତିଶ୍ରୁତି ଦେଇ ଏହି ଗୀତ ପାଇଁ ବରାଦ କରିଥାନ୍ତି। ଏହିପରି ବିଭିନ୍ନ ଦଳର ତଥ୍ୟ ସହ ପ୍ରାର୍ଥୀମାନଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟକଳାପକୁ ନେଇ ଗୀତ ରଚନା ସହ କିଛି ନୂଆ ଗୀତକୁ ନେଇ ଗୀତ ଗାଉଥିବା ଗୀତିକାର ସତ୍ୟଜିତ ପ୍ରଧାନ କହିଛନ୍ତି। ଯାହାକି ଲୋକଙ୍କ ମନକୁ ଛୁଇଁବ। ନିର୍ବାଚନ ବୈତରଣୀ ପାର ହେବାକୁ ହେଲେ ଦଳ, ପ୍ରାର୍ଥୀ ସାଙ୍ଗକୁ ନିର୍ବାଚନୀ ପ୍ରଚାରକୁ ମଧ ଲୋକେ ଦେଖିଥାନ୍ତି। ଫଳରେ ମନଛୁଆଁ ଗୀତକୁ ନେଇ ଗୀତ ବଜାର ସରଗରମ ହୋଇଉଠିଛି।

# ‘ଆଧୁନିକତା ନାଁରେ ଓଡ଼ିଆଙ୍କୁ ଭୁଆଁ ବୁଲା ନ ଯାଉ’

**କଟକ ଅଫିସ,୧୪**

ଓଡ଼ିଆ ଜାତି ବୀର ଥିଲା, ଅଛି ଓ ରହିବ। ଏ ଜାତି ଜଗନ୍ନାଥ ସଂସ୍କୃତି ଓ ମାନବୀୟ ସଂସ୍କୃତି ଉପରେ ବିଶ୍ୱାସ ରଖେ। ହେଲେ ଆମେ ସ୍ପଷ୍ଟ ଓଡ଼ିଆ କହିବାକୁ ପଛଘୁଞ୍ଚା ଦେଉଛେ। ଓଡ଼ିଆ ହୋଇ ଆମକୁ ଭାଷା ପାଇଁ ଆନ୍ଦୋଳନ କରିବାକୁ ପଡୁଛି, ଏହା ପରିତାପର ବିଷୟ। ପୁଣି ଆଧୁନିକତା ନାଁରେ ଓଡ଼ିଆଙ୍କୁ ଭୁଆଁ ବୁଲାଯାଉଛି। ଏଥିରେ ପରିବର୍ତ୍ତନ ଆବଶ୍ୟକ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ସମ୍ମିଳନୀ କକ୍ଷରେ ସୋମବାର ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ (ଏସ୍‌ଭିଏଲ୍‌ଏସ୍) ଦ୍ୱାରା ସଂସ୍ଥାପିତ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନର ସମାରୋହରେ ଶିକ୍ଷାବିତ୍ ତଥା ଟେଲିଭିଜନ ବ୍ୟକ୍ତିତ୍ୱ ଶୁଭେନ୍ଦୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ପ୍ରତିଷ୍ଠାନର ଅଧକ୍ଷ ଜିତେନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମରେ ଅଧକ୍ଷତା କରି କହିଥିଲେ, କାଳକୁ ଜୟ କରିଥିବା ସୃଷ୍ଟି କାଳଜୟୀ। ତେବେ ସେହି ସୃଷ୍ଟିକୁ ସ୍ରଷ୍ଟା ପୁଣି ଥରେ ଚେଷ୍ଟା କରି ସେହି ସ୍ତରକୁ ଆଣିପାରିବ ନାହିଁ। କାରଣ ବିଶେଷ ମୁହୂର୍ତ୍ତରେ ହିଁ ଏଭଳି ସର୍ଜନା ସମ୍ଭବ ହୋଇଥାଏ। ଓଡ଼ିଶାର ଯୁବପିଢ଼ି ଜୀବନରେ ଉତ୍କର୍ଷ ପ୍ରତିପାଦନ କରିବା



ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଲାଗି ସେହି ମୁହୂର୍ତ୍ତକୁ ଠିକ୍ ଭାବେ ବିନିଯୋଗ କରିବା ଉଚିତ। ଏସ୍‌ଭିଏଲ୍‌ଏସ୍‌ର ସଭାପତି ଡ. ସନ୍ତୋଷ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଓଡ଼ିଆ ଜାତିକୁ ବଳି ପକାଯାଉଛି। ନୂଆ କିଛି କରିବାକୁ ଯାଇ କେତେକେ ଓଡ଼ିଆର ମୌଳିକ ଗୁଣକୁ କ୍ଷୁଣ୍ଣ କରୁଛନ୍ତି। ଯେଉଁଠାରେ ଲୋକମାନେ ନିଜ ଜାତି ପ୍ରତି ଶ୍ରଦ୍ଧା ରଖନ୍ତିନି ସେ ଜାତିର ଉନ୍ନତି ହୋଇ ପାରିବ ନାହିଁ ବୋଲି ଡ. ମହାପାତ୍ର କହିଛନ୍ତି। ଅର୍ଥନୀତି ବିଭାଗ ପ୍ରଫେସର ଡ. ଧର୍ମବ୍ରତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଏସ୍‌ଭିଏଲ୍‌ଏସ୍‌ର ମ୍ୟାନେଜିଂ ଟ୍ରଷ୍ଟି ବନମାଳୀ ପଣ୍ଡା ବିବରଣୀ ପାଠ କରିଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ବିବେକାନନ୍ଦ ବିଚାରଧାରାର ଉପାଧକ୍ଷ ଡ. ରବିନାରାୟଣ ପାତ୍ର, ଡ. ହିମାଂଶୁ ଶେଖର ରାଉତ, କଳାକାର ରାଜବଲ୍ଲଭ ସାହୁ, ପ୍ରତିଷ୍ଠାନର ନିର୍ଦ୍ଦେଶକ ଗଜେନ୍ଦ୍ର ସାହୁ, ପ୍ରତିଷ୍ଠାନର ଟ୍ରଷ୍ଟି କିଶୋର ଚନ୍ଦ୍ର ଦାସ ଏବଂ ପୁରୁଖା ପାଲା ଗାୟକ ସୁରେନ୍ଦ୍ର ନାଥ ଛୋଟରାୟ ଉତ୍କଳୀୟ କଳା ଓ ସଂସ୍କୃତି ଏବଂ ସାଙ୍ଗଠନିକ କାର୍ଯ୍ୟ ମାଧ୍ୟମରେ କିଭଳି ସେବା କାର୍ଯ୍ୟକୁ ଆଗେଇ ନେଇ ହେବ ତାହା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଅର୍ପିତା ରାଣୀ ପତି, ଓଡ଼ିଶୀ ନୃତ୍ୟଶିଳ୍ପୀ ଲୋପାମୁଦ୍ରା ଜେନା, ଅଭିନେତା ରବୀନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠାନର ଟ୍ରଷ୍ଟି ଅଭୟ ସୂତାର ଧନ୍ୟବାଦ ଦେଇଥିଲେ। ବିନାୟକ ଘୋଷ, ଗୁପ୍ତେଶ୍ୱର ପଟେଲ, ସୌମ୍ୟାନୟାନି ମହାଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଇନ୍ଦ୍ରିୟ ଭୋଗ କ୍ଷଣସ୍ଥାୟୀ, ଯେପରି ବିଜୁଳିର ଚକମକ ଆଲୋକ। ତେଣୁ ପ୍ରତ୍ୟେକ ଭଲ ମଣିଷ ପ୍ରଥମେ ଇନ୍ଦ୍ରିୟ ଭୋଗଠାରୁ ଦୂରେଇ ରହିବା ଆବଶ୍ୟକ। -ସ୍ୱାମୀ ବିବେକାନନ୍ଦ



# ରସୁଲଗଡ଼ ଛକରେ ଘଣ୍ଟାଏ ଟ୍ରାଫିକ ଅଚଳ

ଭୁବନେଶ୍ୱର,୧।୪(ବ୍ୟୁରୋ)



ଭିଡ଼ ସମୟର ଦୃଶ୍ୟ।

■ଆମ୍ବୁଲାନ୍ସଠାରୁ ପଥଚାରୀ ସମସ୍ତେ ହନ୍ତସନ୍ତ

■କର୍ମଚାରୀଙ୍କ ଅଭାବ ଦର୍ଶାଉଛନ୍ତି- ଟ୍ରାଫିକ ଏସିପି

ରାଜଧାନୀରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ସାଧାରଣ ଲୋକଙ୍କ ପାଇଁ କାଳ ସାଜୁଛି। ବେଆଇନ ଅଟୋ ବସ ପାର୍କିଂ ଏହି ସମସ୍ୟାକୁ ଅଧିକ ଦୁଇଗୁଣିତ କରୁଛି। ଏ ନେଇ ଧରିତ୍ରୀରେ ବାରମ୍ବାର ଖବର ପ୍ରକାଶ କରିବା ସହ ଟ୍ରାଫିକ ଡସିପି ଏବଂ ଏସିପିଙ୍କୁ ଜଣାଇବା ସତ୍ତ୍ୱେ ହାତଗଣତି କେତେଦିନ ଟ୍ରାଫିକ ପୋଷ୍ଟରେ କର୍ମଚାରୀମାନେ ଡ୍ୟୁଟି କରି ପୁଣି ଉଭାନ ହେଇଯାଉଛନ୍ତି। ଯାହାକି ଯଥା ପୂର୍ବଂ ତଥା ପରଂ ପରିସ୍ଥିତ ସୃଷ୍ଟି ହେଉଛି। ସୋମବାର ସନ୍ଧ୍ୟା ୬ଟାରୁ ରସୁଲଗଡ ଛକଠାରୁ କଟକ ରୋଡ, ବାଣୀବିହାର ଏବଂ ପଳାଶୁଣୀ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ନିୟନ୍ତ୍ରଣ ବାହାରେ ଥିବା ଟ୍ରାଫିକରେ ଆମ୍ବୁଲାନ୍ସ ଏବଂ ସାଧରଣ ଲୋକେ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଫସି ରହିଥିଲେ। ଯାହାକି ରସୁଲଗଡ ଛକରେ ଡ୍ୟୁଟି କରୁଥିବା ୩ଜଣ ଟ୍ରାଫିକ କର୍ମଚାରୀ ପରସ୍ଥିତିକୁ ନିୟନ୍ତ୍ରଣ କରିବାକୁ ନାକେଦମ ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ଗରମରେ ଲୋକମାନେ ଅସହାୟ ଅନୁଭବ କରି ମନଇଚ୍ଛା ବାଇକ୍, କାର ଚାଳନା କରିବାରୁ ଟ୍ରାଫିକ ସମସ୍ୟା ଆହୁରି ଜଟିଳ ହୋଇଯାଇଥିଲା।

ଯାହାର ପ୍ରମୁଖ କାରଣ ହେଉଛି ସନ୍ଧ୍ୟା ସମୟରେ ଏସ୍ପ୍ଲାନେଡ ନିକଟରେ ବମିଖାଲ ଓଭର ବ୍ରିଜ ଉପରୁ ଏବଂ କଟକ ରୋଡରୁ ଆସୁଥିବା ଯେତେସବୁ ଗାଡି ରସୁଲଗଡ ଟ୍ରାଫିକ ଦେଇ କଟକ ଯାଉଛି। ସେହିପରି ସନ୍ଧ୍ୟାରେ ବସ ଜୟଦେବ ବିହାର ଛକଠାରୁ ଆରମ୍ଭ କରି ରସୁଲଗଡ-ପଳାଶୁଣୀ ପର୍ଯ୍ୟନ୍ତ ରାସ୍ତାରେ ପାର୍କିଂ କରି ଲୋକ ଉଠାଉଛନ୍ତି। ଏମାନଙ୍କ ସହ ଟାଉନ ବସ ଏକାଠି ହେବା ପରେ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଯାହାକି ରସୁଲଗଡ ଛକ ପୂର୍ବରୁ ନାଇଟ ବସ ଓଭର ବ୍ରିଜ ବ୍ୟବହାର ନ କରି ସତସଙ୍ଗ ବିହାର ନିକଟରୁ ତଳକୁ ଖସିବା ସହ ଲୋକ ଉଠାଇବା। ଏଥିସହ ମଞ୍ଚେଶ୍ୱର ଥାନା ଯିବାକୁ ଥିବା ମୁଖ୍ୟ ରାସ୍ତାରେ ଟ୍ରାଫିକ ପୋଷ୍ଟରେ କେହି ଡ୍ୟୁଟି ନ କରିବାରୁ ମୁଖ୍ୟ ରାସ୍ତାରେ ଜାମ ପରିସ୍ଥିତି ସୃଷ୍ଟି ହେଉଛି। ସେହିପରି ଏସପ୍ଲାନେଡ ଛକରେ ଥିବା ଟ୍ରାଫିକ କର୍ମଚାରୀଙ୍କ ଡ୍ୟୁଟି ଅଭାବରୁ ସମାନ ପରିସ୍ଥିତି ସୃଷ୍ଟି ହୋଇ ରସୁଲଗଡ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏ ନେଇ ଅନେକଥର ଖବର ପ୍ରସାର କରିବା ପରେ ମଧ ସମସ୍ୟାର ସମାଧାନ ହେଉନି। ସର୍ବଦା ଟ୍ରାଫିକ ଦାୟିତ୍ୱରେ ରହୁଥିବା ଅଫିସରମାନେ କର୍ମଚାରୀ ଅଭାବର ଆଳ ଦେଖାଇ ଖସିଯିବାକୁ ଚେଷ୍ଟା କରୁଛନ୍ତି। ଯାହାକି କେଉଁ ପୋଷ୍ଟରେ କେତେ ଟ୍ରାଫିକ କର୍ମଚାରୀ ରହିବା ଆବଶ୍ୟକ ଏବଂ କେଉଁ କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେବା କଥା ନୁହେଁ। ତାହାକୁ ଅଫିସରମାନେ ଯୋଜନା ମୁତାବକ ନିୟନ୍ତ୍ରଣ କରିବା ଆବଶ୍ୟକ ରହିଛି।

ଏ ନେଇ ଟ୍ରାଫିକ ଏସିପି କିଶୋର ଚନ୍ଦ୍ର କହିଛନ୍ତି, ରାଜନୈତିକ ଦଳ ଗ୍ରସ୍ତ କାର୍ଯ୍ୟକ୍ରମକୁ ନେଇ କର୍ମଚାରୀଙ୍କ ଅଭାବ ଦେଖାଦେଉଛି। ରସୁଲଗଡ ଅଞ୍ଚଳର ସମସ୍ୟା ଜାଣିବା ପରେ ତିନିଜଣ ଟ୍ରାଫିକ ପୋଲିସଙ୍କୁ ଡ୍ୟୁଟିରେ ପଠାଯାଉଛି। ସୋମବାର ବିଭିନ୍ନ କାର୍ଯ୍ୟକ୍ରମ ନେଇ କର୍ମଚାରୀଙ୍କ ଘୋର ଅଭାବ ଥିବାରୁ କମ ଷ୍ଟାଫ ପୋଷ୍ଟରେ ମୁତୟନ ଥିଲେ। ମାତ୍ର ରସୁଲଗଡ ଅଞ୍ଚଳରେ ଟ୍ରାଫିକ ଜାମ ହେବା ନେଇ ଖବର ପାଇବା ପରେ ଅଧିକ କର୍ମଚାରୀ ଧରି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। ଆଗାମୀ ଦିନରେ ଏହିସବୁ ଟ୍ରାଫିକ ଗୁଡିକରେ ପର୍ଯ୍ୟାପ୍ତ ପରିମାଣର ଟ୍ରାଫିକ ପୋଲିସ ମୁତୟନ ରହିବା ସହ ଆଗାମୀ ଦିନରେ ଏପରି ସମସ୍ୟା ନ ଉପୁଜିବା ପାଇଁ ଗୁରୁତ୍ୱ ଦିଆଯିବ।

## ସଂକ୍ଷେପରେ

### ଟଙ୍କା ନ ଦେବାରୁ ସାଙ୍ଗର ବେକ କାଟିଲେ, ଜଣେ ଗିରଫ

ବାଲିଅନ୍ତା,୧।୪(ଡି.ଏନ୍.ଏ.): ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର-ସିଙ୍ଗଡ଼ା ଗ୍ରାମରେ ସୋମବାର ଏକ ଅଜବ ଘଟଣା ଘଟିଛି। ମଦ ପିଇବା ପାଇଁ ଟଙ୍କା ନ ଦେବାରୁ ଜଣେ ବ୍ୟକ୍ତି ନିଜ ସାଙ୍ଗଙ୍କ ବେକକୁ କାଟି ଦେଇଛନ୍ତି। ପରେ ଆହତ ବନ୍ଧୁଙ୍କ ଅଭିଯୋଗକ୍ରମେ ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ କଟକ ସଦର ଥାନା ଅଧୀନ ଗରଗରା ଗ୍ରାମର କାଳନ୍ଦୀ ଭୋଇ। ସୂଚନାଯୋଗ୍ୟ, ଉକ୍ତ ଥାନା ଅଧୀନ ଗୋପାଳଗଡ଼ା ଗ୍ରାମର ସୁନୀଲ ଭୋଇ ତାଙ୍କ ଦୁଇ ବନ୍ଧୁ କାହ୍ନୁ ଭୋଇ ଓ କାଳନ୍ଦୀଙ୍କ ସହ ମିଶି ମଦ ପିଇବା ପାଇଁ ଏକ ବାଇକରେ ଭିଙ୍ଗାରପୁରକୁ ଆସିଥିଲେ। ମଦ କିଣି ଭିଙ୍ଗାରପୁର-ସିଙ୍ଗଡ଼ା ଗ୍ରାମର ଏକ କେନାଲ ଉପରେ ତିନିଜଣ ବସି ମଦ ପିଉଥିଲେ। ପରେ ଅଧିକ ମଦ ପିଇବା ପାଇଁ କାଳନ୍ଦୀ ସୁନୀଲଙ୍କୁ ୨୦୦ଟଙ୍କା ଧାର ମାଗିଥିଲେ। କିନ୍ତୁ ସୁନୀଲ ନ ଦେବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲେ। ଏଥିରେ କାଳନ୍ଦୀ ଉତ୍ତ୍ୟକ୍ତ ହୋଇ ପାଖରେ ପଡ଼ିଥିବା ଏକ ଧାରୁଆ ଅସ୍ତ୍ରରେ ସୁନୀଲଙ୍କ ବେକକୁ କାଟିଦେଇଥିଲେ। ଫଳରେ ସୁନୀଲ ଗୁରୁତର ହେବାରୁ କାଳନ୍ଦୀ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ପରେ ସୁନୀଲ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ୮୯/୧୯ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରି କାଳନ୍ଦୀଙ୍କୁ ଗିରଫ କରିଛି।

### ସେଣ୍ଟ ଜାଭିୟର ସ୍କୁଲର ବାର୍ଷିକୋତ୍ସବ

ବାଲକାଟୀ,୧।୪(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ରଙ୍ଗବଜାର ଅଲାରପୁରଠାରେ ଅବସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ଏଣ୍ଡରାପାଲଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ସଭାରେ ସ୍କୁଲର ଅଧକ୍ଷ ରମାକାନ୍ତ ନାୟକ ସଭାପତିତ୍ୱରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ଜେନା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ବିରଞ୍ଚି ନାରାୟଣ ମଣ୍ଡଳ, ସମରେନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ନିତ୍ୟନୂତନ ମହାପାତ୍ର ସଭା ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଜୟଦେବ ଶିକ୍ଷାକେନ୍ଦ୍ରରେ ବିଦ୍ୟାରମ୍ଭ ଯଜ୍ଞ

ବାରଙ୍ଗ,୧।୪(ଡି.ଏନ.ଏ): ଜୟଦେବ ଶିକ୍ଷାକେନ୍ଦ୍ରରେ ୮୪ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏଥିସହିତ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ପ୍ରଫେସର ବିନୟ ରଥ ଓ କଟକ ଆକାଶବାଣୀ କେନ୍ଦ୍ରର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ଡ. କୃତିବାସ ନାୟକ ଯୋଗ ଦେଇଥିଲେ। ଶିକ୍ଷାକେନ୍ଦ୍ରର ସଭାନେତ୍ରୀ ଅନ୍ନପୂର୍ଣ୍ଣା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜୟପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଓ ରବିନାରାୟଣ ଜେନା ଧନ୍ୟବାଦ ଦେଇଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ସିଫାର ୩୨ତମ ସ୍ୱନକ୍ଷତ୍ର ଦିବସ



ବାଲକାଟୀ,୧।୪(ଡି.ଏନ୍.ଏ.): ଉତ୍କଳ ଦିବସ ଅବସରରେ କେନ୍ଦ୍ରୀୟ ମଧୁରଜଳ ଗବେଷଣା କେନ୍ଦ୍ର 'ସିଫା'ର ୩୨ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ଡ.ଶୁଦ୍ଧସତ୍ୟ ବାସୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ନିର୍ବାଚନ କମିଶନର ତଥା ମତ୍ସ୍ୟ ବିଭାଗର ନିର୍ଦ୍ଦେଶକ ସଞ୍ଜୀବ ହୋତା ଯୋଗଦେଇଥିଲେ। ଏବଂ କୋଷ୍ଟାଲ ଆକ୍ୱାକଲଚର ଅଥରିଟିର ମୁଖ୍ୟ ଡ. ସି.ଗୋପାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗବେଷଣା ସହ ମାଛ ଚାଷୀଙ୍କ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ବୈଜ୍ଞାନିକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସଭାରେ ସିଫାର ନିର୍ଦ୍ଦେଶିକା ଡ. ବିନ୍ଦୁ ପିଲାର ସ୍ୱାଗତ କରିବାସହ ଦେଶର ମଧୁରଜଳ ମତ୍ସ୍ୟ ସମ୍ପଦ ବିକାଶରେ ସିଫାର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ତିନିଗୋଟି ପ୍ରକାଶନକୁ ଉନ୍ମୋଚନ କରାଯାଇଥିଲା। ଏହାସହ କୃତୀ ବୈଜ୍ଞାନିକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୈଜ୍ଞାନିକ ଡ.ସୁବାସ ସରକାର ଧନ୍ୟବାଦ ଦେଇଥିଲେ।

## ଚୋରି ମୋବାଇଲ, ଟଙ୍କା ଜବତ: ଜଣେ ଗିରଫ

ଭୁବନେଶ୍ୱର,୧।୪(ବ୍ୟୁରୋ)

ରେଲୱେ ଷ୍ଟେଶନ ଟିକେଟ କାଉଣ୍ଟରରୁ ଟଙ୍କା ଚୋରି ଅଭିଯୋଗରେ ସୋମବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ଚୋରି ମୋବାଇଲ ଟଙ୍କା ଏବଂ ବ୍ୟାଗ ଜବତ ହୋଇଛି। ସେ ହେଲେ ଚନ୍ଦକା ଥାନା ଅଞ୍ଚଳର ବାବୁଲା ଭୂୟାଁ। ସୂଚନା ମୁତାବକ, ଢେଙ୍କାନାଳ ସଦର ଥାନା ଅଞ୍ଚଳର ସତ୍ୟବ୍ରତ ସାମଲ ଘରକୁ ଫେରିବା ନେଇ ସୋମବାର ୧୧ଟା ବେଳେ ରେଲୱେ ଷ୍ଟେଶନ ସମ୍ମୁଖ ଟିକେଟ କାଉଣ୍ଟରରେ ଟିକେଟ କାଟୁଥିଲେ। ଏହି ସମୟରେ ମଉକା ଦେଖି ବାବୁଲା ତାଙ୍କର ମୋବାଇଲ, ୫ହଜାର ଟଙ୍କା ସମେତ ଗୋଟିଏ ବ୍ୟାଗ ଧରି ଚମ୍ପଟ ମାରିଥିଲା। ସତ୍ୟବ୍ରତ ଏହା ଜାଣିବା ପରେ ଏ ନେଇ ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୬୭/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିଥିଲା। ପରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।





ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲରେ ଓଡ଼ିଶା ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀଙ୍କ ଗହଣରେ ଛାତ୍ରୀଛାତ୍ର।

## ସମୃଦ୍ଧ ଭାରତ ଯାତ୍ରା ଅଭିଯାନ

ଭୁବନେଶ୍ୱର,୧।୪(ବ୍ୟୁରୋ)

ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଏକ ସମୃଦ୍ଧ ଭାରତ ଯାତ୍ରା ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଘାଟିତ କରାଯାଇଛି। ସୋମବାର ଗାନ୍ଧୀ ପାର୍କଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ସର ମୁଖ୍ୟ ସଂଯୋଜକ ତଥା ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ ମହାପାତ୍ର ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଆୟକର କମିଶନର ଶରତ ଦାସ, ବିଶିଷ୍ଟ ଶିକ୍ଷାବିତ୍ ବିନାୟକ ରଥ, କ୍ରିୟାଯୋଗ ଆଶ୍ରମ ତଥା ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲର ଗୁରୁ ସ୍ୱାମୀ ଶଙ୍କରାନନ୍ଦ ଗିରିଙ୍କ ସହ ବହୁ ସାଙ୍ଗଠନିକ କର୍ମକର୍ତ୍ତା ଯୋଗଦେଇଥିଲେ।

## ବିଦ୍ୟୁତ୍ କାଟ ପ୍ରତିବାଦରେ ଗ୍ରାମବାସୀଙ୍କ ରାସ୍ତାରୋକୋ

ବାଲିପାଟଣା,୧।୪(ଡି.ଏନ୍.ଏ.)

ବାଲିପାଟଣା ବିଦ୍ୟୁତ୍ ବିଭାଗ ଅଧୀନ କିଆଯୋରି, ସୋବନି, କଇଜଙ୍ଗା ଓ ଅଞ୍ଜିରା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଏହାର ପ୍ରତିବାଦରେ ଗ୍ରାମବାସୀ ସୋମବାର ବାଲିପାଟଣା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଗତ ଦୁଇ ଦିନ ତଳେ ବିନା ନୋଟିସରେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଲାଇନ କାଟି ଦେଇଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଉପଜିଲାପାଳ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ହସ୍ତକ୍ଷେପ ପରେ ମେଡିକାଲରେ ଲାଇନ ସଂଯୋଗ ହୋଇଥିଲା। ରବିବାର ରାତିରୁ ବିନା ସୂଚନାରେ କିଆଯୋରି, ସୋବନି, କଇଜଙ୍ଗା ଓ ଅଞ୍ଜିରା ଗ୍ରାମରେ ବିଦ୍ୟୁତ୍ କାଟ ହୋଇଥିଲା। ଗ୍ରାମବାସୀ କାର୍ଯ୍ୟାଳୟକୁ ଫୋନ କରିଥିଲେ ମଧ କେହି ଫୋନ ଉଠାଇ ନ ଥିଲେ। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ ଦୁର୍ଗା ପ୍ରସାଦ ଦାସ ପହଞ୍ଚି ତୁରନ୍ତ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ସମ୍ଭାବନାର ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର,୧।୪(ବ୍ୟୁରୋ)

ଓଡ଼ିଆ ସଂସ୍କୃତି ଓ ପରମ୍ପରାର ପ୍ରଚାର, ପ୍ରସାର ପାଇଁ ସଂଭାବନା ପକ୍ଷରୁ ଚତୁର୍ଦ୍ଦଶ ଓଡ଼ିଆଣୀ ପ୍ରତିଯୋଗିତା ସୋମବାର ଉତ୍କଳ ଦିବସଠାରୁ ଆରମ୍ଭ ହୋଇଯାଇଛି। ଏକାମ୍ର ହାଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଓ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ସୁଜାତା ମହାପାତ୍ର ଯୋଗଦେଇଥିଲେ। ଓଡ଼ିଆଣୀମାନେ ପୁରାଣ ଆବୃତ୍ତି ସହ ଶଙ୍ଖ ଫୁଙ୍କି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲେ। ପୁରାଣ ବିଶାରଦ ପ୍ରଫେସର ସନ୍ତୋଷ ତ୍ରିପାଠୀ ଓ ପାଲା ଗାୟକ ସୁରେନ୍ଦ୍ର ଛୋଟରାୟ ଉପସ୍ଥିତ ରହି ଓଡ଼ିଆଣୀମାନଙ୍କ ଦ୍ୱାରା ଉଚ୍ଚାରିତ ପଙ୍କ୍ତିଗୁଡ଼ିକର ମୂଲ୍ୟାୟନ କରିଥିଲେ।

ପରେ ପରେ ଜଣାଶୁଣା ଗାୟକ ସିଦ୍ଧାନ୍ତ ଶତପଥୀ, ଅର୍ଣ୍ଣବ ପଣ୍ଡା, ସତ୍ୟ ସାର୍ଥକ, ରତିକା ରିମ୍‌ଝିମ୍ ଓ ଇପ୍‌ସିତା ମହାନ୍ତିଙ୍କ କଣ୍ଠରେ ସୁମଧୁର ଓଡ଼ିଆ ଗୀତ ଶୁଣିବାର ଅବସର ପାଇଥିଲେ ଶ୍ରୋତା। ଶିଶୁ-କିଶୋରମାନେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି 'ଓଡ଼ିଶାରେ ଗାନ୍ଧୀ' ଓ 'କଳାର କୋଣାର୍କ' ବିଷୟବସ୍ତୁକୁ ନେଇ ଚିତ୍ର ଅଙ୍କନ କରିଥିଲେ। ଏଥିସହ ଶିଶୁମାନେ ଓଡ଼ିଆ ହସ୍ତାକ୍ଷର ପ୍ରତିଯୋଗିତାରେ ମଧ ଭାଗନେଇଥିଲେ। ସେହିପରି ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ତ୍ରିଧାରା ଅନୁଷ୍ଠାନର ଶିଳ୍ପୀମାନେ ଓଡ଼ିଶୀରେ 'ଦୁର୍ଗାତାଣ୍ଡବ' ପରିବେଷଣ କରିଥିଲେ। ଗୁରୁ ଇତିଶ୍ରୀ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଶ୍ରୀମୟୀ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଓଡ଼ିଶୀ ନୃତ୍ୟରେ 'ଗଣେଶ ତାଣ୍ଡବ' ଏବଂ ଶୁଭସନ୍ଧ୍ୟା ଏକାଡେମୀର ଶିଳ୍ପୀମାନେ 'ଗଙ୍ଗା ତରଙ୍ଗ' ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ।

କାର୍ଯ୍ୟକ୍ରମରେ ସଂଭାବନାର ପରିଚାଳନା ଟ୍ରଷ୍ଟି ଦେବପ୍ରସାଦ ପରିଜା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଟ୍ରଷ୍ଟି ସ୍ମୃତି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦୧୭ର ଶ୍ରେଷ୍ଠ ଓଡ଼ିଆଣୀ ଚନ୍ଦ୍ରପ୍ରଭା ଦାସ ଓ ଓଡ଼ିଆଣୀ ସମିତି ସଂଯୋଜିକା ସୌଦାମିନୀ ସାମଲ ଉପସ୍ଥିତ ଥିଲେ। ଏପ୍ରିଲ ୯ରୁ ୧୪ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହେବ।

## ଉତ୍କଳ ଷ୍ଟୁଡେଣ୍ଟ ଆସୋସିଏଶନର ପ୍ରଥମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧।୪(ବ୍ୟୁରୋ)

ଉତ୍କଳ ଷ୍ଟୁଡେଣ୍ଟ ଆସୋସିଏଶନର ପ୍ରଥମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ଓଲିଉଡ୍ ଅଭିନେତ୍ରୀ ଅପରାଜିତା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସମାଜରେ ପରିବର୍ତ୍ତନ ଆଣିବାର ଭାରକୁ ଛାତ୍ରୀଛାତ୍ର ଓ ଯୁବପିଢ଼ି ନିଜ କାନ୍ଧକୁ ନେବା ଉଚିତ। ଯୁବବର୍ଗ ଚାହିଁଲେ ଏକ ନୂତନ ସମାଜ ଗଢ଼ିଉଠିବ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ବୈଷୟିକ ମହାବିଦ୍ୟାଳୟ ସଂଘ ସଭାପତି ବିଶ୍ୱଜିତ୍ ମହାନ୍ତି, ଓଡ଼ିଶା ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଅମୀୟବାଳା ପରିଡ଼ା, ଓଡ଼ିଶା ମିରର୍ ସମ୍ପାଦକ ଦିଲୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉତ୍କଳ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ 'ୟୁଥ୍ ଫର୍ ଚେଞ୍ଜ୍' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।

## ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶା ଦିବସ

ଭୁବନେଶ୍ୱର,୧।୪(ବ୍ୟୁରୋ)





ଓଡ଼ିଶା ଦିବସ ଅବସରରେ ରାଜଭବନ ଛକସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଉପସ୍ଥିତ ଥିବା ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା।

ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ଏବଂ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ପକ୍ଷରୁ ସୋମବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରୀୟ କମିଟି ସଭାପତି ବସନ୍ତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାଶ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ବାସୁଦେବ ସୁଢଳଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିଭଳି ଶିଳ୍ପାଞ୍ଚଳ ଶାଖା ପକ୍ଷରୁ ରାଜଭବନ ଛକସ୍ଥିତ ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ମଧୁସୂଦନ ଦାସ, ପାୱାର ହାଉସ ଛକସ୍ଥିତ ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ଏବଂ ଏଜି ଛକସ୍ଥିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଓଡ଼ିଶା ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ସଦସ୍ୟ ଡ. ଦ୍ୱାରିକା ନାଥ ମହାନ୍ତି, ସୀତାବଲ୍ଲଭ ମହାପାତ୍ର, ସମ୍ମିଳନୀର ଭୁବନେଶ୍ୱର ଶାଖା ସଭାପତି ବିଭୂତି ମିଶ୍ର, ମଞ୍ଚେଶ୍ୱର ଶାଖା ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଓଡ଼ିଆ ଭାଷାଭାଷୀଙ୍କୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବା କ୍ଷେତ୍ରରେ ଓଡ଼ିଶା ପ୍ରଥମ ଥିଲା। ଏଥିରେ ଯେଉଁ ବରପୁତ୍ରମାନଙ୍କର ବଳିଷ୍ଠ ଅବଦାନ ରହିଥିଲା ତାଙ୍କୁ ଯୁଗ ଯୁଗ ଧରି ଓଡ଼ିଶାବାସୀ ମନେରଖିବେ ବୋଲି ସମ୍ମିଳନୀର ସଦସ୍ୟମାନେ ମତବ୍ୟକ୍ତ କରିଥିଲେ।





ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ସୋମବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟ ଅତିଥିମାନେ।

## ସଙ୍ଗୀତରେ ଓଡ଼ିଶା ଦିବସ

ଭୁବନେଶ୍ୱର,୧।୪(ବ୍ୟୁରୋ)

ଓଡ଼ିଶା ଦିବସ ପାଳନ ଅବସରରେ ସୋମବାର ଯୁବା ଉତ୍କଳ ସଙ୍ଗଠନ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ମୁଁ ଓଡ଼ିଆ' ସ୍ଥାନୀୟ ପାଲ୍ ହାଇଟ୍ସ ପରିସରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ଜ୍ୟୋର୍ତିମୟୀ ସଙ୍ଗୀତ ପରିବେଷଣ ଓ ପଦ୍ମଶ୍ରୀ ମହାନ୍ତି ଯୋଗ ପ୍ରଦର୍ଶନ କରିଥିଲେ। ଶ୍ରୀଲଗ୍ନା ପତି, ତ୍ରିସା ତ୍ରିପାଠୀ, ସ୍ମରଣ ତ୍ରିପାଠୀ, ଏନ୍. ପଲକ ଓ ଆଦିତ୍ୟ ମଲ୍ଲିକଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ସଙ୍ଗଠନ ସମ୍ପାଦକ ଦେବାଶିଷ ଜେନା ପରିଚାଳନା କରିଥିଲେ।

■ ସବୁକିଛି ପ୍ରଶାସନ ପ୍ରୋତ୍ସାହନରେ ଚାଲିଛି

## ଧଉଳିରେ ଦଣ୍ଡା ଚକ ରାସ୍ତା ଜବରଦଖଲକାରୀଙ୍କ କବ୍‌ଜାରେ

ପୁରୁଣା ଭୁବନେଶ୍ୱର, ୧।୪(ଡି.ଏନ.ଏ.)



ଐତିହ୍ୟ ଶିଶୁପାଳଗଡ଼ ନିଶ୍ଚିହ୍ନ ହେବାକୁ ବସିଥିଲାବେଳେ ଏବେ ଜବରଦଖଲକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି ଶାନ୍ତିସ୍ତୂପ ଧଉଳିରେ। ଗୋପୀନଥପୁର ମୌଜାରେ ତଥା ଧଉଳିର ପାଦ ଦେଶରେ ବିସ୍ତୀର୍ଣ୍ଣ ଗ୍ରାମ୍ୟ ଜଙ୍ଗଲ କିସମ ସରକାରୀ ଜାଗା ପରେ ଜବରଦଖଲକାରୀଙ୍କ ନଜର ପଡ଼ିଛି ଦଣ୍ଡା ଚକ ରାସ୍ତା ଉପରେ। ୩୧୬ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଦୟାବ୍ରିଜ୍ ବାମପାର୍ଶ୍ୱ ନଦୀବନ୍ଧର ଅନତିଦୂର ଅର୍ଥାତ୍ ଧଉଳି ପଞ୍ଚାୟତର କୃଷ୍ଣପୁର ମୌଜାରେ ଥିବା ଏକ ପ୍ଲଟ ନିକଟରେ ଥିବା ଜାଗାରେ ବେଆଇନ ଗୃହ ନିର୍ମାଣ ଚାଲିଛି। ପ୍ରାୟ ୧୮, ୭୫୦ ବର୍ଗଫୁଟ ଅଞ୍ଚଳ ପରିମିତ ଏହି ଦଣ୍ଡା ଚକ ରାସ୍ତାରେ ଏବେ ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତି ବେଆଇନ ନିର୍ମାଣ ଚଳାଇଛନ୍ତି। ପ୍ରଶାସନ ଜନପ୍ରତିନିଧି ଏହାକୁ ଦେଖି ନୀରବ ରହୁଥିବାରୁ ଖୁବ୍‌ଶୀଘ୍ର ଏହି ଅଞ୍ଚଳରୁ ସରକାରୀ ଅନାବାଦୀ ଗୋଚର, ନାଳ, ଦଣ୍ଡା ରାସ୍ତା ନିଶ୍ଚିହ୍ନ ହୋଇଯିବ ତାହା ନିଃସନ୍ଦେହ। ଐତିହ୍ୟ ବହନ କରୁଥିବା ଶାନ୍ତିସ୍ତୁପ ଧଉଳିର ଚତୁଃପାର୍ଶ୍ୱରେ ଥିବା ଏହିସବୁ ସମ୍ପତ୍ତିର ରକ୍ଷଣାବେକ୍ଷଣ ପୂର୍ବକ ପ୍ରଶାସନ ଏହି ସ୍ଥାନରେ ନିଜର ବୋଲି ହୋର୍ଡିଂ ଲଗାଇ ପାରିଲେ ନିଶ୍ଚିତ ଜମିଗୁଡ଼ିକ ବଞ୍ଚିପାରିବ। ଅନ୍ୟପକ୍ଷେ ପ୍ରଶାସନର ବିଭାଗୀୟ ଅଧିକାରୀଙ୍କ ପ୍ରୋତ୍ସାହନକ୍ରମେ ଶିଶୁପାଳଗଡ଼ ଭଳି ଅନେକ ଅଞ୍ଚଳରେ ଜବରଦଖଲକାରୀମାନେ ଏଭଳି କାର୍ଯ୍ୟପନ୍ଥା ଅନାୟସରେ ନେଉଥିବା ବୁଦ୍ଧିଜୀବୀମାନେ କହିଛନ୍ତି। ଏ ନେଇ ଇଟିପୁର ରାଜସ୍ୱ ନିରୀକ୍ଷକ ସମୀର ମହାନ୍ତିଙ୍କୁ ପଚାରିବାରୁ ନିର୍ବାଚନ ପାଇଁ ସମସ୍ତ କର୍ମଚାରୀ ବ୍ୟସ୍ତ ରହୁଥିବାବେଳେ ଜବରଦଖଲକାରୀ ଫାଇଦା ଉଠାଉଛନ୍ତି। ତେବେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ପରେ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।




## କିପରି ଚୟନ କରିବେ
# ମୋଟର ବୀମା

ଯୁଗ ବଦଳୁଛି। ପୁରୁଷଙ୍କ ସହ ପାଦ ମିଳାଇ ମହିଳାମାନେ ଅନେକ କ୍ଷେତ୍ରରେ ସଫଳତା ହାସଲ କରି ଚର୍ଚ୍ଚିତ ହୋଇଛନ୍ତି। ଆଜିକାଲି ଦୁଇଚକିଆ ହେଉ ଅବା ଚାରିଚକିଆ ଯାନ ସେମାନେ ବ୍ୟବହାର କରୁଛନ୍ତି। ତେଣୁ ମହିଳାମାନେ ମଧ୍ୟ ମୋଟର ବୀମା ବିଷୟରେ ଅବଗତ ହେବା ନିତାନ୍ତ ଆବଶ୍ୟକ। ଯଦି ଆପଣ ପ୍ରଥମଥର ଗାଡ଼ିର ବୀମା କରିବାକୁ ଯାଉଛନ୍ତି, ତେବେ ନିମ୍ନୋକ୍ତ ବିଷୟଗୁଡ଼ିକୁ ଧ୍ୟାନ ଦେବା ଜରୁରୀ...

### କ୍ଷତିପୂରଣର ଦାବି ନ କଲେ ଲାଭ

ମୋଟର ବୀମାର କିସ୍ତି କମ୍ କରିବାକୁ ହେଲେ ସାଧାରଣ କ୍ଷତିପୂରଣ ଦାବି (କ୍ଲେମ୍)କରନ୍ତୁ ନାହିଁ। ଏହାଦ୍ୱାରା ନୋ-କ୍ଲେମ ବୋନସର ଲାଭ ମିଳିଥାଏ। ମନେକରନ୍ତୁ ଆପଣଙ୍କ ବୀମାର କିସ୍ତି ହେଉଛି ୧୫୦୦୦ଟଙ୍କା। ଯଦି ଆପଣ ଗୋଟିଏ ଆର୍ଥିକ ବର୍ଷରେ କୌଣସି କ୍ଲେମ୍ କରିନାହାନ୍ତି, ତେବେ ଆପଣଙ୍କୁ ପାଖାପାଖି ୨୦ ପ୍ରତିଶତ କ୍ଲେମ୍ ବୋନସ ମିଳିଥାଏ। ତା'ସହ ପ୍ରିମିୟମ ରାଶି ମଧ୍ୟ କମିଯାଇଥାଏ।

### ଅନ୍‌ଲାଇନ ବୀମା ଭଲ ଅପ୍‌ଶନ

କୌଣସି ଏଜେଣ୍ଟଙ୍କ ମାଧ୍ୟମରେ ବୀମା କରିବା ବଦଳରେ ଆଜିକାଲି ଅନ୍‌ଲାଇନ ବୀମା ଅପ୍‌ଶନ ଉପଲବ୍ଧ। ଏପରି ପଦ୍ଧତି ଆପଣେଇବା ପୂର୍ବରୁ ସେ ବିଷୟରେ ଭଲଭାବେ ଅବଗତ ହୁଅନ୍ତୁ। ଏପରି କରିବା ଦ୍ୱାରା ବୀମା କମ୍ପାନୀର ଡିଷ୍ଟ୍ରିବ୍ୟୁଶନ ଚାର୍ଜ ଓ ଏଜେଣ୍ଟର କମିଶନ ଦେବାକୁ ପଡିବ ନାହିଁ। ଏପରି ସ୍ଥିତିରେ କମ୍ପାନୀ ବୀମାଧାରକଙ୍କ ପ୍ରିମିୟମ୍ ରାଶି କମ୍ କରି ଦେଇଥାଏ। ଏହା କରିବା ସମୟରେ ସବୁ ଟର୍ମସ ଆଣ୍ଡ କଣ୍ଡିଶନ ବୁଝିବା ନିହାତି ଦରକାର।

### ଅଫର୍‌ଗୁଡ଼ିକୁ ତୁଳନା କରନ୍ତୁ

ନିଜର ମୋଟର ବୀମା ପଲିସି ରିନ୍ୟୁ କରିବା ପୂର୍ବରୁ ଅନ୍‌ଲାଇନ ଉପଲବ୍ଧ ବିକଳ୍ପ ବିଷୟରେ ତୁଳନା କରିବାକୁ ଭୁଲନ୍ତୁ ନାହିଁ। ହୋଇପାରେ ଆପଣଙ୍କୁ କମ୍ ପ୍ରିମିୟମ୍‌ରେ କିଛି ଭଲ ପଲିସି ମିଳିଯାଇପାରେ। କାରଣ ଅଫ୍‌ଲାଇନ ପଲିସି ନେବା ଦ୍ୱାରା ଡିଲର କମିଶନ ନେଇଥାଏ, ଯାହା ପ୍ରିମିୟମ୍‌ର ପାଖାପାଖି ୧୦ରୁ ୧୫ ପ୍ରତିଶତ ହୋଇପାରେ। କିନ୍ତୁ ଅନ୍‌ଲାଇନରେ ଏପରି ଖର୍ଚ୍ଚ ଅନେକାଂଶରେ ରହିଯାଏ।

### ଆପଣାନ୍ତୁ ଏଡ୍-ଅନ୍ କଭର

ସାଧାରଣତଃ ଗାଡ଼ି ପୁରୁଣା ହେବା ପରେ ବୀମା କମ୍ପାନୀ ତାହାର କମ୍ ବଜେଟ୍ ପ୍ରସ୍ତୁତ କରିଥାଏ, ଯେଉଁଥିରେ କ୍ଲେମ୍ କରିବାର ରାଶି କମିବାକୁ ଲାଗେ। ଏମିତି ପରିସ୍ଥିତିରେ ନିଜ ଗାଡିକୁ ଏଡ୍-ଅନ୍ କଭରର ସୁରକ୍ଷା ଦିଅନ୍ତୁ। ଏହି ଦୃଷ୍ଟିରୁ ଜିରୋ ଡିପ୍ରିଏଶନ୍ କଭର ନେବା ଲାଭଦାୟକ ହୋଇଥାଏ। କୌଣସି ଦୁର୍ଘଟଣା ମାମଲାରେ ବୀମା କମ୍ପାନୀ ଏଥିରେ ଗାଡି ପୁରୁଣା ହେବା କାରଣରୁ କ୍ଲେମ କରିବା ମାମଲାରେ ସଂପୃକ୍ତ ମାଲିକଙ୍କୁ ପର୍ଯ୍ୟାପ୍ତ କ୍ଲେମ ମିଳିଥାଏ। ଅର୍ଥାତ୍ ଆପଣ ନିଜ କାର ଲାଗି କୌଣସି ଭଲ ଏଡ୍-ଅନ୍ କଭର ନିଶ୍ଚିତ ଆପଣାନ୍ତୁ।

### କ୍ଲେମ୍ କରିବାର ନେଟ୍‌ୱର୍କ ଗ୍ୟାରେଜରେ ରହିବା ଆବଶ୍ୟକ

ବୀମାର କ୍ଲେମ୍ ସବୁବେଳେ ନେଟୱର୍କ ଗ୍ୟାରେଜ୍‌ରେ କରିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ବୀମା କମ୍ପାନୀ ସହଜରେ କ୍ଲେମ୍‌ର ମୂଲ୍ୟାଙ୍କନ କରିପାରେ।

### ଟୁ ହୁଇଲର ବୀମା କରିବା ସମୟରେ

ଟୁ ହୁଇଲର ପାଇଁ ଲମ୍ବା ଅବଧି ଥିବା ପଲିସି ନିଅନ୍ତୁ। ଏହାଦ୍ୱାରା କିସ୍ତି କମ୍ ହୋଇଥାଏ। ଏହାସହ ରିନ୍ୟୁ କରିବାର ଝିଂଝଟରୁ ମୁକ୍ତି ମିଳିଥାଏ। ଯଦି ୨-୩ ବର୍ଷ ଅବଧି ଥିବା ପଲିସି ନିଆଯାଏ, ତେବେ ପଲିସିର ୫ରୁ ୧୫ ପ୍ରତିଶତ ସଞ୍ଚୟ ହୋଇଥାଏ। ଏହି ପଲିସି ନେବା ପରେ ବୀମାର କିସ୍ତି ବୃଦ୍ଧି ହେବାର ସମ୍ଭାବନା କମ୍ ଥାଏ।



### ଥାର୍ଡ ପାର୍ଟି ଇନ୍‌ସ୍ୟୁରାନ୍ସ

ମୋଟର ଯାନ ଅଧିନିୟମ ଅନୁସାରେ ସବୁ ବ୍ୟକ୍ତି ପାଇଁ ଥାର୍ଡ ପାର୍ଟି ଇନ୍‌ସ୍ୟୁରାନ୍ସ ଅନିବାର୍ଯ୍ୟ। ଏହି ନିୟମ ଅନୁସାରେ, ଆପଣଙ୍କ ଗାଡ଼ି ଦ୍ୱାରା ଅନ୍ୟ କାହା ଗାଡ଼ିର ଯଦି କ୍ଷୟକ୍ଷତି ହେଉଛି କିମ୍ବା ବ୍ୟକ୍ତିକୁ କିଛି ଆଘାତ ଲାଗୁଛି ତେବେ ତାହାର ଉପଚାର ଲାଗି କ୍ଲେମ୍ ମିଳିଥାଏ। ଦୁର୍ଘଟଣାରେ ଯଦି ବ୍ୟକ୍ତିଙ୍କର ମୃତ୍ୟୁ ହୁଏ, ତେବେ ତାଙ୍କର କ୍ଷତିପୂରଣ ମଧ୍ୟ ତାଙ୍କ ପରିବାରକୁ ମିଳିଥାଏ। ଅର୍ଥାତ୍ କହିବାକୁ ଗଲେ ନିଜ ସୁରକ୍ଷା ପାଇଁ ଥାର୍ଡ ପାର୍ଟି ବୀମା ସହିତ ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୁରାନ୍ସ ନେବା ଜରୁରୀ। ନିଜ ଗାଡି ଲାଗି ନୂଆ ବୀମା କିଣିବା କିମ୍ବା ରିନ୍ୟୁ କରିବା ସମୟରେ ଯଦି ଏହି କଥାକୁ ଧ୍ୟାନରେ ରଖିବେ, ତା'ହେଲେ ଆପଣଙ୍କୁ ଅତିରିକ୍ତ ବୋଝରୁ ରକ୍ଷା ପାଇବା ସହଜ ହେବ।

### କିଛି ଜରୁରୀ କଥା

ଯଦି ଗ୍ରାହକ କୌଣସି ଅଟୋମୋବାଇଲ ଆସୋସିଏଶନର ସଦସ୍ୟ ହୋଇଥାନ୍ତି ତେବେ ସେହି ପ୍ରିମିୟମ୍‌ରେ ତାଙ୍କ ୫ପ୍ରତିଶତ କମ୍ ଦେବାକୁ ପଡିଥାଏ।

-ମୋଟର ବୀମା ସହିତ କିଛି ରାଇଡର ନେବା ଲାଭଦାୟକ ହୋଇଥାଏ। କାର ଦୁର୍ଘଟଣା ସମୟରେ ବୀମା କ୍ଲେମ୍ କରିବା ବେଳେ 'ଜିରୋ ଡିପ୍ରିସିଏଶନ୍' ପଦ୍ଧତି ଆପଣାନ୍ତୁ। କାରଣ ଏହାଦ୍ୱାରା ଶତ ପ୍ରତିଶତ କଭର ମିଳିଥାଏ। ନୂଆ ଗାଡ଼ି ପାଇଁ ଏହା ମଧ୍ୟ ବେଶ୍ ଲାଭଦାୟକ ହୋଇଥାଏ ।

-'ପର୍ସନାଲ ଆକ୍ସିଡେଣ୍ଟର' ରାଇଡର ନେଲେ ଅଧିକ କ୍ଷୟକ୍ଷତି ବ୍ୟତୀତ ମାମୁଲି କ୍ଷତି ହେଲେ ତା'ର କଭରେଜ୍ ମିଳିଥାଏ। ଯଦି ଦୁର୍ଘଟଣା କାରଣରୁ ବୀମାଧାରକଙ୍କ ମୃତ୍ୟୁ ହୋଇଯାଏ ତେବେ ନୋମିନୀଙ୍କୁ ତାଙ୍କ କ୍ଲେମ୍ ମିଳିଥାଏ।

-ଆଜିକାଲି କିଛି ଏଡ୍-ଅନ୍ କଭର ଉପଲବ୍ଧ ଅଛି, ଯାହା ବର୍ଷା କିମ୍ବା ବନ୍ୟା ସମୟରେ ଯଦି ଗାଡିର ଇଞ୍ଜିନଜନିତ ସମସ୍ୟା ଦେଖାଦେଲା ତେବେ ତାହାର କ୍ଷତିପୂରଣ ଏଥିରୁ ମିଳିଥାଏ।

-ମହାଶ୍ୱେତା

### ଏମାନେ କ'ଣ କରନ୍ତି



-ସ୍ୱପ୍ନାମିତ୍ରା ପଟ୍ଟନାୟକ
*(କର୍ମଜୀବୀ, ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର)*

ମୁଁ ବର୍ଷେ ହେବ ଗୋଟିଏ କାର୍ କିଣିଛି। ନିଜେ ଡ୍ରାଇଭ୍ କରେ। ଗାଡି କିଣିଲା ମାତ୍ରେ ଇନ୍‌ସ୍ୟୁରାନ୍ସ କରିଛି । ଗାଡି ଇନ୍‌ସ୍ୟୁରାନ୍ସ ଏବର୍ଷ ରିନ୍ୟୁ କରିଛି। ରେଗୁଲାର ଗାଡିର ଇନ୍‌ସ୍ୟୁରାନ୍ସ ପ୍ରିମିୟମ୍ ଦିଆହେଉଛି।



-ସାରଦା ଦାଶ
*(ଗୃହିଣୀ, ବୀମାବିହାର, ସିଡିଏ, ସେକ୍ଟର-୬, କଟକ)*

ବର୍ଷେ ହେବ ମୁଁ ସ୍କୁଟି କିଣିଛି। ତା'ର ମଧ୍ୟ ପଲିସି କରିଛି। କାରଣ ଗାଡି ଚୋରି ହୋଇଗଲେ କିମ୍ବା ଦୁର୍ଘଟଣା ହେଲେ ତା'ର କ୍ଷତିପୂରଣ ମିଳିଥାଏ।

ଫ୍ୟାଶନ

## ମହିଳାଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ସ୍କାର୍ଫ



ନିଜ ଲୁକ୍‌କୁ ଆହୁରି ଆକର୍ଷଣୀୟ କରିବା ପାଇଁ ଆଜିକାଲି ଅଧିକାଂଶ ଯୁବତୀ ହୁଅନ୍ତୁ ଅବା ମହିଳା ସ୍କାର୍ଫ ବ୍ୟବହାର କରୁଛନ୍ତି। କେବଳ ଘରେ ନୁହେଁ, ଅଫିସ କିମ୍ବା ପାର୍ଟିରେ ଯୋଗ ଦେଉଥିଲେ ଏହାକୁ ଆପଣ ବ୍ୟବହାର କରିପାରିବେ। ଏହାକୁ ଡ୍ରେସ ଉପରେ ଠିକ୍ ଭାବରେ ପକାଇବା ପରେ ଅନେକ ମହିଳା ବେଶ୍ ଆକର୍ଷଣୀୟ ଦେଖାଯାଇଥାଆନ୍ତି। ବେଳେବେଳେ ଏହା ଆପଣଙ୍କ ପୁରୁଣା ଲୁକ୍ ବଦଳାଇବା ସହ ଆକର୍ଷଣୀୟ ଲୁକ୍ ଦେଇଥାଏ। ଆଜିକାଲି ମାର୍କେଟରେ ସ୍କାର୍ଫର ବହୁତ ଭେରାଇଟି ଯଥା କଲର ଏବଂ ଟେକ୍ସଚର୍ସରେ ମିଳୁଛି। ଆପଣ ଏହାକୁ ବିଭିନ୍ନ ଷ୍ଟାଇଲ୍‌ରେ ବ୍ୟବହାର କରିବା ସହ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ରୂପେ ନେଇପାରିବେ। ସେ ସମ୍ପର୍କରେ ଟିପ୍ସ ....

-ନିଜ କାନ୍ଧରେ ସ୍କାର୍ଫକୁ ଖେଳାଇ କ୍ୟାପ୍ ଆକାରରେ ପିନ୍ଧିପାରିବେ। ଏହା ଆପଣଙ୍କୁ ୟୁନିକ୍ ଲୁକ୍ ଦେବ। ଏହା ଆପଣଙ୍କ ଷ୍ଟାଇଲ୍ ଷ୍ଟେଟମେଣ୍ଟ ହୋଇପାରିବ।

-ସ୍କାର୍ଫକୁ ସବୁବେଳେ ସ୍କାର୍ଫ ଭଳି ବ୍ୟବହାର ନ କରି କିଛି ଅଲଗା ଉପାୟରେ ବେଲ୍ଟ ଭଳି ଟ୍ରାଏ ମଧ୍ୟ କରିପାରିବେ। ଏଥିପାଇଁ ଡେନିମ୍‌ର କୋଣସି ଡ୍ରେସ କିମ୍ବା ଜିନ୍ସ ନେଇପାରନ୍ତି।

-ଯଦି ଆପଣ ସ୍କାର୍ଫକୁ ଦୁପଟ୍ଟା ଭଳି କଭର କରିବାକୁ ଚାହାନ୍ତି ତେବେ ତାକୁ ସାମ୍ନାକୁ ଫ୍ରି ଛାଡି ବେଲ୍ଟ ଲଗାଇ ଦିଅନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କୁ ଟ୍ରାଡିଶନାଲ ଲାଗିବା ସହ ୱେଷ୍ଟର୍ନ ଲୁକ୍ ଦେଇଥାଏ।

-ଆଜିକାଲି ମାର୍କେଟରେ ଝାଲର ସ୍କାର୍ଫ ମିଳୁଛି। ଏହାକୁ ଆପଣ ପାର୍ଟିୱେର ୱେଷ୍ଟର୍ନ ଷ୍ଟାଇଲ୍ ଡ୍ରେସ ସହ କ୍ୟାରି କରିପାରିବେ। ଗାଇନ୍ ସହିତ ଫ୍ରିଲ୍ ଥିବା ସ୍କାର୍ଫ ବହୁତ ଷ୍ଟାଇଲିଶ୍ ଲାଗିଥାଏ।

-ସ୍କାର୍ଫ ସାହାଯ୍ୟରେ ଆପଣ ଗ୍ଲାମର ଲୁକ୍ ପାଇପାରିବେ। ଏଥିଲାଗି ହେୟାର ଷ୍ଟାଇଲ୍ ପାଇବାକୁ ଆପଣ କଲରଫୁଲ୍ ସ୍କାର୍ଫ ନେଇ ମୁଣ୍ଡର ଚାରିପଟେ ବୁଲାଇ ଦିଅନ୍ତୁ।

ଖାଦ୍ୟ ଋତି

## ବ୍ରେଡ୍‌ଚିଲି



**ଆବଶ୍ୟକ ସାମଗ୍ରୀ:** ୧୦ଟି ବ୍ରେଡ୍‌ର ନାଲି ଅଂଶ। ଟିକି ଟିକି ଆକାରରେ କଟା ହୋଇଥିବା ଏକ ବଡ଼ ପିଆଜ, ଛୋଟ ଆକାରରେ କଟାହୋଇଥିବା ୩ଟି କଞ୍ଚାଲଙ୍କା, ବଡ଼ ଟମାଟୋ ଗୋଟିଏ ଛୋଟ ଆକାରରେ କଟା ହୋଇଥିବା, ୮ଟି ରସୁଣ, ଦୁଇ ଚାମଚ କର୍ନଫ୍ଲୋର, ସ୍ୱାଦ ଅନୁସାରେ ଲୁଣ, ୩ ଚାମଚ ଟମାଟୋ କେଚ୍‌ଅପ୍, ଏକ ଚାମଚ ସୋୟା ସସ୍, ଦୁଇ ଚାମଚ ରେଡ୍ ଚିଲି ସସ୍, ଏକ ଚାମଚ ଭିନେଗାର, ଗୋଟିଏ କ୍ୟାପ୍‌ସିକମ୍, ୩ ଚାମଚ ବଟର, ୨ ଚାମଚ ତେଲ, ଏକ କପ୍ ପାଣି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବ୍ରେଡ୍‌ର ଚାରିପଟକୁ ଛୋଟ ଆକାରରେ କାଟିଦିଅନ୍ତୁ। ଏବେ କଡାଇରେ ୩ ଚାମଚ ବଟର ପକାଇ ଗରମ କରନ୍ତୁ। ବଟରକୁ ଚାରିଆଡେ ଖେଳାଇ ଦିଅନ୍ତୁ। ଏଥିରେ ବ୍ରେଡ୍ ଖଣ୍ଡ ପକାଇ ଭଲଭାବେ ଫ୍ରାଏ କରିଦିଅନ୍ତୁ।

ଫ୍ରାଏ କରିବା ପରେ ଏହାକୁ ଏକ ପ୍ଲେଟ୍‌କୁ କାଢ଼ିଦିଅନ୍ତୁ। କଡ଼ାଇକୁ ଭଲଭାବେ ସଫା କରିଦିଅନ୍ତୁ। ଏବେ କଡ଼ାଇକୁ ପୁଣି ଗ୍ୟାସ୍ ଚୁଲାରେ ବସାଇ ଗରମ କରନ୍ତୁ। କଡ଼ାଇ ଗରମ ହେଲାମାତ୍ରେ ତେଲ ପକାଇ ଗରମ କରନ୍ତୁ। ତେଲରୁ ଧୂଆଁ ଆସିଲା ମାତ୍ରେ ଏଥିରେ ରସୁଣ ପକାନ୍ତୁ। ଏହାକୁ ୧୫ ସେକେଣ୍ଡ ଫ୍ରାଏ କରିବା ପରେ ଏଥିରେ ପିଆଜ ପକାନ୍ତୁ। ଏହାପରେ ତେଲରେ କଞ୍ଚାଲଙ୍କ ଓ କ୍ୟାପ୍‌ସିକମ୍ ପକାନ୍ତୁ। ଆଞ୍ଚକୁ କମ୍ କରି କଡ଼ାଇରେ କଶ୍ମୀର ମିର୍ଚ୍ଚ, ଭିନେଗାର ଚିଲି ସସ୍, ଟମାଟୋ ସସ୍ ପକାଇ ଭଲଭାବେ ମିକ୍ସ କରନ୍ତୁ। ଆଞ୍ଚ ଜୋର୍‌କରି ଏକ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟିବା ପରେ ସେଥିରେ ପାଣି ପକାଇ ମିକ୍ସ କରନ୍ତୁ। ଏକ ପାତ୍ରରେ ପାଣି ନେଇ ସେଥିରେ କର୍ଣ୍ଣଫ୍ଲୋର ମିଶାନ୍ତୁ। ଏହି ଘୋଳକୁ କଡ଼ାଇରେ ପକାଇ ମିଶାନ୍ତୁ। ଏହାଦ୍ୱାରା ଗ୍ରେଭି ଗାଢ଼ା ହେବ ବା ମୋଟା ହେବ। ଗ୍ରେଭି ଫୁଟିବା ଆରମ୍ଭ କଲେ ଏଥିରେ ଆବଶ୍ୟକ ପରିମାଣର ଲୁଣ ପକାଇ ମିଶାଇ ଦିଅନ୍ତୁ। ଏବେ ଏହି ଗ୍ରେଭିରେ ବ୍ରେଡ୍ ଖଣ୍ଡ ପକାଇ ମିଶାନ୍ତୁ। ଏହାପରେ କଞ୍ଚା କଟା ପିଆଜ ପକାଇ ମିକ୍ସ କରିଦିଅନ୍ତୁ। ଏବେ ସର୍ଭିଂ ବାଓଲ୍‌ରେ ଗରମ ଗରମ ବ୍ରେଡ୍ ଚିଲି ପରଷନ୍ତୁ।

## ଖାଲି ପେଟ ଓ ପାଣି



ସକାଳୁ ଖାଲି ପେଟରେ ପାଣି ପିଇଲେ ଅନେକ ଲାଭ ମିଳିଥାଏ। ସକାଳୁ ଖାଲି ପେଟରେ ପାଣି ପିଇଲେ କେତେକ ରୋଗ ପାଖ ମାଡ଼ି ନ ଥାଏ। ଏହା ସହିତ ତ୍ୱଚା ସଫା ଦେଖାଯାଇଥାଏ। ସକାଳୁ ଖାଲି ପେଟରେ ପାଣି ପିଇଲେ ପେଟର ସବୁ ଅପରିଷ୍କାର ତତ୍ତ୍ୱ ବାହାର କରିବାରେ ଏହା ସାହାଯ୍ୟ କରିଥାଏ...

- ସକାଳୁ ଖାଲି ପେଟରେ ପାଣି ପିଇଲେ ରକ୍ତ ସଫା ହୋଇଥାଏ। ଯେଉଁ କାରଣରୁ ମୁହଁରେ ଉଜ୍ଜ୍ୱଳତା ବଢ଼ିଥାଏ।
- ସକାଳୁ ପାଣି ପିଇବା ଦ୍ୱାରା ନୂଆ କୋଶିକା ତିଆରି ହୋଇଥାଏ। ମାଂସପେଶୀ ବି ମଜଭୁତ୍ ହୋଇଥାଏ।
- ଯଦି ଆପଣ ମୋଟାପଣ କମାଇବାକୁ ଚାହାନ୍ତି ତେବେ ସକାଳୁ ଖାଲି ପେଟରେ ପାଣି ପିଅନ୍ତୁ।
- ଖାଲି ପେଟରେ ପାଣି ପିଇବା ଦ୍ୱାରା ମେଟାବୋଲିଜିମ୍ ୨୪ପ୍ରତିଶତ ବଢ଼ିଯାଇଥାଏ, ଫଳରେ ଏହାଦ୍ୱାରା ଓଜନ କମିଥାଏ।
- ପାଣି ପିଇଲେ ପେଟ ସଫା ରହିଥାଏ।
- ସକାଳ ସମୟରେ ପାଣି ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ।
- ଏହା ବ୍ୟତୀତ ଗଳାଜନିତ ରୋଗ, ଅନିୟମିତ ଋତୁସ୍ରାବ, କ୍ୟାନ୍‌ସର, ଡାଇରିଆ ଭଳି ସମସ୍ୟା ଦେଖାଯାଇ ନ ଥାଏ।
- ଗଣ୍ଠି ଦରଜ, ମୁଣ୍ଡବିନ୍ଧା, ପାଦ ଦରଜ ଆଦି ସମସ୍ୟାରୁ ରକ୍ଷା ମିଳିଥାଏ।
- ଖାଲି ପେଟରେ ପାଣି ପିଇବା ଦ୍ୱାରା ଭୋକ ଲାଗିଥାଏ।

## ଘରୋଇ ଟିପ୍ସ

★ଯଦି ଆପଣ କଲରା ରୋଷେଇ କରିବାକୁ ଚାହୁଁଥାନ୍ତି ତେବେ ପ୍ରଥମେ ଏହାକୁ ଲୁଣପାଣିରେ କିଛି ସମୟ ଭିଜାଇ ରଖି ଦିଅନ୍ତୁ। ଏହାଦ୍ୱାରା କଲରାର ପିତାପଣ ଦୂର ହୋଇଥାଏ।

★ଯଦି ଆପଣ ଚଣା, ମଟର ଭଳି ଜିନିଷ ଜଲ୍‌ଦି ରାନ୍ଧିବାକୁ ଚାହୁଁଥାନ୍ତି ତେବେ ଏହାକୁ ପାଣିରେ ଭିଜାଉଥିବା ସମୟରେ ସେଥିରେ ରିଫାଇନ୍ ତେଲ ୩-୪ ବୁନ୍ଦା ପକାନ୍ତୁ। ଏହା ଶୀଘ୍ର ସିଝିଥାଏ। ତେଲ ପକାଇ ଦିଅନ୍ତୁ।

★ଯଦି ତରକାରି ପୋଡ଼ିଯାଇଛି ତେବେ ସେଥିରେ ଦୁଇ ଚାମଚ ଦହି ମିଶାଇ ଦିଅନ୍ତୁ। ଏପରି କରିବା ଦ୍ୱାରା ପୋଡ଼ା ଗନ୍ଧ ରହିବ ନାହିଁ।

★ସ୍ୱାଦିଷ୍ଟ ଗ୍ରେଭି ପ୍ରସ୍ତୁତ କରିବାକୁ ହେଲେ ପିଆଜ,ରସୁଣ,ଅଦା,ପୋସ୍ତ ଓ ଦୁଇ ଚାରିଟା ଚିନାବାଦାମକୁ ଗ୍ରାଇଣ୍ଡକରି ଦିଅନ୍ତୁ। ଏହି ପେଷ୍ଟକୁ ପ୍ରଥମେ କଷି ଦିଅନ୍ତୁ। ପରେ ଏଥିରେ ତରକାରି ପ୍ରସ୍ତୁତ କରନ୍ତୁ।

★ଦହି ଖାଦ୍ୟ ପ୍ରସ୍ତୁତ କରିବା ସମୟରେ ପ୍ରଥମେ ପ୍ରସ୍ତୁତ ଖାଦ୍ୟରେ ଦହି ମିଶାନ୍ତୁ।

★ଯଦି ଚଣା ରାତିରେ ଭିଜାଇବାକୁ ଭୁଲିଯାଇଛନ୍ତି ତେବେ ରାନ୍ଧିବା ପୂର୍ବରୁ ସେଥିରେ କେଇ ଖଣ୍ଡ କଞ୍ଚା ଅମୃତଭଣ୍ଡା ମିଶାଇ ଦେଇ ପ୍ରେସରକୁକରରେ ବସାଇ ଦିଅନ୍ତୁ। ଏହାଦ୍ୱାରା ଚଣା ଖୁବ୍ ସହଜରେ ସିଝିଯିବ।



ସୌନ୍ଦର୍ଯ୍ୟ



## ମଲ୍ଲୀଫୁଲ

ମଲ୍ଲୀ ଫୁଲର ବାସ୍ନା ଆମକୁ ବିମୋହିତ କରିଥାଏ। ଏଥିରେ ଏପରି କେତେକ ଗୁଣ ରହିଛି ଯାହା ସୌନ୍ଦର୍ଯ୍ୟରେ ଆହୁରି ଚମକ ଆଣିଥାଏ। ଜାଣନ୍ତୁ ସେ ସମ୍ପର୍କରେ...

■ମୁହଁରୁ ମୃତ କୋଷ ଦୂର କରିବାକୁ ହେଲେ ଏକକପ୍ ମଲ୍ଲୀଫୁଲ ରସରେ ଅଳ୍ପ ପରିମାଣରେ ଲେମ୍ବୁରସ ଓ ମହୁକୁ ଭଲଭାବେ ମିଶାଇ ଦିଅନ୍ତୁ। ଏହା ମିଶିଗଲା ପରେ ଏହି ପେଷ୍ଟକୁ ମୁହଁରେ ଲଗାଇବା ଦ୍ୱାରା ମୃତ କୋଷ ଦୂର ହୋଇଥାଏ। ଏଥି ସହିତ ମୁହଁ ସଫା ଦେଖାଯାଇଥାଏ।

■ଆଖିତଳୁ ଡାର୍କ ସର୍କଲ ଦୂର କରିବାକୁ ହେଲେ ମଲ୍ଲୀଫୁଲର ତେଲ ବ୍ୟବହାର କରିପାରନ୍ତି। ଫୁଲ ବଦଳରେ ମଲ୍ଲୀ ଗଛ ପତ୍ରକୁ ବାଟି ପେଷ୍ଟ ପ୍ରସ୍ତୁତ କରି ତାହାକୁ ଲେପ ଆକାରରେ ମଧ୍ୟ ବ୍ୟବହାର କରିପାରିବେ। ହେଲେ ମୁହଁରେ ଲଗାଇବା ପୂର୍ବରୁ ସେଥିରେ ଅଳ୍ପ କ୍ଷୀର ମିଶାଇ ଦିଅନ୍ତୁ। ଏହାଦ୍ୱାରା ଡାର୍କ ସର୍କଲ ଦୂର ହୋଇଥାଏ।

■ ମଲ୍ଲୀଫୁଲ ରସରେ ଅଳ୍ପ ପରିମାଣର ଗୋଲାପ ଜଳ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ପ୍ରତିଦିନ ଲଗାଇଲେ ଆପଣଙ୍କର ସୌନ୍ଦର୍ଯ୍ୟ ଆହୁରି ଦ୍ୱିଗୁଣିତ ହେବ।

■ଅଧିକ ପରିଶ୍ରମ ହେଲେ ଆଖି ମଧ୍ୟ ଥକି ପଡିଥାଏ। ଏହି ସମୟରେ ଆଖି ପତା ଉପରେ ଆପଣ ମଲ୍ଲୀଫୁଲର ରସ ଓ ନଡିଆ ତେଲ ଭଲଭାବେ ମିଶାଇ ଆଖିପତା ଉପରେ ମସାଜ୍ କରନ୍ତୁ। ଏହାଦ୍ୱାରା ଆଖିକୁ ଆରାମ୍ ଲାଗିଥାଏ ଏବଂ ଆଖି ସୁନ୍ଦର ଦେଖାଯାଇଥାଏ।

■ଆପଣଙ୍କ ମୁହଁରେ ବ୍ରଣ ହୋଇଛି କି ? ଯଦି ହଁ, ତେବେ ଏହାକୁ ଦୂର କରିବା ପାଇଁ ପ୍ରଥମେ ମଲ୍ଲୀ ଗଛ ପତ୍ରକୁ ଭଲ ଭାବରେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ତା'ପରେ ସେଥିରେ ଲେମ୍ବୁରସ ଓ ଗୋଲାପଜଳ ମିଶାଇ ମୁହଁରେ ଲଗାନ୍ତୁ। ଏହାଦ୍ୱାରା ତ୍ୱଚା ମୁଲାୟମ ରହିବା ସହ ସେଥିରେ ଚମକ୍ ଆସିଥାଏ।



Dollar 69.14 (16) | Sensex 38,837.18 (164.27) | Nifty 11,669.15 (45.25) | Gold 32,820.00 (₹85) | Silver 38,580.00 (₹20)

“ହାଲ୍‌ର ପ୍ରଦର୍ଶନରେ ଆମେ ଉତ୍ସାହିତ। ଏରୋସ୍ପେସ୍ କ୍ଷେତ୍ରରେ ନୂଆ ଡିଜାଇନ ପ୍ରସ୍ତୁତ କରିବାକୁ ପ୍ରୟାସ କରାଯିବା।
– ଆର.ମାଧବନ, ସିଏମ୍‌ଡି, ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ





“ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କ ସହ ବିଓବିର ମିଶ୍ରଣ ପରେ ଏହାର ଆର୍ଥିକ ସ୍ଥିତିରେ ବିରାଟ ପରିବର୍ତ୍ତନ ହେବ ନାହିଁ।
–ପି.ଏସ୍.ଜୟକୁମାର, ଏମ୍‌ଡି ଓ ସିଇଓ, ବିଓବି

## ସଂକ୍ଷେପରେ

### ସେନ୍‌ସେକ୍ସ ୩୯ ହଜାର ଛୁଇଁଲା




ମୁମ୍ବାଇ,୧-୪: ନୂତନ ଆର୍ଥିକ ବର୍ଷର ପ୍ରଥମ ଦିନରେ ସୋମବାର କାରବାର ବେଳେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ରେ ସେନ୍‌ସେକ୍ସ ରେକର୍ଡ ୩୯,୧୧୫.୫୭ ପଏଣ୍ଟକୁ ଛୁଇଁଥିଲା। ତେବେ ଶେଷ ଭାଗରେ ଭାରି ମାତ୍ରାରେ ଶେୟାର ବିକ୍ରି କାରଣରୁ ସେନ୍‌ସେକ୍ସ ୧୬୪.୨୭ ପଏଣ୍ଟ ବୃଦ୍ଧି ସହ ୩୮,୮୩୭.୧୮ରେ ବନ୍ଦ ହୋଇଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ)ର ୫୦ ଶେୟାର ଆଧାରିତ ସମ୍ବେଦି ସୂଚକାଙ୍କ ନିଫ୍ଟି ମଧ ଏକ ସମୟରେ ୧୧,୭୦୦ ପଏଣ୍ଟ ସ୍ତର ପାର୍ କରିଥିଲା। ତେବେ ଏହା ୪୫.୨୫ ପଏଣ୍ଟ ବୃଦ୍ଧି ସହ ୧୧,୬୬୯.୧୫ରେ କାରବାର ଶେଷ ହୋଇଥିଲା। ବଜାରରେ ଧାତୁ, ଗାଡ଼ି ଓ ଟେଲିକମ୍ କମ୍ପାନୀଙ୍କ ଶେୟାରରେ ଦରବୃଦ୍ଧି ତଥା ବିଶ୍ୱ ସ୍ତରରେ ସକାରାତ୍ମକ ସଙ୍କେତ କାରଣରୁ ସେନ୍‌ସେକ୍ସ ବୃଦ୍ଧି ପାଇଛି ବୋଲି ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

### ୮ କୋର୍ ସେକ୍ଟର ଅଭିବୃଦ୍ଧି ୨.୧%କୁ ହ୍ରାସ

ନୂଆଦିଲ୍ଲୀ,୧-୪: ଅଶୋଧିତ ତେଲ ଓ ରିଫାଇନେରି ଉତ୍ପାଦର ଉତ୍ପାଦନ ହ୍ରାସ ପାଇବା କାରଣରୁ ୮ କୋର୍ ସେକ୍ଟରରେ ଅଭିବୃଦ୍ଧି ହାର ଫେବୃୟାରୀରେ ହ୍ରାସ ପାଇ ୨.୧%ରେ ପହଞ୍ଚିଛି। ସୋମବାର ଜାରି ସରକାରୀ ତଥ୍ୟ ଅନୁଯାୟୀ ବର୍ଷକ ପୂର୍ବେ ଏହି ଅବଧିରେ ୮ କୋର୍ ସେକ୍ଟର ଯଥା- କୋଇଲା, ଅଶୋଧିତ ତେଲ, ପ୍ରାକୃତିକ ବାଷ୍ପ, ରିଫାଇନେରି ଉତ୍ପାଦ, ସାର, ଇସ୍ପାତ, ସିମେଣ୍ଟ ଓ ବିଜୁଳିର ଅଭିବୃଦ୍ଧି ହାର ୫.୪% ଥିଲା। ସମୀକ୍ଷାଧୀନ ମାସରେ ଅଶୋଧିତ ତେଲ ଓ ରିଫାଇନେରି ଉତ୍ପାଦ କ୍ରମଶଃ ୬.୧% ଓ ୦.୮% ହ୍ରାସ ପାଇଛି। ଏଭଳି ଭାବେ ସାର, ଇସ୍ପାତ,ସିମେଣ୍ଟ ଓ ବିଜୁଳି କ୍ଷେତ୍ରରେ ଅଭିବୃଦ୍ଧି ହାର ହ୍ରାସ ପାଇ ଯଥାକ୍ରମେ ୨.୫%, ୪.୯%, ୮% ତଥା ୦.୭% ରହିଛି। ଗତବର୍ଷର ସମାନ ମାସରେ ଏହି କ୍ଷେତ୍ରର ଉତ୍ପାଦନ ଯଥାକ୍ରମେ ୫.୨%, ୫%, ୨୩% ଓ ୪.୬% ରହିଥିଲା। ତେବେ ଫେବୃୟାରୀରେ କୋଇଲା ଓ ପ୍ରାକୃତିକ ବାଷ୍ପ ଉତ୍ପାଦନ ଯଥାକ୍ରମେ ୭.୩% ଓ ୩.୮% ବଢ଼ିଛି। ଧିମା କୋର୍ ସେକ୍ଟର ଅଭିବୃଦ୍ଧି ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଉପରେ ପ୍ରଭାବ ପକାଇଥାଏ।

### ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ପୂର୍ବତନ ଅଧ୍ୟକ୍ଷ ଗିରଫ

ନୂଆଦିଲ୍ଲୀ,୧-୪: ଆର୍ଥିକ ଅନିୟମିତତା କାରଣରୁ ଋଣରେ ବୁଡ଼ି ରହିଥିବା ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲାରେ ପୂର୍ବତନ ଅଧ୍ୟକ୍ଷ ହରି ଶଙ୍କରନଙ୍କୁ ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ(ଏସ୍ଏଫଆଇଓ) ସୋମବାର ଗିରଫ କରିଛି। ମୁମ୍ବାଇର ଏକ ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଏସ୍ଏଫଆଇଓ ରିମାଣ୍ଡରେ ପଠାଇ ଦେଇଛନ୍ତି। ତାଙ୍କ ପରେ ଆହୁରି ଅନେକ ଅଧିକାରୀ ଗିରଫ ହେବେ ବୋଲି କୁହାଯାଉଛି।

### ହୃଦ୍‌ରୋଗୀଙ୍କୁ ଝଟ୍‌କା: ୪.୨% ବଢ଼ିବ ଷ୍ଟେଣ୍ଟ ମୂଲ୍ୟ



ନୂଆଦିଲ୍ଲୀ,୧-୪: ଔଷଧ ମୂଲ୍ୟ ନିର୍ଦ୍ଧାରଣ କରୁଥିବା ନିୟାମକ ଏନ୍‌ପିପିଏ ପୂର୍ବବର୍ଷର ପାଇକାରୀ ମୂଲ୍ୟ ସୂଚକାଙ୍କ(ଡବ୍ଲ୍ୟୁପିଆଇ) ଆଧାରରେ କାର୍ଡିଆକ୍ ଷ୍ଟେଣ୍ଟ ମୂଲ୍ୟ ୪.୨% ବୃଦ୍ଧି କରିବାକୁ ଅନୁମତି ପ୍ରଦାନ କରିଛନ୍ତି ବୋଲି ସରକାରୀ ଭାବେ କୁହାଯାଇଛି। ରାଷ୍ଟ୍ରୀୟ ଔଷଧି ମୂଲ୍ୟ ପ୍ରାଧିକରଣ(ଏନ୍‌ପିପିଏ) ଦ୍ୱାରା ପ୍ରକାଶିତ ବିବୃତି ଅନୁସାରେ ବିନା ଧାତୁର ଷ୍ଟେଣ୍ଟ(ବିଏମ୍ଏସ୍)ର ମୂଲ୍ୟ ୮୨୬୧ ଟଙ୍କା ଏବଂ ଔଷଧ ଲେପନ ହୋଇଥିବା ଷ୍ଟେଣ୍ଟ ମୂଲ୍ୟ ୩୦,୦୮୦ ଟଙ୍କା ହେବ। ସୂଚନାଥାଉ କି, ଟ୍ୟୁବ୍ ଆକାରର ଏକ ଉପକରଣକୁ ଧମନୀରେ ଲଗାଯାଇଥାଏ। ଏହାଦ୍ୱାରା ହୃତ୍‌ପିଣ୍ଡରେ ରକ୍ତ ଚଳାଚଳକୁ ସ୍ୱାଭାବିକ କରାଯାଇଥାଏ। ହୃଦଘାତରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଏହା ଏକ ଜରୁରୀ ଉପାଦାନ ବୋଲି କୁହାଯାଏ।

# ନୀରବଙ୍କୁ ମିଳିଲାନି ଆଣ୍ଟିଗୁଆ ନାଗରିକତ୍ୱ

ନୂଆଦିଲ୍ଲୀ,୧-୪



ନୀରବ ମୋଦି

ଲଣ୍ଡନ ଜେଲ୍‌ରେ ବନ୍ଦୀ ଥିବା ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ଏବେ ଭାରତୀୟ ଯାଞ୍ଚ ଏଜେନ୍ସିଙ୍କ ଭୟ ଘାରିଛି। ଲଣ୍ଡନର ୱେଷ୍ଟମିନିଷ୍ଟର କୋର୍ଟରେ ଚାଲିଥିବା ଶୁଣାଣିରେ ଭାରତର ପକ୍ଷ ମଜଭୁତ ହେଉଥିବା ଜାଣିପାରି ନୀରବ ଇନ୍‌ଭେଷ୍ଟମେଣ୍ଟ ପ୍ରୋଗ୍ରାମ ଆଧାରରେ ଆଣ୍ଟିଗୁଆର ନାଗରିକତ୍ୱ ଗ୍ରହଣ ଲାଗି ଆବେଦନ କରିଥିଲେ। କିନ୍ତୁ ମୋଦିଙ୍କ ପ୍ରତ୍ୟେକ ପଦକ୍ଷେପ ଉପରେ ନଜର ରଖିଥିବା ଭାରତୀୟ ଏଜେନ୍ସିଙ୍କ ଉଦ୍ୟମ ଯୋଗୁ ତାଙ୍କ ଆବେଦନକୁ ଆଣ୍ଟିଗୁଆ ସରକାର ଖାରଜ କରିଦେଇଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ନୀରବଙ୍କ ମାମୁ ମେହୁଲ ଚୋକ୍‌ସି ଏବେ ଆଣ୍ଟିଗୁଆରେ ବସବାସ କରୁଛନ୍ତି। ଚଳିତ ବର୍ଷ ଜାନୁୟାରୀରେ ସେ ଦେଶର ନାଗରିକତ୍ୱ ନେଇଛନ୍ତି। ସେ ଇତିମଧ୍ୟରେ ନିଜର ଭାରତୀୟ ପାସପୋର୍ଟ ଜମା କରିସାରିଛନ୍ତି। ସେ ମଧ ନିବେଶ ବାହାନାରେ ସେ ଦେଶର ନାଗରିକତ୍ୱ ନେଇଛନ୍ତି। ଚୋକ୍‌ସିଙ୍କ ପ୍ରତ୍ୟର୍ପଣ ଲାଗି ଭାରତୀୟ ଏଜେନ୍ସିଗୁଡ଼ିକ ଉଦ୍ୟମ ଜାରି ରଖିଛନ୍ତି। ନୀରବଙ୍କ ଆବେଦନ ମିଳିବା ମାତ୍ରେ ସତର୍କ ଆଣ୍ଟିଗୁଆ ଅଧିକାରୀମାନେ ଏ ସମ୍ପର୍କରେ ଭାରତୀୟ ଅଧିକାରୀମାନଙ୍କୁ ସୂଚନା ଦେଇଥିଲେ। ଏହା ଜାଣିବା ମାତ୍ରେ ଭାରତୀୟ ଏଜେନ୍ସିଗୁଡ଼ିକ ଏହାକୁ ବିରୋଧ କରିଥିଲେ ଓ ଅଧିକାରୀଙ୍କ ନିକଟରେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିଥିଲେ। ଏହା ଯାଞ୍ଚ କରିବା ପରେ ଆଣ୍ଟିଗୁଆ ସରକାର ନୀରବ ମୋଦିଙ୍କ ନାଗରିକତ୍ୱ ଆବେଦନକୁ ଖାରଜ କରିଦେଇଛନ୍ତି।

## ଅନ୍‌ଲାଇନରେ ନିଲାମ ହେବ ମହଙ୍ଗା ଗାଡ଼ି

ନୂଆଦିଲ୍ଲୀ,୧-୪: ପିଏନ୍‌ବି ମହାଘୋଟାଲାର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ଦାମୀ ପେଣ୍ଟିଙ୍ଗ ବିକ୍ରି କରିବା ପରେ ଆୟକର ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କର ୧୩ ମହଙ୍ଗା ଗାଡ଼ିର ନିଲାମ କରିବାକୁ ଯାଉଛନ୍ତି। ଏପ୍ରିଲ ୧୮ରେ ଏହି ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ଆୟକର ବିଭାଗ ବକେୟା ଟିକସ ବାବଦରେ ଅର୍ଥ ଆଦାୟ କରିବାକୁ ଯାଇ ନୀରବଙ୍କ ୬୮ ପେଣ୍ଟିଙ୍ଗକୁ ନିଲାମ ମାଧ୍ୟମରେ ବିକ୍ରି କରି ୫୪.୮୪ କୋଟି ଟଙ୍କା ହାସଲ କରିଛି। ନୀରବଙ୍କ ଗାଡ଼ି ମଧ୍ୟରେ ରହିଛି ଗୋଟିଏ ଲେଖାଏ ରୋଲ୍ସ ରଏସ ଘୋଷ୍ଟ ଓ ପୋର୍ଶ ପନେରା, ଦୁଇଟି ମର୍ସିଡିଜ ବେଞ୍ଜ, ୩ଟି ହୋଣ୍ଡା,ଟୟୋଟା ଫର୍ଚୁନର ଓ ଇନୋଭା ରହିଛି।




ନୂଆଦିଲ୍ଲୀରେ ଅନୁଷ୍ଠିତ ସିଏସ୍‌ଆର ଲିଡରଶିପ ସମିଟ୍ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍)ର ସିଏସ୍‌ଆର ଓ ଏଡୁକେସନ ଗ୍ରୁପ ହେଡ ପ୍ରଶାନ୍ତ କୁମାର ହୋତା (ଡାହାଣରୁ ପ୍ରଥମ) ଇମ୍ପାକ୍ଟଫୁଲ ସିଏସ୍‌ଆର ଲିଡର ଆୱାର୍ଡ ଲାଭ କରିଛନ୍ତି। ସିନେତାରକା ରାହୁଲ ରୟ, ସିଏସ୍‌ଆର କମ୍ପାନୀ, ଅଷ୍ଟ୍ରିଆର ସିଇଓ ମାର୍ଟିନ ନୁରେତର୍ ଏବଂ ଇଣ୍ଡିଆ ସିଏସଆର୍ ନେଟୱର୍କର ପ୍ରତିଷ୍ଠାତା ରୁସେନ କୁମର୍ ଉପସ୍ଥିତ ରହି ହୋତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

## ବିଓବି ହେଲା ଦେଶର ୨ୟ ବୃହତ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କ



ଭୁବନେଶ୍ୱର,୧-୪

ଦେନା ଏବଂ ବିଜୟା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ସହ ମିଶ୍ରଣ ପରେ ଏହା ଦେଶର ଦ୍ୱିତୀୟ ବୃହତ୍ ବ୍ୟାଙ୍କ ଭାବେ ପରିଗଣିତ ହୋଇଛି। ଏପ୍ରିଲ ପହିଲାଠାରୁ ଦେନା ଏବଂ ବିଜୟା ବ୍ୟାଙ୍କର ସମସ୍ତ ଶାଖା ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଶାଖାରେ ରୂପାନ୍ତରିତ ହୋଇଛି। ଉଭୟ ବ୍ୟାଙ୍କର ୫୭ ଶାଖା ବିଓବି ସହ ମିଶ୍ରଣ ପରେ ବ୍ୟାଙ୍କ ମୋଟ ୧୯୦ ଶାଖା ସହ ଓଡ଼ିଶାରେ ସେବା ଯୋଗାଇବ। ଓଡିଶାରେ ବ୍ୟାଙ୍କର ବଜାର ଅଂଶ ୨.୩୯%ରୁ ୩.୧୦%କୁ ବୃଦ୍ଧି ଘଟିବ ବୋଲି ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଜେନେରାଲ ମ୍ୟାନେଜର ଏନ୍.ବେହେରା ସୂଚନା ଦେଇଛନ୍ତି। ବର୍ତ୍ତମାନ ବିଓବି ରାଜ୍ୟରେ ୧୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାରବାର କରୁଥିବା ବେଳେ ଦେନା ୫୭୦ କୋଟି ଏବଂ ବିଜୟା ବ୍ୟାଙ୍କ ୨୭୦୦ କୋଟି ଟଙ୍କାର କାରବାର କରୁଛି। ମିଶ୍ରଣ ପରେ ବିଓବିର ମୋଟ କାରବାର ୧୪ ହଜାର କୋଟି ଟଙ୍କା ଟପିବ ବୋଲି ସେ କହିଛନ୍ତି। ସୂଚନା ଯୋଗ୍ୟ ବିଜୟା ଏବଂ ଦେନା ବ୍ୟାଙ୍କ ଶାଖା ବିଓବି ଶାଖା ଭାବେ ଏପ୍ରିଲ ପହିଲାରୁ କାର୍ଯ୍ୟ କରିବ ବୋଲି ମାର୍ଚ୍ଚ ୩୦ରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଅଧିସୂଚନା ଜାରି କରାଯାଇଥିଲା। ମିଶ୍ରଣ ପରେ ସାରା ଦେଶରେ ବର୍ତ୍ତମାନ ବିଓବିରେ ୯,୫୦୦ରୁ ଊର୍ଦ୍ଧ୍ୱଶାଖା, ୧୩,୪୦୦ରୁ ଊର୍ଦ୍ଧ୍ୱ ଏଟିଏମ୍, ୮୫,୦୦୦ କର୍ମଚାରୀ ଏବଂ ୧୨୦ ନିୟୁତ ଗ୍ରାହକ ରହିବେ। କାର୍ଯ୍ୟକ୍ରମରେ ଡେପୁଟି ଜେନେରାଲ ମ୍ୟାନେଜର ଭାରତ ଭୂଷଣ, ଚିଫ ମ୍ୟାନେଜର ଅନନ୍ତ ରାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ରାଜ୍ୟରେ ୧୯୦ ଶାଖା ସହ ସେବା ଯୋଗାଇବ**

## ଏଲ୍‌ଆଇସିର ଏମ୍‌ଡି ହେଲେ ବିପିନ ଆନନ୍ଦ



ନୂଆଦିଲ୍ଲୀ,୧-୪

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ବିପିନ ଆନନ୍ଦ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଏଲ୍‌ଆଇସି ପଶ୍ଚିମ ଜୋନର ଦାୟିତ୍ୱରେ କାର୍ଯ୍ୟ କରୁଥିଲେ। ସେହିଭଳି ପୂର୍ବ କେନ୍ଦ୍ରୀୟ ଜୋନର ମୁଖ୍ୟ ଭାବେ ସେ କାର୍ଯ୍ୟ କରିଛନ୍ତି। ଆନନ୍ଦ ଏଲ୍‌ଆଇସିରେ ୩୫ ବର୍ଷ କାର୍ଯ୍ୟ କରିଥିବା ବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି। ଡାଇରେକ୍ଟ ମାର୍କେଟିଂ, କର୍ପୋରେଟ କମ୍ୟୁନିକେଶନ, ଇଣ୍ଟରନ୍ୟାଶନାଲ ଅପରେଶନର ଇଡି ଭଳି ପଦବୀରେ ସେ କାର୍ଯ୍ୟ କରିଥିବା ଏଲ୍‌ଆଇସି ପକ୍ଷରୁ ସୂଚନା ରହିଛି।

## ଶୀର୍ଷ ରାଜସ୍ୱ ଅଧିକାରୀଙ୍କୁ ଭେଟିଲେ ଜେଟ୍‌ଲୀ

ନୂଆଦିଲ୍ଲୀ,୧-୪

ଶେଷ ହୋଇଥିବା ଆର୍ଥିକ ବର୍ଷ ୨୦୧୮-୧୯ରେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ଆଦାୟ ହ୍ରାସ ପାଇବା ନେଇ ଚିନ୍ତିତ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସୋମବାର ରାଜସ୍ୱ ବିଭାଗର ଶୀର୍ଷ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ସେ ରାଜସ୍ୱ ଆଦାୟ ହ୍ରାସର ପ୍ରକୃତ କାରଣ ଜାଣିବା ଲାଗି ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ (ସିବିଡିଟି) ଓ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ (ସିବିଆଇସି)ର ଶୀର୍ଷ ଅଧିକାରୀଙ୍କ ବୈଠକ ଡକାଇଥିଲେ। ଏହି ବୈଠକରେ ଅର୍ଥନୈତିକ ବ୍ୟାପାର ସଚିବ ଏସ୍.ସି.ଗର୍ଗ ଓ ରାଜସ୍ୱ ସଚିବ ଏ.ବି. ପାଣ୍ଡେ ଉପସ୍ଥିତ ଥିଲେ। ରାଜସ୍ୱ ଆଦାୟ ହ୍ରାସ ପାଇବା କାରଣରୁ ସରକାରଙ୍କ ରାଜସ୍ୱ ନିଅଣ୍ଟ ଲକ୍ଷ୍ୟ ୩.୪% ପୂରଣ ହେବା ଅସମ୍ଭବ ହୋଇପଡ଼ିଛି।

## କମିଲା ପ୍ରତ୍ୟକ୍ଷ ଟିକସ ଆଦାୟ

ନୂଆଦିଲ୍ଲୀ,୧-୪

ଯେତେ ଯାହା କଲେ ମଧ କେନ୍ଦ୍ର ସରକାର ପ୍ରତ୍ୟକ୍ଷ ଟିକସ ଆଦାୟ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରିଲେ ନାହିଁ। ଶେଷ ହୋଇଥିବା ଆର୍ଥିକ ବର୍ଷରେ ୫୦ ହଜାର କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ଆଦାୟ ହ୍ରାସ ପାଇଛି ବୋଲି ସରକାରୀ ତଥ୍ୟରୁ ପ୍ରକାଶ। କେନ୍ଦ୍ର ସରକାର ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ପ୍ରତ୍ୟକ୍ଷ ଟିକସ ବାବଦରେ ୧୨ ଲକ୍ଷ କୋଟି ଟଙ୍କା ଆଦାୟ କରିବା ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ତେବେ ମାର୍ଚ୍ଚ ୩୧ ସୁଦ୍ଧା ୧୧.୫ ଲକ୍ଷ କୋଟି ଟଙ୍କା ସଂଗ୍ରହ ହୋଇପାରିଛି। ବ୍ୟକ୍ତିଗତ ଟିକସ ଆଦାୟ ନୈରାଶ୍ୟଜନକ ହେବାରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ ବୋଲି କୁହାଯାଉଛି। ପ୍ରାପ୍ତ ସୂତ୍ରରୁ ପ୍ରକାଶ ଯେ, କେନ୍ଦ୍ର ସରକାର ୫.୨୯ ଲକ୍ଷ କୋଟି ଟଙ୍କା ବ୍ୟକ୍ତିଗତ ଟିକସ ବାବଦରେ ଆଦାୟ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ, କିନ୍ତୁ ଏଥିରେ ୫୦ ହଜାର କୋଟି ଟଙ୍କା କମିଛି। ସେହିଭଳି କର୍ପୋରେଟ ଟିକସ ବାବଦରେ ୬.୭୧ ଲକ୍ଷ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଲକ୍ଷ୍ୟଠାରୁ ଏହା ମାତ୍ର ଅଳ୍ପ କିଛି ଦୂରରେ ରହିଯାଇଛି। ଅଗ୍ରିମ ଟିକସ ବାବଦରେ ମୋଟ ୧୧.୫ ଲକ୍ଷ କୋଟି ଟଙ୍କା ମଧ୍ୟରୁ ୫ଲକ୍ଷ କୋଟି ଟଙ୍କାର ଟିକସ ପ୍ରଦାନ କରାଯାଇଛି।

## ମାର୍ଚ୍ଚରେ ରେକର୍ଡ ଜିଏସ୍‌ଟି ଆଦାୟ

■ ୧.୦୬ ଲକ୍ଷ କୋଟି ମିଳିଲା ରାଜସ୍ୱ

ନୂଆଦିଲ୍ଲୀ,୧-୪




କେନ୍ଦ୍ର ସରକାର ୨୦୧୮-୧୯ ଆର୍ଥିକ ବର୍ଷର ଶେଷ ମାସ ମାର୍ଚ୍ଚରେ ରେକର୍ଡ ଜିଏସ୍‌ଟି ଆଦାୟ କରିବାରେ ସଫଳ ହୋଇଛନ୍ତି। ଏହି ମାସରେ ୧.୦୬ ଲକ୍ଷ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇପାରିଛି ବୋଲି ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ। ଗତ ଆର୍ଥିକ ବର୍ଷରେ ଚତୁର୍ଥ ଥର ପାଇଁ ୧ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇପାରିଛି। ଏଥିପୂର୍ବରୁ ଚଳିତ ବର୍ଷ ଜାନୁୟାରୀ, ଗତବର୍ଷ ଏପ୍ରିଲ ଓ ଅକ୍ଟୋବରରେ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ରାଜସ୍ୱ ସଂଗ୍ରହ ହୋଇପାରିଥିଲା। ଆଲୋଚ୍ୟ ଆର୍ଥିକ ବର୍ଷରେ ହାରାହାରି ୯୮,୧୧୪ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇପାରିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଯାହାକି ୨୦୧୭-୧୮ ଆର୍ଥିକ ବର୍ଷଠାରୁ ୯ ପ୍ରତିଶତ ଅଧିକ। ସାମଗ୍ରୀ ଦର ହ୍ରାସ କରାଯିବା ସତ୍ତ୍ୱେ ରାଜସ୍ୱ ବୃଦ୍ଧି ପାଉଛି ବୋଲି ତଥ୍ୟରୁ ସ୍ପଷ୍ଟ ହୋଇଛି। ଗତବର୍ଷ ମାର୍ଚ୍ଚରେ ୯୨,୧୬୭ କୋଟି ଟଙ୍କା ଆଦାୟ ହୋଇଥିଲା। ଅର୍ଥାତ୍ ଗତବର୍ଷର ସମାନ ଅବଧି ଅପେକ୍ଷା ଚଳିତବର୍ଷ ୧୫.୬% ଅଧିକ ରାଜସ୍ୱ ସଂଗ୍ରହ ହୋଇପାରିଛି। ଅନ୍ତିମ ତ୍ରୈମାସରେ ଗତବର୍ଷର ସମାନ ଅବଧି ତୁଳନାରେ ରାଜସ୍ୱ ସଂଗ୍ରହ ହାର ୧୪.୩% ବୃଦ୍ଧି ପାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଅଡୁଆରେ ଜନସନ ଆଣ୍ଡ ଜନସନ

ନୂଆଦିଲ୍ଲୀ,୧-୪

ବେବି ପାଉଡରରେ କ୍ୟାନସର ସୃଷ୍ଟିକାରୀ ଉପାଦାନ ଥିବା ଅଭିଯୋଗରେ ବିବାଦ ଘେରକୁ ଚାଲି ଆସିଥିବା ଆମେରିକୀୟ କମ୍ପାନୀ ଜନସନ ଆଣ୍ଡ ଜନସନ ପୁଣି ବିବାଦ ମଧ୍ୟକୁ ଟାଣି ହୋଇଛି। ବେବି ପାଉଡର ମାମଲାରେ ସରକାର କ୍ଲିନ ଚିଟ୍ ଦେବା ପରେ କମ୍ପାନୀକୁ ଆଶ୍ୱସ୍ତି ମିଳିଥିଲା। ମାତ୍ର ଏହାର ବେବି ସାମ୍ପୋକୁ ନେଇ ଏବେ ପୁଣି ଆଉ ଏକ ବିବାଦ ଉପୁଜିଛି। ରାଜସ୍ଥାନ ଡ୍ରଗ୍‌ସ କଣ୍ଟ୍ରୋଲ ଅର୍ଗାନାଇଜେଶନ କମ୍ପାନୀର ବେବି ସାମ୍ପୋ ଦୁଇଟି ବ୍ୟାଚ୍ ପ୍ରଡକ୍ଟର ଗୁଣବତ୍ତା ପରୀକ୍ଷଣ କରିଥିଲା । ମାତ୍ର ଏହି ପରୀକ୍ଷାରେ ପ୍ରଡକ୍ଟ ବିଫଳ ହୋଇଥିବା ଜଣାପଡ଼ିଛି। ପ୍ରଡକ୍ଟଗୁଡ଼ିକରେ କ୍ଷତିକାରକ ଉପାଦାନ ରହିଥିବା ପରୀକ୍ଷଣରୁ ଜଣାପଡ଼ିଛି। ହିମାଞ୍ଚଳ ପ୍ରଦେଶର ବଦି ପ୍ଲାଣ୍ଟରୁ ଦୁଇଟି ବ୍ୟାଚ୍‌ରେ ପ୍ରସ୍ତୁତ ହୋଇଥିବା ‘ନୋ ମୋର ଟିୟର୍ସ’ ସାମ୍ପୋର ପ୍ରାୟ ୧ ଲକ୍ଷ ବଟଲରେ କ୍ଷତିକାରକ ଉପାଦାନ ରହିଛି। ଏହାକୁ ଶୀଘ୍ର ବଜାରରୁ ଫେରାଇ ନେବା ଲାଗି ରାଜସ୍ଥାନ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକର ରେଗୁଲେଟର ମଧ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ରାଜସ୍ଥାନ ସରକାର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଡକ୍ଟ ସମ୍ପୂର୍ଣ୍ଣ ନିରାପଦ ବୋଲି କମ୍ପାନୀ ସଫେଇ ଦେଇଛି। ଭାରତୀୟ ନିୟାମକ ନିୟମକୁ କମ୍ପାନୀ ଯଥେଷ୍ଟ ସମ୍ମାନ କରେ ବୋଲି କହିଛି। ନିୟମ ଅନୁସାରେ ପ୍ରଡକ୍ଟ ସବୁ ମାନକ ପାଳନ କରୁଥିବା ଏହା ପ୍ରକାଶ କରିଛି। ପ୍ରଡକ୍ଟର ପୁନଃ ପରୀକ୍ଷଣ ଲାଗି ସେଣ୍ଟ୍ରାଲ ଡ୍ରଗସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ(ସିଡିଏସ୍‌ସିଓ)ର ସହାୟତା ନିଆଯିବ ବୋଲି କମ୍ପାନୀ କହିଛି। ଏହି ଘଟଣାର ସତ୍ୟାସତ୍ୟ ପରୀକ୍ଷଣ କରିବାକୁ ସିଡିଏସ୍‌ସିଓ ମଧ ହସ୍ତକ୍ଷେପ କରିବ ବୋଲି କହିଛି।

## ୫ଟଙ୍କା ବଢ଼ିଲା ଅଣସବ୍‌ସିଡି ଏଲ୍‌ପିଜି

ନୂଆଦିଲ୍ଲୀ,୧-୪




ନୂଆ ଆର୍ଥିକ ବର୍ଷ ୨୦୧୯-୨୦ର ପ୍ରଥମ ଦିନରେ ତୈଳ କମ୍ପାନୀଗୁଡ଼ିକ ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ସାମାନ୍ୟ ବଢ଼ାଇଛନ୍ତି। ସେହିପରି କିରୋସିନ ଓ ବିମାନ ଇନ୍ଧନ ଦର ବୃଦ୍ଧି ପାଇଛି। ବିନା ସବ୍‌ସିଡିଯୁକ୍ତ ଏଲ୍‌ପିଜି ଦର ମାତ୍ର ୫ ଟଙ୍କା ବୃଦ୍ଧି ପାଇ ୭୦୬.୫୦ ଟଙ୍କା ପ୍ରତି ସିଲିଣ୍ଡର ହୋଇଛି। ସୂଚନାଥାଉ କି, ମାର୍ଚ୍ଚ ପହିଲାରେ ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ୪୨.୫୦ ଟଙ୍କା ବୃଦ୍ଧି ପାଇଥିଲା। ତେବେ ସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ୪୯୫.୮୬ ଟଙ୍କାରେ ଅପରିବର୍ତ୍ତିତ ରଖାଯାଇଛି। ସେହିପରି ପିଡିଏସ୍ କିରୋସିନ ଦର ମାତ୍ର ୩୦ ପଇସା ବୃଦ୍ଧି ପାଇ ଲିଟର ପିଛା ୩୨.୨୪ ଟଙ୍କାରୁ ୩୨.୫୪ ଟଙ୍କା ହୋଇଛି। ତେବେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଏୟାରଲାଇନ୍ସ କମ୍ପାନୀଙ୍କ ଚିନ୍ତା ବଢ଼ାଇ ଦେଇଛନ୍ତି। ଜାରି ବିଜ୍ଞପ୍ତି ଅନୁଯାୟୀ, ଦିଲ୍ଲୀରେ ଏଟିଏଫ ଦରରେ ୧.୦୭% ବୃଦ୍ଧି କରାଯିବାରୁ ଏହା କିଲୋଲିଟର ପିଛା ୬୭୭.୧୦ ଟଙ୍କା ବୃଦ୍ଧି ପାଇଛି। ନୂଆ ଦର ଅନୁଯାୟୀ ବିମାନ ଇନ୍ଧନ ଦର ୬୩,୪୭୨.୨୨ ପ୍ରତି କିଲୋ ଲିଟର ହୋଇଛି। ମାର୍ଚ୍ଚ ପହିଲାରେ ଏଟିଏଫ୍ ମୂଲ୍ୟ ୮.୧% ଅର୍ଥାତ୍ ୪,୭୩୪.୧୫ ପ୍ରତି କିଲୋଲିଟର ବୃଦ୍ଧି ପାଇଥିଲା।

## ପୂର୍ବତଟ ରେଳପଥ ପକ୍ଷରୁ ୧୦୦ ଷ୍ଟେସନରେ ୱାଇ-ଫାଇ ସେବା

ଭୁବନେଶ୍ୱର,୧-୪

ପୂର୍ବତଟ ରେଳପଥ ପକ୍ଷରୁ ଏହାର ପରିସୀମା ମଧ୍ୟରେ ଆସୁଥିବା ୧୦୦ ଷ୍ଟେଶନରେ ୱାଇଫାଇ ସେବା ଉପଲବ୍ଧ କରାଯାଉଛି। ୨୦୧୮ ଏପ୍ରିଲ ପହିଲାରୁ ୨୦୧୯ ମାର୍ଚ୍ଚ ୩୧ ମଧ୍ୟରେ ପୂର୍ବତଟ ରେଳପଥ ୪୧ ଷ୍ଟେଶନକୁ ୱାଇ-ଫାଇ ସେବା ସଂଯୋଗ କରିଛି। ଏହାର ପୂର୍ବ ବର୍ଷରେ ରେଳପଥ ପକ୍ଷରୁ ୫୯ ଷ୍ଟେସନରେ ୱାଇ-ଫାଇ ସେବା ଦିଆଯାଇଥିଲା। ରେଲଟେଲ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ୍ (ଆର୍‌ସିଆଇଏଲ) ଦ୍ୱାରା ଏହି ସେବାକୁ ପରିଚାଳନା କରାଯାଉଛି। ୨୦୧୮-୧୯ ଆର୍ଥିକ ବର୍ଷରେ ୱାଇ-ଫାଇ ସେବା ଦିଆଯାଇଥିବା ଷ୍ଟେସନ ମଧ୍ୟରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ୨୯ଟି ଷ୍ଟେସନ ରହିଛି। ଏହା ମଧ୍ୟରେ ବାଉଦପୁର, କେନ୍ଦୁଆପଦା, ମଞ୍ଜୁରୀ ରୋଡ଼, ବୈତରଣୀ ରୋଡ଼, କୋରେଇ, ଯଖପୁରା, ଜେନାପୁର ଭଳି ଅନ୍ୟାନ୍ୟ ଷ୍ଟେଶନ ରହିଛି। ସେହିଭଳି ସମ୍ବଲପୁର ରେଳ ମଣ୍ଡଳର ଖରିଆର ରୋଡ଼ ଏବଂ ୱାଲଟିୟର ରେଳ ମଣ୍ଡଳର ୧୧ଟି ଷ୍ଟେସନରେ ଏଭଳି ସେବା ଉପଲବ୍ଧ ରହିଛି। ଏହା ମଧ୍ୟରେ ପୁଣ୍ଡି, ନୌପଡା ରୋଡ଼, କୋଟାବୋମାଲି, ତିଲାରୁ, ଉରଲମ, ଦୁସି, ପୋନ୍ଦୁରୁ, ସିଗାଡ଼ମ, ଚିପୁରୁପଲ୍ଲୀ, ଗାରିଭି ଓ ଶୃଙ୍ଗାଭରପୁ କୋଟା ଷ୍ଟେସନ ରହିଛି।

■ ବମ୍ବେ ହାଇକୋର୍ଟରେ ମାଲ୍ୟାଙ୍କ ଯୁକ୍ତି

# ସମ୍ପତ୍ତି ବାଜ୍ୟାପ୍ତ ପଦକ୍ଷେପ ଅତ୍ୟନ୍ତ କଠୋର

ମୁମ୍ବାଇ,୧-୪



ବିଜୟ ମାଲ୍ୟା

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରୁ ୯ହଜାର କୋଟି ଟଙ୍କାର ଋଣ ନେଇ ଦେଶ ଛାଡ଼ିଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ସୋମବାର ବମ୍ବେ ହାଇକୋର୍ଟରେ ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ, ପଳାତକ ଅପରାଧୀ ଆଇନ ଅଧୀନରେ ତାଙ୍କର ସମ୍ପତ୍ତି ବାଜ୍ୟାପ୍ତ କରିବା ଅତ୍ୟନ୍ତ କଠୋର ପଦକ୍ଷେପ ଏବଂ ଏହାଦ୍ୱାରା ଋଣପ୍ରଦାନକାରୀଙ୍କର କୌଣସି ଲାଭ ହେବ ନାହିଁ। ସୂଚନାଥାଉ କି, ପ୍ରିଭେନ୍ସନ ଅଫ୍ ମନିଲଣ୍ଡରିଂ ଆଇନ ଅଧୀନରେ ସ୍ୱତନ୍ତ୍ର ଅଦାଲତ ମାଲ୍ୟାଙ୍କୁ ପଳାତକ ଅପରାଧୀ ଘୋଷଣା କରିଥିଲେ। ଫଳରେ ତାଙ୍କର ଜବତ ସମସ୍ତ ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇପାରିବ। ଏହି ରାୟକୁ ମାଲ୍ୟା ବମ୍ବେ ହାଇକୋର୍ଟରେ ରିଟ୍ ପିଟିସନ ମାଧ୍ୟମରେ ଚ୍ୟାଲେଞ୍ଜ କରିଛନ୍ତି। ତାଙ୍କ ଓକିଲ ଅମିତ ଦେଶାଇ ସୋମବାର ଆଇ.ଏ.ମହାନ୍ତି ଏବଂ ଏ.ଏମ୍ ବଦାରଙ୍କୁ ନେଇ ଗଠିତ ଖଣ୍ଡପୀଠରେ କହିଛନ୍ତି ଯେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ସମ୍ପତ୍ତି ଜବତ କରାଯାଇଥିଲେ ହେଁ ଏହା ଋଣପ୍ରଦାନକାରୀଙ୍କୁ କୌଣସି ଲାଭ ଦେବନାହିଁ। ସମ୍ପତ୍ତି ବାଜ୍ୟାପ୍ତ କରିବା ଅତ୍ୟନ୍ତ କଠୋର ପଦକ୍ଷେପ। ଏବେ ବ୍ୟାଙ୍କ ଏବଂ ଋଣପ୍ରଦାନକାରୀଙ୍କ ସହ ସାଲିସ କରିବାର ସମୟ ଉପନୀତ। ଓକିଲ ଦେଶାଇ କହିଛନ୍ତି ଯେ, ମାଲ୍ୟା ତାଙ୍କ ସମ୍ପତ୍ତି ଫେରି ପାଇବାକୁ ଚାହୁଁନାହାନ୍ତି। ତେବେ ସମ୍ପତ୍ତି ବାଜ୍ୟାପ୍ତ ହେବା ଦ୍ୱାରା ବ୍ୟାଙ୍କ ଓ ଋଣପ୍ରଦାନକାରୀଙ୍କ ସମସ୍ୟା ସମାଧାନ ହେବ ନାହିଁ ବୋଲି କହିବାକୁ ଉଦ୍ୟମ କରାଯାଉଛି। ତେବେ ଇଡି ପକ୍ଷରୁ ଏହି ରିଟ୍‌ପିଟିସନକୁ ବିରୋଧ କରାଯାଇଛି। ଏଥିରେ କୁହାଯାଇଛି ଯେ, ଆର୍ଥିକ ଅପରାଧ ଘଟାଇ ଗିରଫ ଭୟରେ ଦେଶରୁ ପଳାଇଥିବା ବ୍ୟକ୍ତିବିଶେଷଙ୍କୁ ଫେରାଇ ଆଣିବା ପଳାତକ ଆର୍ଥିକ ଅପରାଧୀ ଆଇନର ମୂଳ ଉଦ୍ଦେଶ୍ୟ। ମାଲ୍ୟା ଭାରତ ଫେରିବା ମାତ୍ରେ ତାଙ୍କ କ୍ଷେତ୍ରରେ ଏହି ଆଇନର ଧାରା କାର୍ଯ୍ୟକାରୀ ହେବ ନାହିଁ। ଏହା ସ୍ୱତଃ ଅକାମୀ ହୋଇଯିବ।

ବାହାରିନଠାରେ ମୋର ଦ୍ୱିତୀୟ ଫର୍ମୁଲା ୱାନ୍ ରେସ୍‌ରେ ୬ଷ୍ଠ ସ୍ଥାନ ହାସଲ କରିବା କଳ୍ପନା ବାହାରେ ଥିଲା ।

–ଲାଣ୍ଡୋ ନୋରିସ, ମ୍ୟାକ୍‌ଲରେନ ଡ୍ରାଇଭର



ଆଗକୁ ଅଲିମ୍ପିକ କ୍ୱାଲିଫାୟର ଥିବାବେଳେ ଦଳର ତ୍ରୁଟି ସଜାଡ଼ିବା ଲାଗି ମାଲେସିଆ ଟୁର୍ ଆମକୁ ସହାୟକ ହେବ ।

–ସବିତା ପୁନିଆ, ଭାରତୀୟ ମହିଳା ହକି ଅଧିନାୟିକା



## ସଂକ୍ଷେପରେ

### ବିଶ୍ୱ ସ୍କ୍ୱାଶ ର୍ୟାଙ୍କିଙ୍ଗ୍ ପ୍ରଥମ ଭାରତୀୟ ଭାବେ ଟପ୍-୧୦ରେ ଘୋଷାଲ



**ନୂଆଦିଲ୍ଲୀ, ୧।୪(ପି.ଟି.):** ପ୍ରଥମ ଭାରତୀୟ ପୁରୁଷ ଖେଳାଳି ଭାବେ ସୌରଭ ଘୋଷାଲ ବିଶ୍ୱ ସ୍କ୍ୱାଶ ର୍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ପ୍ରବେଶ କରିଛନ୍ତି। ପିଏସ୍ଏ ବିଶ୍ୱ ର୍ୟାଙ୍କିଙ୍ଗ୍ ପକ୍ଷରୁ ସଦ୍ୟ ପ୍ରକାଶିତ ତାଲିକାରେ ସୌରଭ ୨ଟି ପାହାଚ ଉପରକୁ ଉଠି ୧୦ମ ସ୍ଥାନରେ ରହିଛନ୍ତି। ୨୦୧୮-୧୯ରେ ଶିକାଗୋରେ ଅନୁଷ୍ଠିତ ପିଏସ୍ଏ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିଭଳି ସୁଇଜରଲାଣ୍ଡର ଜୁରିକଠାରେ ଖେଳାଯାଇଥିବା ସମ୍ମାନଜନକ ଗ୍ରାସହୁପର୍ କପ୍‌ରେ ମଧ ସୌରଭ ଅନ୍ତିମ-୮ରେ ପହଞ୍ଚି ପାରିଥିଲେ। ପୁରୁଷ ତାଲିକାରେ ଇଜିପ୍ଟର ଅଲି ଫରଗ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ପୂର୍ବରୁ ଦୁଇ ଭାରତୀୟ ମହିଳା ଖେଳାଳି ଜ୍ୟୋସ୍ନା ଚିନାପ୍ପା ଓ ଦୀପିକା ପାଲିକଲ ତାଲିକାର ଟପ୍-୧୦ରେ ପ୍ରବେଶ କରିସାରିଛନ୍ତି। ତେବେ ସଦ୍ୟତମ ତାଲିକାରେ ଜ୍ୟୋସ୍ନା ୧୫ତମ ସ୍ଥାନରେ ରହିଛନ୍ତି।

### ଏସିଆନ ରୋଇଂ: ଆଜି ପ୍ରତିଯୋଗିତା ସ୍ଥଳ ଅନୁଧ୍ୟାନ

**କଟକ ଅଫିସ, ୧।୪:** ଜଗତପୁରସ୍ଥିତ ସାଇ ଜଳକ୍ରୀଡ଼ା କେନ୍ଦ୍ରରେ ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ଏସିଆ କପ ସିନିୟର ଓ ଏସିଆନ ଜୁନିୟର ରୋଇଂ ଚାମ୍ପିୟନଶିପ ହେବ । ଏ ନେଇ ମଙ୍ଗଳବାର ଅପରାହ୍ଣରେ ରାଜ୍ୟ ସରକାର ଓ ଭାରତୀୟ ରୋଇଂ ଫେଡେରେଶନ ପକ୍ଷରୁ ପ୍ରତିଯୋଗିତାସ୍ଥଳ ଅନୁଧ୍ୟାନ କରାଯିବ । ଫେଡେରେଶନ ପକ୍ଷରୁ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ ଉପସ୍ଥିତ ରହିବେ । ବିନୋଦ ଫେଡେରେଶନର ଉପସଭାପତି ପଦବୀରେ ଅଛନ୍ତି । ଏହାଛଡ଼ା ରାଜ୍ୟ ସରକାରଙ୍କ ଉନ୍ନୟନ ଅଧିକାରୀ ଅସିତ ତ୍ରିପାଠୀ, କ୍ରୀଡ଼ା ସଚିବ ବିଶାଲ ଦେବଙ୍କ ସମେତ ଜଳ ସମ୍ପଦ ବିଭାଗ, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନେ ମଧ ଅନୁଧ୍ୟାନରେ ଆସିବେ ।

### ଫିଫା କାର୍ଯ୍ୟକାରୀ ପରିଷଦ ସଦସ୍ୟ ହେବେ ପ୍ରଫୁଲ୍ଲ

**ନୂଆଦିଲ୍ଲୀ, ୧।୪(ପିଟି):** ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍)ସଭାପତି ପ୍ରଫୁଲ୍ଲ ପଟେଲ ପ୍ରଥମ ଭାରତୀୟ ଭାବେ ଫିଫା କାର୍ଯ୍ୟକାରୀ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେବାକୁ ଯାଉଛନ୍ତି। ୫ ଜଣିଆ ଫିଫା ପରିଷଦଙ୍କୁ ନେଇ ଗଠିତ ଏସିଆନ ଫୁଟ୍‌ବଲ ଫେଡେରେଶନ (ଏଏଫ୍‌ସି)ର ସଦସ୍ୟ ଭାବେ ସେ ନିର୍ବାଚିତ ହେବାର ବିଶେଷ ସମ୍ଭାବନା ଥିବା ଏଆଇଏଫ୍ଏଫ୍ ପକ୍ଷରୁ କୁହାଯାଇଛି। ଆସନ୍ତା ୬ ତାରିଖରେ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏହି ପ୍ରକ୍ରିୟାରେ ନିର୍ବାଚିତ ହୋଇଥିବା ବିଭିନ୍ନ ଆସୋସିଏଶନର ପଦାଧିକାରୀ ୨୦୧୯ରୁ ୨୦୨୩ ପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳିବେ। ନାମାଙ୍କନ ପତ୍ର ଦାଖଲ କରିଥିବା ୮ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ଚୟନ କରାଯିବ। ଫିଫା ସଦସ୍ୟ ହେବା ଲାଗି ପଟେଲଙ୍କ ୯୦ ପ୍ରତିଶତ ସୁଯୋଗ ରହିଛି ବୋଲି ଏଆଇଏଫ୍ଏଫ୍। ବର୍ତ୍ତମାନ ଏଏଫ୍‌ସି ଇଲେକ୍ଟୋରାଲ କମିଟି ନାମାଙ୍କନ ଦାଖଲ କରିଥିବା ବ୍ୟକ୍ତିଙ୍କ ଯୋଗ୍ୟତା ଯାଞ୍ଚ କରୁଛି।

# ସୁପର କପ୍ ଫୁଟବଲ: କ୍ୱାର୍ଟରରେ ଏଟିକେ

**ଭୁବନେଶ୍ୱର, ୧।୪(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ରିୟଲ କଶ୍ମୀରକୁ ୩-୧ ଗୋଲରେ ହରାଇ ଆଟଲେଟିକୋ ଡି କୋଲକାତା(ଏଟିକେ) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏଟିକେ ଏପ୍ରିଲ ୫ରେ ହେବାକୁଥିବା କ୍ୱାର୍ଟର ଫାଇନାଲରେ ଦିଲ୍ଲୀ ଡାଇନାମସକୁ ଭେଟିବ। ଡାଇନାମସ ଯୋଗ୍ୟତା ପର୍ଯ୍ୟାୟରେ ଗୋକୁଲମ କେରଳଠାରୁ ଏବଂ ପ୍ରି-କ୍ୱାର୍ଟରରେ ଇଷ୍ଟବେଙ୍ଗଲଠାରୁ ୱାକଓଭର ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ମ୍ୟାଚ ଆରମ୍ଭରୁ ଉଭୟ ଏଟିକେ ଓ ରିୟଲ କଶ୍ମୀର ଆକ୍ରମଣାତ୍ମକ ଖେଳିଥିଲେ। ଉଭୟ ଦଳ କେତେକଥର ଗୋଲ ଦେବାର ନିକଟତର ହୋଇଥିଲେ ମଧ ୨୫ ମିନିଟ ପର୍ଯ୍ୟନ୍ତ ମ୍ୟାଚ ଗୋଲଶୂନ୍ୟ ରହିଥିଲା। ତେବେ ୨୬ତମ ମିନିଟରେ ମାନୁଏଲ ଲାଞ୍ଜାରୋଟେଙ୍କଠାରୁ ପାଇଥିବା ପରଫେକ୍ଟ ପାସ୍‌କୁ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ ବଲୱନ୍ତ ସିଂ। ଫଳରେ ଏଟିକେ ୧-୦ରେ ଅଗ୍ରଣୀଲାଭ କରିଥିଲା। ୨୮ତମ ମିନିଟରେ ପ୍ରିତମ କୋଟାଲଙ୍କଠାରୁ ଭଲ ପାସ୍ ପାଇଥିଲେ ହେଁ ଇଡୁ ଗ୍ରାସିଆ ତାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ୩୧ତମ ମିନିଟରେ ଗୋଲ ପରିଶୋଧ କରି ରିୟଲ କଶ୍ମୀର ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାସନ ରବର୍ଟସନ ଦଳ ପକ୍ଷରୁ ଏହି ଗୋଲଟି ସ୍କୋର କରିଥିଲେ।

ପ୍ରଥମାର୍ଦ୍ଧ ଶେଷସୁଦ୍ଧା ସ୍ଥିତି ୧-୧ରେ ରହିବାରୁ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ସ୍ୱାଭାବିକ ଭାବେ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅଗ୍ରଣୀ ନେବାପାଇଁ ଉଭୟ ଦଳ ଉଦ୍ୟମ କରି ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଫିନିଶିଂ ଅଭାବରୁ ତାହା ଗୋଲରେ ପରିଣତ ହୋଇପାରି ନ ଥିଲା। ତେବେ ଏଟିକେ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ୭୯ତମ ମିନିଟରେ ଇଡୁ ଗ୍ରାସିଆଙ୍କ କର୍ନର ଶଟ୍‌କୁ ବକ୍ସ ମଧ୍ୟରେ ଅପେକ୍ଷା କରିଥିବା ଲାଞ୍ଜାରୋଟେ ଗୋଲରେ ପରିଣତ କରିବାରୁ ଦଳ ୨-୧ରେ ଅଗ୍ରଣୀ ହାସଲ କରିଥିଲା। ଚାପର ବଶବର୍ତ୍ତୀ ହୋଇଥିବା ରିୟଲ କଶ୍ମୀର ଗୋଲ ପରିଶୋଧ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲା। ୮୩ତମ ମିନିଟରେ ବଦଳ ଖେଳାଳି ଏଭର୍ଟନ ସାଣ୍ଟୋସ ଗୋଲ ଦେବାରୁ ଏଟିକେର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା। ଏଥିସହ ଦଳର ବିଜୟ ଏକପ୍ରକାର ନିଶ୍ଚିତ ହୋଇ ଯାଇଥିଲା। ନିର୍ଦ୍ଧାରିତ ସମୟ ଏବଂ ୫ ମିନିଟର ଇଞ୍ଜୁରି ଟାଇମ୍‌ରେ ଫଳ ସମାନ ରହିବାରୁ ଏଟିକେ ବିଜୟଲାଭ କରିଥିଲା। ଗତ ଆଇଏସଏଲ ସିଜନରେ ଏଟିକେ ୧୮ ମ୍ୟାଚରୁ ୨୪ ପଏଣ୍ଟ ସହିତ ୬ଷ୍ଠ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷରେ ରିୟଲ କଶ୍ମୀର ଆଇ-ଲିଗ୍ ପଏଣ୍ଟ ଟେବୁଲରେ ୩ୟ ସ୍ଥାନରେ ରହି ସିଜନ ଶେଷ କରିଥିଲା। ଦଳ ୧୯ ମ୍ୟାଚରୁ ୧୦ ବିଜୟ ସହ ୩୬ ପଏଣ୍ଟ ପାଇଥିଲା। ମାତ୍ର ଏଠାରେ ଦଳ ସେହି ପ୍ରଦର୍ଶନକୁ ଦୋହରାଇ ପାରି ନ ଥିଲା।




ରିୟଲ୍ କଶ୍ମୀର ଓ ଆଟ୍‌ଲେଟିକୋ ଡି କୋଲ୍‌କାତା ମଧ୍ୟରେ ଅନୁଷ୍ଠିତ ସୁପର୍‌କପ୍ ପ୍ରି-କ୍ୱାର୍ଟର ଫାଇନାଲ୍ ମ୍ୟାଚ୍।

### ଚର୍ଚ୍ଚିଲ ବ୍ରଦର୍ସ ଓହରିଲା

**ଭୁବନେଶ୍ୱର, ୧।୪(କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରୁ ଆଇ-ଲିଗ ଦଳ ଗୁଡ଼ିକର ଓହରିଯିବା ପ୍ରକ୍ରିୟା ଜାରି ରହିଛି। ସର୍ବଭାରତୀୟ ଫୁଟବଲ ଫେଡେରେଶନର ଅବହେଳା ପ୍ରତିବାଦରେ ସୋମବାର ଚର୍ଚ୍ଚିଲ ବ୍ରଦର୍ସ ଓହରି ଯାଇଛି। ଫଳରେ ଜାମସେଦପୁର ଏଫସି ୱାକଓଭର ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ନେରୋକା ଓହରି ଯାଇଥିବାରୁ ନର୍ଥଇଷ୍ଟ ୟୁନାଇଟେଡ ମଧ କ୍ୱାର୍ଟରରେ ପହଞ୍ଚିଛି। ଏଥିସହିତ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି।

#### କ୍ୱାର୍ଟର ସୂଚୀ

**ଏପ୍ରିଲ ୪:** ବେଙ୍ଗାଲୁରୁ ଏଫସି ବନାମ ଚେନ୍ନାଇ ସିଟି

**ଏପ୍ରିଲ ୫:** ଦିଲ୍ଲୀ ଡାଇନାମସ ବନାମ ଆଟଲେଟିକୋ ଡି କୋଲକାତା

**ଏପ୍ରିଲ ୬:** ଗୋଆ ଏଫସି ବନାମ ଜାମସେଦପୁର ଏଫସି

**ଏପ୍ରିଲ ୭:** ଚେନ୍ନାଇନ୍ ଏଫସି ବନାମ ନର୍ଥଇଷ୍ଟ ୟୁନାଇଟେଡ

**(କଳିଙ୍ଗ ଷ୍ଟାଡିୟମରେ ସମସ୍ତ ମ୍ୟାଚ ରାତି ୮ଟା ୩୦ରୁ ଆରମ୍ଭ ହେବ)।**

# ଫେଡରରଙ୍କୁ ମାୟାମି ଟାଇଟଲ



ମାୟାମି ଓପନ ଟ୍ରଫି ସହ ରୋଜର ଫେଡରର।

**ମାୟାମି, ୧।୪**

ସୁଇଜରଲାଣ୍ଡର କିମ୍ବଦନ୍ତୀ ଟେନିସ୍ ଖେଳାଳି ରୋଜର ଫେଡରର କ୍ୟାରିୟରର ୧୦୧ତମ ଟାଇଟଲ ହାସଲ କରିଛନ୍ତି। ରବିବାର ଖେଳାଯାଇଥିବା ଏଟିପି ମାୟାମି ଓପନ ଟୁର୍ନାମେଣ୍ଟରେ ସେ ଡିଫେଣ୍ଡିଂ ଚାମ୍ପିୟନ ଜନ ଇସ୍ନରଙ୍କୁ ହରାଇ ଦେଇଛନ୍ତି। ଗତ ଦୁଇବର୍ଷ ହେଲା କ୍ଲେ କୋର୍ଟରେ ଖେଳୁ ନ ଥିବା ଫେଡରର ୬-୧, ୬-୪ ସେଟ୍‌ରେ ମ୍ୟାଚ୍ ଜିତି ନେଇଛନ୍ତି। ବିଜୟ ଲାଗି ତାଙ୍କୁ ୬୩ ମିନିଟ୍ ଲାଗିଥିଲା। ଏହା ତାଙ୍କ କ୍ୟାରିୟରର ୫୦ତମ ଏଟିପି ମାଷ୍ଟର୍ସ ଟାଇଟଲ। ଏହି ବିଜୟ ସତ୍ତ୍ୱେ ପରବର୍ତ୍ତୀ ମାଷ୍ଟର୍ସ ଟୁର୍ନାମେଣ୍ଟ ମଣ୍ଟେ କାର୍ଲୋରେ ଖେଳିବେ ସେ ନାହିଁ। ମାଡ୍ରିଡ୍ ଓ ଫ୍ରେଞ୍ଚ ଓପନ୍‌ରେ ଖେଳିବା ନେଇ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ପୁରୁଷ ସିଙ୍ଗଲ୍ସ ବର୍ଗରେ ସର୍ବାଧିକ ସଂଖ୍ୟକ ଏଟିପି ଟାଇଟଲ ଜିତିବାରେ ଜିମ୍ମି କନର୍ସ(୧୦୯)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

#### ଚତୁର୍ଥ ସ୍ଥାନକୁ ଉଠିଲେ

ସୋମବାର ଏଟିପି ର୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ରୋଜର ଫେଡରର ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ରହିଛନ୍ତି। ମାୟାମିଠାରେ ଜନ୍ ଇଜନରଙ୍କୁ ହରାଇ ତାଙ୍କ କ୍ୟାରିୟରର ୧୦୧ତମ ଟାଇଟଲ ଜିତିବା ପରେ ସୁଇଜରଲାଣ୍ଡର ମହାନ ଖେଳାଳିଙ୍କୁ ଏହି ପଦୋନ୍ନତି ମିଳିଛି। ପୂର୍ବରୁ ଚତୁର୍ଥ ସ୍ଥାନରେ ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ରହିଥିଲେ। ଦୁଇ ସପ୍ତାହ ପୂର୍ବେ ଇଣ୍ଡିଆନ ୱେଲ୍ସ ଫାଇନାଲରେ ଫେଡରରଙ୍କୁ ହରାଇବା ପରେ ସେ ଏହି ସ୍ଥାନ ଅଧିକାର କରିଥିଲେ। ଉଦୀୟମାନ ଗ୍ରୀକ୍ ଷ୍ଟାର ଷ୍ଟିଫାନସ ଟିସିଟ୍‌ସିପାସ୍ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୮ମ ସ୍ଥାନ ହାସଲ କରିପାରିଥିବାବେଳେ କାନାଡ଼ାର ସ୍ୱଳ୍ପ ବୟସ୍କ ଡେନିସ ଶାପୋଭାଲୋଭ ପ୍ରଥମ ଥର ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ପ୍ରବେଶ କରିଛନ୍ତି।

# ଭାରତକୁ କ୍ରମାଗତ ୩ୟ ଟେଷ୍ଟ ଚାମ୍ପିୟନଶିପ ମେସ୍

**ଦୁବାଇ, ୧।୪(ପିଟି)**

ଭାରତୀୟ ଦଳ ଚଳିତ ସିଜନର ଆଇସିସି ଟେଷ୍ଟ ଚାମ୍ପିୟନଶି ମେସ୍ (ଗଦା) ହାସଲ କରିଛି। ଏଥିସହିତ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ଏକ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ମିଳିଛି। ଏହାର ମଲ୍ୟ ୬.୯୨ କୋଟି ଟଙ୍କା। କ୍ରମାଗତ ୩ୟ ବର୍ଷ ପାଇଁ ଭାରତ ଏହି ସଫଳତା ପାଇଛି। ଧାର୍ଯ୍ୟ ତାରିଖ ଏପ୍ରିଲ ୧ ତାରିଖ ସୁଦ୍ଧା ଭାରତ ଟେଷ୍ଟ ଦଳଗତ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ତାଲିକାର ଦ୍ୱିତୀୟ ସ୍ଥାନରେ ନ୍ୟୁଜିଲାଣ୍ଡ ରହିଥିବା ଆଇସିସି ପକ୍ଷରୁ ସୋମବାର କୁହାଯାଇଛି। ପୁନଃ ଆଇସିସି ଟେଷ୍ଟ ଚାମ୍ପିୟନଶିପ ଗଦା ହାତେଇବା ଆମ ପାଇଁ ଗର୍ବର ବିଷୟ। ଆମ ଦଳ ପ୍ରତ୍ୟେକ ଫର୍ମାଟରେ ଭଲ ପ୍ରଦର୍ଶନ କରୁଛି। କିନ୍ତୁ ଟେଷ୍ଟ ଫର୍ମାଟର ଗୁରୁତ୍ୱ ଆମେ ଜାଣିଛୁ ବୋଲି ଭାରତୀୟ ଅଧିନାୟକ କୋହଲି କହିଛନ୍ତି। ନ୍ୟୁଜିଲାଣ୍ଡ ଦଳ ଭାରତଠାରୁ ୮ ପଏଣ୍ଟ ପଛରେ ରହିଛି। ଗତ ବର୍ଷ ଆଇସିସି ସ୍ପିରିଟ୍ ଅଫ୍ କ୍ରିକେଟ ପୁରସ୍କାର ପାଇଥିବା କେନ ୱିଲିୟମସନଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ (୧୦୮) ଦଳକୁ ୫୦୦ ହଜାର ଡଲାର ଦିଆଯାଇଛି। ପୂର୍ବରୁ କ୍ରମାଗତ ଦୁଇ ବର୍ଷ ଦ୍ୱିତୀୟ ସ୍ଥାନରେ ଥିବା ଦକ୍ଷିଣ ଆଫ୍ରିକା ଚଳିତ ସିଜନରେ ୧୦୫ ପଏଣ୍ଟ ସହ ୩ୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏହା ପଛକୁ ୪ର୍ଥ ସ୍ଥାନ ଅଷ୍ଟ୍ରେଲିଆ (୧୦୪) ଅଧିକାର କରିଛି। ତାଲିକାର ୩ୟ ଓ ୪ର୍ଥ ସ୍ଥାନରେ ଥିବା ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆକୁ ଯଥାକ୍ରମେ ୨୦୦ ଓ ୧୦୦ ହଜାର ଡଲାର ଦିଆଯାଇଛି।



ମାଲେସିଆରେ ଅନୁଷ୍ଠିତ ସୁଲ୍‌ତାନ ଆଜଲାନ ଶାହ କପ୍‌ରେ ଭାଗନେଇ ସୋମବାର ଭୁବନେଶ୍ୱର ଫେରିଥିବା ବୀରେନ୍ଦ୍ର ଲାକ୍ରା (ବାମ), ଶିଳାନନ୍ଦ ଲାକ୍ରା (ଡାହାଣ) ଓ ଅଫିସିଆଲ ନିଶାନଜ୍ୟୋତି ମହାନ୍ତି ।

# ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଚୟନ ଟ୍ରାଏଲ ଆଜିଠାରୁ

**ଭୁବନେଶ୍ୱର, ୧।୪(କ୍ରୀଡ଼ା ପ୍ରତିନିଧି)**

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ୩ଟି କ୍ରୀଡ଼ାର ଚୟନ ଟ୍ରାଏଲ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ସମୟରେ ମୁଖ୍ୟତଃ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀଙ୍କ ମଧ୍ୟରେ ଆର୍ଚେରୀ, ଆଥଲେଟିକ୍ସ ଓ ଟେବୁଲ ଟେନିସ (୩ଟି ବିଭାଗର ମହିଳା, ପୁରୁଷ)ଇଭେଣ୍ଟର ଟ୍ରାଏଲ୍ ଅନୁଷ୍ଠିତ ହେବ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଇଟାଲିର ନାପୋଲିଠାରେ ଜୁଲାଇ ୩ରୁ ୧୪ ପର୍ଯ୍ୟନ୍ତ ହେବ।ଏଥିପାଇଁ ଶ୍ରେଷ୍ଠ ତୀରନ୍ଦାଜ, ଆଥଲେଟ୍ ଏବଂ ଟେବୁଲ ଟେନିସ ଖେଳାଳି ଏହି ଚୟନ ଟ୍ରାଏଲରୁ ମନୋନୀତ ହେବେ। ଭାରତର ୩୭ଟି ବିଶ୍ୱବିଦ୍ୟାଳୟରୁ ୨୪୦ ଖେଳାଳି ଏହି ଚୟନ ଟ୍ରାଏଲରେ ଭାଗନେବେ।

ଆର୍ଚେରୀ ଇଭେଣ୍ଟ ଉଭୟ ମହିଳା ଓ ପୁରୁଷ ବିଭାଗରେ ରିକର୍ଭ ଓ କମ୍ପାଉଣ୍ଡ ବିଭାଗରେ ଅନୁଷ୍ଠିତ ହେବ। ସେହିପରି ଆଥଲେଟିକ୍ସରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୫୦୦୦ ଓ ୧୦,୦୦୦ ମିଟର, ୨୦ କିଲୋମିଟର ଚାଲି, ହାଫ୍ ମାରାଥନ(ବ୍ୟକ୍ତିଗତ ଓ ଦଳଗତ), ୧୧୦ ମିଟର ଓ ୪୦୦ ମିଟର ହର୍ଡଲ୍ସ, ୩୦୦୦ ମିଟର ଷ୍ଟିପଲ ଚେଜ୍, ୪ ଗୁଣା ୧୦୦ ଓ ୪ ଗୁଣା ୪୦୦ ମିଟର ରିଲେ ରେସ୍, ହାଇ ଜମ୍ପ, ପୋଲ ଭଲ୍ଟ, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଶଟ୍ ପୁଟ୍, ଡିସ୍କସ୍, ହାମର ଓ ଜାଭେଲିନ୍ ଥ୍ରୋ ଏବଂ ଡେକାଥଲନ ଇଭେଣ୍ଟରେ ଚୟନ ଟ୍ରାଏଲ୍ ହେବ। ସେହିପରି ଟେବୁଲ ଟେନିସ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟରେ ଆୟୋଜିତ ହେବ। ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ, ହେପ୍‌ଟାଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମଙ୍କ ପରି ବିଭିନ୍ନ ବିଶ୍ୱବିଦ୍ୟାଳୟର ଅନେକ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଥଲେଟ୍ ଏହି ଟ୍ରାଏଲ୍‌ରେ ଅଂଶଗ୍ରହଣ କରିବେ। ଦୂତୀ ଓ ପୂର୍ଣ୍ଣିମା କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

### ଦୁବାଇ ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାରୁ ୩ ଭାଗନେବେ

**ଭୁବନେଶ୍ୱର, ୧।୪(କ୍ରୀଡ଼ା ପ୍ରତିନିଧି)**

ଦୁବାଇର ଅଲ୍ ଅହଲି ସ୍ପୋର୍ଟ୍ସ ହଲ୍‌ରେ ୨ୟ ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଚଳିତମାସ ୨ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଦେଶରୁ ୨୭୫ ପ୍ରତିଯୋଗୀ ଭାଗନେବେ। ଏଥିପାଇଁ ଘୋଷିତ ୩୮ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ପ୍ରମୋଦ ଭଗତ, ଦିଲେଶ୍ୱର ରାଓ ଏବଂ ଦୀପ ରଞ୍ଜନ ବିଶୋଇ।

# ଆଉ ଏକ ଟି୨୦ ଲିଗ୍: ୟୁରୋ ଟି୨୦ ସ୍ଲାମ୍

**ମୁମ୍ବାଇ, ୧।୪ (ପି.ଟି.):** ସୁନୀଲ ନାରିନ, କିରନ ପୋଲାର୍ଡ ଓ ଆନ୍ଦ୍ରେ ରସେଲଙ୍କ ଭଳି ଟି୨୦ ଫ୍ରିଲାନ୍ସର୍ସ ଖେଳାଳିଙ୍କ ଲାଗି ଏକ ଖୁସି ଖବର। ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ୟୁରୋ ଟି୨୦ ସ୍ଲାମ ନାମକ ଆଉ ଏକ ଟି୨୦ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ଆୟର୍ଲାଣ୍ଡ, ସ୍କଟଲାଣ୍ଡ ଓ ନେଦରଲାଣ୍ଡ୍ସରୁ ଦୁଇଟି ଲେଖାଏଁ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ୬ ଫ୍ରାଞ୍ଚାଇଜଭିତ୍ତିକ ସହର ହେଲେ ଆୟର୍ଲାଣ୍ଡର ଡବଲିନ୍ ଓ ବେଲଫାଷ୍ଟ, ସ୍କଟଲାଣ୍ଡର ଏଡିନ୍‌ବର୍ଗ ଓ ଗ୍ଲାସ୍‌ଗୋ ଏବଂ ନେଦରଲାଣ୍ଡ୍ସର ଆମଷ୍ଟରଡାମ୍ ଓ ରୋଟରଡାମ୍। କିନ୍ତୁ ଗେମ୍ସଗୁଡ଼ିକ ଡବଲିନ୍, ଏଡିନବର୍ଗ ଓ ଆମଷ୍ଟରଡାମ୍‌ରେ ଖେଳାଯିବ। ସେମିଫାଇନାଲ ଓ ଫାଇନାଲ ସମେତ ସମସ୍ତ ୩ଟି ସହରରେ ମୋଟ ୩୩ଟି ମ୍ୟାଚ ଖେଳାଯିବ। ପ୍ରତିଟି ଟିମ୍‌କୁ ରାଉଣ୍ଡ ରବିନ ଫର୍ମାଟରେ ଖେଳିବାକୁ ହେବ। ଟୁର୍ନାମେଣ୍ଟର ନିୟମାନୁସାରେ ପ୍ରତ୍ୟେକ ସହର ନିଜ ଦଳରେ ୯ ଘରୋଇ ଖେଳାଳି ଏବଂ ୭ଜଣ ବିଦେଶୀ ଖେଳାଳି ରଖିପାରିବେ। ପ୍ରତିଟି ମ୍ୟାଚର ଚୂଡ଼ାନ୍ତ ଏକାଦଶରେ ୬ ଜଣ ଘରୋଇ ଖେଳାଳି ରଖିବା ବାଧ୍ୟତାମୂଳକ। ଲିଗ୍‌ର ପ୍ରମୋଟର ଜିଏସ୍ ହୋଲଡିଂର ଗୁରମିତ୍ ସିଂ କହିଛନ୍ତି, ଟୁର୍ନାମେଣ୍ଟ ପାଇଁ ବିଶ୍ୱବ୍ୟାପୀ ପ୍ରାୟୋଜକଙ୍କ ସହ କଥାବାର୍ତ୍ତା ଚାଲିଛି। ସ୍ୱନସର ଫାଇନାଲ ହେବାପରେ କମିଟି ସହ ଆଲୋଚନା ସରିଲେ ଫ୍ରାଞ୍ଚାଇଜ୍‌ଗୁଡ଼ିକର ନାମ ଘୋଷଣା ହେବ।

# ବସନ୍ତ ସ୍ମାରକୀ କ୍ରିକେଟ: ଜିସିସି ଚାମ୍ପିୟନ



ସିଲ୍ଡ ସହ ଜିସିସି ଟିମ୍ ଅତିଥିଙ୍କ ଗହଣରେ।

**ଫୁଲନଖରା, ୧।୪ (ଡି.ଏନ.ଏ.):** କଟକ ମହାନଗର ନିଗମ (ସିଏମ୍‌ସି) ୫୬ ନମ୍ବର ୱାର୍ଡର ସୁଭଦ୍ରାପୁରସ୍ଥିତ ସ୍ୱପ୍ନେଶ୍ୱର ମହାଦେବଙ୍କ ପଡ଼ିଆରେ ପ୍ରଥମ ବାର୍ଷିକ ବସନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲରେ ପୁରୁଣା କାଚରାମାଳ ଗ୍ରାମର ଜି.ସି.ସି. କ୍ରିକେଟ ଟିମ୍ ୯ ଉଇକେଟରେ ଡେଙ୍କାନାଳର ସନ୍‌ରାଇଜ୍ କ୍ରିକେଟ ଟିମ୍‌କୁ ହରାଇ ଦେଇଛି। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଶ୍ୱରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ଶକ୍ତିରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଆଶୁତୋଷ ମହାରଣା ଓ କିଶୋର ସେଠୀ ଖେଳ ପରିଚାଳନା କରିଥିଲେ।

# ଦିବାକର ସ୍ମାରକୀ ଫୁଟବଲ ଜିତିଲା ଗବବସ୍ତ

**ନରାଜ/କଟକ ଅଫିସ, ୧।୪**

ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ନରଣପୁର ଖେଳପଡିଆଠାରେ ଚାଲିଥିବା ୮ମ ଜିଲାସ୍ତରୀୟ ଦିବାକର ସ୍ୱାଇଁ ସ୍ମାରକୀ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମୁକାବିଲାରେ ଗବବସ୍ତ ଟାଇବ୍ରେକର ପଦ୍ଧତିରେ ବଉଳକୁଦକୁ ପରାସ୍ତ କରି ଚାମ୍ପିୟନ ଟାଇଟଲ ହାସଲ କରିଛି। ଗବବସ୍ତ ୪-୩ ଗୋଲରେ ସିଆରଆରଆଇକୁ ଓ ବଉଳକୁଦ ୨-୦ ଗୋଲରେ ନରଣପୁରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା।



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଦଳ।

ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନର ଯୁଗ୍ମ ସମ୍ପାଦକ ନବରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଫୁଟବଲ ଆସୋସିଏଶନ ଓଡ଼ିଶାର ଉପସଭାପତି ଭକ୍ତବତ୍ସଳ ଦାସ, ୟୁ.ଆର ପରିଜା, ତୁଷାରକାନ୍ତ ଚକ୍ରବର୍ତ୍ତୀ, ଭୂପତି ଭୂଷଣ ପାଣି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ୭୭୭୭ ଟଙ୍କା ସହ ଟ୍ରଫି ଓ ରନର୍ସଅପ ଦଳକୁ ୫୫୫୫ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି। ସଞ୍ଜୀବ ଦାଶ, ବ୍ରହ୍ମାନନ୍ଦ ଭୋଇ, ଦୁର୍ଗା ଆଚାର୍ଯ୍ୟ ଓ ପ୍ରଭାକର ବେହେରା ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ । କ୍ଲବର ସଦସ୍ୟ ରାକେଶ ବିଶ୍ୱାଳ, ମାନୁ ରାଉତ, ଦୀପକ ସାହୁ, ବିଜୟ ବିଶ୍ୱାଳ, ଚନ୍ଦନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



"ବର୍ତ୍ତମାନ ପରିସ୍ଥିତିରେ ଦଳରେ ସ୍ମିଥ୍ ଓ ୱାର୍ନରଙ୍କୁ ସାମିଲ କରାଗଲେ କେଉଁ ଖେଳାଳିଙ୍କୁ ବାଦ୍ ଦିଆଯିବ ତାହା ବଡ଼ ପ୍ରଶ୍ନ ।

–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କୋଚ୍



"ଆଇପିଏଲ୍‌ରେ କ୍ରମାଗତ ତିନୋଟି ପରାଜୟ ପରେ ଯଦି ଆଉ ଗୋଟିଏ ମ୍ୟାଚ ହାରୁ ତେବେ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କଷ୍ଟକର ।

–ବେନ୍ ଷ୍ଟୋକ୍ସ, ରାଜସ୍ଥାନ ରୟାଲ୍ସ ଅଲରାଉଣ୍ଡର

## ସଂକ୍ଷେପରେ

### ଆଇସିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଦାୟିତ୍ୱ ନେଲେ ସାହନେ



**ଦୁବାଇ, ୧୪ (ପି.ଟି.):** ମିଡିଆ ପ୍ରଫେଶନାଲ ମନୁ ସାହନେ ସୋମବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। କିନ୍ତୁ ସେ ବର୍ତ୍ତମାନ ଡେଭ୍ ରିଚାର୍ଡସନଙ୍କ ସହିତ ମିଳିତ ଭାବେ କାର୍ଯ୍ୟକରିବେ। ଜୁଲାଇରେ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ ବିଶ୍ୱକପ୍ ପରେ ରିଚାର୍ଡସନ ତାଙ୍କ ପଦବୀରୁ ଓହରିଯିବେ। ସାହନେ ପୂର୍ବରୁ ଇଏସ୍‌ପିଏନ୍ ଷ୍ଟାର ସ୍ପୋର୍ଟ୍ସର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ଜାନୁୟାରୀରେ ତାଙ୍କୁ ନିଯୁକ୍ତି ମିଳି ସାରିଥିଲା। ଆଇସିସି କାର୍ଯ୍ୟନିର୍ବାହୀ ଭାବେ ଦାୟିତ୍ୱକୁ କିପରି ସୁଚାରୁ ରୂପେ ତୁଲାଇ ପାରିବେ ସେଥିଲାଗି ଗତ ୬ ସପ୍ତାହ ହେଲା ରିଚାର୍ଡସନଙ୍କଠାରୁ ତାଲିମ ନେଇ ଆସୁଥିଲେ। ସାହନେ ଇଏସ୍‌ପିଏନ୍ ସହିତ ଦୀର୍ଘ ୧୭ ବର୍ଷ ଜଡ଼ିତ ଥିଲେ। ସଂସ୍ଥାର ବ୍ୟବସାୟ ବୃଦ୍ଧି ସହିତ ବାର୍ଷିକ ରାଜସ୍ୱ ପରିମାଣକୁ ଦ୍ୱିଗୁଣିତ କରିବା ଦିଗରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଆଇସିସି ସହିତ ୨୦୦୭ରୁ ୨୦୧୫ ପର୍ଯ୍ୟନ୍ତ ଗ୍ଲୋବାଲ ବ୍ରଡକାଷ୍ଟ ଚୁକ୍ତି କରିବାରେ ତାଙ୍କର ବିଶେଷ ଭୂମିକା ରହିଥିଲା।

### ୧୬ ସ୍ୱର୍ଣ୍ଣ ସହ ଭାରତ ଅଭିଯାନ ଶେଷ

**ନୂଆଦିଲ୍ଲୀ, ୧୪(ପିଟି):** ଭାରତୀୟ ଶୁଟରମାନେ ୧୬ ସ୍ୱର୍ଣ୍ଣ ସମେତ ମୋଟ ୨୫ ପଦକ ସହ ଏସିଆନ ଏୟାର ଗନ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟରେ ଅଭିଯାନ ଶେଷ କରିଛନ୍ତି। ଚାଇନିଜ ତାଇପେଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅନ୍ତିମ ଦିନ ଯଶ ବର୍ଦ୍ଧନ ଓ ଶ୍ରେୟା ଅଗ୍ରୱାଲ ୩ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଯଶ ଜୁନିୟର ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ଶୀର୍ଷ ସଫଳତା ପାଇଥିଲେ। ଏହି ଇଭେଣ୍ଟ ମହିଳା ବିଭାଗରେ ଶ୍ରେୟା ସମାନ ସଫଳତା ଅର୍ଜନ କରିଥିଲେ। ଏଥିପୂର୍ବରୁ ବର୍ଦ୍ଧନ ଓ ଶ୍ରେୟା ମିକ୍ସଡ୍ ଟିମ୍ ରାଇଫଲ ଜୁନିୟର ଇଭେଣ୍ଟରେ ୩ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ।

### ଜାତୀୟ ଭିଜି ଟ୍ରଫି ଶିବିରରେ ଓଡ଼ିଶାର ୪

**କଟକ ଅଫିସ,୧୪:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୧୫ରୁ ଭିଜି ଟ୍ରଫିର ଜାତୀୟ ଶିବିର ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଅନୁଷ୍ଠିତ ହେବ। ପୂର୍ବାଞ୍ଚଳ ଦଳରୁ ୫ଜଣ ଏହି ଶିବିରକୁ ମନୋନୀତ ହୋଇଥିବା ବେଳେ ଏହା ମଧ୍ୟରେ ୪ଜଣ ଓଡ଼ିଆ ଖେଳାଳି ରହିଛନ୍ତି । ଏମାନେ ହେଲେ ରାଜେଶ ଧୂପର, ଶୁଭମ ନାୟକ, ଆଶୁତୋଷ ଦାସ ଓ କାର୍ତ୍ତିକ ବିଶ୍ୱାଳ । ମାର୍ଚ୍ଚରେ ଖେଳାଯାଇଥିବା ଆନ୍ତଃ ଜୋନାଲ ଭିଜି ଟ୍ରଫିରେ ପୂର୍ବାଞ୍ଚଳ ଦଳରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଥିଲେ ।

# କୁରାନଙ୍କ ହ୍ୟାଟ୍ରିକ: ପଞ୍ଜାବର ତୃତୀୟ ବିଜୟ

**ମୋହାଲି, ୧୪**



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସାମ୍ କୁରାନ (ବାମ)

ସାମ୍ କୁରାନଙ୍କ ହ୍ୟାଟ୍ରିକ ବଳରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ସୋମବାର ଅନୁଷ୍ଠିତ ମ୍ୟାଚରେ ୧୪ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ପଞ୍ଜାବ ପକ୍ଷରୁ ଧାର୍ଯ୍ୟ ୧୬୭ ରନ ବିଜୟ ଲକ୍ଷ୍ୟର ପିଛା କରି ଦିଲ୍ଲୀ ୧୯.୨ ଓଭରରେ ୧୫୨ ରନ କରି ଅଲଆଉଟ ହୋଇଯାଇଥିଲା। ଚଳିତ ଆଇପିଏଲରେ ପଞ୍ଜାବର ୪ ମ୍ୟାଚରୁ ଏହାଥିଲା ୩ୟ ବିଜୟ। କୁରାନ ନିଜ ଦ୍ୱିତୀୟ ଓଭରର ୬ଷ୍ଠ ବଲ୍‌ରେ ହର୍ଷଲ ପଟେଲଙ୍କ ଉଇକେଟ ନେଇଥିବାବେଳେ ଇନିଂସର ଅନ୍ତିମ ତଥା ନିଜ ୩ୟ ଓଭରର ପ୍ରଥମ ବଲ୍‌ରେ କାଗିଶୋ ରାବାଡ଼ା ଓ ଦ୍ୱିତୀୟ ବଲ୍‌ରେ ସନ୍ଦୀପ ଲାମିଚାନେଙ୍କୁ ଆଉଟ କରି ହ୍ୟାଟ୍ରିକ ପୂରଣ କରିଥିଲେ। ଏଠାରେ ସେ ୨.୨–୦–୧୧–୪ ସ୍ପେଲ୍ ସହ ମ୍ୟାଚ ଶେଷ କରିଥିଲେ। ଆଇପିଏଲ ଇତିହାସରେ ଏହାଥିଲା ୧୮ତମ ହ୍ୟାଟ୍ରିକ। ଦିଲ୍ଲୀ ଏକଦା ଦୃଢ଼ ସ୍ଥିତିରେ ରହି ବିଜୟ ଆଡ଼କୁ ଅଗ୍ରସର ହେଉଥିବାବେଳେ ଶେଷ ୧୭ ବଲ୍‌ରେ ମାତ୍ର ୮ ରନ ସଂଗ୍ରହ କରି ୭ଟି ଉଇକେଟ ହରାଇଥିଲା। ଦଳ ପକ୍ଷରୁ ରିଷଭ ପନ୍ତ ସର୍ବାଧିକ ୩୯, କଲିନ ଇନ୍‌ଗ୍ରାମ ୩୮, ଶିଖର ଧାୱନ ୩୦ ଓ ଅଧିନାୟକ ଶ୍ରେୟାସ ଆୟାର ୨୮

**ଆଇପିଏଲ୍-୧୨**

ରନ କରିଥିଲେ। ପଞ୍ଜାବ ବୋଲରଙ୍କ ମଧ୍ୟରେ ସାମ କୁରାନ ୪ଟି, ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ସାମି ୨ଟି ଲେଖାଏ ଏବଂ ହର୍ଡୁସ ଭିଲଜନ ଗୋଟିଏ ଉଇକେଟ ନେଇଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମ୍ୟାଚର ଦ୍ୱିତୀୟ ଓଭରରେ ପଞ୍ଜାବର ଆକ୍ରମଣାତ୍ମକ ଓପନର ଲୋକେଶ ରାହୁଲ(୧୫ ରନ)ଙ୍କୁ ଆଉଟ କରି ଦିଲ୍ଲୀକୁ ପ୍ରଥମ ସଫଳତା ଦେଇଥିଲେ କ୍ରିସ୍ ମୋରିସ। ସାମ୍ କୁରାନ ୧୦ ବଲ୍‌ରୁ ଦ୍ରୁତ ୨୦(୩ ଚୌକା, ୧ ଛକା) ରନ କରିଥିବାବେଳେ ସନ୍ଦୀପ ଲାମିଚାନେଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଥିଲେ। ଫର୍ମରେଥିବା ମୟଙ୍କ ଅଗ୍ରୱାଲ ୬ ରନ କରି ରନଆଉଟ ହେବାରୁ ପଞ୍ଜାବ ଇନିଂସ ୭.୧ ଓଭରରେ ୫୮/୩ ହୋଇ ଯାଇଥିଲା। ସର୍ଫରାଜ ଖାଁ ଓ ଡେଭିଡ ମିଲର ୪ର୍ଥ ଉଇକେଟରେ ୬୨ ରନର ଭାଗୀଦାରି ଗଢ଼ି ଦଳକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ଆତ୍ମବିଶ୍ୱାସର ସହ ଖେଳୁଥିବା ସର୍ଫରାଜ ୨୯ ବଲ୍‌ରୁ ୬ ଚୌକା ସହାୟତାରେ ୩୯ ରନ କରିଥିବାବେଳେ ଲାମିଚାନେଙ୍କ ଦ୍ୱିତୀୟ ଶିକାର ବନିଥିଲେ। ପରେ ଡେଭିଡ ମିଲର ମଧ୍ୟ ଆଉଟ ହୋଇଯାଇଥିଲେ। ସେ ୩୦ ବଲ୍‌ରୁ ୪୩(୪ ଚୌକା, ୨ ଛକା) ରନ କରିଥିଲେ। ମିଡଲ ଅର୍ଡରରେ ମନଦୀପ ସିଂ ୨୯ ରନରେ ଅପରାଜିତ ରହିଥିଲେ ହେଁ ଶେଷଭାଗ ଖେଳାଳିଙ୍କ ବିଫଳତା ଯୋଗୁ ପଞ୍ଜାବ ଇନିଂସ ୨୦ ଓଭରରେ ୧୬୬/୯ରେ ସୀମିତ ହୋଇ ଯାଇଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ କ୍ରିସ୍ ମୋରିସ ୩ଟି ଏବଂ କାଗିଶୋ ରାବାଡ଼ା ଓ ସନ୍ଦୀପ ଲାମିଚାନେ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

■ କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୬୬/୯(ମିଲର-୪୩, ସର୍ଫରାଜ-୩୯, ମନଦୀପ-୨୯*, ମୋରିସ-୩/୩୦, ରାବାଡ଼ା-୨/୩୨, ଲାମିଚାନେ-୨/୨୭)।

■ ଦିଲ୍ଲୀ କ୍ୟାପିଟାଲ୍ସ ୧୯.୨ ଓଭରରେ ୧୫୨/ଅଲଆଉଟ(ପନ୍ତ-୩୯, ଇନ୍‌ଗ୍ରାମ-୩୮, ଧାୱନ-୩୦, ଆୟାର-୨୮, କୁରାନ-୪/୧୧, ଅଶ୍ୱିନ-୨/୩୧, ସାମି-୨/୨୭, ଭିଲଜନ-୧/୨୨)

## ପାଣ୍ଡ୍ୟା, ରାହୁଲଙ୍କୁ ନୋଟିସ୍



ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲ।

**ନୂଆଦିଲ୍ଲୀ, ୧୪ (ପି.ଟି.)**

ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିସିସିଆଇ ଅମ୍ବୁଡସ୍‌ମ୍ୟାନ ଅବସରପ୍ରାପ୍ତ ବିଚାରପତି ଡି.କେ. ଜୈନ ସୋମବାର କ୍ରିକେଟ ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ କେ.ଏଲ୍. ରାହୁଲଙ୍କୁ ନୋଟିସ ଜାରି କରିଛନ୍ତି। ଏକ ଟିଭି ଚ୍ୟାଟ୍ ଶୋ'ରେ ଉଭୟେ ମହିଳାଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। 'କଫି ୱିଥ୍ କରନ' ଶୀର୍ଷକ ଚ୍ୟାଟ ଶୋ'ରେ ଏହି ବିବାଦୀୟ ମନ୍ତବ୍ୟ ପାଇଁ ପ୍ରଶାସକ କମିଟି (ସିଓଏ) ଦ୍ୱାରା ପାଣ୍ଡ୍ୟା ଓ ରାହୁଲ ପ୍ରଥମେ ସସ୍‌ପେଣ୍ଡ ହୋଇଥିଲେ। ହେଲେ ଆମ୍ବୁଡସ୍‌ମ୍ୟାନଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯିବା ନିଷ୍ପତ୍ତି ପରେ ଦୁଇ ଖେଳାଳିଙ୍କ ଉପରୁ ବର୍ତ୍ତମାନ ପାଇଁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହୃତ ହୋଇଛି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ପାଣ୍ଡ୍ୟା ଓ ରାହୁଲ ଯଥାକ୍ରମେ ମୁମ୍ବାଇ ଇଣ୍ଡିଆନ୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ବିସିସିଆଇ ସେମାନଙ୍କ ସହିତ କିପରି ସମନ୍ୱୟ ରକ୍ଷା କରିବ ତାହା ସ୍ପଷ୍ଟ ହୋଇନାହିଁ। ଏପ୍ରିଲ ୧୧ରେ ମୁମ୍ବାଇଠାରେ ଆଇପିଏଲର ଏହି ଦୁଇ ଦଳ ମଧ୍ୟରେ ମୁକାବିଲା ହେବ। ସମ୍ଭବତଃ ଏହା ପୂର୍ବରୁ ଉଭୟଙ୍କୁ ଅମ୍ବୁଡ୍ସମ୍ୟାନଙ୍କ ଆଗରେ ହାଜର ହେବାକୁ ପଡ଼ିବ। ପାଣ୍ଡ୍ୟା ଓ ରାହୁଲ ଆଇପିଏଲର ଯେଉଁ ଦୁଇ ଦଳ ତରଫରୁ ଖେଳୁଛନ୍ତି କାର୍ଯ୍ୟସୂଚୀରେ ସେମାନଙ୍କର ପଛକୁ ପଛ ମ୍ୟାଚ ରହିଛି। ଆମ୍ବୁଡସ୍‌ମ୍ୟାନ ଜଷ୍ଟିସ୍ ଜୈନ ବିସିସିଆଇର ମଧ୍ୟ ଆଡହକ୍ ଏଥିକ୍ସ ଅଫିସର ଅଛନ୍ତି। ଉଭୟେ କୌଣସି ଆଇନଗତ ପ୍ରତିନିଧିଙ୍କ ସହାୟତା ନେଇ ପାରିବେ ନାହିଁ। ସେମାନଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ପଡ଼ିବ। ଦୁଇ ଖେଳାଳି କେବେ ହାଜର ହେବେ ଏହା ସେମାନଙ୍କ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି। ପାଣ୍ଡ୍ୟା ଓ ରାହୁଲ ସେମାନଙ୍କ ଏହି କାର୍ଯ୍ୟପାଇଁ କ୍ଷମା ଭିକ୍ଷା କରିସାରିଛନ୍ତି।

## ପ୍ରଥମ ବିଜୟ ଲକ୍ଷ୍ୟରେ ଆର୍‌ସିବି, ରୟାଲ୍ସ

**ଜୟପୁର, ୧୪ (ପି.ଟି.)**

ଆଇପିଏଲର ଦ୍ୱାଦଶ ସଂସ୍କରଣ ଆରମ୍ଭ ହେବାର ଗୋଟିଏ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କେବଳ ରାଜସ୍ଥାନ ରୟାଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ବିଜୟ ସ୍ୱାଦ ପାଇନାହାନ୍ତି। ଆଇପିଏଲ୍‌ର ୧୪ତମ ମ୍ୟାଚ୍‌ରେ ମଙ୍ଗଳବାର ଉଭୟ ରାଜସ୍ଥାନ ଓ ବାଙ୍ଗାଲୋର ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ସୱାଇ ମାନସିଂ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଜରିଆରେ ଉଭୟ ଦଳ ନିଜର ପ୍ରଥମ ବିଜୟ ହାସଲ ଲକ୍ଷ୍ୟରେ ରହିଛନ୍ତି। ଚଳିତ ଆଇପିଏଲ୍‌ରେ ଉଭୟ ରାଜସ୍ଥାନ ଓ ବାଙ୍ଗାଲୋରର ଭଲ ପ୍ରଦର୍ଶନ ରହିଥିଲେ ମଧ୍ୟ ବିଜୟ ହାସଲ କରିବାରେ ବିଫଳ ହୋଇଛନ୍ତି। ରାଜସ୍ଥାନକୁ ପ୍ରଥମ ୩ଟି ଯାକ ମ୍ୟାଚ୍‌ରେ ଯଥାକ୍ରମେ କିଙ୍ଗ୍ସ ଇଲେଭେନ ପଞ୍ଜାବ, ସନରାଇଜର୍ସ ହାଇଦ୍ରାବାଦ ଓ ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷରେ ଏକଦା ଭଲ ପୋଜିଶନରେ ଥାଇ ମଧ୍ୟ ପରାଜୟ ସାମ୍ନା କରିବାକୁ ପଡ଼ିଥିଲା। ରବିବାର ଖେଳାଯାଇଥିବା ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଚେନ୍ନାଇ ୨୭ ରନରେ ୩ ଉଇକେଟ୍ ହରାଇ ବିପର୍ଯ୍ୟୟରେ ପଡ଼ିଥିଲେ ମଧ୍ୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଅପରାଜିତ ୭୫ ରନ ବଳରେ ଦଳ ୮ ରନରେ ରାଜସ୍ଥାନକୁ ପରାସ୍ତ କରିଥିଲା। ରୟାଲ୍ସ ଦଳରେ ଷ୍ଟିଭେନ ସ୍ମିଥ୍, ବେନ୍ ଷ୍ଟୋକ୍ସଙ୍କ ପରି ତାରକା ବ୍ୟାଟ୍ସମ୍ୟାନ ରହିଥିଲେ ମଧ୍ୟ ଆଶାନୁଯାୟୀ ପ୍ରଦର୍ଶନ କରିପାରି ନାହାନ୍ତି। ଚଳିତ ସିଜନରେ ପ୍ରଥମ ଶତକ ହାସଲ କରିଥିବା ସଞ୍ଜୁ ସାମସନଙ୍କ ସହ ଜୋଶ୍ ବଟଲର ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ଭଲ ଫର୍ମରେ ରହିଛନ୍ତି। ରାହୁଲ ତ୍ରିପାଠୀ ମଧ୍ୟ ଚେନ୍ନାଇ ବିପକ୍ଷ ମ୍ୟାଚ୍‌ରେ ୩୯ ରନର ଦ୍ରୁତ ଇନିଂସ ଖେଳିଥିଲେ। ତେବେ ସ୍ମିଥ୍ ଓ ଷ୍ଟୋକ୍ସଙ୍କ ବ୍ୟାଟ୍‌ରୁ ଟିମ୍ ବଡ଼ ଇନିଂସ ଲକ୍ଷ୍ୟରେ ରହିଛି।

ଅପରପକ୍ଷରେ ରାଜସ୍ଥାନ ପରି ବିରାଟ କୋହଲିଙ୍କ ନେତୃତ୍ୱାଧୀନ ବାଙ୍ଗାଲୋର ମଧ୍ୟ ପ୍ରଥମ ବିଜୟ ସ୍ୱାଦ ଚାଖିବା ଲକ୍ଷ୍ୟରେ ରହିଛି। ବାଙ୍ଗାଲୋର ଏହାର ଶେଷ ମ୍ୟାଚ୍‌ରେ ରବିବାର ସନରାଇଜର୍ସ ହାଇଦ୍ରାବାଦଠାରୁ ୧୧୮ ରନର ବୃହତ୍ ରନ ବ୍ୟବଧାନରେ ପରାସ୍ତ ହୋଇଥିଲା। ଅଧିନାୟକ କୋହଲି ଏହାକୁ 'ସବୁଠାରୁ ଖରାପ ପରାଜୟ' ବୋଲି କହିଛନ୍ତି।

**ଆଜିର ମ୍ୟାଚ**

ରାଜସ୍ଥାନ ରୟାଲ୍ସ
**ବନାମ**
ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର



ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ
ସ୍ଥାନ : ଜୟପୁର
ସମୟ : ରାତି ୮ଟା

### ରାହାନେ ଦଣ୍ଡିତ

ରାଜସ୍ଥାନ ରୟାଲ୍ସ ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କୁ ଦଣ୍ଡିତ କରାଯାଇଛି। ରବିବାର ଏଠାରେ ଖେଳାଯାଇଥିବା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ମ୍ୟାଚ୍‌ରେ ଧିମା ବୋଲିଂ ହାର ପାଇଁ ତାଙ୍କୁ ଆର୍ଥିକ ଦଣ୍ଡ ଦିଆଯାଇଛି। ତାଙ୍କୁ ଏବେ ୧୨ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଚଳିତ ସିଜନରେ ଦଳ ପ୍ରଥମଥର ପାଇଁ ଏଭଳି ତ୍ରୁଟି କରିଥିବାରୁ ରାହାନେଙ୍କୁ ଦଣ୍ଡିତ କରାଯାଇଥିବା ଆଇପିଏଲ ପକ୍ଷରୁ କୁହାଯାଇଛି।



ବିରାଟ କୋହଲି

## ■ ମାଲେସିଆ ଗସ୍ତରେ ଭାରତୀୟ ମହିଳା ହକି ଦଳ

# 'ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ସହାୟକ ହେବ'

**ବେଙ୍ଗାଲୁରୁ, ୧୪**

ମାଲେସିଆ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଦ୍ୱିପାକ୍ଷିକ ହକି ସିରିଜ ଖେଳିବା ପାଇଁ ଭାରତୀୟ ମହିଳା ହକି ଦଳ ରବିବାର ରାତିରେ କୁଆଲାଲମ୍ପୁର ଯାତ୍ରା କରିଛି। ଏହି ସିରିଜ ପାଇଁ ତାରକା ଗୋଲକିପର ସବିତା ପୁନିଆ ଦଳର ଅଧିନାୟିକା ନିଯୁକ୍ତ ହୋଇଛନ୍ତି। ଭାରତୀୟ ଦଳର ମାଲେସିଆ ଗସ୍ତ ଏପ୍ରିଲ ୪ରୁ ଆରମ୍ଭ ହେବ। ଏହି ୮ ଦିନିଆ ଟୁର୍ ଦଳ ପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶାପ୍ରକାଶ କରିଛନ୍ତି ସବିତା। ''ଚଳିତ ବର୍ଷ ପ୍ରାରମ୍ଭରେ ଆମେ ସ୍ପେନ ଏବଂ ଆୟର୍ଲାଣ୍ଡ ବିପକ୍ଷରେ ଆଶାନୁରୂପ ପ୍ରଦର୍ଶନ କରିଥିଲୁ। ସ୍ପେନ ଗସ୍ତରେ ଯାହା ତ୍ରୁଟି ରହିଥିଲା ଆଗାମୀ ମାଲେସିଆ ବିପକ୍ଷ ସିରିଜରେ ସେଥିରେ ସୁଧାର ଆଣିବାକୁ ଚେଷ୍ଟା କରିବୁ। ଆସନ୍ତା ଜୁନ୍‌ରେ ଏଫଆଇଏଚ୍ ସିରିଜ ଫାଇନାଲ ଅଛି। ତେଣୁ ଆମେ ଏବେ ଯାହାବି କରୁଛୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟକୁ ଦୃଷ୍ଟି ରଖି କରୁଛୁ'' ବୋଲି ସବିତା କହିଛନ୍ତି। ଆହତ ସମସ୍ୟା ଯୋଗୁ ଭାରତ କେତେଜଣ ମୁଖ୍ୟ ଖେଳାଳିଙ୍କ ବିନା ମାଲେସିଆ ଗସ୍ତ କରିଛି। ଅଭିଜ୍ଞ ଷ୍ଟ୍ରାଇକର ରାଣୀ, ମିଡ୍‌ଫିଲ୍ଡର ନମିତା ଟପ୍ପୋ ଓ ଡ୍ରାଗ୍ ଫ୍ଲିକର ଗୁରଜିତ କୌର ଭାରତୀୟ ଦଳର ସଦସ୍ୟା ହୋଇପାରି ନାହାନ୍ତି। ତେଣୁ ସୁଯୋଗର ସଦ୍‌ବ୍ୟବହାର ପାଇଁ ଯୁବ ଖେଳାଳିଙ୍କ ଲାଗି ଏହା ଉପଯୁକ୍ତ ସମୟ ବୋଲି ସବିତା କହିଛନ୍ତି। ''ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ଏବଂ ଯୁବ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ବେଶ୍ ସନ୍ତୁଳିତ। ଦଳର ସମସ୍ତ ସଦସ୍ୟ ନିଜ ଭୂମିକା ସମ୍ପର୍କରେ ଜାଣିଛନ୍ତି ଏବଂ ବ୍ୟକ୍ତିଗତ ଭାବେ ସେମାନଙ୍କୁ କ'ଣ କରିବାକୁ ହେବ ବୋଲି ଅବଗତ ଅଛନ୍ତି। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତ ହେବାକୁ ଏହି ଟୁର୍ ନିଶ୍ଚିତ ସହାୟକ ହେବ'' ବୋଲି ସବିତା କହିଛନ୍ତି।



ଭାରତୀୟ ମହିଳା ହକି ଦଳର ଖେଳାଳି କର୍ମକର୍ତ୍ତାଙ୍କ ଗହଣରେ।

## ମାର୍କ୍ୱେଜଙ୍କୁ ୪୫ତମ ମୋଟୋଜିପି ଟାଇଟଲ



ଆର୍ଜେଣ୍ଟିନା ମୋଟୋଜିପି ଟାଇଟଲ ଜିତିବା ପରେ ମାର୍କ ମାର୍କ୍ୱେଜ।

**ଟର୍ମାସ ଡି ରିଓ ହୋଣ୍ଡୋ (ଆର୍ଜେଣ୍ଟିନା), ୧୪ (ପି.ଟି.)**

ପ୍ରତିଦ୍ୱନ୍ଦ୍ୱୀ ଭାଲେଣ୍ଟିନୋ ରୋସିଙ୍କୁ ପଛରେ ପକାଇ ବିଶ୍ୱ ଚାମ୍ପିୟନ ମାର୍କ ମାର୍କ୍ୱେଜ ଏଠାରେ ଆର୍ଜେଣ୍ଟିନା ମୋଟୋଜିପି ଟାଇଟଲ ଜିତିଛନ୍ତି। ମାର୍କ୍ୱେଜ ତାଙ୍କ ହୋଣ୍ଡା ଆରସି୨୧୩ଭି'ରେ ପ୍ରଭାବୀ ପ୍ରଦର୍ଶନ ସହ ଏଲିଟ୍ ଶ୍ରେଣୀରେ ତାଙ୍କ କ୍ୟାରିୟରର ୪୫ତମ ଟାଇଟଲ ହାସଲ କରିଛନ୍ତି। ରୋସି (ୟାମା ରାଇଡର)ଙ୍କଠାରୁ ସେ ୧୦ ସେକେଣ୍ଡ ଆଗରେ ତାଙ୍କ ରେସ୍ ଶେଷ କରିଥିଲେ। କାତାରରେ ସିଜନ ଓପନର ଜିତିଥିବା ଆନ୍ଦ୍ରିଆ ଡୋଭିଜିଓସୋଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଦୁଇ ରାଉଣ୍ଡ ପରେ ୪୫ ପଏଣ୍ଟ ସହ ମାର୍କ୍ୱେଜ ୨୦୧୯ ଚାମ୍ପିୟନଶିପ୍‌ରେ ଅଗ୍ରଣୀ ରହିଛନ୍ତି। ମାର୍କ୍ୱେଜଙ୍କ ଟିମ୍‌ମେଟ୍ ଜର୍ଜ ଲରେଞ୍ଜୋ ୧୨ଶ ସ୍ଥାନ ସହ ତାଙ୍କ ରେସ୍ ଶେଷ କରିଥିଲେ। ସୋମବାର ଏହି ବିଜୟ ସହ ହୋଣ୍ଡା କନଷ୍ଟ୍ରକ୍ଟର୍ସ ଚାମ୍ପିୟନଶିପ୍‌ରେ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି। ମୋଟୋଜିପି ବିଶ୍ୱ ଚାମ୍ପିୟନଶିପ୍‌ର ତୃତୀୟ ରାଉଣ୍ଡ ଅଷ୍ଟିନର ଟେକ୍ସାସଠାରେ ଏପ୍ରିଲ ୧୨ରୁ ୧୪ ପର୍ଯ୍ୟନ୍ତ ହେବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ୍ ୨/୨୦୧୯ Bhubaneswar, Tuesday, April 2/ 2019

## ସଂକ୍ଷେପରେ

### ଡକାୟତି ଯୋଜନା: ଧରାପଡ଼ିଲେ ୨ନାବାଳକ

**ପାତ୍ରପଡ଼ା,୧।୪(ଡି.ଏନ୍.ଏ.):** ଡକାୟତି ପାଇଁ ଯୋଜନା କରୁଥିବା ବେଳେ ଖଣ୍ଡଗିରି ଥାନା ପୋଲିସ ୨ଜଣ ନାବାଳକଙ୍କୁ ଧରିଥିବା ବେଳେ ୪ଯୁବକ ଖସି ପଳାଇଛନ୍ତି। ପୋଲିସ ସେମାନଙ୍କ ନିକଟରୁ ଏକ ବାଇକ୍, ମାରଣାସ୍ତ୍ର ଓ ମୋବାଇଲ ଫୋନ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଅଧୀନ ପାତ୍ରପଡ଼ା ବସ ଡିପୋ ନିକଟରେ କେତେଜଣ ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ପୋଲିସ ପହଞ୍ଚି ସେଠାରେ ଚଢ଼ାଉ କରି ୨ନାବାଳକଙ୍କୁ ଧରିଥିବା ବେଳେ ୪ଜଣ ଯୁବକ ଖସି ପଳାଇଥିଲେ। ଦୁଇ ନାବାଳକଙ୍କୁ ଥାନାକୁ ଆଣି ପଚରାଉଚରା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲା। ପୋଲିସ ଏକ ମାମଲା(ନଂ.୧୮୧/୧୯)ରୁଜୁ କରି ନାବାଳକ ଦ୍ୱୟଙ୍କୁ ଜୁଭେଇନାଲ ଜଷ୍ଟିସ ବୋର୍ଡକୁ ପଠାଇଛି।

### ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ଝାଁଳା,୧।୪(ଡି.ଏନ୍.ଏ.):** ସୋମବାର ଝାଁଳା ଫାଣ୍ଡି ସମ୍ମୁଖରେ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଝାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣର କାଳନ୍ଦୀ ଚରଣ ମହାପାତ୍ର(କାଳିଆ)। ସୂଚନା ଅନୁଯାୟୀ, ପାତ୍ରପଡ଼ାର ଏକ ଘରୋଇ କମ୍ପାନୀରୁ କାମ ସାରି କାଳନ୍ଦୀ ସାଇକେଲରେ ଘରକୁ ଫେରୁଥିବା ବେଳେ ଫାଣ୍ଡି ସମ୍ମୁଖରେ ଏକ ବାଇକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଡାକ୍ତରଖାନା ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଝାଁଳା ଫାଣ୍ଡି ପୋଲିସ ପକ୍ଷରୁ ଏକ ମାମଲା (ନଂ.୧୧୩/୧୯) ରୁଜୁ ହୋଇଛି।

### ହାଇୱା ଧକ୍କାରେ ମହିଳା ଶ୍ରମିକଙ୍କ ମୃତ୍ୟୁ

**ବେଗୁନିଆ,୧।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଗୌଡନୂଆଗାଁ ଗ୍ରାମ ନିକଟରେ ସୋମବାର ସନ୍ଧ୍ୟାରେ ଏକ ହାଇୱା ଧକ୍କାରେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବ୍ରହ୍ମପୁର ଅଞ୍ଚଳର ଶୁଶୀଳା ବେହେରା(୫୦)। ପୋଲିସ ସୂଚନା ଅନୁଯାୟୀ, ଗେଡିଆପଲ୍ଲୀଠାରୁ ଗୌଡନୂଆଗାଁକୁ ଯାଉଥିବା ନୂତନ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ରାସ୍ତା ନିର୍ମାଣ ଚାଲିଛି। ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଶୁଶୀଳା ଏକ ପାଣି ବୋଝେଇ ଟ୍ୟାଙ୍କରରୁ ପାଣି ଆଣି ରାସ୍ତାରେ ସିଞ୍ଚନ କରୁଥିଲେ। ଏହି ସମୟରେ ଏକ ହାଇୱା (ଓଆର ୦୪ଇ ୪୪୬୩)ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଶୁଶୀଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ବେଗୁନିଆ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ଚିକିତ୍ସାଳୟକୁ ପଠାଇଥିଲା। ଏହା ସହ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିଛି। ତେବେ ହାଇୱା ଚାଳକ ଫେରାର ହୋଇଯାଇଥିବା ପୋଲିସ କହିଛି। ଏନେଇ ଥାନାରେ ଏକ ମାମଲା (ନଂ.୫୪/୧୯)ରୁଜୁ ହୋଇଛି।

### ଜଳ ସଂରକ୍ଷଣର ବାର୍ତ୍ତାଦେଲେ ଛାତ୍ରୀଛାତ୍ର

**ଭୁବନେଶ୍ୱର,୧।୪(ବ୍ୟୁରୋ):** ସୈନିକ ସ୍କୁଲର ୩୧୬ ଏନ୍‌ସିସି କ୍ୟାଡେଟ୍, ଏନ୍‌ସିସି ଅଫିସର ଓ କର୍ମଚାରୀମାନଙ୍କ ଦ୍ୱାରା ବିଶ୍ୱ ଜଳ ଦିବସ ଉପଲକ୍ଷେ ସୋମବାର ଏକ ଜନସଚେତନତା ରାଲି ଆୟୋଜିତ ହୋଇଯାଇଛି। ଏହି ରାଲିରେ ଏନ୍‌ସିସି ଜୁନିଅର ଓ ସିନିଅର ଉଇଙ୍ଗ୍ କ୍ୟାଡେଟ୍‌ମାନେ ମଞ୍ଚେଶ୍ୱର, ଓମଫେଡ୍, ଜୋନାଲ ରେଲୱେ ଅଫିସ୍, କଳିଙ୍ଗ ହସ୍ପିଟାଲ ଛକ ଏବଂ ଆଚାର୍ଯ୍ୟ ବିହାର ଛକଦେଇ ସ୍କୁଲ କ୍ୟାମ୍ପସକୁ ଫେରିଥିଲେ। ସାଧାରଣ ଲୋକଙ୍କ ମଧ୍ୟରେ ଜଳ ସଂରକ୍ଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଶୋଭାଯାତ୍ରାରେ ଉଇଙ୍ଗ କମାଣ୍ଡର ଅମିତାଭ ରଞ୍ଜନ, ଭୁବନେଶ୍ୱର ସୈନିକ ସ୍କୁଲର ଅଫିସର କମାଣ୍ଡିଙ୍ଗ୍ ଏନ୍‌ସିସି(ଜେଡି)ଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ରେଭେନ୍‌ଶା ହଷ୍ଟେଲରେ ଛାତ୍ରୀଙ୍କୁ ର୍‍ୟାଗିଂ

**କଟକ ଅଫିସ,୧।୪**

### ୟୁଜିସିରେ ଅଭିଯୋଗ



କିଛିଦିନର ବ୍ୟବଧାନ ପରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପୁଣି ଥରେ ର୍‍ୟାଗିଂର ଅଭିଯୋଗ ଉଠିଛି। ବିଶ୍ୱବିଦ୍ୟାଳୟ ପରିସରସ୍ଥ କାଠଯୋଡ଼ି ହଷ୍ଟେଲର ଜଣେ ଛାତ୍ରୀଙ୍କୁ ହଷ୍ଟେଲର ଅନ୍ୟଜଣେ ଛାତ୍ରୀ ର୍‍ୟାଗିଂ କରିବା ସହ ମାଡ଼ ମାରିଛନ୍ତି। ଏ ନେଇ ର୍‍ୟାଗିଂର ଶିକାର ହୋଇଥିବା ଛାତ୍ରୀଜଣଙ୍କ ହଷ୍ଟେଲ ୱାର୍ଡେନଙ୍କ ନିକଟରେ ପ୍ରଥମେ ଅଭିଯୋଗ କରିଥିଲେ। ହେଲେ ୱାର୍ଡେନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ନିକଟକୁ ର୍‍ୟାଗିଂ ଶିକାର ହୋଇଥିବା ଛାତ୍ରୀଜଣଙ୍କ ମେଲ୍ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ର୍‍ୟାଗିଂ କରିଥିବା ଛାତ୍ରୀ ଜଣଙ୍କ କୁଳପତିଙ୍କ ସମ୍ପର୍କୀୟ ବୋଲି ଏହି ମେଲ୍‌ରେ ଦର୍ଶାଯାଇଛି। ଫଳରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚୁପ୍ ରହିଛନ୍ତି ବୋଲି ର୍‍ୟାଗିଂର ଶିକାର ହୋଇଥିବା ଛାତ୍ରୀ କହିଥିଲେ। ଏ ନେଇ କୁଳପତି ପ୍ରଫେସର ଇଶାନ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଏହା ର୍‍ୟାଗିଂ ନୁହେଁ ବରଂ ଦୁଇ ଅନ୍ତେବାସୀଙ୍କ ମଧ୍ୟରେ ମନାନ୍ତର କିମ୍ବା ପାଟିତୁଣ୍ଡ। ହଷ୍ଟେଲ ଭିତରେ ଏହିଭଳି ଛୋଟ ବିବାଦ ଦେଖାଦିଏ। ହେଲେ ଏବେ ଏହାକୁ ବଡ଼ ରୂପ ଦିଆଯାଉଛି। ଏହି ଝଗଡ଼ା ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିବାବେଳେ ଏ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ। ମିଳିଥିବା ସୂଚନା ଅନୁଯାୟୀ, ର୍‍ୟାଗିଂର ଶିକାର ହୋଇଥିବା ଛାତ୍ରୀ ଜଣଙ୍କ ସ୍ନାତକ ୩ୟ ବର୍ଷର ଅଟନ୍ତି ଏବଂ ର୍‍ୟାଗିଂ କରିଥିବା ଅନ୍ତେବାସୀ ବାଣିଜ୍ୟ ବିଭାଗର ଏମ୍‌ଫିଲ ଛାତ୍ରୀ। ଉଭୟ କାଠଯୋଡ଼ି ହଷ୍ଟେଲରେ ରୁହନ୍ତି। ଶନିବାର ସନ୍ଧ୍ୟାରେ ଏମ୍‌ଫିଲ ଛାତ୍ରୀଜଣଙ୍କ ହଷ୍ଟେଲର କେତେଜଣ ଜୁନିୟର ଅନ୍ତେବାସୀଙ୍କୁ ଗାଳିଗୁଲଜ କରୁଥିଲେ। ଏ ନେଇ ର୍‍ୟାଗିଂର ଶିକାର ଛାତ୍ରୀ ଜଣଙ୍କ ପ୍ରତିବାଦ କରିଥିଲେ। ଏମ୍‌ଫିଲ ଛାତ୍ରୀଜଣଙ୍କ ଏଥିରେ ଉତ୍ତକ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହ ତାଙ୍କୁ ମାଡ଼ ମାରିଥିଲେ ବୋଲି ର୍‍ୟାଗିଂର ଶିକାର ଛାତ୍ରୀ ଜଣଙ୍କ କହିଛନ୍ତି।

### ଚିକିତ୍ସାଧୀନ ନାବାଳକଙ୍କୁ ଡାକ୍ତରଙ୍କ ମାଡ଼ ଘଟଣା

# ଓଏଚ୍‌ଆର୍‌ସିରେ ଅଭିଯୋଗ

**ପୁରୀ ଅଫିସ,୧।୪**

### ୨ଲକ୍ଷ କ୍ଷତିପୂରଣ ଦାବି

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ନାବାଳକଙ୍କୁ ଡାକ୍ତରଙ୍କ ମାଡ ଘଟଣା ନେଇ ସୋମବାର ରାଜ୍ୟ ମାନବାଧିକାର କମିଶନ (ଓଏଚଆରସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ ଲାଗି ସଚେତନ ନାଗରିକ ମଞ୍ଚ ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଦାବି କରିଛନ୍ତି। କ୍ଷତିପୂରଣ ବାବଦ ୨ଲକ୍ଷ ଟଙ୍କା ସମ୍ପୃକ୍ତ ଡାକ୍ତରଙ୍କଠାରୁ ଭରଣା କରାଯିବା ସହ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି ଜଣାଇଛନ୍ତି। ସେହିପରି ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ଘଟିବ ସେଥିପ୍ରତି ଦୃଷ୍ଟି ଦେବାକୁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ଦାଶ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ଟାଉନ ଥାନା ଅନ୍ତର୍ଗତ ମିଶ୍ର ସାହିର ଅର୍ଜୁନ ମାନସିଂଙ୍କ ପୁଅ ଜୟରାମ (୮) ପରିସ୍ରାଜନିତ ସମସ୍ୟା କାରଣରୁ ଚିକିତ୍ସା ଲାଗି ଗତ ୩୦ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ତେବେ ଚିକିତ୍ସାବେଳେ ଡାକ୍ତର ପି.କେ.ଜେନା କୌଣସି କାରଣରୁ ଉତକ୍ଷିପ୍ତ ହୋଇ ତାଙ୍କୁ ମାଡ ମାରିଥିଲେ। ପୁଅର ଚିତ୍କାର ଶୁଣି ପରିବାର ଲୋକେ ଓଟିକୁ ଦୌଡି ଆସିଥିଲେ। ଏ ନେଇ ସେମାନେ ସିଡିଏମଓ ଏବଂ କୁମ୍ଭାରପଡା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ।

# ଶିକ୍ଷା ବ୍ୟକ୍ତିକୁ ସଶକ୍ତ କରିଥାଏ: ଉପରାଷ୍ଟ୍ରପତି

**ଭୁବନେଶ୍ୱର,୧।୪(ବ୍ୟୁରୋ)**

### ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ସମାବର୍ତ୍ତନ ଉତ୍ସବ



ବିଦ୍ୟାଳୟ କେବଳ ଶିକ୍ଷା ଗ୍ରହଣ କରିବାର ମନ୍ଦିର ନୁହେଁ। ଏହା ଦେଶର ଭାଗ୍ୟ ନିର୍ମାଣ କରିବାରେ ମୌଳିକ ଭୂମିକା ଗ୍ରହଣ କରିଥାଏ। ବିଦ୍ୟାଳୟ ହେଉଛି ଭବିଷ୍ୟତର ଡାକ୍ତର, ଇଞ୍ଜିନିୟରଙ୍କଠାରୁ ଆରମ୍ଭ କରି ବିଦ୍ୱାନମାନଙ୍କ ସୃଷ୍ଟିର ମଞ୍ଚ। ଗୋଟିଏ ଭଲ ବିଦ୍ୟାଳୟ କେବଳ ଶୈକ୍ଷିକ ଉପଲବ୍ଧି ଉପରେ ଧ୍ୟାନ ଦେଇ ନ ଥାଏ। ଛାତ୍ରୀଛାତ୍ର କିଭଳି ସମ୍ପୂର୍ଣ୍ଣ ବିକଶିତ ହୋଇପାରିବେ, ତାହା ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ଆଜିର ଯୁବପିଢ଼ି ନିଜ ଦେଶର ଜଣେ ଉତ୍ତମ ନାଗରିକ ହେବା ଜରୁରୀ ବୋଲି ଉପରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁ କହିଛନ୍ତି। ସୋମବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ୧୦ବର୍ଷ ପୂର୍ତ୍ତି ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ଏହା କହିଛନ୍ତି।

ଶିକ୍ଷା କେବଳ ନିଯୁକ୍ତି ପାଇଁ ନୁହେଁ, ଏହା ଜ୍ଞାନ ଓ ବୁଦ୍ଧିମତ୍ତା ମାଧ୍ୟମରେ ବ୍ୟକ୍ତିକୁ ସଶକ୍ତ କରିଥାଏ। ଶିକ୍ଷାରେ ସାମାଜିକ, ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ରହିବା ଆବଶ୍ୟକ। ବାସ୍ତବ ଶିକ୍ଷା ନୈତିକ ମୂଲ୍ୟବୋଧର ଦୃଢ଼ତା ଉପରେ ଆଧାରିତ। ଏହା ସମାଜ ବିକାଶର ମୂଳଦୁଆ ପକାଇଥାଏ ବୋଲି ଉପରାଷ୍ଟ୍ରପତି ମତବ୍ୟକ୍ତ କରିଥିଲେ। ପୁରାତନ ଯୁଗର ଶିକ୍ଷା ବ୍ୟବସ୍ଥାକୁ ମନେପକାଇ ସେ କହିଥିଲେ, ଏବେ ଆମ ଦେଶର ଶିକ୍ଷା ବ୍ୟବସ୍ଥା ସ୍ତର ଅତି ଉନ୍ନତମାନର ହେବା ସହ ଖୁବ୍‌ଶୀଘ୍ର ଆମେ ପୁଣିଥରେ ବିଶ୍ୱ ଗୁରୁ ହେବାକୁ ଯାଉଛେ। ମାତାପିତାଙ୍କୁ ସମ୍ମାନ, ମାତୃଭୂମିକୁ ସମ୍ମାନ, ନିଜ ଜନ୍ମଭୂମିକୁ ଭଲପାଇବା, ନିଜ ମାତୃଭାଷା କହିବା ଓ ଗୁରୁଙ୍କୁ ସର୍ବଦା ମନେରଖିବା ଏହି ପାଞ୍ଚୋଟି ନିୟମକୁ ପାଳନ କରିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। କୌଣସି ଜ୍ଞାନକୌଶଳ, ବିଜ୍ଞାନ କି ଗୁଗଲ୍ ଗୁରୁଙ୍କ ସ୍ଥାନ ନେଇପାରିବ ନାହିଁ। କାରଣ ଗୁଗଲ୍‌କୁ ସଜାଡ଼ିବା ପାଇଁ ଜଣେ ଗୁରୁଙ୍କର ଆବଶ୍ୟକତା ପଡ଼ିଥାଏ ବୋଲି ଉପରାଷ୍ଟ୍ରପତି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକୃତିର ସୁନ୍ଦରତାକୁ ଉପଭୋଗ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ନିଜେ ହସି ନିଜ ଚାରିପାଖର ଲୋକଙ୍କୁ ଖୁସି ରଖିବାର ଅଭ୍ୟାସ କରିବା ଏବଂ ଜୀବନର ସକାରାତ୍ମକ ଦୃଷ୍ଟିକୋଣକୁ ବିକଶିତ କରିବା ଦରକାର ବୋଲି କହିଥିଲେ। ସାଇ ଇଣ୍ଟରନ୍ୟାଶନାଲ ଗ୍ରୁପ୍ ଚେୟାରମ୍ୟାନ ଡ. ବିଜୟ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପୁରାତନ ଯୁଗର ଶିକ୍ଷା ପ୍ରଣାଳୀର ସଂଜ୍ଞା ଦେଇ ଭାରତବର୍ଷରେ ଶିକ୍ଷା କ୍ଷେତ୍ରରେ କିପରି ପୁନରୁତ୍ଥାନ ହେଉଛି ଓ ଏକବିଂଶ ଶତାବ୍ଦୀରେ ଓଡ଼ିଶା ଦେଶର ମୁଖ୍ୟ ଶିକ୍ଷାକେନ୍ଦ୍ର ରୂପେ ପରିଗଣିତ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ୨୦୧୮-୧୯ ବର୍ଷର ୪ଜଣ ଶ୍ରେଷ୍ଠ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମୀର ପାତ୍ରଙ୍କୁ ଷ୍ଟେଲର ଆଚିଭର୍ ଆୱାର୍ଡ, ଶିବାଶିଷ ନାୟକଙ୍କୁ ପ୍ରୋଡିଜିୟୋସ୍ ଆୱାର୍ଡ, ପ୍ରଣବ ମାଣିଙ୍କୁ ଗ୍ଲୋବାଲ୍ ସାୟୋନିୟର୍ ଆୱାର୍ଡ ଓ ଶିବାଙ୍ଗୀ ଶର୍ମାଙ୍କୁ ଗ୍ଲୋବାଲ୍ ଏଣ୍ଟରପ୍ରେନ୍ୟୁୟର ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ସ୍କୁଲ ପ୍ରିନ୍ସପାଲ୍ ହରିଶ ସାନ୍ଧୁଜା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ଭାଇସ୍ ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଉପସ୍ଥିତ ଥିଲେ। ଉତ୍ସବରେ ଶ୍ରୀହର୍ଷ ମୂକବଧିର ସ୍କୁଲ ଓ ସୈନିକ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସେମାନଙ୍କୁ ଆଣି ଉପରାଷ୍ଟ୍ରପତିଙ୍କ ଅଭିଭାଷଣ ଶୁଣାଇବାର ବ୍ୟବସ୍ଥା କରାଯାଇଥିଲା।

# କିଟ୍, କିସ୍‌ରେ ଓଡ଼ିଶା ଦିବସ



ଓଡ଼ିଶା ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀମାନେ।

**ଭୁବନେଶ୍ୱର,୧।୪(ବ୍ୟୁରୋ)**

କିଟ୍ ଓ କିସ୍ ପକ୍ଷରୁ ସୋମବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କିସ୍ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମାଲ୍ୟାର୍ପଣ କରିଥିଲେ। ଏହାପରେ ଆୟୋଜିତ ସଭାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀରମୋହନ ସେନାପତି ଓ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭୂମିକା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସମ୍ପାଦକ ଆର୍.ଏନ୍. ଦାଶ, କିସ୍ ସିଓଓ ସୂର୍ଯ୍ୟକାନ୍ତ ମହାନ୍ତି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ, ନିର୍ଦ୍ଦେଶକ ଡ. ପି.କେ. ଦାସ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅପରାହ୍ନରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ମଧ୍ୟ ଓଡ଼ିଶା ଦିବସ ପାଳିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ଇତିହାସ ଉପରେ ଆୟୋଜିତ ଆଲୋଚନାଚକ୍ରରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ବିଏମ୍‌ପିଏସ୍ ତକ୍ଷଶୀଳା ସ୍କୁଲରେ ଓଡ଼ିଶା ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରମାନେ ଶପଥ ଗ୍ରହଣ କରୁଛନ୍ତି।

# ଓଡ଼ିଶା ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର ପାଇଁ ଶପଥପାଠ

**ଭୁବନେଶ୍ୱର,୧।୪(ବ୍ୟୁରୋ)**

ବିଏମ୍‌ପିଏସ୍ ତକ୍ଷଶୀଳା ସ୍କୁଲରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସାହିତ୍ୟିକା ଡ. ପ୍ରତିଭା ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓଡ଼ିଆ ଭାଷା ଏବଂ ଓଡ଼ିଶା ସଂସ୍କୃତି ଓ ପରମ୍ପରାର ପ୍ରଚାର, ପ୍ରସାର କରିବାକୁ ଶପଥ ନେଇଥିଲେ। ସେହିପରି ଆୟୋଜିତ 'ଆମ ହାଣ୍ଡିଶାଳ' ରୋଷେଇ ପ୍ରତିଯୋଗିତାରେ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ନିର୍ଦ୍ଦେଶିକା ସିକତା ଦାସ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ଭୋଗ ପେଡ଼ି ବିକ୍ରି

# ନାଟମଣ୍ଡପରେ ହେଉଛି ଅଯଥା ଗହଳି

**ପୁରୀ ଅଫିସ,୧।୪**



ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ଉପରେ ମନ୍ଦିର ପ୍ରଶାସନ ଗୁରୁତ୍ୱାରୋପ କରିଛି। ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ତାହା ଉପରେ ପ୍ରାଥମିକତା ଦିଆଯାଉଛି। ଏଥିପାଇଁ ବିଭିନ୍ନ ପଦକ୍ଷେପ ମଧ୍ୟ ନିଆଯାଉଛି। ଦର୍ଶନବେଳେ ଯେଭଳି ଅତ୍ୟଧିକ ଗହଳି ନ ହେବ ସେଥିଲାଗି ବ୍ୟବସ୍ଥା ଗ୍ରହଣ କରାଯାଇଛି। ହେଲେ ହାତଗଣତି କେତେଜଣ ସେବକଙ୍କ ପାଇଁ ନାଟମଣ୍ଡପରେ ହେଉଛି ଅଯଥା ଗହଳି। ଭୋଗ ପେଡି ବିକ୍ରି ହିଁ ଏହି ଗହଳିର କାରଣ ବୋଲି କୁହାଯାଉଛି। ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରବେଶ କରିବା ମାତ୍ରେ ନାଟମଣ୍ଡପରୁ ହିଁ ଭୋଗ ନେବାର ଜୁଲମ୍ ଆରମ୍ଭ ହୋଇଯାଉଛି। କିଛି ସେବାୟତ ବୁଲି ବୁଲି ନାଟମଣ୍ଡପରେ ଭୋଗ ବିକ୍ରି କରୁଛନ୍ତି। ଏମିତି କି ସେମାନେ ଭୋଗ ପେଡ଼ି ଧରି ଶ୍ରଦ୍ଧାଳୁଙ୍କ ମୁହଁ ପାଖକୁ ବଢାଇ ଦେଉଛନ୍ତି। ଓଡ଼ିଆ/ହିନ୍ଦୀ ଭାଷାରେ ଭୋଗ ନେଇ ଠାକୁରଙ୍କ ପାଖରେ ଲଗାଇବାକୁ କହୁଛନ୍ତି। ଦାମ୍‌କୁ ନେଇ ମୂଲଚାଲ ହେଉଛି। ନଚେତ୍ ଭୋଗ କିଣୁଥିବା ଭକ୍ତ ପଇସା ଦେବା ପାଇଁ କିଛି ସମୟ ଗୋଟିଏ ଜାଗାରେ ଠିଆ ହେଉଛନ୍ତି। ଫଳରେ ଅନ୍ୟ ଭକ୍ତଙ୍କ ଯାତାୟାତରେ ଅସୁବିଧା ହେବା ସହ ଅଯଥା ଗହଳି ହେଉଛି।

ଶ୍ରୀମନ୍ଦିର ଭିତରକୁ ବାହାରୁ ଭୋଗ ନେଇଯିବାକୁ ବାରଣ ରହିଛି। ମହାପ୍ରଭୁଙ୍କ ପାଖରେ କୌଣସି ବାହାର ଭୋଗ ଲାଗିପାରିବ ନାହିଁ। ତେଣୁ ଆନନ୍ଦ ବଜାରରେ ସ୍ୱତନ୍ତ୍ର ଭାବେ ଭୋଗ ଦୋକାନ ରହିଛି। ଏତଦ୍‌ବ୍ୟତୀତ ନାଟମଣ୍ଡପରେ ପୂଜାପଣ୍ଡା ସେବାୟତମାନେ ମଧ୍ୟ ଭୋଗ ବିକ୍ରି କରୁଛନ୍ତି। ଯେଉଁମାନେ ଠାକୁରଙ୍କ ପାଖରେ ଭୋଗ କରିବାକୁ ଚାହିଁବେ ସେମାନେ ପୂଜାପଣ୍ଡା ସେବାୟତଙ୍କଠାରୁ ଭୋଗ ନେଇପାରିବେ। ଏମିତି ସୁବିଧା ଭକ୍ତଙ୍କ ପାଇଁ ରହିଛି। ଏହାସତ୍ତ୍ୱେ ଆଉ କିଛି ସେବାୟତ ରହିଛନ୍ତି ଯେଉଁମାନେ ଭକ୍ତଙ୍କୁ ଶୋଷଣ କରିବାର ମାନସିକତା ରଖୁଛନ୍ତି। ସେମାନେ ଆନନ୍ଦ ବଜାରରୁ ଭୋଗ ପେଡି କିଣି ନାଟମଣ୍ଡପରେ ବିକ୍ରି କରୁଛନ୍ତି। ମହାପ୍ରଭୁଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ରଖୁଥିବା ଭକ୍ତମାନେ ଭୋଗ କିଣିବା ପରେ ପୁଣି ସେମାନଙ୍କ ପାଖରେ ଅନ୍ୟ ସେବାୟତ ପହଞ୍ଚି ଯାଉଛନ୍ତି। ଠାକୁରଙ୍କ ପାଖରେ ଭୋଗ କରିବାକୁ କହି ୨୦/୩୦ ଟଙ୍କା ଦାବି କରୁଛନ୍ତି। ପ୍ରତିଦିନ ଏମିତି ଭାବେ ଭକ୍ତଙ୍କୁ ଏକପ୍ରକାର ଜୁଲମ୍ କରାଯାଉଛି।

ନାଟମଣ୍ଡପ ମଧ୍ୟରେ ଏମିତି ବୁଲିବୁଲି ଭୋଗ ବିକ୍ରି କରିବା ବେଆଇନ। ଶ୍ରୀମନ୍ଦିର ପ୍ରଶାସନ ଏଥିଲାଗି କାହାକୁ ଅନୁମତି ଦେଇନାହିଁ। ତେବେ ଏଠାରେ ପ୍ରଶ୍ନଉଠୁଛି, ହାତଗଣତି ଯେଉଁ କେତେଜଣ ସେବାୟତ ନାଟମଣ୍ଡପରେ ଭୋଗ ପେଡ଼ି ବିକୁଛନ୍ତି ସେମାନଙ୍କୁ କିଏ ଏହି ଅଧିକାର ଦେଇଛି। ଯଦି ଶ୍ରୀମନ୍ଦିର ପ୍ରଶାସନର ଏହା ଉପରେ କଟକଣା ରହିଛି ତେବେ ସମ୍ପୃକ୍ତ ସେବାୟତଙ୍କୁ କାହିଁକି ଏଥିରୁ ନିବୃତ୍ତ କରାଯାଉନାହିଁ। ଅନ୍ୟପକ୍ଷେ କିଛି ଅଧିକାରୀଙ୍କ ଜ୍ଞାତସାରରେ ଏସବୁ ଚାଲିଥିବା ଶୁଣିବାକୁ ମିଳୁଛି। ତେବେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ହେଲେ କଟକଣାକୁ କଡାକଡି ଭାବେ ପାଳନ କରାଯିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଯୋଗାଣ ପ୍ରହସନ

# ରକ୍ତ ନ ପାଇ ଫେରିଲେ ୨ ଗର୍ଭବତୀ

**ଖୋର୍ଦ୍ଧା ଅଫିସ,୧।୪**




### ଗଚ୍ଛିତ ରହିଛି ୨ୟୁନିଟ୍ ରକ୍ତ

ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ମାଗଣାରେ ରକ୍ତ ଯୋଗାଣର ବ୍ୟବସ୍ଥା ରହିଥିବା ବେଳେ ଖୋର୍ଦ୍ଧାରେ ତାହା ପ୍ରହସନରେ ପରିଣତ ହୋଇଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କ କାର୍ଯ୍ୟାଳୟ ପରିସରରେ ଥିବା ରକ୍ତ ଭଣ୍ଡାରରୁ ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟର ହିମୋଗ୍ଲୋବିନ୍ ଅଭାବ ରହିଥିବା ଏ ଓ ବି ପଜେଟିଭ୍ ୨ଜଣ ଗର୍ଭବତୀ ମହିଳା ରକ୍ତ ନ ପାଇ ଫେରିଥିବା ଅଭିଯୋଗ ହେଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ହୋଇ ଏଠାରେ ବି ନେଗେଟିଭ୍‌ର ୨ୟୁନିଟ୍ ରକ୍ତ ଗଚ୍ଛିତ ରହିଛି। ରକ୍ତଦାନ ମହାପୁଣ୍ୟ ଉପରେ ସଚେତନତା ଖୋର୍ଦ୍ଧାରେ ନାହିଁ। ପୁଣି ଅଧିକ ସଂଖ୍ୟାରେ କ୍ୟାମ୍ପ କରାଯାଇ କିପରି ଅଧିକ ରକ୍ତ ସଂଗୃହୀତ ହେବ ସେ ନେଇ ପଦକ୍ଷେପର ଅଭାବ ରହିଛି। ଏହି ରକ୍ତ ଭଣ୍ଡାର ପକ୍ଷରୁ ଜାନୁୟାରୀ ୧୦, ଫେବୃୟାରୀ ୫ ଓ ମାର୍ଚ୍ଚରେ ୬ଟି କ୍ୟାମ୍ପ କରାଯାଇଛି। ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ରୋଗୀଙ୍କ ରକ୍ତର ଆବଶ୍ୟକତା ରହିଲେ ମାଗଣା ଦିଆଯିବ ବୋଲି ରକ୍ତ ଭଣ୍ଡାର ପକ୍ଷରୁ ଘୋଷଣା କରାଯାଇଛି। ବେସରକାରୀ ଡାକ୍ତରଖାନାର ରୋଗୀ କିଣିଲେ ପ୍ରଥମ ୟୁନିଟ୍ ୪୩୦ ଓ ୨ୟ ୟୁନିଟ୍ ୩୯୦ ଟଙ୍କା ଦେବାକୁ ପଡିବ ବୋଲି ଅନୁରୂପ ଭାବେ ରକ୍ତଭଣ୍ଡାରର ନିୟମ ରହିଛି। ଏନେଇ ରକ୍ତଭଣ୍ଡାର ପକ୍ଷରୁ ପୋଷ୍ଟର୍ ବି ମରାଯାଇଛି। ବେସରକାରୀ କ୍ଲିନିକ୍‌ର ରୋଗୀ ବିଭିନ୍ନ ସମୟରେ ରକ୍ତ ପାଇବାର ଅସୁବିଧା ନ ଥିବାବେଳେ ସରକାରୀ ଡାକ୍ତରଖାନାର ରୋଗୀ ହଇରାଣ ହୋଇ ଆସୁଛନ୍ତି ବୋଲି ଅଭିଯୋଗ ହେଉଛି। ଏଭଳିସ୍ଥଳେ ସରକାରୀ ଡାକ୍ତରଖାନାରୁ ରୋଗୀ ହ୍ରାସ ପାଇବା ବ୍ୟତୀତ ଅନ୍ୟ ଉପାୟ ନାହିଁ। ଏନେଇ ବ୍ଲଡ ବ୍ୟାଙ୍କ ଅଧିକାରୀ ସ୍ୱରୂପ ରଞ୍ଜନ ସାହୁ କୁହନ୍ତି, ଆମ ପାଖରେ ଯାହା ଷ୍ଟକ ଥିଲା ଆମେ ତାହା ସୂଚନା ଫଳକରେ ଦର୍ଶାଇଛୁ। ଷ୍ଟକ ନ ଥିବାରୁ ରକ୍ତ ଯୋଗାଇବା ସମ୍ଭବ ହେଲା ନାହିଁ। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ ମହାପାତ୍ର କୁହନ୍ତି, ରକ୍ତ ଭଣ୍ଡାରକୁ ଅଧିକ ସଂଖ୍ୟକ ରକ୍ତ ଆସିବାକୁ ଅଧିକ କ୍ୟାମ୍ପ କରାଯିବ। ରକ୍ତ ଅଭାବକୁ ଦୂର କରିବାକୁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଭେଡ଼ାରାମଚନ୍ଦ୍ରପୁରରେ ୨ ବଖରା ଜଳିଗଲା



**ବାଙ୍କୀ,୧୪(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଭେଡ଼ାରାମଚନ୍ଦ୍ରପୁର ଗ୍ରାମରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଜଗନ୍ନାଥ ଗୋଛିଙ୍କ ୨ ବଖରା ଘର ଜଳି ପାଉଁଶ ହୋଇଯାଇଛି। ଘରେ ଥିବା ଧାନ, ବିରି, ଚାଉଳ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଖବର ପାଇ ବାଙ୍କୀ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସରପଞ୍ଚ ଅଦ୍ୱୈତ୍ୟ ପ୍ରସାଦ ମହପାତ୍ର, ଶାନ୍ତି କମିଟି ଉପଦେଷ୍ଟା ସମରେନ୍ଦ୍ର ମହାପାତ୍ର ବିପନ୍ନ ପରିବାର ପ୍ରତି ସମବେଦନା ଜଣାଇବା ସହ ସହାୟତା ଯୋଗାଇଦେବା ବ୍ୟବସ୍ଥା କରିଥିଲେ। ବାଙ୍କୀ ସଦର ଆରଆଇ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ବିପନ୍ନ ପରିବାରକୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ଗୁରୁତର ଅବସ୍ଥାରେ ଯୁବକ ଉଦ୍ଧାର

**ଖୁଣ୍ଟୁଣୀ,୧୪(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲ ରେଳ ଷ୍ଟେଶନ ନିକଟରୁ ସୋମବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ସେ ହେଲେ ଗଞ୍ଜାମ ଜିଲାର କୁଳପୁଟୁ ଗ୍ରାମର ପର୍ଶୁରାମ ରେଡି। ସୂଚନାଯୋଗ୍ୟ, ପର୍ଶୁରାମ ରକ୍ତାକ୍ତ ଅବସ୍ଥାରେ ଷ୍ଟେଶନ ନିକଟରେ ପଡ଼ିଥିବାର କେତେକ ଯୁବକ ଦେଖିଥିଲେ। ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ଯୁବକମାନେ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ଖବରପାଇ ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ର ଦାସ ପହଞ୍ଚି ଯୁବକଙ୍କ ଚେତା ଆସିଥିବାରୁ ନିଜ ପରିଚୟ ପଚାରି ବୁଝିଥିଲେ। ସେ ଗଞ୍ଜାମରୁ ଏକ ଟ୍ରେନରୁ ଆସୁଥିବାବେଳେ ଘଣ୍ଟିଖାଲ ନିକଟରେ ଟ୍ରେନ ମନ୍ଥର ଥିବାରୁ ତାଙ୍କୁ କେହି ଧକ୍କା ଦେଇଥିବାର ପର୍ଶୁରାମ କହିଥିଲେ। ଏ ନେଇ ଘଣ୍ଟିଖାଲ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିବା ଘଣ୍ଟିଖାଲ ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ଗୌଡ କହିଛନ୍ତି। ଏ ନେଇ ପର୍ଶୁରାମଙ୍କ ପରିବାର ଲୋକଙ୍କୁ ଜଣାଇ ଦିଆଯାଇଛି ବୋଲି ଫାଣ୍ଡିଅଧିକାରୀ କହିଛନ୍ତି।

### ଲଉଡ଼ି ମେଳଣ

**କଟକ ସଦର,୧୪ (ଡି.ଏନ୍.ଏ.):** ୪୨ ମୌଜା ଅଧୀନ ନହରପଦା ଗ୍ରାମରେ ରବିବାର ଲଉଡି ମେଳଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନହରପଦା, ଝାରକଟା, ହାଜିପୁର, ମଙ୍ଗୁଳି ଓ ପୁରଣ ଅଞ୍ଚଳର ଲଉଡି ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନରହରି ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁବ ଯାଦବ ସଂଘ ସଭାପତି ଇଂ. ପ୍ରଦୀପ ବେହେରା ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡା ଓ ଜିଲା ପରିଷଦ ସଭ୍ୟ ବୀରବର ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୪୨ ମୌଜା ଯାଦବ ସମିତି ସଭାପତି ବୁଲେଇ ବେହେରା, ସମ୍ପାଦକ ପ୍ରସନ୍ନ ବେହେରା, ବିନୋଦ ବେହେରା ଓ ଜୟନ୍ତ ଦାସ ପ୍ରମୁଖ ଲଉଡିର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମନୋରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୂର୍ବତନ କଂଗ୍ରେସ କାଉନସିଲର ବିଜେଡିରେ ସାମିଲ

**ଆଠଗଡ଼,୧୪(ସ୍ୱ.ପ୍ର.):** ଆଠଗଡ଼ ବିଜେଡିର ଏକ ମିଶ୍ରଣ ପର୍ବ ସୋମବାର ଅପରାହ୍ନରେ ଚିରିଗୁଡ଼ିଆସ୍ଥିତ ଚନ୍ଦନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ଼ ଏନଏସି ୯ନଂ ୱାର୍ଡର ପୂର୍ବତନ କାଉନସିଲର ତଥା ବିଶିଷ୍ଟ ଯୁବନେତା ମନୋରଞ୍ଜନ ଦାସ ତାଙ୍କ ଶତାଧିକ ସମର୍ଥକଙ୍କ ସହିତ ବିଜେଡିରେ ସାମିଲ ହୋଇଛନ୍ତି। ସେ ରାଜ୍ୟ କଂଗ୍ରେସ ପ୍ରାର୍ଥୀ ଦେବାରେ ସମସ୍ତ ନୈତିକତା ହରାଇଥିବା ଅଭିଯୋଗ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ କାର୍ଯ୍ୟଶୈଳୀରେ ଆକୃଷ୍ଟ ହୋଇ ଦଳରେ ମିଶିଥିବା କହିଛନ୍ତି। ଦାସ ଯୋଗ ଦେବା ପରେ ବିଧାୟକ ସ୍ୱାଇଁ ତାଙ୍କୁ ଦଳୀୟ ଉତ୍ତରୀୟ, ପତାକା ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ସେ ଦଳରେ ସାମିଲ ହେବାପରେ ଆଠଗଡ଼ ଏନଏସି ଅଞ୍ଚଳରେ ଦଳ ସଶକ୍ତ ହେବ ବୋଲି ବିଧାୟକ କହିଥିଲେ।

■ କେନାଲ ଅବରୋଧ କରି ଗାର୍ଡ ୱାଲ ନିର୍ମାଣ

# ଥାନାରେ ଏତଲା, କାମ ବନ୍ଦ

■ଠିକାଦାରଙ୍କ ମନମାନି
■ଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ଆଶଙ୍କା
■ମିଳିତ ତଦନ୍ତ ପରେ କାର୍ଯ୍ୟ ତ୍ୱରାନ୍ୱିତ ହେବ

**ନିଶ୍ଚିନ୍ତକୋଇଲି,୧୪(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର କେନାଲରୁ ବାହାରିଥିବା ୯(ଗ) କେନାଲର ଶୁକରପଡ଼ା ନିକଟରେ କେନାଲ ମଧ୍ୟଭାଗରେ ଗାର୍ଡୱାଲ ନିର୍ମାଣ କରାଯାଉଛି। ଫଳରେ କେନାଲରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ସମ୍ପୃକ୍ତ ଠିକାଦାରକୁ ଜଣାଇବାରୁ ଠିକାଦାର ବିଭାଗୀୟ ଆଦେଶକୁ ଅବମାନନା କରି କାର୍ଯ୍ୟ କରିଥିଲେ। ଫଳରେ ପୂବଂଶ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଏ ନେଇ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପର ପର୍ଯ୍ୟାୟରେ କେନ୍ଦ୍ରପଡ଼ା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପତ୍ର ନଂ–୧୮୧୯/୩୦/୩/୨୦୧୯ରେ ନିଶ୍ଚିନ୍ତକୋଇଲି ଥାନାକୁ ମାମଲା ରୁଜୁ ପାଇଁ ଅବଗତ କରାଯାଇଛି। ସେ ପତ୍ରରେ ଦର୍ଶାଇଛନ୍ତି ଯେ ସମ୍ପୃକ୍ତ ଠିକାଦାର ଜଳ ସମ୍ପଦ ବିଭାଗର ସ୍ୱୀକୃତି ନ ନେଇ କେନାଲ ମଧ୍ୟ ଭାଗରେ ବେଆଇନ ରାସ୍ତା ନିର୍ମାଣ କରୁଛନ୍ତି। ଓଡ଼ିଶା ଇରିଗେସନ ଆକ୍ଟ ୧୯୫୯, କ୍ଲଜ–୩୯ ଓ ୪୦ର ୬ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆଇପିସିର ୪୩୦ ଧାରା ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ପତ୍ର ପାଇବା ପରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କାମ ବନ୍ଦ କରାଯାଇଛି।



ନିର୍ମାଣ କରାଯାଉଥିବା ଗାର୍ଡୱାଲ।

ସୂଚନାଯୋଗ୍ୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ଶୁକରପଡାରୁ ବାଲିଆଟକା ଭାୟା ଝାଡେଶ୍ୱରପୁର ରାସ୍ତା ନିର୍ମାଣ ପାଇଁ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରିଛନ୍ତି। ତେବେ ରାସ୍ତା କାର୍ଯ୍ୟକୁ ସମ୍ପୃକ୍ତ ଠିକାଦାର ଅତି ତରବରିଆଭାବେ କରୁଥିବାରୁ ରାସ୍ତା ସୀମା ପରିଧିକୁ ନେଇ ମାପ ଚୂପ ହୋଇନାହିଁ। ଶୁକରପଡା ନିକଟରେ ଥିବା ୯(ଗ) କେନାଲ ମଧ୍ୟ ଭାଗରେ ଗାର୍ଡ ୱାଲ ନିର୍ମାଣ ହେଉଥିବାରୁ ଆଗାମୀ ଦିନରେ ଏହି କେନାଲରେ ଜଳ ସେଚନ ବାଧାପ୍ରାପ୍ତ ହେବ। ଏନେଇ ବିଭାଗୀୟ ଯନ୍ତ୍ରୀ ରବୀନ୍ଦ୍ର ସାମଲ କହିଛନ୍ତି, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଇବା ସହ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟଜିତ ଦଳାଇ କହିଛନ୍ତି, ଜଳ ସମ୍ପଦ ବିଭାଗର ଅଭିଯୋଗ କ୍ରମେ ସମ୍ପୃକ୍ତ ଜାଗାରେ କାମ ବନ୍ଦ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖୁବଶୀଘ୍ର ଜଳ ସମ୍ପଦ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମିଳିତ ତଦନ୍ତ କରାଯିବା ପରେ କାର୍ଯ୍ୟ ତ୍ୱରାନିତ ହେବ।



ବିଜେଡି କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ର ଓ କର୍ମୀ ଉପସ୍ଥିତ।

## ୩୦ ନଂ ଜୋନ୍ ଜିଲା ପରିଷଦ ବିଜେଡିର କର୍ମୀ ସମ୍ମିଳନୀ

**ବଡ଼ମ୍ବା,୧୪(ଡି.ଏନ.ଏ.)**

ବଡ଼ମ୍ବା ପଞ୍ଚାୟତ ସମିତି ଅନ୍ତର୍ଗତ ୩୦ ନମ୍ବର ଜିଲା ପରିଷଦ ଜୋନ୍ ବିଜେଡିର ସୋମବାର ସିଂହନାଥ ପୀଠଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୩୦ନଂ ଜୋନ୍ ଆବାହକ ତଥା କଟକ ଜିଲା ବିଜୁ ଜନତାଦଳ କମିଟି ସମ୍ପାଦକ ପ୍ରଦୀପ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ଜୋନ୍ ଅନ୍ତର୍ଗତ ୧୧ ପଞ୍ଚାୟତର କର୍ମୀ ଯୋଗ ଦେଇଥିଲେ। ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର ଯୋଗଦେଇ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ କର୍ମୀଙ୍କୁ ବୁଝାଇଥିଲେ। ଆଗାମୀ ଦିନରେ ସମସ୍ତ ଭେଦଭାବକୁ ଭୁଲି ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୟା ନାଏକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁ, ବିଜୁ ଯୁବ ଜନତା ଦଳ ସଭାପତି ସଞ୍ଜୟ ସ୍ୱାଇଁ, କର୍ମୀ ହରିହର ମହାନ୍ତି, ଅରବିନ୍ଦ ପଟ୍ଟନାୟକ, ପ୍ରସନ୍ନ ମଲ୍ଲିକ ଓ ଶାରଦା ପ୍ରସାଦ ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ନିଜ ନିଜ ପଞ୍ଚାୟତ ସଂଗଠନ ଉପରେ ସୂଚନା ପ୍ରଦାନ କରିଥିଲେ। ସମ୍ମିଳନୀରେ ବାଙ୍ଗରସିଂହା, ମୁଗଗହିରୀ, ଗୋପୀନାଥପୁର, ଶଙ୍ଖାମେରୀ, ମଙ୍ଗରାଜପୁର, ଝାଜିଆ, ବନମାଳୀପୁର, ଗୋପମଥୁରା, ରଗଡ଼ିପଡ଼ା, ପରଜାପଡ଼ା, ଗଡ଼ାପୋଖରୀ ଆଦି ପଞ୍ଚାୟତର ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।





ଓଡ଼ିଶା ଦିବସ ପାଳନ ଅବସରରେ ସୋମବାର ଡ୍ରିମ୍ସ ପକ୍ଷରୁ ସ୍ୱଚ୍ଛତା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠା ଉତ୍ସବ

**ଚୌଦ୍ୱାର,୧୪(ଡି.ଏନ୍.ଏ)**

ସ୍ଥାନୀୟ ଗୋପାଳପୁର ଶିଳ୍ପାଞ୍ଚଳରେ ନବନିର୍ମିତ ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠା ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ଇଂ. ଗଣେଶ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରିକି ମିଶନ୍‌ର ଶ୍ରୀସନ୍ଥ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥି ଭାବେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ବିହାର ମୁଜାଫରପୁରସ୍ଥିତ ଡିଏଭି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ରିଚା ପରାସର, ଶିକ୍ଷାବିତ୍ ଅନୀତା ଶତପଥୀ, ଅଖଣ୍ଡାନନ୍ଦ ସରସ୍ୱତୀ, ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ଶିବ ପ୍ରସାଦ ବେହେରା, ଶିକ୍ଷାବିତ୍ ରବୀନ୍ଦ୍ରନାଥ ନାୟକ, ସ୍ଥାନୀୟ ମୁରବୀ ଶଙ୍କର୍ଷଣ ରାଉତ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ମନୋରଞ୍ଜନ ସ୍ୱାଇଁ, ଅକ୍ଷୟ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଂଯୋଜକ ପ୍ରାନ୍ ବିଶ୍ୱାଳ ବିଦ୍ୟାଳୟ ସମ୍ପର୍କିତ ସୂଚନା, ଅଧ୍ୟକ୍ଷା ଅମ୍ବିକା ତ୍ରିପାଠୀ ବିବରଣୀ ପାଠ, ଶିଶୁବଜାରର ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଶିକ୍ଷକ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ନରାଜ/କଟକ ଅଫିସ,୧୪**

ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗଶାସନ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚୁଡଙ୍ଗଗଡ ଶିକ୍ଷକ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଡ. ସତ୍ୟ ରାୟ, ମୁଖ୍ୟବକ୍ତା ହଂସନାଥ ସାହୁ, ସମ୍ମାନିତ ଅତିଥିଭାବେ ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇ ଓଡିଆ ଭାଷା ଓ ସାହିତ୍ୟର ବିକାଶରେ ଶିକ୍ଷକମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଡ. ରାଜଲକ୍ଷ୍ମୀ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ୨୦୧୭–୧୮ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ମହୀଧରପଡା ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଭିଷେକ ପୃଷ୍ଟି ଓ ବିଳାଶୁଣୀ ବିଦ୍ୟାପୀଠର ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀ ସ୍ୱାଇଁଙ୍କୁ ଓଡିଆ ଭାଷା ସାହିତ୍ୟ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

## କଟକରେ ଓଡ଼ିଶା ଦିବସ ପାଳିତ

**କଟକ ଅଫିସ, ୧୪**

ଜିଲା ପ୍ରଶାସନ ଓ ସିଏମ୍‌ସିର ମିଳିତ ସହଯୋଗରେ ଜିଲାସ୍ତରୀୟ ଓଡିଶା ଦିବସ କଟକରେ ପାଳିତ ହୋଇଯାଇଛି। ସକାଳେ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ କଟକ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ତୁଳସୀପୁର ହାଇସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଏହାପରେ ଅତିରିକ୍ତ ଜିଲାପାଳ ସ୍ଥାନୀୟ ହରିଣପାର୍କ ଏବଂ କ୍ୟାଣ୍ଟନମେଣ୍ଟରୋଡ୍‌ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ଭାଷାଭିତ୍ତିରେ ସମଗ୍ର ଭାରତବର୍ଷରେ ସ୍ୱତନ୍ତ୍ର ଉତ୍କଳ ପ୍ରଥମେ ଗଠନ ହୋଇଥିବା ପ୍ରସଙ୍ଗ ଉପରେ ଖଣ୍ଡାୟତରାୟ ଆଲୋକପାତ କରିଥିଲେ। ଜିଲା ପ୍ରଶାସନ ତରଫରୁ ସହରର ବିଭିନ୍ନ ସ୍ଥାନରେ ଥିବା ଓଡିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସହରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପ୍ରଚାର କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ବେଙ୍ଗଲିଶ୍ ଫ୍ରମ୍ ଓଡ଼ିଶା ତରଫରୁ ମଧ୍ୟାହ୍ନ ଭୋଜନ ବଣ୍ଟନ

**କଟକ ଅଫିସ, ୧୪**

ବେଙ୍ଗଲିଶ୍ ଫ୍ରମ୍ ଓଡ଼ିଶା ତରଫରୁ ରବିବାର ଶିଶୁଭବନସ୍ଥିତ ସାଇ ମନ୍ଦିର ସମ୍ମୁଖରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ମଧ୍ୟାହ୍ନଭୋଜନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଗତ ୨ ମାସ ଧରି ପ୍ରତି ରବିବାର ଦିନ ଚାଲୁଛି। ଅନୁଷ୍ଠାନ ତରଫରୁ ସୁପ୍ରଭା ରାୟ, ସବ୍ୟସାଚୀ ସେନ୍, ଦୁର୍ଗା ସିହ୍ନା, ରଣା ଚାଟ୍ଟାର୍ଜୀ, ମୌମୀତା ପାଲ୍, ସୁନୀତା ଶର୍ମା, ଦେବାଶିଷ ମିତ୍ର, ନୀତା ଦାସ, ରୂପାଲି ବୋଷ, ଶତାବ୍ଦୀ ତପାଦାର୍, ରୀତା ଦାସ, ଦେବାଶିଷ ବୋଷ, ମାନବେଷ ରାୟ, ବନ୍ଦନା ସିଂ, ବିଜୟ ଦେ, ପ୍ରସୁନ୍ ରାୟଚୌଧୁରୀ, ସୁବାଷିସ୍ ସେନ୍, ଶ୍ରୀଦେବ ସରକାର ଓ ପୁଷ୍ପଙ୍କ ବାନାର୍ଜୀ ଏହି କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୁଧାଶ୍ରୀ ଦତ୍ତ ସମସ୍ତ ସଭ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଚାଷୀ ସଙ୍ଗଠିତ ହେଲେ ସମସ୍ୟା ସମାଧାନ ହୋଇଥାଏ'

**ତିଗିରିଆ,୧୪(ଡି.ଏନ.ଏ.)**

ବିଭିନ୍ନ କ୍ଷେତ୍ରରେ କୃଷି ଓ କୃଷକଙ୍କ ପାଇଁ ଉପୁଜୁଥିବା ସମସ୍ୟା ଗୁଡ଼ିକୁ ଚାଷୀ ସଙ୍ଗଠିତଭାବେ ଉଦ୍ୟମ କଲେ ତାହାର ସମାଧାନ ହୋଇଥାଏ। ଏହା ଦ୍ୱାରା ସମସ୍ୟା ଦୂରେଇ ଯାଇ ବିକାଶର ବାଟ ଖୋଲିଥାଏ। ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ହାଇସ୍କୁଲ ଖେଳ ପଡ଼ିଆରେ ରବିବାର ସାମାଜିକ ମଙ୍ଗଳ ଓ କୃଷି ସୁରକ୍ଷା ସଂଗଠନ(ଆଶ୍ୱାସ)ପକ୍ଷରୁ ଆୟୋଜିତ ଏକ କୃଷକ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଉପରୋକ୍ତ ମତବ୍ୟକ୍ତ କରିବା ସହ କୃଷକର ଜାଗୃତି ଲାଗି ଆହ୍ୱାନ ଦେଇଛନ୍ତି। ସଙ୍ଗଠନ ଆବାହକ ତଥା ସଭାପତି ସୁରେନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ଅବସରପ୍ରାପ୍ତ ସାମରିକ ଅଧିକାରୀ ଇନ୍ଦ୍ରମଣୀ ମାଟି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ସାମରିକ କର୍ମଚାରୀ ଭାଗବତ ଖଟୁଆ, ଅବସରପ୍ରାପ୍ତ କୃଷି କର୍ମଚାରୀ ରଘୁନାଥ ପ୍ରଧାନ ଏବଂ ଅଞ୍ଚଳର ଅଗ୍ରଣୀ ଚାଷୀ ତଥା ସାମାଜିକ କର୍ମୀ ଲକ୍ଷ୍ମଣ ମନ୍ତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତମାତା ପୂଜନ ପର୍ବ ଅନୁଷ୍ଠିତ ହୋଇଥିଲା। ଏହାପରେ ଅତିଥିଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନ ପକ୍ଷରୁ ଧାନର ସହାୟକ ମୂଲ୍ୟ ବୃଦ୍ଧି, ଠିକ୍ ସମୟରେ ସରକାରଙ୍କ ଦ୍ୱାରା ସାର, ବିହନ ଯୋଗାଣ, ପ୍ରତି ଖେତକୁ ଜଳସେଚିତ କରାଯିବା, ସ୍ୱତନ୍ତ୍ରଭାବେ ବ୍ଲକରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା ଏବଂ ଧାନ ପରି ଚାଷୀଙ୍କ ଉତ୍ପାଦିତ ପନିପରିବା ବିକ୍ରି କ୍ଷେତ୍ରରେ ସ୍ୱତନ୍ତ୍ର ସୁଯୋଗ ସୃଷ୍ଟି ପାଇଁ ସରକାର ଗୁରୁତ୍ୱ ଦେବାକୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସଙ୍ଗଠନ କୋଷାଧ୍ୟକ୍ଷ ମାନସ ପ୍ରଧାନ ଓ ସମ୍ପାଦକ ପବିତ୍ର ମୋହନ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ପରିଚାଳନା କରିଥିଲେ। ପ୍ରାୟ ୧୭୦ରୁ ଊର୍ଦ୍ଧ୍ୱ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।





ଆଶ୍ୱାସ ପକ୍ଷରୁ ଆୟୋଜିତ କୃଷକ ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

## ଓଡ଼ିଶାର ଭାଷା, ସଂସ୍କୃତି ଓ ପରମ୍ପରା ମହାନ୍



ଆଠଗଡ଼ ଉପଖଣ୍ଡସ୍ତରୀୟ ଉତ୍କଳ ଦିବସରେ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।



ମାହାଙ୍ଗାରେ ଅତିଥି ମହାପୁରୁଷଙ୍କୁ ପୁଷ୍ପ ମାଲ୍ୟାର୍ପଣ କରୁଛନ୍ତି।

**ଆଠଗଡ଼,୧୪(ସ୍ୱ.ପ୍ର.)**

ସୋମବାର ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ପାଳିତ ହୋଇଛି। ଆଠଗଡ଼ରେ ଉପଖଣ୍ଡସ୍ତରୀୟ ଏହି ଦିବସ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପାଳନ କରାଯାଇଛି। ଆୟୋଜିତ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆୟୋଜିତ ସଭା ଓ ପୁରସ୍କାର ବିତରଣ ଉତ୍ସବରେ ଉପଜିଲାପାଳ ଅମୀୟ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ ଯୋଗଦେଇ ଓଡ଼ିଶାର ଐତିହ୍ୟ, ଭାଷା, ସଂସ୍କୃତି ଓ ପରମ୍ପରା ମହାନ ବୋଲି ମତବ୍ୟକ୍ତ କରିଥିଲେ। ପର୍ଶୁରାମ ବେହେରାଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶଶଧର ମହାରଣା ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ୩୧ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

**ମାହାଙ୍ଗା,(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ବାଲିପଡ଼ିଆସ୍ଥିତ ମଧ ଇଂରାଜୀ ବିଦ୍ୟାଳୟରେ ଉତ୍କଳ ଦିବସ ଓ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ଜୟନ୍ତୀ ପାଳିତ ହୋଇଛି। ଉତ୍କଳ ସମ୍ମିଳନୀ ମାହାଙ୍ଗା ଶାଖା ସଭାପତି ବିଶ୍ୱେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ପ୍ରଫେସର ଡ. ଭୁବନାନନ୍ଦ ସାହୁ ଯୋଗଦେଇ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଅତୀତର ଗୌରବ ସ୍ମରଣୀୟ ରହିବା ଉଚିତ ବୋଲି କହିଥିଲେ।

### ଉତ୍କଳ ଦିବସ

ସମ୍ମାନିତ ଅତିଥି ଅଲେଖ ଚନ୍ଦ୍ର ଦାଶ ପ୍ରାଣକୃଷ୍ଣ ପରିଜାଙ୍କ ଜୀବନାଦର୍ଶୀ ଉପରେ ଆଲୋକପାତ କରିଥିଲେ। ସାହିତ୍ୟିକ ଡ. ଏକାଦଶୀ ପ୍ରଧାନ, କାମିନୀକାନ୍ତ ମହାନ୍ତି, ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ମହାପାତ୍ର, ପିଭିଏସ ପୃଷ୍ଟି ଓ ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଉତ୍କଳ ଦିବସର ତାତ୍ପର୍ଯ୍ୟ ଓ ପ୍ରାଣକୃଷ୍ଣ ପରିଜାଙ୍କ ସ୍ମୃତି ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶାନ୍ତ ମହାନ୍ତି, ଡ.ଧନେଶ୍ୱର ପ୍ରଧାନ, କାହ୍ନୁଚରଣ ସାହୁ, ଭୂପେନ ଚାଟାର୍ଜୀ, କମଳାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ବାଙ୍କୀ,(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥାପିତ ମହାତ୍ମା ଗାନ୍ଧୀ, ପଣ୍ଡିତ ଗୋପବନ୍ଧୁ ଦାଶ, ନୀଳମଣି ବିଦ୍ୟାରତ୍ନ ଓ କଚେରି ପଡିଆଠାରେ ସ୍ଥାପିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କବି ଶରତ ଚନ୍ଦ୍ର ମହାପାତ୍ର ଦିବସ ପାଳନ ଉପଲକ୍ଷେ ସ୍ୱରଚିତ କବିତା 'ଆମେ ଓଡ଼ିଆ–ବଡ ବଢ଼ିଆ' ପାଠ କରିଥିଲେ। ପ୍ରଶନ୍ନ ମିଶ୍ର, ଅଖିଳ ବୀରବର ହରିଚନ୍ଦନ, କୃତ୍ତିବାସ ପଣ୍ଡା, ବଳଭଦ୍ର ପଣ୍ଡା ଓ ସୁଦର୍ଶନ ବେହେରା ପ୍ରମୁଖ ଯୋଗଦେଇ ମହାମନିଷୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ଉତ୍କଳ ଦିବସ ପାଳିତ ହୋଇଛି।



ଇନ୍ଦ୍ରିୟ ଭୋଗ କ୍ଷଣସ୍ଥାୟୀ, ଯେପରି ବିଜୁଳିର ଚକମକ ଆଲୋକ। ତେଣୁ ପ୍ରତ୍ୟେକ ଭଲ ମଣିଷ ପ୍ରଥମେ ଇନ୍ଦ୍ରିୟ ଭୋଗଠାରୁ ଦୂରେଇ ରହିବା ଆବଶ୍ୟକ। -ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଚୋରି ମୋବାଇଲ ଫୋନ, ଟଙ୍କା ଜବତ: ଜଣେ ଗିରଫ

ଭୁବନେଶ୍ୱର,୧୪(ବ୍ୟୁରୋ)- ରେଲୱେ ଷ୍ଟେସନ ଟିକେଟ କାଉଣ୍ଟରରୁ ଟଙ୍କା ଚୋରି ଅଭିଯୋଗରେ ସୋମବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ଚୋରି ମୋବାଇଲ ଟଙ୍କା ଏବଂ ବ୍ୟାଗ ଜବତ ହୋଇଛି। ସେ ହେଲେ ଚନ୍ଦକା ଥାନା ଅଞ୍ଚଳର ବାବୁଲା ଭୂୟାଁ। ସୂଚନା ମୁତାବକ, ଢେଙ୍କାନାଳ ସଦର ଥାନା ଅଞ୍ଚଳର ସତ୍ୟବ୍ରତ ସାମଲ ଘରକୁ ଫେରିବା ନେଇ ସୋମବାର ୧୧ଟା ବେଳେ ରେଲୱେ ଷ୍ଟେସନ ସମ୍ମୁଖ ଟିକେଟ କାଉଣ୍ଟରରେ ଟିକେଟ କାଟୁଥିଲେ। ଏହି ସମୟରେ ମଉକା ଦେଖି ବାବୁଲା ତାଙ୍କର ମୋବାଇଲ, ୫ହଜାର ଟଙ୍କା ସମେତ ଗୋଟିଏ ବ୍ୟାଗ ଧରି ଚମ୍ପଟ ମାରିଥିଲା। ସତ୍ୟବ୍ରତ ଏହା ଜାଣିବା ପରେ ଏ ନେଇ ଜିଆରପି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୬୭/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିଥିଲା। ପରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଡିଏଚ୍ଏଚ୍‌ରେ ୧୦୮ ଆମ୍ବୁଲାନ୍ସ ନାହିଁ

ଖୋର୍ଦ୍ଧା ଅଫିସ,୧୪: ଦୁର୍ଘଟଣା ରୋଗୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରେ ୨ଟି ୧୦୮ ଆମ୍ବୁଲାନ୍ସ ଥିଲା। ଦୁଇଟି ଅଚଳ ହେବା ପରେ ଏଠାକୁ ଆଉ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇ ନାହିଁ । ଜିଲା ସଦର ମହକୁମା ଦେଇ ୫୭ ଓ ୧୬ନଂ. ଜାତୀୟ ରାଜପଥ ଯାଇଛି। ଏଠାରେବହୁ ସମୟରେ ଦୁର୍ଘଟଣା ଘଟୁଛି। ତେବେ ଖୋର୍ଦ୍ଧାରେ ୧୦୮ ଆମ୍ବୁଲାନ୍ସ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ନିଗମାନନ୍ଦ ସଂଘ ପୂଜା ଅଧିବେଶନରେ ୨୫୦ଶ୍ରଦ୍ଧାଳୁ

ବେଗୁନିଆ,୧୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାସ୍ଥିତ ନୀଳାଚଳ ସାରସ୍ୱତ ଶାଖା ସଂଘ ପରିସରରେ ଅନୁଷ୍ଠିତ ଆଞ୍ଚଳିକ ସଂଘ ପୂଜା ଅଧିବେଶନର ସୋମବାର ୨ୟ ଦିବସରେ ୨୫୦ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋରରୁ ଠାକୁରଙ୍କ ନୀତି ଅନୁଯାୟୀ ନୂତନ ବସ୍ତ୍ରରେ ଅଳଂକୃତ କରାଯାଇଥିଲା। ଭୋର ୫ଟାରୁ ସାଢେ ୭ଟା ପର୍ଯ୍ୟନ୍ତ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସକାଳ ୮ଟାରୁ ଗୋଟାଏ ପର୍ଯ୍ୟନ୍ତ ସଭା କାର୍ଯ୍ୟ ହୋଇଥିଲା। ଏଥିରେ ଆଦର୍ଶ ଗୃହସ୍ଥ ଜୀବନ ଯାପନ, ସଂଘ ଶକ୍ତିର ପ୍ରତିଷ୍ଠା ଓ ଠାକୁରଙ୍କ ଭାବ ବିନିମୟ ପାଠଚକ୍ର କରାଯାଇଥିଲା। ନୀଳାଚଳ ସାରସ୍ୱତ ପୁରୀ ଆଞ୍ଚଳିକ ସଂଘର ୫୭ତମ ଏହି ଅଧିବେଶନରେ ୧୭ଟି ସଂଘର ଶ୍ରଦ୍ଧାଳୁମାନେ ସଭାରେ ଯୋଗ ଦେଇଥିଲେ। ମଙ୍ଗଳବାର ବେଗୁନିଆ ଶାଖା ସଂଘର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବା ଏଥିରେ ଏକ ସ୍ମରଣିକା ଉନ୍ମୋଚନ ହେବା ସହ ଓଡ଼ିଶାର ୧୬୦ ସଂଘର ଗୁରୁଭାଇ ଓ ମା' ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।

### କାଳିପୋଈ ପଞ୍ଚାୟତରେ ବିଜେଡିର ପଦଯାତ୍ରା



ଖୋର୍ଦ୍ଧା ଅଫିସ,୧୪ କଟକ ଜିଲା ବାଙ୍କୀ ନିର୍ବାଚନମଣ୍ଡଳୀର ୩୪ନଂ. ଜୋନ କାଳିପୋଈ ପଞ୍ଚାୟତରେ ବିଜେଡି ପକ୍ଷରୁ ଭୋଟ ପ୍ରଚାର କରାଯାଇଛି । ଦଳୀୟ ବିଧାୟକ ପ୍ରାର୍ଥୀ ଦେବୀ ରଞ୍ଜନ ତ୍ରିପାଠୀ ଏଥିରେ ଯୋଗଦେଇ ଭୋଟ ପାଇଁ ନିବେଦନ କରିଥିଲେ। ସରକାରକୁ ବିଜେଡି ଆସିଲେ ବିକାଶକୁ ପ୍ରାଧାନ୍ୟ ଦିଆଯିବ। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ, ବିଜେଡି ସରକାରର ସଫଳତା ଓ କେନ୍ଦ୍ର ସରକାରଙ୍କ ଓଡ଼ିଶା ବିରୋଧୀ ମନୋଭାବ ଉପରେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିରେ କାଳିପୋଈ ପଞ୍ଚାୟତ ସରପଞ୍ଚ ସୁବାସ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

■ ବୋଲଗଡ଼ ବ୍ଲକର ବାଙ୍କୋଇ ପଞ୍ଚାୟତ

# ଦୂର ହେଉନି ପାନୀୟଜଳ ସମସ୍ୟା

■୯ବର୍ଷ ଧରି ଜଳଯୋଗାଣ ବନ୍ଦ

■ଗ୍ରାମବାସୀ ନଳକୂଅ, ଖୋଲା କୂଅ ଉପରେ ନିର୍ଭର କରୁଛନ୍ତି

ବୋଲଗଡ଼,୧୪(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତର ଦୁର୍ଗାପୁର, କନ୍ତାଇଲୋ, ହରେକୃଷ୍ଣପୁର ମୌଜାରେ ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରୁ ନାହିଁ। ଏହି ୩ ମୌଜା ପଞ୍ଚାୟତର ୨ଟି ୱାର୍ଡକୁ ନେଇ ଗଠିତ । ଏଠାରେ ପ୍ରାୟ ଦେଢ ହଜାର ଲୋକ ବସବାସ କରନ୍ତି। ପୂର୍ବରୁ ଏହିସବୁ ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ ହେଉଥିଲା। ହେଲେ ଦୀର୍ଘ ୯ବର୍ଷ ଧରି ଜଳ ଯୋଗାଣ ବନ୍ଦ ରହିଛି। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗ୍ରାମରେ ୨ଟି ପୋଖରୀ ଥିଲେ ମଧ୍ୟ ଏହାର ଜଳ ସ୍ନାନ ଉପଯୋଗୀ ନୁହେଁ। ତେଣୁ ଲୋକେ ପାନୀୟଠାରୁ ଆରମ୍ଭ କରି ସ୍ନାନାଦି କାର୍ଯ୍ୟ ପାଇଁ ନଳକୂପ ଉପରେ ନିର୍ଭର କରିଥାନ୍ତି। ୯ବର୍ଷ ତଳେ ବଡକୁମାରୀ ପଞ୍ଚାୟତ ମାଣିପୁର ଗ୍ରାମ ନିକଟରେ ପ୍ରକଳ୍ପ ନିର୍ମାଣ କରାଯାଇ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଥିଲା । ତେବେ କିଛିମାସ ପରେ ପ୍ରକଳ୍ପରୁ ସଂଯୋଗ ହୋଇଥିବା ପାଇପ୍ ଫାଟିଯାଇଥିଲା। ଏହି କାରଣରୁ ଉପରୋକ୍ତ ୩ ମୌଜାକୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି । ଫଳରେ ଗ୍ରାମର ଲୋକେ ନଳକୂଅ ସହ ଖୋଲା କୂଅ ଉପରେ ନିର୍ଭରେ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ନୂତନ ପ୍ରକଳ୍ପ ନିର୍ମାଣ କରି ଜଳଯୋଗାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବୋଲଗଡ଼ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ଘଡେଇଙ୍କୁ ପଚାରିବାରୁ ସେ କହିଥିଲେ, ଏହି ଗ୍ରାମକୁ ଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପ୍ ନଷ୍ଟ ହୋଇଯାଇଛି। ତେଣୁ ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇଛି। ଏକ ନୂତନ ପ୍ରକଳ୍ପ ନିର୍ମାଣ କରାଯାଇ ସମସ୍ୟା ସମାଧାନ କରିବାକୁ ଲକ୍ଷ୍ୟ ରଖାଯାଇଛି।





ତୃତୀୟ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

# ଧୀବର କଲ୍ୟାଣ ସଂଘ ସମ୍ମିଳନୀ

ଟାଙ୍ଗୀ (ଖୋର୍ଦ୍ଧା), ୧୪ (ଡି.ଏନ.ଏ.)

ଉତ୍କଳୀୟ ବେଙ୍ଗଲିଧୀବର କଲ୍ୟାଣ ସଂଘର ତୃତୀୟ ବାର୍ଷିକ ସମ୍ମିଳନୀ ଭୂଷଣ୍ଡପୁର ନିକଟସ୍ଥ ଗୋବର୍ଦ୍ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ସମତା ପରିଷଦର ସଭ୍ୟ ରାମଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଦଳିତ ଆଦିବାସୀ ସୁରକ୍ଷା ମଞ୍ଚର ସଭାପତି ଗୋପାଳ ଚନ୍ଦ୍ର ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ରାଧାନାଥ ଡିଗ୍ରୀ କଲେଜର ଅଧ୍ୟାପକ ଡ. ରମେଶ ଚନ୍ଦ୍ର ବେହେରା ମୁଖ୍ୟବକ୍ତା, ନିଖିଳ ଉତ୍କଳ କୈବର୍ତ୍ତ ମହାସଂଘର ଆବାହକ ଅନାଦି ବେହେରା, ଓଡିଶା ନମୋଶୂଦ୍ର ଉନ୍ନୟନ ପରିଷଦର ସମ୍ପାଦକ କମଳାକାନ୍ତ ରାୟ, ଉତ୍କଳୀୟ ବେଙ୍ଗଲି ଧୀବର ସଂଘର ସଭାପତି ବାବୁଲାଲ ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅତିଥିମାନେ ଧୀବର ସମ୍ପ୍ରଦାୟ ସମ୍ମୁଖୀନ ହେଉଥିବା ବିଭିନ୍ନ ଆଇନଗତ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ଚିଲିକାରେ ମାଛ ମାରିବାରେ ଧୀବରମାନେ ବଞ୍ଚିତ ହୋଇଥିବା ନୀତି ବିରୋଧରେ ସେମାନେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବରିଷ୍ଠନାଗରିକ, ନିରାଶ୍ରୟ ବୃଦ୍ଧାବୃଦ୍ଧମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଂଘର ଉପସଭାପତି ସିଦ୍ଧନାଥ ଦାସ, ଲଲନ ଦାସ, କମଳ ଦାସ, ରାଜା ଦାସ, ପ୍ରମୁଖ ସହଯୋଗ କରିଥିଲେ

# ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ମହାନ

ଖୋର୍ଦ୍ଧା ଅଫିସ/ଜଟଣୀ/ଝାଁଳା/ବେଗୁନିଆ/ ଟାଙ୍ଗୀ(ଖୋର୍ଦ୍ଧା), ୧୪(ଡି.ଏନ୍.ଏ.)





ଅତିଥିମାନେ 'ଉତ୍ତ୍ରଜା' ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ଜିଲା ସଂସ୍କୃତି ଭବନ ପରିସରରେ ସୋମବାର ଜିଲା ସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଯୋଗଦେଇ ବରପୁତ୍ରଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଭୋର ସାଢ଼େ ୪ଟା ସମୟରେ ଜିଲା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଡାକବାଜୀ ଯନ୍ତ୍ର ଯୋଗେ ଗାନ କରାଯାଇ ସହର ପରିକ୍ରମା କରାଯାଇଥିଲା। ପୂର୍ବାହ୍ନ ସାଢ଼େ ୭ଟାରେ ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ ରହିଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକ ରାଯାଇଥିଲା। ଚିଲିକା ବ୍ଲକ ଆଖୁଲାଚଟିସ୍ଥିତ ସୋମନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସାମାଜିକ, ସାହିତ୍ୟ ଓ ସଂସ୍କୃତିକ ସଂସ୍ଥା ପ୍ରଗତିଶୀଳ ସୃଜନୀ ସଂସଦ ପକ୍ଷରୁ ଉତ୍କଳ ଦିବସ ଅନୁରୂପ ଭାବେ ଅନୁଷ୍ଠିତ ହୋଇଛି। ସଭାପତି ଭୀକାରୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତାଭାବେ ପ୍ରଫେସର ଗଙ୍ଗାଧର ମହାପାତ୍ର, ନବ କିଶୋର ମହାରଣା ସମ୍ମାନିତ ଅତିଥି, ନାଟ୍ୟକାର ଗୋପବନ୍ଧୁ ଶତ୍ରୁଶଲ୍ୟ, ହରିହର ପ୍ରଧାନ, ଗାଳ୍ପିକ ବିଜୟ ଲକ୍ଷ୍ମୀ ପଟ୍ଟନାୟକ, କୃଷକ ନେତା ଶ୍ରୀକର ରଣସିଂହ ଯୋଗଦେଇ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତି ମହାନ ବୋଲି କହିଥିଲେ। ଜଟଣୀରେ ଓଡ଼ିଆ ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହା ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ 'ଭାଷା ଆନ୍ଦୋଳନରେ ଓଡ଼ିଆ ଭାଷା' ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଡ. ଅଭୟ କୁମାର ନାୟକ, ଡ. ସଂଘମିତ୍ରା ମିଶ୍ର, ଡ. ଗିରିଜାଶଙ୍କର ଶ୍ରୀଚନ୍ଦନ ମହାପାତ୍ର, ଅରବିନ୍ଦ ନାୟକ, ଡା. ଜଗନ୍ନାଥ ମହାପାତ୍ର, ଆଦରମଣି ବରାଳ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଗୋପୀନାଥ ଦାସ, ନିଶିକାନ୍ତ କହଲସିଂହଙ୍କ ପରିଚାଳନା ଓ ସୁକାନ୍ତି ମହାପାତ୍ର, ସୌଦାମିନୀ ବେହେରା, ଜୟଶ୍ରୀ ପଟ୍ଟନାୟକ, ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ଉପସ୍ଥିତ ରାଜ୍ୟର ବହୁ କବୟିତ୍ରୀ ଓ କବି କବିତା ପାଠ କରିଥିଲେ। ଆୟୋଜକ ଅନୁଷ୍ଠାନର ପତ୍ରିକା 'ଉତ୍ତ୍ରଜା' ସମେତ ଅଧ୍ୟାପିକା ସୁକାନ୍ତି ମହାପାତ୍ରଙ୍କ ଲିଖିତ ପୁସ୍ତକ 'ଜଗନ୍ନାଥ : କେତେ ଦର୍ଶନ କେତେ ତତ୍ତ୍ୱ'ଏବଂ ରତ୍ନାକର ସ୍ୱାଇଁଙ୍କ 'ପ୍ରତିହିଂସା ପ୍ରଜ୍ୱଳିତ ମଛରା'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ୧୨ଜଣ ସାରସ୍ୱତ ସାଧକ ଡ. ସଂଘମିତ୍ରା ମିଶ୍ର, ଡ.ଅଭୟ କୁମାର ନାୟକ, ଡ. ଗିରିଜାଶଙ୍କର ଶ୍ରୀଚନ୍ଦନ ମହାପାତ୍ର, ବିରଜା ଦେବୀ, ଇଂ. ସତ୍ୟବ୍ରତ ରଥ, ପଦ୍ମାବତୀ ମିଶ୍ର, ଶ୍ରୀକାନ୍ତ ସେନ୍, ଗଦାଧର ନନ୍ଦ, ଶ୍ରୀକାନ୍ତ କୁମାର ସାହୁ, ବଂଶୀଧର ଷଡ଼ଙ୍ଗୀ, ପ୍ରମୋଦ କୁମାର ସାହୁ ଓ ସୁଦର୍ଶନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସମ୍ପାଦକ ଜବାହରଲାଲ ସୁବୁଦ୍ଧି, ଉତ୍ତ୍ରଜାର ସମ୍ପାଦକ ଶ୍ରୀଧର ଷଡ଼ଙ୍ଗୀ, ଭିକାରୀ ଧଳ, ସୀତାକାନ୍ତ ଶତପଥୀ, ରଶ୍ମିରଞ୍ଜନ ଜେନା, ସୀତାକାନ୍ତ ଶତପଥୀ, ପ୍ରଭାତ ସାହୁ, ରବୀନ୍ଦ୍ର ରାଉତରାୟ, ରବୀନ୍ଦ୍ର ଦାସ, ଦେବନାଥ ଦାସ, ଅର୍ଜୁନ ନାୟକ, ଚକ୍ରଧର ରଥ, ସରୋଜିନୀ ଜେନା, କିଶୋର ପାଇକରାୟ, ଆରତି ସେନ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଆଦିନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ । ସେହିପରି ଝାଁଳାରେ ସରସ୍ୱତୀ ଶିଶୁମନ୍ଦିର ଓ ଓଗାଳପଡ଼ା ସ୍କୁଲରେ ଉତ୍କଳ ସେବା ଅନୁଷ୍ଠାନ ପକ୍ଷରୁ ଉତ୍କଳ ଦିବସ ପାଳନ ସହିତ ଅତିଥିଙ୍କ ଦ୍ୱାରା 'ଉଷା' ପତ୍ରିକା ଉନ୍ମୋଚିତ ହୋଇଥିଲା। ବେଗୁନିଆ ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ ପରିସରରେ ଉତ୍କଳ ଦିବସ ପାଳିତ ହୋଇଛି। ଓଡ଼ିଶା ମାଟିରେ ଏବେ ବି ମଧ ଓଡ଼ିଆ ଭାଷାକୁ ସୁରକ୍ଷା ଦିଆଯାଇ ପାରିନାହିଁ ବୋଲି ଅସନ୍ତୋଷ ପ୍ରକାଶ ପାଇଥିଲା। ବେଗୁନିଆ ନୂଆସାହିସ୍ଥିତ ଆଦର୍ଶ କ୍ଲବ, ପଞ୍ଚାୟତ ସମିତି ସ୍କୁଲ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, ସିମୋର କୁଞ୍ଜବିହାରୀ ଦେବ ଉଚ୍ଚ ବିଦ୍ୟାଳୟ, ସିକୋ ଚନ୍ଦ୍ରଶେଖର ଦେବ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ତରଫରୁ ୮୪ ତମ ଓଡିଶା ଦିବସ ପାଳିତ ହୋଇଯାଇଛି । ଟାଙ୍ଗୀ ଉତ୍କଳ ସଂଘ ଗୃହ ପରିସର ମଧ୍ୟରେ ସଭାପତି ନିରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

## ମାଣିକେଶ୍ୱର ଦେବଙ୍କ ଦଶଦୋଳ ଯାତ୍ରା ଉତ୍ସବ

ବୋଲଗଡ,୧୪(ଡି.ଏନ.ଏ.)

ବୋଲଗଡ ବ୍ଲକ ମାଣିବନ୍ଧଠାରେ ଶ୍ରୀ ଶ୍ରୀ ମାଣିକେଶ୍ୱର ଦେବଙ୍କ ଦଶଦୋଳ ଯାତ୍ରା ଉତ୍ସବ ରବିବାର ରାତ୍ରିରୁ ଆରମ୍ଭ ହୋଇଛି। ଯାତ୍ରାର ରାଜ ଠାକୁର ମାଣିକେଶ୍ୱର ଦେବଙ୍କୁ ବିଳମ୍ବିତ ରାତିରେ ରୋଶଣି ପଟୁଆରରେ ଗ୍ରାମ ପରିକ୍ରମା କରି ଦଶଦୋଳ ପଡିଆକୁ ବିଜେ କରିଥିଲେ। ପରେ ଆଖପାଖ ବୋଲଗଡ, ବେଗୁନିଆ ଓ ବାଙ୍କୀ ବ୍ଲକ ଅଞ୍ଚଳର ଆମନ୍ତ୍ରିତ ଠାକୁରମାନେ ୫୬ ଦୋଳ ବିମାନରେ ମେଳଣ ପଡିଆକୁ ଆସିଥିଲେ। ଦୋଳବିମାନରେ ଠାକୁରଙ୍କୁ ଦର୍ଶନ ପାଇଁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ବୁଧବାର ଅପରାହ୍ନରେ ଏଠାରେ ଦୋଳ ମେଳଣ ଅନୁଷ୍ଠିତ ହେବ। ମାଣିବନ୍ଧ ଦଶଦୋଳ ଯାତ୍ରା ଭାଇଚାରାର ପର୍ବ ଭାବେ ପାଳିତ ହୋଇଆସୁଛି। ପ୍ରତିବର୍ଷ ଭଳି ମାଣିବନ୍ଧ ଦଶଦୋଳ ଆୟୋଜକ କମିଟି ପକ୍ଷରୁ ଯାତ୍ରା ପରିଚାଳନା କରାଯାଉଛି। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଯାତ୍ରା ପଡିଆଠାରେ ବହୁ ସଂଖ୍ୟାରେ ଉଠା ଦୋକାନ ଖୋଲଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବେଗୁନିଆ ଥାନା ଓ ଧଳାପଥର ଫାଣ୍ଡି ପୋଲିସ ମୁତୟନ ହୋଇଛନ୍ତି।

## ମାତୃ ଶିଶୁ ବିଭାଗର ଲିଫ୍ଟ ଅଚଳ





ଖୋର୍ଦ୍ଧା ଅଫିସ,୧୪

ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ୫ମହଲା ବିଶିଷ୍ଟ ମାତୃ ଶିଶୁ ବିଭାଗର ଦୁଇଟି ଲିଫ୍ଟ ଅଚଳ ହୋଇ ରହିଛି। ଗୋଟିଏ ଲିଫ୍ଟ ୧ମାସ ହେଲା ଖରାପ ଥିବାବେଳେ ଅନ୍ୟଟି ୧ସପ୍ତାହ ହେଲା ଅଚଳ ହୋଇ ପଡିଛି। ଏହାକୁ ମରାମତି କରାଯାଉ ନ ଥିବାରୁ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନେ ଯାତାୟତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ମା' ରାମଚଣ୍ଡୀ ପୀଠରେ ସପ୍ତଚଣ୍ଡୀ ଯଜ୍ଞ

ବୋଲଗଡ,୧୪(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ମା'ରାମଚଣ୍ଡୀଙ୍କ ପୀଠରେ ସପ୍ତଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହେଉଛି। ରବିବାର ଶୁଭାଧିବାସ ପରେ ସୋମବାର ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଏହାପରେ ସୂର୍ଯ୍ୟପୂଜା, ଶାଳାପୂଜା, ଦୁର୍ଗାସପ୍ତସତୀ ଚଣ୍ଡୀ ପାଠ ଓ ଅଗ୍ନିସ୍ଥାପନ କରାଯାଇଛି । ପ୍ରତିବର୍ଷ ଭଳି ଏହି ଯଜ୍ଞ କାର୍ଯ୍ୟକ୍ରମ ବାଙ୍କୋଇ ଗ୍ରାମର ରାମଚଣ୍ଡୀ ଭକ୍ତବୃନ୍ଦ ଓ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଛି ।



କଳସ ଯାତ୍ରାରେ ଶ୍ରଦ୍ଧାଳୁମାନେ ।

# ନାଟ୍ୟକାର କାର୍ତ୍ତିକ ରଥଙ୍କ ସ୍ମୃତିଚାରଣ ସଭା

ଖୋର୍ଦ୍ଧା ଅଫିସ,୧୪:

ନାଟ୍ୟ ଜଗତର ଅଦ୍ୱିତୀୟ ତାରକା ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ରଥଙ୍କ ସ୍ମୃତିଚାରଣ ସଭା ଖୋର୍ଦ୍ଧାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆନ୍ଦୋଳନ ନାଟ୍ୟାନୁଷ୍ଠାନ ପକ୍ଷରୁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ନାଟ୍ୟ ଜଗତକୁ ଅବଦାନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ନାଟ୍ୟକାର ଡକ୍ଟର ଧନେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆନ୍ଦୋଳନର ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି, ଅଭିନେତା ତ୍ରିଲୋଚନ ମହାପାତ୍ର, ବୀରକିଶୋର ସୁନ୍ଦରାୟ ଓ ଲକ୍ଷ୍ମୀଧର ସାହୁ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ଆନ୍ଦୋଳନର ଅଭିନେତ୍ରୀ ଅଭିନେତା ଲିପସା ଦାଶ, ଏ. ପ୍ରତିମା, ସୁମିତ୍ରା ପ୍ରଧାନ, ଯଶୋସ୍ୱିନୀ ସାହୁ, ମନୋଜ ପଟ୍ଟନାୟକ, ପ୍ରଦୀପ ମହାପାତ୍ର, ରିଣ୍ଟୁ ଜେନା, ହେମନ୍ତ ଦାଶ, ପବିତ୍ର ବରାଳ, ଆଶିଷ ରଥ, ରଣଜିତ୍ ଜଗଦେବ ପ୍ରମୁଖ ସ୍ୱର୍ଗତ ରଥଙ୍କ ସହିତ ବ୍ୟକ୍ତିଗତ ଅନୁଭୂତି ଓ ଆନ୍ତର୍ଜାତିକ ତଥା ସର୍ବଭାରତୀୟ ବହୁଭାଷୀ ନାଟକ ପ୍ରତିଯୋଗିତାରେ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କର ଆବର୍ତ୍ତମାନରେ ଓଡ଼ିଆ ନାଟ୍ୟ ଜଗତର ଅପୂରଣୀୟ କ୍ଷତି ଘଟିଛି ବୋଲି କହିଥିଲେ। ସ୍ୱର୍ଗତ ରଥଙ୍କ ଲିଖିତ ଅସ୍ତସୂର୍ଯ୍ୟର ଶ୍ମଶାନ ଆନ୍ଦୋଳନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ ହୋଇ ବହୁ ପ୍ରଶଂସିତ ହୋଇପାରିଥିଲା ବୋଲି କୁହାଯାଇଛି। ପ୍ରକାଶଥାଉ କି, ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ସୋମବାର ନିଜ ବାସଭବନରେ ପରଲୋକ ଘଟିଛି ।

# ଟାଙ୍ଗୀ ପ୍ରିମିୟର ଲିଗ୍: ମହାଲକ୍ଷ୍ମୀ ୱାରିୟର୍ସ ବିଜୟୀ

ଟାଙ୍ଗୀ (ଖୋର୍ଦ୍ଧା), ୧୪ (ଡି.ଏନ.ଏ.)

ଚିଲିକା ଷ୍ଟାଡିୟମରେ ବଜରଙ୍ଗୀ କ୍ଲବ୍ ଅନୁକୂଲ୍ୟରେ ଆୟୋଜିତ ଟାଙ୍ଗୀ ପ୍ରିମିୟର ଲିଗ୍ ୨୦୧୯ର ୧୦ମ ଦିନ ମ୍ୟାଚରେ ପରସ୍ପରକୁ ଭେଟିଥିଲେ ମହାଲକ୍ଷ୍ମୀ ୱାରିୟର୍ସ ଓ ଏକ୍ସଟ୍ରିମ୍ ବ୍ଲାଷ୍ଟର ଦଳ। ମହାଲକ୍ଷ୍ମୀ ୱାରିୟର୍ସ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୭୨ ରନ ହାସଲ କରିଥିଲା । ଜବାବରେ ଏକ୍ସଟ୍ରିମ ବ୍ଲାଷ୍ଟର ୧୩.୪ ଓଭରରେ ସମସ୍ତ ଉଇକେଟ ହରାଇ ୯୭ ରନ କରି ମ୍ୟାଚ ହାରି ଯାଇଥିଲା । ମହାଲକ୍ଷ୍ମୀ ୱାରିୟର୍ସ ଦଳର ସିଦ୍ଧାର୍ଥ ଦଲେଇଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ବିବେଚିତ କରାଯାଇଥିଲା । ଖେଳ ପରିଚାଳନା କରିଥିଲେ ଦିଲୀପ କୁମାର ଦାସ ଏବଂ ମନୋରଞ୍ଜନ ବେହେରା।

# କଂଗ୍ରେସର କର୍ମୀ ସମ୍ମିଳନୀ

ଖୋର୍ଦ୍ଧା ଅଫିସ,୧୪

କଟକ ଜିଲା ବାଙ୍କୀ ନିର୍ବାଚନମଣ୍ଡଳୀ ୩୪ନଂ. ଜୋନର ବଳଭଦ୍ରପୁର ପଞ୍ଚାୟତରେ ରବିବାର କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକ ଯୋଗଦେଇ କଂଗ୍ରେସ କିପରି ଜିତିବ ସେ ନେଇ କର୍ମୀ ଓ ସମର୍ଥକମାନେ ରଣନୀତି ଆପଣେଇଥିଲେ। ଘରକୁ ଘର ବୁଲି ବିଜେଡି ସରକାରଙ୍କ ବିଫଳତା, ବିକାଶ ନାଁରେ କିପରି ଓଡ଼ିଶାକୁ ପଛକୁ ନିଆଯାଉଛି ସେ ନେଇ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଛି। ଜୋନ୍ ସଭାପତି ନରେଶ କୁମାର ସାହୁ ଉପସ୍ଥିତ ଥିଲେ ।

# ଲୋକଙ୍କ ବିଶ୍ୱାସଭାଜନ ହେଉ ପୋଲିସ

ଖୋର୍ଦ୍ଧା ଅଫିସ,୧୪

ଖୋର୍ଦ୍ଧା ଉପକଣ୍ଠ ନାଳିପଡା ଅର୍ଜୁନପୁରସ୍ଥିତ ଷଷ୍ଠ ଭାରତୀୟ ସଂରକ୍ଷିତ ଆରକ୍ଷୀ ବାହିନୀ ପକ୍ଷରୁ ୮୪ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବଟାଲିୟନର ଆରକ୍ଷୀ ଅଧୀକ୍ଷକ କମାଣ୍ଡାଣ୍ଟ ରାଜ କିଶୋର ସାହୁ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କର ବାର୍ତ୍ତା ପାଠ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ ପୋଲିସ ମର୍ଯ୍ୟାଦାର ମୂଳ ହେଉଛି ଉଚ୍ଚକୋଟୀର ଏକାଗ୍ରତା। ଏହାକୁ ଲକ୍ଷ୍ୟ ରଖି ପୋଲିସ ନିଜର ବ୍ୟକ୍ତିଗତ କିମ୍ବା କର୍ମମୟ ଜୀବନକୁ ନିର୍ମଳ ରଖନ୍ତି। ଲୋକଙ୍କ ବିଶ୍ୱାସ ଭାଜନ ହେବାକୁ ଚେଷ୍ଟା କରନ୍ତୁ। ଲୋକଙ୍କୁ ଖରାପ ବ୍ୟବହାର ନ ଦେଖାଇ ଭଲ ବ୍ୟବହାର ଦେଖାଇବା ସେମାନଙ୍କର କର୍ତ୍ତବ୍ୟ। ଅପରପକ୍ଷେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଡେପୁଟି ସୁବେଦାର ଅଜୟ କୁମାର ରାଉତ, ହାବିଲଦାର ମେଜର ଦେବେନ୍ଦ୍ର କୁମାର ବେହୁରା, ହାବିଲଦାର ପ୍ରଦୀପ କୁମାର ରାଉତ, କନଷ୍ଟେବଳ ମୋହନଲାଲ ସାଗରିଆଙ୍କୁ ବାଟାଲିୟନର ସର୍ବଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ଦୁର୍ଗପତି ଶୈଳେନ୍ଦ୍ର ମୁଖୀ ଉପସ୍ଥିତ ଥିଲେ। ସୁବେଦାର ପ୍ରତାପ ସେଠୀ ପରେଡକୁ ପରିଚାଳନା କରିଥିଲେ।

■ ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ

# ସେବକ ସଂସ୍ଥା ଭାବେ କାର୍ଯ୍ୟ କରୁଛି ପୋଲିସ

ଖୋର୍ଦ୍ଧା ଅଫିସ,୧୪



ଏସ୍‌ପି ଅମୂଲ୍ୟ କୁମାର ଦାସ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ରିଜର୍ଭ ପୋଲିସ ଗ୍ରାଉଣ୍ଡ ତରତୁଆରେ ଖୋର୍ଦ୍ଧା ପୋଲିସ ପକ୍ଷରୁ ୮୪ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ-୨୦୧୯ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ଅମୂଲ୍ୟ କୁମାର ଦାସ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ସେ ବକ୍ତବ୍ୟରେ କହିଥିଲେ, ଓଡ଼ିଶା ପୋଲିସ ସୃଷ୍ଟିର ଆରମ୍ଭରୁ କେବଳ ଗୋଟିଏ ଫୌଜ ନ ହୋଇ ଗୋଟିଏ ସଂସ୍ଥା ଭାବେ କାର୍ଯ୍ୟ କରି ଆସୁଛି । ବଳ ପ୍ରୟୋଗ କରି କାର୍ଯ୍ୟ ହାସଲ କରିବା ସେବା ନୁହେଁ ବରଂ ସର୍ବଜନ ସମ୍ମତିକ୍ରମେ ଜନସାଧାରଣଙ୍କ ସହଯୋଗରେ କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରକୃତ ସେବା ବୋଲି ଏସ୍‌ପି କହିଥିଲେ। ଅନ୍ୟପକ୍ଷେ ଜନସଂଖ୍ୟା ଓ ଶିଳ୍ପାୟନ ବୃଦ୍ଧି ସାଙ୍ଗକୁ ଆଇନ୍ ବିରୋଧ କାର୍ଯ୍ୟରେ ବୃଦ୍ଧି ଓ ନକ୍ସଲ ତଥା ମାଓବାଦୀ କାର୍ଯ୍ୟକଳାପର ବୃଦ୍ଧି ଦୃଷ୍ଟିରୁ ପୋଲିସର ସଂଖ୍ୟା କିଛି ମାତ୍ରରେ ବୃଦ୍ଧି ପାଇଛି। ପୋଲିସ ସବୁବେଳେ ଲୋକଙ୍କ ସ୍ୱାର୍ଥରକ୍ଷା ଓ ସେବା ନିମନ୍ତେ ଉଦ୍ଦିଷ୍ଟ। କର୍ତ୍ତବ୍ୟ ପାଳନରେ ଆନ୍ତରିକତା, ସାଧୁତା, ଉତ୍ତମ ବ୍ୟବହାର, ଉପରିସ୍ଥ କର୍ମଚାରୀଙ୍କ ପ୍ରତି ଆନୁଗତ୍ୟ ସାଙ୍ଗକୁ ପରିସ୍ଥିତିକୁ ଚାହିଁ କାର୍ଯ୍ୟ କରିବା ପାଇଁ ଯତ୍ନବାନ ହେବା ଉଚିତ। ସମାଜର ଦୁର୍ବଳ ଶ୍ରେଣୀର ନାଗରିକଙ୍କ ପ୍ରତି ସହନଶୀଳ ମନୋଭାବ ପୋଷଣ କରି ସେମାନଙ୍କ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ସେମାନଙ୍କ ସୁରକ୍ଷା ସହିତ ସାମାଜିକ ସ୍ଥିତିରେ ଉନ୍ନତି ଆଣି ପାରିବା। ଅପରାଧୀକରଣ, ଅରାଜକତା ତଥା ଆଇନଶୃଙ୍ଖଳା ପରିସ୍ଥିତିର ହାର ବୃଦ୍ଧି ପାଇଥିଲେ ମଧ ପୋଲିସ ବାହିନୀକୁ ବେତାର, ଯାନବାହନ ତଥା ଆଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଇ ପୋଲିସର ମନୋବଳ ଓ ମାନ ବୃଦ୍ଧି କରାଯାଇଛି। କମ୍ପ୍ୟୁଟର ଓ ଇଣ୍ଟରନେଟ ବ୍ୟବହାର, ଶିଳ୍ପାୟନ ଓ ଆଧୁନିକୀକରଣ ଯୋଗୁ ସମାଜରେ ଘଟୁଥିବା ନୂତନ ଧରଣର ଅପରାଧର ନିରାକରଣ ଓ ଅନୁସନ୍ଧାନ ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ ଦିଆଯାଉଛି। ପୋଲିସର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ଲୋକଙ୍କ ନିକଟତର ହେବା ପାଇଁ ଆମ ପୋଲିସ କାର୍ଯ୍ୟକ୍ରମ, ବରିଷ୍ଠ ନାଗରିକ କକ୍ଷ, ପ୍ରତ୍ୟେକ ଥାନାରେ ଅଭ୍ୟର୍ଥନା ଗୃହ ଓ ଥାନାକୁ ନ ଆସି ସିଟିଜେନ ପୋର୍ଟାଲ ମାଧ୍ୟମରେ ଚରିତ୍ର ପ୍ରମାଣ ପତ୍ର, ଶୋଭାଯାତ୍ରା ପାଇଁ ଅନୁମତି ପତ୍ର ଆଦି ସୁବିଧାସୁଯୋଗ ଦିଆଯାଉଛି। ଏହି ଅବସରରେ ପୋଲିସ କର୍ମଚାରୀଙ୍କ ଦ୍ୱାରା ଚିତ୍ତାକର୍ଷକ ପରେଡ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ପୋଲିସ ବାହିନୀରେ ବିଭିନ୍ନ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଥିବା ଏଏସ୍ଆଇ ପ୍ରଶାନ୍ତ କୁମାର ଦାସ, ଏପିଆର ହାବିଲଦାର ରାଜେନ୍ଦ୍ର କୁମାର ମହାନ୍ତି, ଓଆର କନଷ୍ଟେବଳ ସେକ୍ ରହିମ୍ ଓ ଏପିଆର କନଷ୍ଟେବଳ ପାର୍ବତୀ ଦେଇ ପ୍ରମୁଖ ମୁଖ୍ୟ ଅତିଥି ଏସ୍‌ପିଙ୍କଠାରୁ ଅର୍ଥ ରାଶି ଓ ମାନପତ୍ର ଗ୍ରହଣ କରିଥିଲେ।

# ଦଳୀୟ ସ୍ଥିତି ସମ୍ପର୍କରେ ଆଗ ପରଖ

**ଅମିତଙ୍କୁ ବିଜେଡିର ଜବାବ**

ଭୁବନେଶ୍ୱର,୧।୪(ବ୍ୟୁରୋ)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ସୋମବାର ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ଶାହଙ୍କ ଏହି ଆକ୍ରମଣକୁ କଟାକ୍ଷ କରିଛି ବିଜେଡି। ଭାଜପାର ସ୍ଥିତି ଦେଖି ନିରୁତ୍ସାହିତ ହୋଇପଡ଼ିଥିବା କର୍ମୀମାନଙ୍କୁ ଉତ୍ସାହିତ କରିବାକୁ ଶାହ ଗୁଡ଼ାଏ ମିଛ କହିବାକୁ ବାଧ୍ୟ ହେଉଛନ୍ତି। ତେଣୁ ନିଜ ଦଳୀୟ ସ୍ଥିତି ସମ୍ପର୍କରେ ଶାହ ପ୍ରଥମେ ପରଖନ୍ତୁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଦଳର ମୁଖପାତ୍ର ଡ. ସସ୍ମିତ ପାତ୍ର କହିଛନ୍ତି ଯେ, ଅମିତ୍ ଗଜପତିରେ ନିର୍ବାଚନ ପ୍ରଚାର କରୁଥିବା ସମୟରେ ହିଁ ସେହି ଜିଲାରୁ ଭାଜପାର ଦୁଇଜଣ ବରିଷ୍ଠ ନେତା ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ତେଣୁ ଦଳୀୟ କର୍ମୀଙ୍କ ମନୋବଳ ବଢ଼ାଇବା ପାଇଁ ସେ ମିଛ ଭାଷଣ ଦେବାରେ କିଛି ଅସଙ୍ଗତି ନାହିଁ। ଶାହଙ୍କୁ ଓଡ଼ିଶାରେ ତାଙ୍କ ଦଳର ପ୍ରାର୍ଥୀଙ୍କ ଅବସ୍ଥା ସମ୍ପର୍କରେ ଜଣା ନାହିଁ। ଏଠି ଭାଜପାର ପ୍ରମୁଖ ନେତା ହାରିଯିବା ଭୟରେ ନିର୍ବାଚନ ଲଢ଼ିବାକୁ ସାହସ କରିନାହାନ୍ତି। ଟିକେଟ ପାଇସାରିଥିବା ପ୍ରାର୍ଥୀ ବିଜେଡିରେ ଯୋଗଦେଇଛନ୍ତି। ଶାହ ଯଦି କହିବାର ଥିଲା, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବା ପାଇଁ ତାଙ୍କ ଦଳ ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି କାହିଁକି ପୂରଣ ହୋଇନି କହିଥିଲେ ଭଲ ହୋଇଥାଆନ୍ତା ବୋଲି ଡ. ପାତ୍ର କହିଛନ୍ତି। ସେହିଭଳି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) କୁଇଣ୍ଟାଲ୍ ପିଛା ୨୯୩୦ ଟଙ୍କା କାହିଁକି ହୋଇନାହିଁ କହିଥିଲେ ଭଲ ହୋଇଥାଆନ୍ତା ବୋଲି ପାତ୍ର କହିଛନ୍ତି।




# ବିଜେଡି ଛାଡ଼ିଲେ ମୋରଡ଼ା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ

## ପୁରୁଖା କର୍ମୀଙ୍କୁ ଉପେକ୍ଷା, ବିଶୃଙ୍ଖଳାକୁ ଦାୟୀ କଲେ

ବାରିପଦା ଅଫିସ/ଭୁବନେଶ୍ୱର,୧।୪(ବ୍ୟୁରୋ)

ମୟୂରଭଞ୍ଜ ଜିଲା ବିଜେଡି ସଭାପତି ତଥା ମୋରଡ଼ା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ସୋମବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ଜିଲା ସଭାପତି ପଦବୀ ସମେତ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ନିଜ ଇସ୍ତଫା ସମ୍ପର୍କରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବିଜେଡି ଛାଡ଼ିଥିଲେ ମଧ୍ୟ ପ୍ରବୀଣ ନିଜର ପରବର୍ତ୍ତୀ ରାଜନୈତିକ ପଦକ୍ଷେପ ସମ୍ପର୍କରେ କିଛି ସ୍ପଷ୍ଟ କରିନାହାନ୍ତି।

ସାଧାରଣ ନିର୍ବାଚନ ଘୋଷଣା ପରେ ମୟୂରଭଞ୍ଜ ରାଜନୀତି ସରଗରମ ହୋଇଥିଲା। ପଞ୍ଚାୟତ ନିର୍ବାଚନରେ ବିଜେଡିର ବିପର୍ଯ୍ୟୟ ପରେ ସଙ୍ଗଠନକୁ ବ୍ୟାପକ ଗୁରୁତ୍ୱ ଦିଆଯାଇଥିଲା। ବିରୋଧୀ ଶିବିରର ଛାମୁଆ ନେତାଙ୍କୁ ଦଳକୁ ଅଣାଗଲା। ସେହିକ୍ରମରେ ନିକଟ ଅତୀତରେ ଭାଜପା ରାଜ୍ୟ ଉପସଭାପତି ରାଜକିଶୋର ଦାସ ବିଜେଡିରେ ସାମିଲ ହୋଇଥିଲେ। ନବୀନ ନିବାସରେ ହୋଇଥିବା ମିଶ୍ରଣ ପର୍ବର ବିଧାୟକ ଭଞ୍ଜଦେଓ ମଧ୍ୟ ଉପସ୍ଥିତ ଥିଲେ। ରାଜକିଶୋର ମୋରଡ଼ା ନିର୍ବାଚନମଣ୍ଡଳୀ ପାଇଁ ଆଶାୟୀ ଥିବାବେଳେ ଭାଜପା ତାଙ୍କୁ ଅଣଦେଖା କରିବାରୁ ସେ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ରାଜକିଶୋରଙ୍କୁ ଟିକେଟ୍ ଦେବା ଚର୍ଚ୍ଚା ଜୋର ଧରିବା ପରେ ପ୍ରବୀଣ ଦଳଛାଡ଼ିଥିବା ତାଙ୍କ ନିକଟତମ ମହଲରୁ ପ୍ରକାଶ। ଭଞ୍ଜଦେଓ ୨୦୦୯ ଓ ୨୦୧୪ରେ ମୋରଡ଼ା ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ରାଜକିଶୋରଙ୍କୁ ହରାଇ ଦୁଇଥର ବିଧାୟକ ହୋଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳରେ ମଧ୍ୟ ସ୍ଥାନ ପାଇଥିଲେ। ସୋମବାର ସନ୍ଧ୍ୟାରେ ରାଜକୁମାରଙ୍କୁ ମୋରଡ଼ା ଆସନରୁ ବିଜେଡି ପ୍ରାର୍ଥୀ କରିଥିବାରୁ ଭଞ୍ଜଦେଓଙ୍କ ଆଗାମୀ ରଣନୀତି କ'ଣ ରହିବ ତାକୁନେଇ ସମସ୍ତଙ୍କ ନଜର।

**ବିଓ୍ୱାଇଏସ୍‌ଟି ସମ୍ମିଳନୀ**

# ଚାକିରି ନୁହେଁ, ଚାକିରିଦାତା ହେବା ଜରୁରୀ: ଉପରାଷ୍ଟ୍ରପତି



ଭାରତୀୟ ଯୁବା ଶକ୍ତି ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ସମ୍ବର୍ଦ୍ଧିତ ହୋଇଥିବା ଉଦ୍ୟୋଗପତିଙ୍କ ଗହଣରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

- ଦାରିଦ୍ର୍ୟ ସୀମାରେଖା ତଳେ ଦେଶର ୨୦ ପ୍ରତିଶତ ଲୋକ
- ୨୨ ପ୍ରତିଶତ ଅଶିକ୍ଷିତ, ୧୪ ପ୍ରତିଶତ ମହିଳା ଉଦ୍ୟୋଗୀ

ଭୁବନେଶ୍ୱର,୧।୪(ବ୍ୟୁରୋ)

ବିଭିନ୍ନ କ୍ଷେତ୍ରରେ ଭାରତ ବିକାଶ ଧାରାରେ ଆଗେଇ ଚାଲିଛି। ତଥାପି ଦେଶରେ ୨୦ ପ୍ରତିଶତ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ଓ ୨୨ ପ୍ରତିଶତ ହେଉଛନ୍ତି ଅଶିକ୍ଷିତ। ବେକାରି ହେଉଛି ଭାରତର ଏକ ପ୍ରମୁଖ ସମସ୍ୟା। ଏହା କେବଳ ଆମ ଦେଶରେ ନୁହେଁ, ଉଣାଅଧିକେ ବିଶ୍ୱର ସମସ୍ତ ରାଷ୍ଟ୍ର ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଯେଉଁମାନଙ୍କ ମଧ୍ୟରେ ନୂଆକରି ବିକାଶ ଧାରାରେ ସାମିଲ ହେଉଥିବା ରାଷ୍ଟ୍ର ଏବଂ ବିକଶିତ ରାଷ୍ଟ୍ର ମଧ୍ୟ ରହିଛନ୍ତି। ଯୁବଶକ୍ତିଙ୍କ ସକାଶେ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ହେଉଛି ବେକାରି ସମସ୍ୟା ସମାଧାନର ଏକ ସମ୍ଭାବ୍ୟ ଉପାୟ, ଯଦ୍ୱାରା ସେମାନେ କର୍ମଚାରୀ ନ ହୋଇ ଉଦ୍ୟୋଗୀ ହୋଇପାରିବେ। ଆମେ ନିଜକୁ ଏ କଥା ସୁନିଶ୍ଚିତ କରିବାକୁ ପଡ଼ିବ ଯେ, ସେମାନେ ଚାକିରି ନ ଖୋଜି ଚାକିରିଦାତା ହେବାର ସାମର୍ଥ୍ୟ ଅର୍ଜନ କରିବେ। କାରଣ ଉଦ୍ୟୋଗୀମାନେ କର୍ମନିଯୁକ୍ତି ସୃଷ୍ଟିକାରୀ ହୋଇଥାଆନ୍ତି। ସେଥିପାଇଁ ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ଉପରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁ କହିଛନ୍ତି। ଭାରତୀୟ ଯୁବା ଶକ୍ତି ଟ୍ରଷ୍ଟ(ବିଓ୍ୱାଇଏସ୍‌ଟି) ପକ୍ଷରୁ ଆୟୋଜିତ 'କର୍ମନିଯୁକ୍ତି ସୃଷ୍ଟି କରିବା ନିମନ୍ତେ ଗ୍ରାମ୍ୟୋଦ୍ୟୋଗୀଙ୍କୁ ସଶକ୍ତୀକରଣ' ଶୀର୍ଷକ ସମ୍ମିଳନୀରେ ଉପରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ରେଲୱେ ଅଡିଟୋରିୟମ୍‌ରେ ସୋମବାର ଆୟୋଜିତ ଏହି ସମ୍ମିଳନୀରେ ସେ କହିଥିଲେ, ଭାରତ ହେଉଛି ଅତିକୁଶଳୀ କାରିଗରମାନଙ୍କ ଗନ୍ତାଘର। ଆମେ ଅଧିକରୁ ଅଧିକ ଯୁବ ଉଦ୍ୟୋଗୀମାନଙ୍କୁ ସେମାନଙ୍କ ବ୍ୟବସାୟ ଆରମ୍ଭ କରିବା ନିମନ୍ତେ ସବୁ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେବା ଆବଶ୍ୟକ। ଏହାଦ୍ୱାରା ଭାରତର ଅଭିନବ, ପାରମ୍ପରିକ କଳା ଓ କାରିଗରି ସାଧନର ସୁରକ୍ଷା ତଥା ପ୍ରଚାର, ପ୍ରସାର ହୋଇପାରିବ। ଏହାକୁ ଅର୍ଥନୀତିରେ ପରିଣତ କରିବା ପାଇଁ ଆମକୁ ଅଭିନବ ଦକ୍ଷତାର ସୁଯୋଗ ସୃଷ୍ଟି କରିବାକୁ ପଡ଼ିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉଦ୍ୟୋଗୀକରଣ ସେତିକିବେଳେ ମୂଲ୍ୟବାନ୍ ବୋଲି ଧରାଯିବ, ଯେତେବେଳେ ଏହାର ବହୁବିଧକରଣ ଭଳି ପ୍ରଭାବ ରହିବ ଏବଂ ତାହା ସ୍ଥାନୀୟ ଗୋଷ୍ଠୀଙ୍କ ସମୃଦ୍ଧି ଘଟାଇ ପାରୁଥିବ ଓ ବିଶେଷକରି ଗ୍ରାମାଞ୍ଚଳରେ ବୃଦ୍ଧି ହୋଇପାରୁଥିବ। ଭାରତର ଯୋଜନାକାରୀମାନଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଲା, ଋଣ ଆହରଣ ତଥା ବଜାର ପ୍ରବେଶ କ୍ଷେତ୍ରରେ ରହିଥିବା ସମସ୍ୟାବଳୀ। ସରକାର ଏ ଦିଗରେ ଆବଶ୍ୟକ ନୀତି ନିର୍ଦ୍ଧାରଣ ପାଇଁ ଆଗେଇ ଆସିବେ ବୋଲି ଉପରାଷ୍ଟ୍ରପତି ଆଶାବ୍ୟକ୍ତ କରିଥିଲେ। ସେ ଆହୁରି କହିଥିଲେ, ବର୍ତ୍ତମାନ ମୋଟ ଉଦ୍ୟୋଗୀଙ୍କ ମଧ୍ୟରୁ ମହିଳା ଉଦ୍ୟୋଗୀ ରହିଛନ୍ତି ମାତ୍ର ୧୪%। ଅର୍ଥାତ୍ ଦେଶରେ ଥିବା ମୋଟ ୫୮.୫ ନିୟୁତ ଉଦ୍ୟୋଗୀଙ୍କ ମଧ୍ୟରୁ ମହିଳା ଉଦ୍ୟୋଗୀଙ୍କ ସଂଖ୍ୟା ୮.୦୫ ନିୟୁତ। ତେଣୁ ଅଧିକରୁ ଅଧିକ ସଂଖ୍ୟକ ମହିଳା ଉଦ୍ୟୋଗୀଙ୍କୁ ଏହି ମାର୍ଗରେ ଯିବାକୁ ସବୁ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯିବା ଉଚିତ। ଅନ୍ୟପକ୍ଷରେ ଓଡ଼ିଶା ସରକାର ଗତ କିଛିବର୍ଷ ମଧ୍ୟରେ ଓଡ଼ିଶାରେ ଭିତ୍ତିଭୂମି ବିକାଶ ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହାକି ରାଜ୍ୟରେ ଷ୍ଟାର୍ଟ-ଅପ୍ ବାତାବରଣ ସୃଷ୍ଟି ହେବାରେ ସହାୟକ ହୋଇପାରିଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଟାଟା ଷ୍ଟିଲ୍ ସିଏସ୍‌ଆର୍ ମୁଖ୍ୟ ସୌରଭ ରୟ ଓ ଜେକେ ପେପର ଲିମିଟେଡ୍ ନିର୍ଦ୍ଦେଶକ ଏ.ଏସ୍. ମେହେଟ୍ଟା ଉପସ୍ଥିତ ଥିଲେ। ବିଓ୍ୱାଇଏସ୍‌ଟି ଫାଉଣ୍ଡିଂ ତଥା ମ୍ୟାନେଜିଂ ଟ୍ରଷ୍ଟି ଲକ୍ଷ୍ମୀ ଭି. ଭେଙ୍କଟେସନ ସ୍ୱାଗତ ଭାଷଣ ଦେବା ସହ ସଂସ୍ଥାର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ କହିଥିଲେ। ବିଓ୍ୱାଇଏସ୍‌ଟି ବୋର୍ଡ ଅଫ୍ ଟ୍ରଷ୍ଟିଜ୍‌ର ସଦସ୍ୟ ସୌରଭ ଶ୍ରୀବାସ୍ତବ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଓ୍ୱାଇଏସ୍‌ଟିଠାରୁ ସହଯୋଗ ପାଇ ସଫଳତା ହାସଲ କରିଥିବା ବହୁ ଉଦ୍ୟୋଗପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିମାନଙ୍କ ଦ୍ୱାରା ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା।




# କନ୍ଧମାଳ ହଳଦୀକୁ ମିଳିଲା ଜିଆଇ ମାନ୍ୟତା

**ଅଧିକ ଲାଭବାନ ହେବେ ଚାଷୀ**




ଫୁଲବାଣୀ ଅଫିସ, ୧।୪

ବହୁ ଦିନରୁ ଦାବି ହୋଇ ଆସୁଥିବା କନ୍ଧମାଳ ହଳଦୀକୁ ଶେଷରେ ସୋମବାର ଜିଆଇ (ଭୌଗୋଳିକ ସଂକେତ) ମାନ୍ୟତା ମିଳିଛି। ଜିଲାରେ ଉତ୍ପାଦିତ ହଳଦୀର ଗୁଣବତ୍ତାକୁ ଆଧାର କରି ଭାରତ ସରକାରଙ୍କ ପକ୍ଷରୁ ଏହି ମାନ୍ୟତା ପ୍ରଦାନ କରାଯାଇଛି । ଜିଆଇ ମାନ୍ୟତା ମିଳିବାରୁ ଖାଲି ରାଜ୍ୟ ନୁହେଁ ଦେଶ ଏବଂ ବିଦେଶରେ ଏହାର ଚାହିଦା ଆହୁରି ବୃଦ୍ଧି ପାଇବ। ଚାଷରୁ ଦୂରେଇ ଯାଉଥିବା ଚାଷୀ ଏବେ ଅଧିକ ଉତ୍ପାଦନ କରି ଲାଭବାନ ହେବେ । ବହୁଦିନ ଧରି ଏହି ପ୍ରତୀକ୍ଷାର ଅନ୍ତ ଘଟିଥିବାରୁ ଚାଷୀ ଏବଂ ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

କନ୍ଧମାଳ ହଳଦୀର ଚାହିଦା ବହୁ ବର୍ଷରୁ ରହିଆସିଛି। ଜିଆଇ ମାନ୍ୟତା ପାଇଁ ଜିଲା ପ୍ରଶାସନ ତଥା କସମ୍(କନ୍ଧମାଳ ଆପେକ୍ସ ସ୍ପାଇସେସ୍ ଆସୋସିଏଶନ ଫର ମାର୍କେଟିଂ) ପକ୍ଷରୁ ୨୦୧୮ ଜାନୁୟାରୀ ୧୧ରେ ଚେନ୍ନାଇସ୍ଥିତ ଭାରତ ସରକାରଙ୍କ ଜିଆଇ ଅଫିସରେ ଆବେଦନ କରାଯାଇଥିଲା। ଏହାର କିଛି ଦିନ ପରେ ଜିଲା ପ୍ରଶାସନର ବିଭାଗୀୟ ଅଧିକାରୀଙ୍କୁ ହଳଦୀ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିବା ପାଇଁ ଦିଲ୍ଲୀ ଡକା ଯାଇଥିଲା । ଜିଲା ପ୍ରଶାସନ ଏବଂ କସମ୍‌ର ଏକ ମିଳିତ ଟିମ୍ ଏହା ଉପସ୍ଥାପିତ କରିଥିଲେ। ଏହାପରେ ଏହି ଜିଆଇ ମାନ୍ୟତା ମିଳିଥିବା ଜଣାଯାଇଛି। ଏହି ମାନ୍ୟତା ୨୦୨୮ ଜାନୁୟାରୀ ୧୦ ତାରିଖ ପର୍ଯ୍ୟନ୍ତ ରହିବ।

କନ୍ଧମାଳବାସୀଙ୍କ ପାଇଁ ଏହା ଭଲ ଖବର। ହଳଦୀର ଯେଉଁ ଚାହିଦା ଓ ଦର କମି ଆସୁଥିଲା ତାହ ଏବେ ବଢ଼ିବ। କନ୍ଧମାଳ ହଳଦୀରେ ବିଭିନ୍ନ ଔଷଧୀୟ ଗୁଣ ଭରି ରହିଛି। ଏହାକୁ କଞ୍ଚା ଖାଇବା ସହ ପ୍ରସାଧନ ସାମଗ୍ରୀରେ ବ୍ୟବହାର କରିହେବ। ଜିଆଇ ମାନ୍ୟତା ମିଳିବା ପରେ ବିଶ୍ୱ ବଜାରରେ ସମସ୍ତେ ଆମ ଜିଲାର ହଳଦୀ ବିଷୟରେ ଜାଣି ପାରିବେ। ବାହାର ବ୍ୟବସାୟୀମାନେ କନ୍ଧମାଳ ହଳଦୀ କହି ଯେଭଳି ଗ୍ରାହକଙ୍କୁ ଠକି ଚାଲିଥିଲେ ତାହା ଆଉ ହେବନାହିଁ। ଏବେ ବିଶ୍ୱବଜାରରେ କନ୍ଧମାଳ ହଳଦୀର ଚାହିଦା ବଢ଼ିବ। ସେହି ଅନୁସାରେ ବ୍ୟବସାୟୀ ବି ଲାଭବାନ ହେବେ ବୋଲି କସମ ସମ୍ପାଦକ ସଞ୍ଜିତ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି।

ସୁଚନାଯୋଗ୍ୟ, କନ୍ଧମାଳ ଜିଲାରେ ୧୩ ହଜାର ହେକ୍ଟର ଜମିରେ ହଳଦୀ ଚାଷ ହେଉଛି। ପାଖାପାଖି ୪୦ ହଜାର ପରିବାର ଏହି ଚାଷରେ ଜଡିତ ଅଛନ୍ତି। ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର। ବାର୍ଷିକ ହଳଦୀ ଉତ୍ପାଦନ ୧ ଲକ୍ଷ ୩୦ ହଜାର ମେଟ୍ରିକ ଟନ୍ ହେଉଛି। ସିଝାଇ ଶୁଖାଇଲା ପରେ ତାହା ୨୬ ହଜାର ମେଟ୍ରିକ ଟନ ହେଉଛି।

# ବିଜେଡିରେ ଯୋଗଦେଲେ ଜନ୍ମେଜୟ

ଭୁବନେଶ୍ୱର,୧।୪(ବ୍ୟୁରୋ)

ବଡ଼ଚଣା ନିର୍ବାଚନ ମଣ୍ଡଳୀର ସଙ୍ଗଠକ ଏବଂ ପୂର୍ବତନ କଂଗ୍ରେସ ନେତା ଜନ୍ମେଜୟ ଲେଙ୍କା ଓ ତାଙ୍କ ଶତାଧିକ ସମର୍ଥକ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ କାର୍ଯ୍ୟାଳୟରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଜନ୍ମେଜୟଙ୍କ ଯୋଗଦାନ ଯାଜପୁର ଜିଲା ବଡ଼ଚଣାରେ ଦଳର ଶକ୍ତିବୃଦ୍ଧି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଜେଡିରେ ସାମିଲ ହେବା ପରେ ଜନ୍ମେଞ୍ଜୟ କହିଛନ୍ତି ଯେ, ମୁଁ ଦୀର୍ଘବର୍ଷ ଧରି କଂଗ୍ରେସରେ ଥାଇ ବହୁ ପଦପଦବୀରେ ରହିଥିଲି। କିନ୍ତୁ କଂଗ୍ରେସରେ ଯାହା କୁହାଯାଏ, ତାକୁ କଦାପି ପାଳନ କରାଯାଏ ନାହିଁ। ୪ ମାସ ପୂର୍ବରୁ ପ୍ରାର୍ଥୀ ଘୋଷଣା କରିବ ବୋଲି ଯେଉଁ ଦଳ କହୁଥିଲା, ନାମାଙ୍କନ ଦାଖଲକୁ ୪ ଦିନ ବାକି ଥିବାବେଳେ ମଧ୍ୟ ସେହି ଦଳ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିପାରି ନାହିଁ। ମାତ୍ର ବିଜେଡିରେ କଥା ଅନୁସାରେ କାମ ହୋଇଥାଏ। ତେଣୁ ବିଜେଡିରେ ଯୋଗଦାନ କରିଥିବା ଲେଙ୍କା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ମିଶ୍ରଣ ପର୍ବରେ ବିଧାୟକ ଅମର ପ୍ରସାଦ ଶତପଥୀ, ରଜନୀକାନ୍ତ ସିଂହ, ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା, ରାଜ୍ୟ ସମ୍ପାଦକ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।





ଇନ୍ଦ୍ରିୟ ଭୋଗ କ୍ଷଣସ୍ଥାୟୀ, ଯେପରି ବିଜୁଳିର ଚକମକ ଆଲୋକ। ତେଣୁ ପ୍ରତ୍ୟେକ ଭଲ ମଣିଷ ପ୍ରଥମେ ଇନ୍ଦ୍ରିୟ ଭୋଗଠାରୁ ଦୂରେଇ ରହିବା ଆବଶ୍ୟକ।

-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଓଡ଼ିଆ ଭାଷା ସୁରକ୍ଷା ଉପରେ ଗୁରୁତ୍ୱ

**ପୁରୀ ଅଫିସ,୧୪:** ଭାଷା ସୁରକ୍ଷା ପ୍ରତିଷ୍ଠାନ ପକ୍ଷରୁ ସୋମବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ପ୍ରଭାତ ଚନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. ହରପ୍ରସାଦ ମିଶ୍ର ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷା, ପ୍ରଚାର ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ବର୍ଣ୍ଣମାଳାକୁ ନେଇ ଆଜି ବି ବିବାଦ ଲାଗିରହିଛି। ଓଡ଼ିଶାର ସ୍ୱାଭିମାନ ଓ ଗୌରବର ପ୍ରତୀକ ହେଉଛି ଉତ୍କଳ ଦିବସ। ଏହାର ସମ୍ମାନ ବଜାୟ ରଖିବା ସମସ୍ତଙ୍କ ଉତ୍ତରଦାୟିତ୍ୱ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବଳରାମ ଦାଶ, ଆଇନଜୀବୀ ପୁଷ୍କର ମହାପାତ୍ର, ରଚିତା ରାଉତରାୟ, ଅଶୋକ କୁମାର ଆଢ୍ୟ, ଦୟାନିଧି ତ୍ରିପାଠୀ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଆର୍ତ୍ତତ୍ରାଣ ମାନସିଂ, ସୁରେଶ ପଟ୍ଟନାୟକ, ହରେକୃଷ୍ଣ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ପଦ୍ମିନୀ ଦାଶ, ଉମେଶ ଚନ୍ଦ୍ର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଫେଇ କାର୍ଯ୍ୟକ୍ରମ

**କଣାସ,୧୪(ସ୍ୱ.ପ୍ର):** କଣାସ ଗ୍ରାମରେ ଥିବା ପ୍ରାଚୀନ ଆଧାତ୍ମିକ ପୀଠ ସାନମଠ ଏବଂ ବାବା ଲୋକନାଥଦେବଙ୍କ ମନ୍ଦିର ପରିସରକୁ ରବିବାର ସାମାଜିକ ସାଂସ୍କୃତିକ ସଚେତନ ସଂଗଠନର କର୍ମକର୍ତ୍ତାମାନେ ସଫେଇ କରିଥିଲେ। ସଂଗଠନର ସଭାପତି ଶିକ୍ଷାବିତ ପ୍ରଶାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଗ୍ରାମ୍ୟ ପରିମଳ ବ୍ୟବସ୍ଥାକୁ ସୁଧାରିବା ଏବଂ ଏହି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଯୁବକଙ୍କୁ ସାମିଲ କରିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ସାନମଠର ଦିବଂଗତ ମଠାଧୀଶ ଆଧାତ୍ମ ପୁରୁଷ ମହାଯୋଗୀ ପ୍ରେମାନନ୍ଦ ଦାଶମହାରାଜଙ୍କ ସ୍ମୃତିଚାରଣ କରାଯାଇଥିଲା।

### ଶିଶୁ ଉଦ୍ୟାନର ଶୁଭ ଦେଲେ ଏସ୍‌ପି



**ପୁରୀ ଅଫିସ,୧୪ :** ପୁରୀ ପୋଲିସ କ୍ୱାର୍ଟର୍ସ ପରିସରରେ ନିର୍ମାଣ ହେବ ଶିଶୁ ଉଦ୍ୟାନ। ପୋଲିସ କର୍ମଚାରୀଙ୍କ ପିଲାଙ୍କ ମନୋରଞ୍ଜନ ଲାଗି ପୋଲିସ କଲ୍ୟାଣ ପାଣ୍ଠି ଅର୍ଥରେ ଏହା ପ୍ରତିଷ୍ଠା କରାଯିବ। ଶହୀଦ ରଞ୍ଜନ ବିଶ୍ୱାଳଙ୍କ ନାମରେ ଏହାକୁ ନାମିତ କରାଯାଇଛି। ୮୪ତମ ପୋଲିସ ପ୍ରତିଷ୍ଠା ଦିବସ ଏବଂ ଓଡ଼ିଶା ଦିବସ ଅବସରରେ ସୋମବାର ଏସ୍‌ପି ଡା. ଉମାଶଙ୍କର ଦାଶ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏସ୍‌ପି କହିଥିଲେ ଯେ, ଖୁବ୍‌ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ। ପୋଲିସ ବିଭାଗରେ ବହୁ କାର୍ଯ୍ୟ ଯୋଗୁ ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କ ପିଲାଙ୍କୁ ବାହାରକୁ ବୁଲାବୁଲି ଲାଗି ନେଇପାରନ୍ତି ନାହିଁ। ଏବେ ଏହା ସେମାନଙ୍କ ପରିବାର ଲାଗି ସହାୟକ ହେବ।

■ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ

# ଓଡ଼ିଶାର ବିକାଶ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା

**ପୁରୀ ଅଫିସ,୧୪**






ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁରୀ ଜିଲାପାଳ ଓ ଉପଜିଲାପାଳ ମାଲ୍ୟାର୍ପଣ କରୁଛନ୍ତି। ପୌରସଦନରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ।

ପୁରୀ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମାରୋହର ମୁଖ୍ୟ ଅତିଥି ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ସକାଳେ ସିଂହଦ୍ୱାର ସୂଚନା କେନ୍ଦ୍ରଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ପରେ ପୌରସଦନରେ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦାଶ, ଉପଜିଲାପାଳ ସାହୁ ଏବଂ ପୌରସଂସ୍ଥା ନିର୍ବାହୀ ଅଧିକାରୀ ହରିଶ୍ ଚନ୍ଦ୍ର ନାୟକ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୩୬ ଏପ୍ରିଲ ୧ତାରିଖରେ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା। ଏ କ୍ଷେତ୍ରରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ, ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସମେତ ଅନ୍ୟ ବରପୁତ୍ରମାନଙ୍କ ଅବଦାନ ମହତ୍ତ୍ୱପୂର୍ଣ୍ଣ। ଓଡ଼ିଶାକୁ ସମୃଦ୍ଧ କରିବା ଏବଂ ଓଡ଼ିଶାର ସ୍ୱାଭିମାନ ବଜାୟ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନଙ୍କ ଉଦ୍ୟମ ସ୍ମରଣୀୟ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟର ଉନ୍ନତି ଏବଂ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତେ ସଂକଳ୍ପବଦ୍ଧ ଭାବେ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା, ପ୍ରବନ୍ଧ, ଦେଶାତ୍ମବୋଧକ ସଙ୍ଗୀତ ଓ ବନାଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଦ୍ଧମହାବୀର ସଙ୍ଗୀତ ପରିଷଦର କଳାକାରମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରାତଃରେ ଡାକବାଜି ଯନ୍ତ୍ର ଯୋଗେ ସହରରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯିବା ସହ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

■ ୮୪ତମ ପୋଲିସ ପ୍ରତିଷ୍ଠା ଦିବସ

# ‘ପୋଲିସ ଏକ ଚାକିରି ନୁହେଁ, ସେବା’



ପୋଲିସ ପ୍ରତିଷ୍ଠା ଦିବସରେ ପୁରୀ ପୋଲିସ ପଡ଼ିଆଠାରେ ମିଳିତ ପରେଡ୍ ।

**ପୁରୀ ଅଫିସ, ୧୪**

ପୋଲିସରେ କାର୍ଯ୍ୟ କରିବା ଚାକିରି ନୁହେଁ ବରଂ ସେବା। ଜନତାଙ୍କ ସେବା ଓ ଆଇନଶୃଙ୍ଖଳା ରକ୍ଷା ଲାଗି ଏହା ସମର୍ପିତ। ତ୍ୟାଗ, ନିଷ୍ଠା ଓ ବଳିଦାନ ଏହାର ପରିଚୟ ବୋଲି ସୋମବାର ୮୪ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ପୁରୀ ପୋଲିସ ପଡ଼ିଆରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ପି ଡା. ଉମାଶଙ୍କର ଦାଶ କହିଛନ୍ତି।

ସମ୍ମିଳିତ ପରେଡ ଅଭିବାଦନ ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ବାର୍ତ୍ତା ପାଠ କରିଥିଲେ ଏସ୍‌ପି ଦାଶ। ଜିଲାବାସୀଙ୍କୁ ଶୁଭେଚ୍ଛା ଜଣାଇ ସେ କହିଥିଲେ ଯେ, ପୁରୀ ପୋଲିସ ହେଉଛି ଓଡ଼ିଶାର ପ୍ରତିଛବି। କେବଳ ଭାରତ କାହିଁକି, ବିଶ୍ୱରେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ପୁରୀରେ ମହାପ୍ରଭୁ ଏବଂ ସ୍ୱର୍ଣ୍ଣାଭ ବେଳାଭୂମି ପ୍ରତି ଆକୃଷ୍ଟ ହୋଇ ଦେଶ ଓ ବିଦେଶରୁ ପର୍ଯ୍ୟଟକମାନେ ଏଠାକୁ ଆସୁଛନ୍ତି। ସେମାନଙ୍କ ସୁରକ୍ଷା ଓ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଉପରେ ପୁରୀ ପୋଲିସ ସର୍ବଦା ଗୁରୁତ୍ୱ ଦେଇଆସିଛି। ଏହି ଅବସରରେ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ସେ ପୋଲିସ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଦକ୍ଷତା ଓ କର୍ତ୍ତବ୍ୟ ପରାୟଣତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ଉକ୍ତ ଉତ୍ସବରେ ଶ୍ରେଷ୍ଠ ଏସ୍‌ଆଇ ଭାବେ ଅସ୍ତରଙ୍ଗ ଥାନାର ସନାତନ ଖୁଣ୍ଟିଆ, ସିଂହଦ୍ୱାର ଥାନା ଏଏସ୍‌ଆଇ ସୁଧାକର ସିଂ, ପୁରୀ ଆରଓର ହାବିଲଦାର ନାରାୟଣ ନନ୍ଦ, କନଷ୍ଟେବଳ ହୃଦୟ ପ୍ରସାଦ ଦାଶ, ଏପିଆର କନଷ୍ଟେବଳ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଓ ନଗଦ ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି (ହେଡକ୍ୱାର୍ଟର) ପି.କେ ସ୍ୱାଇଁ, ଅତିରିକ୍ତ ଏସ୍‌ପି ଧୀରେନ୍ଦ୍ର ନନ୍ଦ, ଗାଗାରିନ ମହାନ୍ତି, ଜିଲାସ୍ତରୀୟ ଏବଂ ସହରର ସମସ୍ତ ଥାନା ଅଧିକାରୀଙ୍କ ସମେତ ସେବାନିବୃତ୍ତ ପୋଲିସ ଓ ସେନା କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ରିଜର୍ଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ମିଶ୍ର ଓ ସର୍ଜେଣ୍ଟ ଦୀନେଶ ସାହୁ ପରେଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାରମ୍ଭ ଯଜ୍ଞ, ଓଡ଼ିଶା ଦିବସ

**ପୁରୀ ଅଫିସ,୧୪**

ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ସୋମବାର ଓଡ଼ିଶା ଦିବସ ଓ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ସୁରେଶ ମିଶ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରି ଉତ୍କଳ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ବିଦ୍ୟାରମ୍ଭ ଯଜ୍ଞ ହୋଇଥିଲା। ସେହିଭଳି ଘୋଡା ବଜାର ଓ ହରଚଣ୍ଡି ସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳ ଦିବସ ଓ ବିଦ୍ୟାରମ୍ଭ ଯଜ୍ଞ ଆୟୋଜିତ ହୋଇଯାଇଛି।

ଶ୍ରୀକ୍ଷେତ୍ର କଲୋନୀସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ ହରେରାମ କୃଷ୍ଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ବରପୁତ୍ରଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ଜେନା ଉପସ୍ଥିତ ଥିଲେ। ପୁରୀ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶ୍ରୀକ୍ଷେତ୍ର ଓଡ଼ିଆ ସାହିତ୍ୟ ଓ ଶୈକ୍ଷିକ ବିକାଶ ମଞ୍ଚ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଶକ୍ତି ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପ୍ରଶିକ୍ଷାର୍ଥୀମାନେ ସକାଳେ ଏକ ଶୋଭାଯାତ୍ରାରେ କଲେଜ ପରିସରରୁ ବାହାରି ନଗର ପରିକ୍ରମା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରମାନେ ଓଡ଼ିଶୀ, ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ।

# ବିଜେଡିର ବାଇକ୍ ଶୋଭାଯାତ୍ରା

**ନିମାପଡ଼ା,୧୪(ଡି.ଏନ୍.ଏ.)**

ଜଗତସିଂହପୁର ବିଜେଡିର ଲୋକ ସଭା ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକ ଓ ନିମାପଡ଼ା ବିଧାୟକ ପ୍ରାର୍ଥୀ ସମୀର ରଞ୍ଜନ ଦାଶଙ୍କୁ ନେଇ ସୋମବାର ନିମାପଡ଼ାରେ ଏକ ରୋଡ ଶୋ’ ତଥା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହରିପୁର ବଜାରଠାରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ପ୍ରାୟ ୩୨କି.ମି. ଖେଲାର, ରଟିଲୋ, ନିମାପଡ଼ା ଦେଇ ବଳଙ୍ଗା ଅଭିମୁଖେ ଯାତ୍ରା କରିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟଦେଇ ବିଜୟୀ କରିବାକୁ କର୍ମୀମାନେ ନାରାବାଜି କରିଥିଲେ। ଏହି ଶୋଭାଯାତ୍ରାରେ ପ୍ରାୟ ୩ହଜାର ଦଳୀୟ କର୍ମୀ ଯୋଗଦେଇଥିଲେ। ବିଭିନ୍ନ ଛକ ଓ ଅନୁଷ୍ଠାନ ପକ୍ଷରୁ ଲୋକସଭା ପ୍ରାର୍ଥୀ ଡ. ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇ, ସାଂସଦ ପ୍ରତିନିଧି ସୁଧିର ରଞ୍ଜନ ଦାଶ, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ସମ୍ପାଦକ ସନ୍ତୋଷ ଓଝା, ଯୁବନେତା ପ୍ରଭାକର ନାୟକ ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ରବିବାର ରାତିରେ ନିମାପଡ଼ା ବିଧାନସଭା ଆସନର ବିଜେଡି ପ୍ରାର୍ଥୀଭାବେ ଦାଶଙ୍କୁ ଘୋଷଣା କରାଯିବା ପରେ ଦଳୀୟ କର୍ମୀମାନେ ବାଣ ଫୁଟାଇବା ସହ ମିଠା ବଣ୍ଟନ କରି ଖୁସି ମନାଇଥିଲେ।

# ଏକଦିବସୀୟ ଗୀତାଯଜ୍ଞ



**ଗୋପ, ୧୪(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ବାଲିକନ୍ଦଳ ଗ୍ରାମରେ ସୋମବାର ଚତୁର୍ଦ୍ଦଶ ବାର୍ଷିକ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ କୁଶଭଦ୍ରା ନଦୀ ତଟରୁ ୧୦୮ କଳସ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ସ୍ଥାପନା କରାଯିବା ପରେ ଗୀତାଯଜ୍ଞ ଆରମ୍ଭ କରାଯାଇଥିଲା। ଯଜ୍ଞସ୍ଥଳୀକୁ ଦକ୍ଷିଣେଶ୍ୱରଙ୍କ ପୀଠରୁ ପତିତପାବନଙ୍କୁ ସୁସଜ୍ଜିତ ବିମାନରେ ଅଣାଯାଇଥିବାବେଳେ ସେହି ଗ୍ରାମର ଆରାଧ୍ୟ ଦେବତା ରାଧାକୃଷ୍ଣଙ୍କୁ ମଧ୍ୟ ଅନୁରୂପ ବିମାନରେ ଅଣାଯାଇ ଯଜ୍ଞସ୍ଥଳରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ବିଶିଷ୍ଟ ପଣ୍ଡିତ ପ୍ରଦୀପ୍ତ ମିଶ୍ର, ଗିରିଜା ଶଙ୍କର ଦ୍ୱିବେଦୀ, ରାଜେନ୍ଦ୍ର କୁମାର ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର, ରବିନାରାୟଣ ମିଶ୍ର ପ୍ରମୁଖ ଯଜ୍ଞ ଚଳାଇଥିବାବେଳେ ବିଶିଷ୍ଟ ପୂଜକ ଗୋପାଳକୃଷ୍ଣ ପାଢ଼ୀ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତାଭାବେ ବିଷ୍ଣୁଚରଣ ମୁଦୁଲି ଓ ମଞ୍ଜୁଲତା ମୁଦୁଲି ଯଜ୍ଞ ସ୍ଥଳରେ ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସନାତନ ମୁଦୁଲି, ରମେଶ ଚନ୍ଦ୍ର ମୁଦୁଲି, ଗୋପୀନାଥ ମୁଦୁଲି, ପଦ୍ମନାଭ ମୁଦୁଲି, ବାଲିକନ୍ଦଳ ଗ୍ରାମର ଧର୍ମ ଅବତାର ଗଣେଶ କମିଟିର ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା।

## ବଳଙ୍ଗାରେ ହକ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ବଳଙ୍ଗା,୧୪(ଡି.ଏନ୍.ଏ.)**

ବଳଙ୍ଗାସ୍ଥିତ ବକ୍ରେଶ୍ୱରଦେବଙ୍କ ମେଳଣ ପଡିଆରେ ବିଜୁ ଯୁବ ଜନତା ଦଳ ତରଫରୁ ହକ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଓଡିଶା ପ୍ରତି କେନ୍ଦ୍ରର କ୍ରମାଗତ ଅବହେଳାକୁ ତ୍ରୀବ ସମାଲୋଚନା କରିବା ସହ କେନ୍ଦ୍ର ଓଡ଼ିଶାର ହକ ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପିତ କରିଥିଲେ। ଅନ୍ୟ ଅତିଥିଭାବେ ଜଗତ୍‌ସିଂହପୁର ବିଜେଡି ଏମ୍‌ପି ପ୍ରାର୍ଥିନୀ ଡ.ରାଜଶ୍ରୀ ମଲ୍ଲିକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇ, ସନାତନ ପ୍ରଧାନ, ବିଜୁ ଯୁବ ଜନତା ଦଳ ସମ୍ପାଦକ ତରୁଣ କୁମାର ନନ୍ଦ, ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସତ୍ୟବାଦୀ ମହାପାତ୍ର, ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ଅଶୋକ ସାହୁ, ସଭାପତି କୃପାସିନ୍ଧୁ ଦତ୍ତ, ସୁମନ୍ତ ଦାସ, ସରପଞ୍ଚ ଅଜିତ୍ କୁମାର ଦଳାଇ, ମାନସ ବରାଳ, ମନୋରଞ୍ଜନ ମହାପାତ୍ର, ପ୍ରଭାତ ଜେନା ଓ ବିଭିନ୍ନ ପଞ୍ଚାୟତର ଯୁବ ବାହିନୀ ସଭାପତି, ସମ୍ପାଦକ, କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶାଁଇଶଶାସନ, କୋଠକୁସାଙ୍ଗ, ନୂଆସନ୍ଥ, ଉଚ୍ଛୁପୁର, ଗୋପୀନାଥପୁର, ବଳଙ୍ଗା ପ୍ରଭୃତି ୬ଟି ପଞ୍ଚାୟତର ୨ହଜାରରୁ ଊର୍ଦ୍ଧ୍ୱ ଯୁବକ ଉପସ୍ଥିତ ଥିଲେ।

## ‘ସେବା ମନୋବୃତ୍ତି ନେଇ ଶିକ୍ଷକତା କର’

**ପୁରୀ ଅଫିସ,୧୪**

ଘୋଡାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ସୋମବାର ପୁରୀ ସଙ୍କୁଳସ୍ତରୀୟ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାମକୃଷ୍ଣ ମିଶନର ସ୍ୱାମୀ ପ୍ରଣବାନନ୍ଦ ଯୋଗଦେଇ ଶିବିରକୁ ଉଦଘାଟନ କରି ସେବା ମନୋବୃତ୍ତି ନେଇ ଶିକ୍ଷକତା କରିବାକୁ ପରାମର୍ଶ ଦେଇଥିଲେ। ସଙ୍କୁଳ ସଂଯୋଜକ ତଥା ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସ, ସଙ୍କୁଳ ପ୍ରମୁଖ ଅଭିମନ୍ୟୁ ପ୍ରଧାନ, ପ୍ରତାପ ଚନ୍ଦ୍ର ବାରିକ, ବିଦ୍ୟାଳୟ କୋଷାଧ୍ୟକ୍ଷ ରାମନାରାୟଣ ପୂଜାପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ପୁରୀ ସଙ୍କୁଳ ଅନ୍ତର୍ଗତ ସମସ୍ତ ଶିଶୁ ବିଦ୍ୟା ମନ୍ଦିରରୁ ୨୬୦ଜଣ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ଯୋଗଦାନ କରିଛନ୍ତି।

# ପୁରୀ ଜିଲାର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ

**ଗୋପ, ୧୪ (ଡି.ଏନ୍.ଏ.)**




ଗୋପ ମେଳଣ ପଡ଼ିଆରେ ଅନୁଷ୍ଠିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପୁରୀ ଜିଲାର ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଆଲୋକାମାଳାରେ ସଜ୍ଜିତ ହୋଇଥିବା ଦେଖିବାକୁ ମିଳିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକମାନେ ବିମୋହିତ ହୋଇଥିଲେ।

ଗୋପ ମେଳନ ପଡ଼ିଆଠାରେ ଉତ୍କଳ ଦିବସ ସୋମବାର ଅପରାହ୍ନରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଖଣ୍ଡଳେଶ୍ୱର ଶୈବ ପୀଠରୁ ବିଭିନ୍ନ ପାରମ୍ପରିକ ନୃତ୍ୟ ସହ ବାଜା, ବାଣ, ରୋଷଣୀରେ ଏକ ଶୋଭାଯାତ୍ରା ବାହାରି ଗୋପ ବଜାର ପରିକ୍ରମା କରି ମେଳନ ପଡ଼ିଆରେ ପହଞ୍ଚିଥିଲା। ଶିକ୍ଷାବିତ୍ ସତ୍ୟପ୍ରିୟ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଭାକର ମହାରଣା ଯୋଗ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ନେଇଥିବା ବରପୁତ୍ରମାନଙ୍କର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡ. ଅତନୁ ପ୍ରଧାନ, ସାମାଜିକ କର୍ମୀ ମିନାକ୍ଷୀ ପୃଷ୍ଟି, ନୀଳମଣି ପ୍ରଧାନ, ମଧୁସୂଦନ ପାଇକରାୟ, ସୁକାନ୍ତ ମହାନ୍ତି, ଶିକ୍ଷାବିତ୍ ନରେନ୍ଦ୍ର ଦାଶ, ଗଣେଶ୍ୱରପୁର ସମିତିସଭ୍ୟ କରୁଣାକର ସାହୁ, ଶିକ୍ଷାବିତ୍ ସୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ଶାଶ୍ୱତ ରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

**କୋଣାର୍କ, (ଡି.ଏନ୍.ଏ.)**

କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଦିବସ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସକାଳ ୭ଟାରେ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ମାତୃଭାଷା ସଚେତନତା ଶୋଭାଯାତ୍ରା ବାହାରି କୋଣାର୍କ ବଜାର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଜବାହର ନବୋଦୟ ବିଦ୍ୟାଳୟ, କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ, ସରସ୍ୱତୀ ଶିଶୁମନ୍ଦିର, ଆଶ୍ରମ ସ୍କୁଲ, ସରକାରୀ ଉଚ୍ଚ ବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ନୂଆଗାଁର ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ବାଲିଦୋକାନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଓଡ଼ିଆରେ ନାମଫଳକ ଲେଖିବା, ଓଡ଼ିଆରେ ପତ୍ର ଲେଖିବା, ନିମନ୍ତ୍ରଣପତ୍ର ଛାପିବା ଓ ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର କରିବା ନିମନ୍ତେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୁରୀ ଜିଲା ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଯୋଷୀ, ଜବାହାର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଡି.ମାଲେଶ୍ୱର ରାଓ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, ଶିକ୍ଷୟିତ୍ରୀ ମନୋରମା ମିଶ୍ର, ଶିକ୍ଷକ ଦୀନବନ୍ଧୁ ରଥ ଓ ଶିକ୍ଷକ ଲକ୍ଷ୍ମଣ ରଥ ଅତିଥିରୂପେ ଯୋଗଦେଇଥିଲେ। ଅତିଥିମାନେ ଓଡ଼ିଶାକୁ ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ବରପୁତ୍ରମାନଙ୍କର ସ୍ମୃତିଚାରଣ କରିବା ସହିତ ଓଡ଼ିଆ ଭାଷା ବ୍ୟବହାରର ଅପରିହାର୍ଯ୍ୟତା ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରିଥିଲେ।

**ସାକ୍ଷୀଗୋପାଳ, (ଡି.ଏନ୍.ଏ/ସ୍ୱ.ପ୍ର.)**

ପ୍ରତ୍ୟୁଷରୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସକ୍ରିୟ ଭୂମିକା ନିର୍ବାହ କରିଥିବା ବରପୁତ୍ରମାନଙ୍କୁ ସ୍ମରଣ କରିଥିଲେ। ଶିକ୍ଷକ ସତ୍ୟବାଦୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପ୍ରଫେସର୍ ଧନୁଷଧାରୀ ମିଶ୍ର, ସୁଜାତା ମହାନ୍ତି, ମନୋରଞ୍ଜନ ମିଶ୍ରଙ୍କ ସମେତ ଅନେକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡସ୍ଥିତ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି, ପଞ୍ଚସଖାଙ୍କ ସମାଧିପୀଠ, ବକୁଳବନସ୍ଥିତ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ଓ ସତ୍ୟବାଦୀ ଉଚ୍ଚବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

**କଣାସ, (ଡି.ଏନ୍.ଏ.)**

ଡେଲଙ୍ଗ ବ୍ଲକର ବରକେରା ଉ.ପ୍ରା. ବିଦ୍ୟାଳୟରେ ଅନୁଷ୍ଠିତ ଉତ୍କଳ ଦିବସ କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ପରିସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ସହ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ଓ ଉତ୍କଳ ଗୌରବ ମଧୁସୂଦନ, କର୍ମବୀର ଗୌରୀଶଙ୍କର ରାୟ, କବିବର ରାଧାନାଥ ରାୟ ପ୍ରମୁଖଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପ୍ରଧାନଶିକ୍ଷକ ପ୍ରଦୀପ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମିଟୁ କିଶୋର ପ୍ରଧାନ, ପର୍ଶୁରାମ ସାହୁ, ମଞ୍ଜୁଳତା ପ୍ରଧାନ, ପୁରୁଷୋତ୍ତମ ନାୟକ ପ୍ରମୁଖ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର ତଥା ସ୍ୱତନ୍ତ୍ର ଉତ୍କଳ ରାଜ୍ୟ ଗଠନ ସମ୍ପର୍କରେ ଆଲୋକପାତ କରିଥିଲେ।

# ଏବିଭିପିର ସାଇକେଲ ଶୋଭାଯାତ୍ରା

**ପୁରୀ ଅଫିସ,୧୪**




ଭୋଟର ସଚେତନତା ଲାଗି ସିଂହଦ୍ୱାର ସମ୍ମୁଖରୁ ବାହାରିଥିବା ଶୋଭାଯାତ୍ରା।

ନୋଟାକୁ ନା’ ଏବଂ ରାଷ୍ଟ୍ରୀୟ ବିଚାର ଆଧାରରେ ମତଦାନ ନିମନ୍ତେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସୋମବାର ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ପୂର୍ବାହ୍ନ ୭ଟାରେ ଶ୍ରୀମନ୍ଦିର ସିଂହଦ୍ୱାର ପାଖରୁ ଶୋଭାଯାତ୍ରା ବାହାରି ବୀରହରେକୃଷ୍ଣପୁର ପର୍ଯ୍ୟନ୍ତ ଯାଇଥିଲା। ଏହାକୁ ଏବିଭିପିର ରାଜ୍ୟ ସଂଯୋଜିକା ସସ୍ମିତା ନାୟକ ଉଦ୍‌ଘାଟନ କରି ଯୋଗ୍ୟ ନାଗରିକ ଭାବେ ଗଣତନ୍ତ୍ରକୁ ମଜଭୁତ ତଥା ଦେଶକୁ ସମୃଦ୍ଧିଶାଳୀ ଭାବେ ଗଢି ତୋଳିବା ପାଇଁ ସଂକଳ୍ପ ନେବା ଲାଗି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ବୀରହରେକୃଷ୍ଣପୁରସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଆୟୋଜିତ ସଭାରେ ମତଦାନ ନିମନ୍ତେ ଉପସ୍ଥିତ ଜନତାଙ୍କୁ ସଚେତନ କରାଯାଇଥିଲା। ଏବିଭିପିର ନଗର ସମ୍ପାଦକ ସୌଭାଗ୍ୟ ଦାଶ, ଜିଲା ସଂଯୋଜକ ପାର୍ଥଜିତ୍ ପୃଷ୍ଟି, ନଗର ସଂଯୋଜକ ବାସୁଦେବ ବାହିନୀପତି, ନଗର ସହ ପ୍ରମୁଖ ନୀହାରିକା ତ୍ରିପାଠୀ, ଛାତ୍ରୀ ପ୍ରମୁଖ ବର୍ଷା ପ୍ରିୟଦର୍ଶିନୀ, ଆଶିଷ କୁମାର ଆଢ୍ୟ, ସୌମ୍ୟ ରଞ୍ଜନ ମହାପାତ୍ର, ତାରା ପ୍ରସାଦ ଦାଶ, ମାନସ ରଞ୍ଜନ ଦାସ, ଶିବାନନ୍ଦ ଦାସ, ଜ୍ୟୋତିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।